# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୨୨/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 22/2019 (Career & Appointment) | ★★★★★★

୪୫ଶ ଭାଗ ୨୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ପ୍ରଣତୀଙ୍କୁ ବ୍ରୋଞ୍ଜ୍**
ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଭଲ୍ଟ ଇଭେଣ୍ଟରେ ଭାରତର ପ୍ରଣତୀ ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । **୧୯**

**୦୭** **ବଲିଉଡ୍‌ରୁ ଦୂରେଇଛନ୍ତି ନୀରୁ**
‘ମେଁ ସୋଲା ବରସ୍ କୀ’ ହିନ୍ଦୀ ଫିଲ୍ମରେ କ୍ୟାରିୟର ଆରମ୍ଭ କରିଥିବା ଅଭିନେତ୍ରୀ ନୀରୁ ବାଜ୍‌ୱା ଅପ୍ରୀତିକର ମନ୍ତବ୍ୟ ପାଇଁ ବଲିଉଡ୍‌ରୁ ଦୂରେଇ ଯାଇଥିବା କହିଛନ୍ତି ।



# ଆଗ ବିଜେଡି, ପଲଟି ଖାଇ ଭାଜପା

**ରାଜ୍ୟ ସଭା ନିର୍ବାଚନ**
- ବିଜେଡିରୁ ଅମର, ସସ୍ମିତ୍
- ଭାଜପା ପ୍ରାର୍ଥୀ ହେଲେ ଅଶ୍ୱିନୀ ବୈଷ୍ଣବ
- ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କଲେ ମୁଖ୍ୟମନ୍ତ୍ରୀ


ଅମର ପଟ୍ଟନାୟକ


ସସ୍ମିତ ପାତ୍ର


ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**
ଓଡ଼ିଶାର ଖାଲି ପଡ଼ିଥିବା ୩ଟି ରାଜ୍ୟ ସଭା ଆସନ ପାଇଁ ଶୁକ୍ରବାର ସନ୍ଧ୍ୟାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ହେଲେ ସେଥିମଧ୍ୟରୁ ଗୋଟିଏ ନାମକୁ ନେଇ ନାନା ଚର୍ଚ୍ଚା ସୃଷ୍ଟି ହୋଇଛି। ନବୀନ ପ୍ରଥମେ ସନ୍ଧ୍ୟା ୬ଟା ୩୦ରେ ଗଣମାଧ୍ୟମ ପ୍ରତିନିଧିଙ୍କ ସାମ୍ନାରେ ବିଜେଡିର ୩ ପ୍ରାର୍ଥୀ ଭାବେ ଦଳର ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ, ମୁଖପାତ୍ର ସସ୍ମିତ ପାତ୍ର ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ବୈଷ୍ଣବଙ୍କ ନାମ ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ଭାଜପା ପକ୍ଷରୁ ଟୁଇଟ୍ କରାଯାଇ ଅଶ୍ୱିନୀଙ୍କୁ ଦଳର ପ୍ରାର୍ଥୀ ବୋଲି କୁହାଯାଇଥିଲା। ଫଳରେ ଅଶ୍ୱିନୀ ପ୍ରକୃତରେ କେଉଁ ଦଳର ପ୍ରାର୍ଥୀ, ସେ ନେଇ ଚର୍ଚ୍ଚା ଜୋର ଧରିଥିଲା। ହେଲେ ୧୦ ମିନିଟ୍ ପରେ ମୁଖ୍ୟମନ୍ତ୍ରୀ ପୁନର୍ବାର ଗଣମାଧ୍ୟମ ସାମ୍ନାକୁ ଆସି ଅଶ୍ୱିନୀ ଭାଜପା ପ୍ରାର୍ଥୀ ଏବଂ ତାଙ୍କୁ ବିଜେଡି ସମର୍ଥନ କରୁଛି ବୋଲି ସ୍ପଷ୍ଟ କରିଥିଲେ। ଅଶ୍ୱିନୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ତାଙ୍କୁ ଅନୁରୋଧ କରିଥିବା ନବୀନ କହିଥିଲେ। ସଦ୍ୟ ସମାପ୍ତ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଭୋଟ ପ୍ରତିଶତ ବଢାଇଥିବା ଭାଜପା ସଂଖ୍ୟା ନ ଥାଇ ମଧ୍ୟ ଓଡ଼ିଶାରୁ ରାଜ୍ୟ ସଭା ପ୍ରାର୍ଥୀ କରିବାରେ ସମର୍ଥ ହୋଇଛି। ତେଣୁ ଏହାକୁ ଭାଜପାର କୂଟନୈତିକ ବିଜୟ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ପ୍ରାର୍ଥୀ ଘୋଷଣା କରିବାବେଳେ ନବୀନ ଆଗ ବିଜେଡି ପରେ ପଲଟି ଖାଇ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା କହିବା ଏବେ ବିଭିନ୍ନ ମହଲରେ ଆଲୋଚନାର ଖୋରାକ ଯୋଗାଇଛି।

ଅଶ୍ୱିନୀ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ। ବିଜେଡି–ଭାଜପା ମେଣ୍ଟ ଥିବା ସମୟରେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ସେ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟକାରୀ ଭାବେ କାର୍ଯ୍ୟ କରୁଥିଲେ। ବିଜେଡି ସଭାପତି ନବୀନଙ୍କ ସହ ମଧ୍ୟ ଅଶ୍ୱିନୀଙ୍କ ସମ୍ପର୍କ ରହିଥିଲା। ଏପରିକି ବାଜପେୟୀ ଅସୁସ୍ଥ ଥିବା ସମୟରେ ଅଶ୍ୱିନୀ ତାଙ୍କ ସହ ନବୀନଙ୍କୁ ଭେଟାଇବାରେ ପ୍ରମୁଖ ଭୂମିକା ନେଉଥିଲେ। ନିକଟରେ ସରିଥିବା ସାଧାରଣ ନିର୍ବାଚନ ପରେ ବିଜେଡି କେନ୍ଦ୍ର ସହ ଉତ୍ତମ ସମ୍ପର୍କ ରଖିବାକୁ ଚାହୁଁଥିବା ସ୍ପଷ୍ଟ ହୋଇଥିବା ସମୀକ୍ଷକମାନେ କହିଛନ୍ତି। ସେହିଭଳି ଦଳରେ ☞ପୃଷ୍ଠା–୪


ଶହୀଦ ଓଡ଼ିଆ ଯବାନ ଅଜିତ୍ ସାହୁଙ୍କ କଫିନ୍‌ରେ ଘୋଡ଼ାଯାଇଥିବା ବିଜେଡି ପତାକା ।

# ଶହୀଦଙ୍କ କଫିନ୍‌ରେ ବିଜେଡି ପତାକା

- ଶାସକ ଦଳକୁ ଘେରିଲେ ବିରୋଧୀ
- ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ: ଭାଜପା
- ୩ ଜଣଙ୍କୁ ନିଲମ୍ବିତ କଲା ବିଜେଡି
- ପ୍ରଶାସନକୁ ଦାୟୀ କଲେ ଅଜିତ୍‌ଙ୍କ ବାପା

**କାମାକ୍ଷାନଗର (ଡି.ଏନ.ଏ.)/ ଭୁବନେଶ୍ୱର, ୨୧।୬ (ବ୍ୟୁରୋ)**
ଜମ୍ମୁ–କଶ୍ମୀରର ଅନନ୍ତନାଗଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ଅଜିତ୍ ସାହୁଙ୍କ କଫିନ୍‌ରେ ଶାସକ ବିଜେଡିର ଦଳୀୟ ପତାକା ଘୋଡ଼ାଯିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ରାଜନୈତିକ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି। ଏଭଳି କାର୍ଯ୍ୟଦ୍ୱାରା ରାଜ୍ୟର ବୀର ସୈନିକ ଓ ରାଷ୍ଟ୍ରୀୟ ପତାକାର ମର୍ଯ୍ୟାଦାହାନି ହୋଇଛି। କେବଳ ଓଡିଶା ନୁହେଁ ସାରା ଭାରତ ପାଇଁ ଏହା ଘୋର ଅପମାନ। ଜାତୀୟ ପତାକା ଉପରେ ବିଜେଡି ପତାକା ପକାଇ ରାଜନୈତିକ ଫାଇଦା ଉଠାଇବା ପାଇଁ ହୀନ ଚକ୍ରାନ୍ତ କରାଯାଇଥିବା ଭାଜପା ଅଭିଯୋଗ କରିଛି। ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ। ଏଥିସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ରାଜ୍ୟ ସଂଯୋଜକ କଲୋନେଲ ବୀରେନ୍ଦ୍ର କୁମାର ବହିଆ ଦାବି କରିଛନ୍ତି। ଅନ୍ୟପଟେ ବିଜେଡି ପକ୍ଷରୁ ମଧ୍ୟ ଘଟଣାକୁ ନିନ୍ଦା କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା କଟକ ଜିଲା ବିଜେଡିର ବିନୋଦ କୁମାର ମାଝି, ସନ୍ତୋଷ କୁମାର ସାହୁ ଓ ଗୋବର୍ଦ୍ଧନ ଦାସଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏନେଇ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

ଅପରପକ୍ଷରେ ଶହୀଦ ଅଜିତ୍‌ଙ୍କ ବାପା ସନ୍ତୋଷ ସାହୁ ଏପରି ଘଟଣାକୁ ନେଇ ମର୍ମାହତ ହୋଇପଡ଼ିଛନ୍ତି। ପୁଅର ମୃତ୍ୟୁ ଅପେକ୍ଷା ଏପରି ହୀନ ରାଜନୀତି ତାଙ୍କୁ ଅଧିକ କଷ୍ଟ ଦେଇଥିବା ସେ କହିଛନ୍ତି। ଏଥିଲାଗି ସେ ସିଧାସଳଖ ପ୍ରଶାସନିକ ଅଧିକାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସନ୍ତୋଷ କହିଛନ୍ତି, ଆତଙ୍କବାଦୀଙ୍କ ସହ ଲଢ଼େଇରେ ପୁଅ ଜୀବନ ଗଲା। ସେ ସରକାରଙ୍କ ସମ୍ପତ୍ତି। ହେଲେ ମୃତଦେହକୁ ନେଇ ରାଜନୀତି କରିବା, ପୁଅ ମୃତ୍ୟୁଠାରୁ ଅଧିକ ଦୁଃଖଦାୟକ। ସୋମବାର ପୁଅ ମୃତ୍ୟୁ ସୂଚନା ମିଳିଲା। ମରଶରୀର ଆଜି ଆସିବ କାଲି ଆସିବ କହି ୩ଦିନ ଗଡ଼ାଇଲେ। ଏନେଇ ପ୍ରଶାସନ ପକ୍ଷରୁ ଠିକ୍ ଭାବେ କିଛି କୁହାଗଲା ନାହିଁ। ମୃତଦେହ ଭୁବନେଶ୍ୱରରେ ପହଞ୍ଚିବା ପରେ ଘରକୁ ଆଣିବା ଦାୟିତ୍ୱ ପ୍ରଶାସନ ଏବଂ ପୋଲିସ ଅଧିକାରୀଙ୍କର। ସେମାନେ ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇନାହାନ୍ତି। ☞ପୃଷ୍ଠା–୪

ଜିଏସ୍‌ଟି କାଉନ୍‌ସିଲରେ ନିଷ୍ପତ୍ତି
**ଆଧାର ମାଧ୍ୟମରେ ହେବ ରେଜିଷ୍ଟ୍ରେଶନ**
........ ୫ ........


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**
ମୋଦିଙ୍କ ଛାଟ

**ଆଜିର ମନ୍ତବ୍ୟ**
“ ୫ ବର୍ଷରୁ ଊର୍ଦ୍ଧ୍ୱକାଳ ରାଜ୍ୟ ସଭାରେ ପଡ଼ିରହିଥିବା ବିଲ୍ ରଦ୍ଦ ହେବା ଉଚିତ ।
–ଏମ୍.ଭେଙ୍କାୟା ନାଇଡୁ
ରାଜ୍ୟ ସଭା ଅଧ୍ୟକ୍ଷ

**କିଛି ତଥ୍ୟ**
ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ସରକାରଙ୍କ ଋଣ ଭାର ୮୪.୬୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି।
–ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 21.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 104 | 163 | 173 |
| BDK | 104 | 163 | 173 |
| BLS | 102 | 161 | 171 |
| ANG | 102 | 161 | 171 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers


■ ଯୁକ୍ତ୨ କଳା, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ପ୍ରକାଶ

# କଳାରେ ଶିବାନୀ, ବାଣିଜ୍ୟରେ ଲକ୍ଷ୍ମୀ ଟପ୍ପର

- କଳାରେ ୨.୯%, ବାଣିଜ୍ୟରେ ୪.୬୫% କମିଲା ପାସ୍ ହାର
- କଳାରେ ପାସ୍ ହାର: ବାଲେଶ୍ୱରରେ ସର୍ବାଧିକ, ନବରଙ୍ଗପୁରରେ ସର୍ବନିମ୍ନ
- ବାଣିଜ୍ୟରେ ପାସ୍ ହାର: ଖୋର୍ଦ୍ଧାରେ ସର୍ବାଧିକ, ଦେବଗଡ଼ରେ ସର୍ବନିମ୍ନ
- ୨୪ରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ବିଜ୍ଞପ୍ତି


ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ


ଲକ୍ଷ୍ମୀ ଅଗ୍ରୱାଲ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ)**
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍‌ଇ)ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତବର୍ଷ କଳାରେ ୬୫.୮୯%, ବାଣିଜ୍ୟରେ ୭୦.୨୬% ଓ ଧନ୍ଦାମୂଳକ ଶିକ୍ଷାରେ ୫୨.୬୨% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ କଳାରେ ୨.୯% ଓ ବାଣିଜ୍ୟରେ ୪.୬୫% ପାସ୍‌ହାର କମିଛି। ଗତବର୍ଷ ପାସ୍ ହାର କଳାରେ ୬୮.୭୯% ଥିବାବେଳେ ବାଣିଜ୍ୟରେ ୭୪.୯୧% ଥିଲା। ତେବେ ଧନ୍ଦାମୂଳକ ଶିକ୍ଷାରେ ଗତବର୍ଷ ପାସ୍ ହାର ୫୨.୬୧% ଥିବାବେଳେ ଚଳିତବର୍ଷ ୫୨.୬୨% ରହିଛି। କଳାରେ କଟକ ଜିଲାର ଶୈଳବାଳା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ ଟପ୍ପର ହୋଇଥିବାବେଳେ ବାଣିଜ୍ୟରେ କେନ୍ଦୁଝର ଜିଲାର ନ୍ୟୁ କଲୋନୀସ୍ଥିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ଲକ୍ଷ୍ମୀ ଅଗ୍ରୱାଲ ଟପ୍ପର ହୋଇଛନ୍ତି। ଶିବାନୀ ୫୪୫ନମ୍ବର ରଖିଥିବା ବେଳେ ଲକ୍ଷ୍ମୀ ୫୭୦ ନମ୍ବର ରଖିଛନ୍ତି। କଳାରେ ୩ଜଣ ଓ ବାଣିଜ୍ୟର ୩୧ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। କିନ୍ତୁ ଧନ୍ଦାମୂଳକ ଶିକ୍ଷାରେ କେହି ବି ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ ନମ୍ବର ରଖିନାହାନ୍ତି।

ଚଳିତବର୍ଷ କଳାରେ ୨ ଲକ୍ଷ ୩୧ ହଜାର ୧୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧ ଲକ୍ଷ ୫୨ ହଜାର ୩୨୩ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୯୪,୮୮୧ ଛାତ୍ରୀ ଥିବା ବେଳେ ୫୭,୪୪୨ ଜଣ ଛାତ୍ର ରହିଛନ୍ତି। ୧୮,୭୭୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୨,୯୪୪ ଜଣ ଦ୍ୱିତୀୟ ଓ ୧ ଲକ୍ଷ ୧୦ ହଜାର ୪୫୧ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶତପ୍ରତିଶତ ଫଳାଫଳ ହୋଇଥିବାବେଳେ ୨ଟିରେ ଜଣେ ବି ପରୀକ୍ଷାର୍ଥୀ ପାସ୍ କରିପାରିନାହାନ୍ତି। ବାଲେଶ୍ୱର ଜିଲାରେ ପାସ୍ ହାର ସର୍ବାଧିକ ୭୫.୬୭% ଥିବାବେଳେ ନବରଙ୍ଗପୁର ଜିଲାରେ ସର୍ବନିମ୍ନ ୪୭.୪୬% ରହିଛି। ☞ପୃଷ୍ଠା–୪

# ଜଷ୍ଟିସ୍ କୁରେଶୀଙ୍କ ପଦୋନ୍ନତି ଅଟକାଉଛି କେନ୍ଦ୍ର

- ସୋହରାବୁଦ୍ଦିନ ମାମଲାରେ ଅମିତ୍ ଶାହଙ୍କୁ ହାଜତ ପଠାଇଥିଲେ
- ଗୁଜରାଟ ଲୋକାୟୁକ୍ତ ନିଯୁକ୍ତିରେ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ କାଏମ ରଖିଥିଲେ


ଜଷ୍ଟିସ୍ ଅକିଲ୍ ଅବଦୁଲହମିଦ୍ କୁରେଶୀ

**ନୂଆଦିଲ୍ଲୀ,୨୧।୬**
ନ୍ୟାୟପାଳିକାର ନିରପେକ୍ଷତା ଲାଗି ଏହାକୁ ରାଜନୈତିକ ପ୍ରଭାବରୁ ମୁକ୍ତରଖାଯିବା ଉଚିତ ବୋଲି ବିଭିନ୍ନ ସମୟରେ ମତପ୍ରକାଶ ପାଇଆସୁଛି। ଏହା ସତ୍ତ୍ୱେ ନ୍ୟାୟପାଳିକା ଯେ ରାଜନୈତିକ ପ୍ରଭାବରୁ ମୁକ୍ତ ନୁହେଁ ଏହା ସରକାରଙ୍କ କେତେକ ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି। ବିଚାରପତି ନିଯୁକ୍ତି ତଥା ପଦୋନ୍ନତି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍‌ଙ୍କ ସୁପାରିସକୁ କେନ୍ଦ୍ର ସରକାର ବାରମ୍ବାର ଫେରାଇଦେବା ତାହାର ଉଦାହରଣ। କଲେଜିୟମ ପକ୍ଷରୁ ୪ ଥର ସୁପାରିସ୍ ସତ୍ତ୍ୱେ ଗୁଜରାଟ ହାଇକୋର୍ଟର ପୂର୍ବତନ ବରିଷ୍ଠ ବିଚାରପତି ତଥା ବର୍ତ୍ତମାନ ବମ୍ବେ ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ୍ ଅକିଲ୍ ଅବଦୁଲହମିଦ୍ କୁରେଶୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେଉନାହାନ୍ତି। କେବଳ ଜଷ୍ଟିସ୍ କୁରେଶୀ ନୁହନ୍ତି, ଅନ୍ୟ ବିଚାରପତିମାନଙ୍କ ପଦୋନ୍ନତି ସୁପାରିସକୁ ମଧ୍ୟ ଅନେକ ସମୟରେ କେନ୍ଦ୍ର ସରକାର ଅଟକାଉଛନ୍ତି। ଏହା ପଛରେ ସରକାରଙ୍କ ଭିତିରି ଉଦ୍ଦେଶ୍ୟ ରହୁଥିବା ଜଷ୍ଟିସ୍ କୁରେଶୀଙ୍କ ଘଟଣାରୁ ସ୍ପଷ୍ଟ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ କଲେଜିୟମକୁ କିଭଳି ଗୁରୁତ୍ୱ ମିଳିବ ତାହାର ସୂଚନା ମିଳୁଛି।

ଗୁଜରାଟ ହାଇକୋର୍ଟ ଆଇନଜୀବୀ ସଂଘ (ଜିଏଚସିଏଏ)ର ଅଧ୍ୟକ୍ଷ ଯତୀନ୍ ଓଜା ତାଙ୍କର ଏକ ଲେଖାରେ ଉଲ୍ଲେଖ କରିଛନ୍ତି, ସୋହରାବୁଦ୍ଦିନ ମିଥ୍ୟା ଏନ୍‌କାଉଣ୍ଟର ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଅମିତ୍ ଶାହଙ୍କୁ ୨୦୧୦ରେ ଜଷ୍ଟିସ୍ କୁରେଶୀ ୨ ଦିନ ପାଇଁ ପୋଲିସ ହାଜତକୁ ପଠାଇଥିଲେ। ଜଷ୍ଟିସ୍ ଆର୍.ଏ. ମେହେଟାଙ୍କୁ ଗୁଜରାଟ ଲୋକାୟୁକ୍ତ ଭାବେ ନିଯୁକ୍ତି ଲାଗି ୨୦୧୧ରେ ତତ୍କାଳୀନ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ଜଷ୍ଟିସ୍ କୁରେଶୀ କାଏମ ରଖିଥିଲେ, ଯାହାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଚ୍ୟାଲେଞ୍ଜ କରିଥିଲେ। ଶାହଙ୍କୁ ପୋଲିସ ହାଜତକୁ ପଠାଇବାରେ ଜଷ୍ଟିସ୍ କୁରେଶୀଙ୍କ ନିଷ୍ପତ୍ତିରେ କିଛି ଭୁଲ୍ ନ ଥିଲା ବୋଲି ୨୦୧୦ରେ ତାଙ୍କ ଓକିଲ ଥିବା ଓଜା କହିଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ କୁରେଶୀଙ୍କ ପଦୋନ୍ନତି ☞ପୃଷ୍ଠା–୪






ଯୋଗ ମନରେ ଶାନ୍ତି ଓ ଏକାଗ୍ରତା ଆଣିଥାଏ। ଏହା ବ୍ୟାୟାମଠାରୁ ମଧ ଲାଭଦାୟକ।
-ଗୌତମ ଗମ୍ଭୀର
ଭାଜପା ଏମ୍ପି



# ୨୪୩ ଯାତ୍ରୀଙ୍କ ସହ ଜାହାଜ ନିଖୋଜ

**ନୂଆଦିଲ୍ଲୀ,୨୧।୬ :** କେରଳରୁ ଗତ ଜାନୁୟାରୀରେ ଯାତ୍ରାରମ୍ଭ କରିଥିବା ଏକ ଯାତ୍ରୀବାହୀ ଜାହାଜ ନିଖୋଜ ହୋଇଯାଇଛି। ଏଥିରେ ୨୪୩ ଯାତ୍ରୀ ଥିଲେ। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏହା ନିଖୋଜ ହୋଇଯାଇଥିବା ଅନୁମାନ କରାଯାଉଛି। କେରଳ ସରକାରଙ୍କଠାରୁ ସୂଚନା ପାଇବା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସତର୍କ କରାଯିବା ସହ ଜାହାଜର ସନ୍ଧାନ ଲାଗି ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକୁ ଅନୁରୋଧ କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି ଯେ, ୫ ମାସ ତଳର ଏହି ଘଟଣା ସମ୍ପର୍କରେ ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକୁ ଅବଗତ କରାଯାଇଛି। ନିଖୋଜ ଜାହାଜ 'ଦେବା ମାଥା ୨' ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ଜାହାଜରେ ଥିବା ଯାତ୍ରୀଙ୍କ ପରିବାରବର୍ଗ ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ଏକ ଯୁଗ୍ମ ଚିଠି ପ୍ରଦାନ କରି ସହାୟତା ଲୋଡ଼ିଥିବା କୁହାଯାଇଛି।

### ବ୍ରିଟିଶ୍ ହେରାଲ୍ଡ ରିଡର୍ସ ପୋଲ୍

# ମୋଦି ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି

**ଲଣ୍ଡନ, ୨୧।୬:** ବ୍ରିଟେନର ଅଗ୍ରଣୀ ପତ୍ରିକା ବ୍ରିଟିଶ୍ ହେରାଲ୍ଡ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୨୦୧୯ରେ ବିଶ୍ୱର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି ବୋଲି ଘୋଷଣା କରିଛି। ରିଡର୍ସ ପୋଲ୍‌ରେ ସେ ଅନେକ ବିଶ୍ୱ ନେତା ଓ ରାଜନେତାଙ୍କୁ ପରାସ୍ତ କରି ବିଜୟୀ ହୋଇଥିବା ପତ୍ରିକା ପକ୍ଷରୁ କୁହାଯାଇଛି। ମୋଦିଙ୍କୁ ୩୦.୯ ପ୍ରତିଶତ ଭୋଟ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ୨୯.୯%, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୨୧.୯% ଏବଂ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କୁ ୧୮.୧ % ଭୋଟ ମିଳିଛି। ପୋଲ୍‌ରେ ୨୫ରୁ ଉର୍ଦ୍ଧ୍ୱ ବିଶ୍ୱନେତାଙ୍କୁ ନିଆଯାଇଥିଲା ବେଳେ ଚୂଡ଼ାନ୍ତ ପର୍ଯ୍ୟାୟରେ ୪ ଜଣ ରହିଥିଲେ।

# ତିନି ତଲାକ୍ ବିଲ୍ ପୁଣି ଆଗତ

ନୂଆଦିଲ୍ଲୀ,୨୧।୬

### କଂଗ୍ରେସ, ଆର୍‌ଏସ୍‌ପି ଓ ଏଆଇଏମ୍ଆଇଏମ୍‌ର ବିରୋଧ



କେନ୍ଦ୍ର ସରକାରଙ୍କ ପକ୍ଷରୁ ଲୋକ ସଭାରେ ପୁଣି ଶୁକ୍ରବାର ତିନି ତଲାକ୍ ବିଲ୍ ଆଗତ କରାଯାଇଛି। ମୁସଲ୍‌ମାନ ମହିଳାଙ୍କୁ ନ୍ୟାୟ ଦେବା ସହ ଲିଙ୍ଗଗତ ସମାନତା ଲାଗି ଏହି ବିଲ ପାସ୍ ହେବାର ଆବଶ୍ୟକତା ରହିଛି ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ମୁସଲ୍‌ମାନ ମହିଳାଙ୍କ ମର୍ଯ୍ୟାଦା ରକ୍ଷା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ଏଥିଲାଗି ସହଯୋଗର ଆବଶ୍ୟକତା ରହିଛି ବୋଲି ପ୍ରସାଦ କହିଛନ୍ତି। ତେବେ ଏହା ସମ୍ବିଧାନକୁ ଉଲ୍ଲଂଘନ କରୁଛି ବୋଲି କଂଗ୍ରେସ ଓ ଅନ୍ୟ କେତେକ ବିରୋଧୀ ଦଳ ପକ୍ଷରୁ ଦର୍ଶାଯାଇ ପ୍ରତିବାଦ କରାଯାଇଥିଲା। ଗୃହରେ ବିଲ୍ ଆଗତ ଲାଗି ବାଚସ୍ପତି ଓମ୍ ବିର୍ଲା ଆଇନମନ୍ତ୍ରୀ ପ୍ରସାଦଙ୍କୁ କହିବା ପରେ ହଟ୍ଟଗୋଳ ଆରମ୍ଭ ହୋଇଥିଲା। କଂଗ୍ରେସର ବରିଷ୍ଠ ନେତା ଶଶୀ ଥରୁର୍ ବିଲ୍‌କୁ ବିରୋଧ କରି କହିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଏହି ଆଇନରେ ସାମିଲ କରାଯିବା ପରିବର୍ତ୍ତେ ସ୍ତ୍ରୀଙ୍କୁ ଛାଡୁଥିବା ବ୍ୟକ୍ତିଙ୍କ ବିରୋଧରେ ସାର୍ବଜନୀନ ଆଇନ କରାଯିବା ଉଚିତ। ଏଆଇଏମ୍ଆଇଏମ୍ ନେତା ଆସାଦୁଦ୍ଦିନ ଓୱାଇସି କହିଥିଲେ, ମୁସଲ୍‌ମାନ ମହିଳାଙ୍କ ପ୍ରତି ଭାଜପାର ବହୁ ଦରଦ ରହିଛି, ହେଲେ ହିନ୍ଦୁ ମହିଳାମାନେ ସାବରିମାଳା ମନ୍ଦିରରେ ପ୍ରବେଶ କଲେ ସେମାନଙ୍କୁ ବିରୋଧ କରାଯାଉଛି। ଏଭଳି ଆଭିମୁଖ୍ୟ ହିନ୍ଦୁ ମହିଳା ବିରୋଧୀ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ତିନି ତଲାକ୍ ବିଲ୍ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରୁଛି, ବିଲ୍‌ରେ ଦୋଷୀ ମୁସଲ୍‌ମାନ ପୁରୁଷଙ୍କୁ ୩ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା କରାଯାଇଥିବାବେଳେ ଜଣେ ଅଣମୁସଲ୍‌ମାନ ପୁରୁଷଙ୍କୁ ଏକା ଦୋଷ ଲାଗି ୧ ବର୍ଷ ଜେଲଦଣ୍ଡ ମିଳୁଛି। ତେଣୁ ତିନି ତଲାକ୍ ବିଲ୍‌କୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଓୱାଇସି କହିଛନ୍ତି। ପ୍ରକାଶଥାଉ କି, ସରକାରଙ୍କ ଏହି ବିଲ୍‌କୁ ଆର୍‌ଏସ୍‌ପିର ଏନ୍. କେ. ପ୍ରେମଚନ୍ଦ୍ରନ୍ ମଧ୍ୟ ବିରୋଧ କରିଛନ୍ତି। ଗୃହରେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ୧୮୭ ବିଲକୁ ସମର୍ଥନ କରିଥିବାବେଳେ ୭୪ ବିରୋଧ କରିଥିଲେ। ଟିଏମ୍‌ସି, ୱାଇଏସ୍‌ଆର କଂଗ୍ରେସ ପାର୍ଟି ଭୋଟ ଦେଇ ନ ଥିବାବେଳେ ଏନ୍‌ଡିଏର ସହଯୋଗୀ ଦଳ ଜେଡିୟୁ ସରକାରଙ୍କ ତିନି ତଲାକ୍ ବିଲ୍‌କୁ ଖୋଲାଖୋଲି ବିରୋଧ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତିନି ତଲାକ୍ ବିଲ୍ ଗତବର୍ଷ ଡିସେମ୍ବରରେ ଲୋକ ସଭାର ଅନୁମୋଦନ ଲାଭ କରିଥିବାବେଳେ ରାଜ୍ୟ ସଭାରେ ଏହାକୁ ସମର୍ଥନ ମିଳି ନ ଥିଲା।

# ଭାରତ ପାଇଁ ପୁଣି କଣ୍ଟା ସାଜିଲା ଚାଇନା

ବେଜିଂ,୨୧।୬(ପି.ଟି.)

### ଏନ୍‌ଏସ୍‌ଜି

ଆଣବିକ ସାମଗ୍ରୀ ଯୋଗାଣକାରୀ ଗୋଷ୍ଠୀ(ଏନ୍‌ଏସ୍‌ଜି)ରେ ଭାରତକୁ ସାମିଲ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଚାଇନା କହିବା ସହ ଭାରତର ପ୍ରବେଶକୁ ବିରୋଧ କରିଛି। ଏକ ନିର୍ଦ୍ଦିଷ୍ଟ ଯୋଜନାରେ ପହଞ୍ଚିବା ପୂର୍ବରୁ ଭାରତ ସମ୍ପର୍କରେ ଆଲୋଚନା ନ କରିବା ଲାଗି ଚାଇନା ପରାମର୍ଶ ଦେଇଛି। ଅଣୁଅସ୍ତ୍ର ଅପ୍ରସାର ଚୁକ୍ତି କରି ନଥିବା ଦେଶ ଏଲିଟ୍ ଗ୍ରୁପ୍‌ରେ ସାମିଲ ହୋଇପାରିବେ ନାହିଁ ବୋଲି ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲୁ କାଙ୍ଗ କହିଛନ୍ତି। ପ୍ରକାଶଥାଉ କି, ୨୦୧୬ ମେ'ରୁ ଭାରତ ଏନ୍‌ଏସ୍‌ଜି ସଦସ୍ୟ ହେବା ଲାଗି ଆବେଦନ କରିଛି। ତେବେ ଅଣୁଅସ୍ତ୍ର ଅପ୍ରସାର ଚୁକ୍ତି କରିଥିବା ଦେଶ ହିଁ ଏଥିରେ ସାମିଲ ହୋଇପାରିବେ ବୋଲି ଚାଇନା କହିଆସୁଛି।

ଏନ୍‌ଏସ୍‌ଜି ହେଉଛି ୪୮ ସଦସ୍ୟ ରାଷ୍ଟ୍ରକୁ ନେଇ ଗଠିତ ଏକ ଗୋଷ୍ଠୀ, ଯିଏ କି, ବିଶ୍ୱର ଅଣୁ ବାଣିଜ୍ୟ ସମ୍ପର୍କକୁ ନିୟନ୍ତ୍ରଣ କରିଥାଏ। ଭାରତ ଓ ପାକିସ୍ତାନ ଏନ୍‌ଏସ୍‌ଜି ସଦସ୍ୟତା ଲାଗି ଆବେଦନ କରିଥିବାବେଳେ ଏହି ମାନ୍ୟତା ମିଳିପାରି ନାହିଁ। ସେପଟେ ନୂଆଦିଲ୍ଲୀକୁ ବିରୋଧ କରିବାର ନାହିଁ, ବରଂ ଏନ୍‌ଏସ୍‌ଜିରେ ସାମିଲ ହେବା ଲାଗି ଆଇନଗତ ପଦକ୍ଷେପ ଭାରତ ଗ୍ରହଣ କରିବା ଉଚିତ ବୋଲି କାଙ୍ଗ କହିଛନ୍ତି। କେଉଁଦେଶ ଏନ୍‌ଏସ୍‌ଜିରେ ସାମିଲ ହେବ ତାହା ଆମ କାମ ନୁହେଁ, ବରଂ ଆଇନ ପରିସର କଥା ବୋଲି ସେ ପ୍ରକାଶ କରିଛନ୍ତି।

# ବାଲାକୋଟ୍ ଏୟାରଷ୍ଟ୍ରାଇକ୍‌ର କୋଡ୍ ୱାର୍ଡ ଥିଲା 'ଅପରେଶନ୍ ବନ୍ଦର'

ନୂଆଦିଲ୍ଲୀ,୨୧।୬

ପୁଲ୍‌ୱାମାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ୪୦ରୁ ଉର୍ଦ୍ଧ୍ୱ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ସୀମା ଆରପଟେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ଧ୍ୱଂସ କରିବା ଲାଗି ଭାରତୀୟ ବାୟୁସେନା



ଫେବୃୟାରୀ ୨୬ରେ ବାଲାକୋଟ୍‌ରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏଥିରେ ବାୟୁସେନାର ୧୨ଟି ଲଢୁଆ ବିମାନ ମିରାଜ୨୦୦୦ ନିୟୋଜିତ ହୋଇଥିଲେ। ଗୋପନୀୟତା ରକ୍ଷା ଲାଗି ଉକ୍ତ କାର୍ଯ୍ୟାନୁଷ୍ଠାନର ସାଙ୍କେତିକ ନାଁ 'ଅପରେଶନ ବନ୍ଦର(ମାଙ୍କଡ)' ରଖାଯାଇଥିଲା ବୋଲି ଜଣାପଡିଛି। ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପୂର୍ବରୁ ଯେପରି କୌଣସି ସୁରାକ ନ ମିଳିବ ସେଥିପାଇଁ ଏଭଳି ନାମକରଣ କରାଯାଇଥିଲା ବୋଲି ପ୍ରତିରକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ନାମକରଣ ପଛର ନିର୍ଦ୍ଦିଷ୍ଟ କାରଣ ସମ୍ପର୍କରେ ସବିଶେଷ ତଥ୍ୟ ନ ଦେଇ ସେ କହିଛନ୍ତି, ଭାରତୀୟ ଯୁଦ୍ଧ ସଂସ୍କୃତିରେ ବାନରମାନେ ସ୍ୱତନ୍ତ୍ର ସ୍ଥାନ ନେଇଛନ୍ତି। ରାମାୟଣରେ ହନୁମାନ ଭଗବାନ ରାମଙ୍କ ମୁଖ୍ୟ ସହଯୋଗୀ ଥିଲେ ଓ ଲଙ୍କାରେ ପ୍ରବେଶ କରି ଏହାକୁ ଧ୍ୱଂସ କରିଦେଇଥିଲେ ବୋଲି ସେ କହିଛନ୍ତି। ୨୬ ତାରିଖ ରାତି ସାଢ଼େ ୩ଟାରେ ବାୟୁସେନା ପାଇଲଟ ବାଲାକୋଟ୍‌ରେ ପ୍ରବେଶ କରିଥିଲେ। ସେମାନେ ମିରାଜ ଯୁଦ୍ଧବିମାନରୁ ୫ଟି ସ୍ପାଇସ୍୨୦୦୦ ବୋମା ନିକ୍ଷେପ କରି ଆତଙ୍କବାଦୀଙ୍କ ଶିବିରକୁ ଧ୍ୱଂସ କରିଦେଇଥିଲେ।

# ଯୋଗ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ: ମୋଦି

ରାଞ୍ଚି,୨୧।୬(ପି.ଟି.)

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶୁକ୍ରବାର ରାଞ୍ଚିର ପ୍ରଭାତ ତାରା ମୈଦାନରେ ପାଖାପାଖି ୪୦ ହଜାର ଲୋକଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ କରିଥିଲେ। ଯୋଗ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ମୁନିଋଷିମାନେ ବହୁ ପୁରାତନ କାଳରୁ ଏହା କରିଆସୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ସମସ୍ତେ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଛନ୍ତି। ପଞ୍ଚମ ଅନ୍ତର୍ଜାତୀୟ ଯୋଗ ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଝାଡ଼ଖଣ୍ଡ ରାଜଧାନୀରେ କରିବା ଲାଗି ପୂର୍ବରୁ ସ୍ଥିର ହୋଇଥିଲା।

ଏହା ବ୍ୟତୀତ ଦିଲ୍ଲୀ ସମେତ ବିଭିନ୍ନ ସହରରେ ଯୋଗ ଦିବସ ପାଳନ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ସାମିଲ ହୋଇଥିଲେ। ପ୍ରତିକାରାତ୍ମକ ସ୍ୱାସ୍ଥ୍ୟସେବାରେ ଯୋଗକୁ ପ୍ରମୁଖ ସ୍ଥାନ ଦେବା ଲାଗି ସରକାର କାର୍ଯ୍ୟ କରୁଛନ୍ତି। ଆଜିକାଲି ଯୁବସମାଜ ମଧ୍ୟ ହୃଦ୍‌ରୋଗ ଭଳି ବିପଦର ସମ୍ମୁଖୀନ ହେଉଛି। ଯୋଗ ମାଧ୍ୟମରେ ଏହି ସମସ୍ୟାକୁ ଦୂର କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେଥିପାଇଁ ଚଳିତ ବର୍ଷର ବିଷୟବସ୍ତୁ ରଖାଯାଇଛି 'ହୃଦୟ ପାଇଁ ଯୋଗ'। ଯୋଗକୁ ଦୈନନ୍ଦିନ ଜୀବନର ଅଂଶରେ ପରିଣତ କରିବା ସହ ସମାଜର ସବୁବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଯୋଗ ସହ ଶାନ୍ତି ଓ ସଦ୍‌ଭାବନା ଜଡିତ ହୋଇଥିବାରୁ ସାରା ବିଶ୍ୱବାସୀ ଏହା କରିବା ଉଚିତ ବୋଲି ମୋଦି ପରାମର୍ଶ ଦେଇଥିଲେ।

ଦିଲ୍ଲୀରେ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ପ୍ରମୁଖ ଯୋଗଦିବସ ପାଳନର ନେତୃତ୍ୱ ନେଇଥିବାବେଳେ ପାର୍ଲାମେଣ୍ଟ ପରିସରରେ ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଯୋଗଦିବସ ପାଳନ କରାଯାଇଥିଲା। କେବଳ ଭାରତରେ ନୁହେଁ ବିଭିନ୍ନ ଦେଶରେ ଯୋଗ ଦିବସ ବେଶ୍ ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଇଛି। ଚାଇନାର ଶାଓଲିନ୍ ମନ୍ଦିରରୁ ଆରମ୍ଭ କରି ବ୍ରିଟେନର ସେଣ୍ଟ ପଲ୍ କ୍ୟାଥେଡ୍ରାଲ ପର୍ଯ୍ୟନ୍ତ ସବୁଠି ଯୋଗର ମାହୋଲ୍ ଦେଖିବାକୁ ମିଳିଥିଲା।



ରାଞ୍ଚିର ପ୍ରଭାତ ତାରା ମଇଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟମାନଙ୍କ ସହ ଯୋଗ କରୁଛନ୍ତି।

# ମୋଦିଙ୍କୁ ଆକ୍ରମଣ ଧମକ

ନୂଆଦିଲ୍ଲୀ,୨୧।୬(ଆଇଏଏନ୍‌ଏସ୍)

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆକ୍ରମଣ କରିବା ଲାଗି ଏକ ବେନାମୀ ଚିଠିରେ ଧମକ ଦିଆଯାଇଥିଲା। ଗତ ୭ ତାରିଖରେ ଏହି ଚିଠି ମିଳିବା ପରେ ଗୋଇନ୍ଦା ବିଭାଗ ଓ ସମସ୍ତ ସୁରକ୍ଷା ଏଜେନ୍ସିଙ୍କୁ ଆଲର୍ଟ କରିଦିଆଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ କେରଳ ଗସ୍ତ ପୂର୍ବରୁ ତ୍ରିସୁରସ୍ଥିତ ଗୁରୁବାୟୁର ମନ୍ଦିର କାର୍ଯ୍ୟାଳୟକୁ ଏହି ଚିଠି ଆସିଥିଲା। ସେହି ମନ୍ଦିରକୁ ମୋଦି ଆସିବାକୁ ଥିବାରୁ ଚିଠିକୁ ନେଇ ଆତଙ୍କ ଖେଳିଯାଇଥିଲା। ମନ୍ଦିର କର୍ତ୍ତୃପକ୍ଷ ଏ ସମ୍ପର୍କରେ ଜଣାଇବା ପରେ ସଙ୍ଗେ ସଙ୍ଗେ ସୁରକ୍ଷା ବଳକୁ ହାଇଆଲର୍ଟରେ ରଖାଯାଇଥିଲା ବୋଲି କେରଳ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏକ ୫୦୦ ଟଙ୍କିଆ ନୋଟରେ ଆକ୍ରମଣ ଧମକ ମାଲାୟାଲମ ଭାଷାରେ ଲେଖାଯାଇଥିଲା। ସେଥିରେ କେତେକ ଇଂଲିଶ ଶବ୍ଦ ମଧ୍ୟ ଥିଲା। ଉକ୍ତ ନୋଟକୁ ଏକ ବନ୍ଦ ଲଫାପାରେ ପଠାଯାଇଥିଲା।

# ଇରାନ୍ ଆକ୍ରମଣ ନିଷ୍ପତ୍ତିରୁ ଓହରିଲା ଆମେରିକା

ୱାଶିଂଟନ,୨୧।୬(ପି.ଟି.)

ଇରାନ୍ ଉପରେ ଶୁକ୍ରବାର ରାତି ୪.୩୦ରେ ଆକ୍ରମଣ ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ। ଇରାନ୍‌ର ୩ଟି ଜାଗାରେ ଆକ୍ରମଣ କରାଯିବାକୁ ସ୍ଥିର ହୋଇଥିଲା। ଆମେରିକୀୟ ଡ୍ରୋନ୍ ଖସାଇବା ଓ ଉଗ୍ର ମନୋଭାବ ପ୍ରଦର୍ଶନ କରିଥିବା ଇରାନ୍ ଉପରେ ଆକ୍ରମଣ କରିବାର ୧୦ ମିନିଟ୍ ପୂର୍ବରୁ ଟ୍ରମ୍ପ ନିଜ ଆଦେଶ ଫେରାଇନେଇଥିଲେ ବୋଲି କହିଛନ୍ତି। ଆକ୍ରମଣରେ କେତେଲୋକ ମରିବେ ବୋଲି ସେନାକୁ ପଚାରିବାରୁ ଉତ୍ତରରେ ୧୫୦ ବୋଲି କୁହାଯିବାରୁ ଟ୍ରମ୍ପ ଏହି ଆକ୍ରମଣକୁ ରୋକିଥିବା ଟୁଇଟର୍‌ରେ କହିଛନ୍ତି। ଇରାନ୍ ଉପରେ ଏତେ ଶୀଘ୍ର ଆକ୍ରମଣ କରିବାର ଆବଶ୍ୟକତା ନାହିଁ। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଆମେରିକା କିମ୍ବା ବିଶ୍ୱ ବିରୋଧରେ ଇରାନ୍ ଅଣୁଅସ୍ତ୍ର ପ୍ରୟୋଗ କରିପାରିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ସେପଟେ ଇରାନ୍ କହିଛି ଯେ, ଆମ ବାୟୁସୀମା ଅତିକ୍ରମ କରିବା ପରେ ସତର୍କ କରାଯାଇ ଆମେରିକୀୟ ଡ୍ରୋନ୍‌କୁ ଖସାଇ ଦିଆଯାଇଥିଲା। ଆମେରିକା କିନ୍ତୁ କହୁଛି ଅନ୍ତର୍ଜାତୀୟ ବାୟୁସୀମାରେ ଡ୍ରୋନ୍ ଥିଲା। ଇରାନ୍ ସୀମାର ୩୨ ମାଇଲ୍ ଦୂରରେ ଏହାକୁ ଖସାଯାଇଛି। ଏଭଳି ବାକ୍‌ଯୁଦ୍ଧ ପରେ ଇରାନ୍ ଉପରେ ଆମେରିକା ଆକ୍ରମଣ କରିବାକୁ ଯୋଜନା ନେଇଥିଲା। ହେଲେ ଇରାନ୍ ସହ ଯୁଦ୍ଧ ଓ କ୍ଷୟକ୍ଷତି ସପକ୍ଷରେ ଟ୍ରମ୍ପ ନ ଥିବା କହିଛନ୍ତି। ତେହେରାନ୍ ସହ ଆଲୋଚନା ମାଧ୍ୟମରେ ଆମେରିକା ସମସ୍ୟାର ସମାଧାନ ଚାହେଁ ବୋଲି ସେ ପ୍ରକାଶ କରିଛନ୍ତି।

# ଯୁଦ୍ଧଜାହାଜରେ ନିଆଁ: ଜଣେ ମୃତ

**ମୁମ୍ବାଇ,୨୧।୬(ଆଇଏଏନ୍‌ଏସ୍):** ମାଜାଗାଓଁ ଡକ୍‌ସ ଲିଃ(ଏମ୍‌ଡିଏଲ୍)ରେ ନିର୍ମାଣାଧୀନ 'ବିଶାଖାପଟନମ୍' ଯୁଦ୍ଧଜାହାଜରେ ଶୁକ୍ରବାର ସନ୍ଧ୍ୟାରେ ନିଆଁ ଲାଗିଯିବାରୁ ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଟ୍ୟାଙ୍କରେ ଗ୍ରାଇଣ୍ଡିଂ କାମ ଚାଲିଥିବାବେଳେ ଜାହାଜର ଦ୍ୱିତୀୟ ଓ ତୃତୀୟ ଡେକ୍‌ରେ ନିଆଁ ଲାଗିଯାଇଥିଲା। ତିନି ଘଣ୍ଟା ମଧ୍ୟରେ ନିଆଁକୁ ଆୟତ୍ତକୁ ଅଣାଯାଇଥିଲା। ଶ୍ୱାସରୁଦ୍ଧ ହୋଇ ବ୍ରଜେନ୍ଦ୍ର କୁମାର(୨୩)ଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଶ୍ରମିକ ଆହତ ହୋଇଛନ୍ତି। ଉକ୍ତ ଯୁଦ୍ଧଜାହାଜ ୨୦୨୧ରେ ନୌସେନାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି।

### ମସ୍ତିଷ୍କ ଜ୍ୱର ମୃତ୍ୟୁସଂଖ୍ୟା ୧୫୦ ଟପିଲା

# ଏଇଏସ୍ ସହ ଲିଚୁ ସମ୍ପର୍କର ତଦନ୍ତ ନିର୍ଦ୍ଦେଶ

ପାଟନା,୨୧।୬

ବିହାରରେ ମସ୍ତିଷ୍କ ଜ୍ୱର ୧୫୦ରୁ ଉର୍ଦ୍ଧ୍ୱ ଶିଶୁଙ୍କ ଜୀବନ ନେଲାଣି। ରାଜ୍ୟର ୧୬ଟି ଜିଲ୍ଲାକୁ ଏହି ରୋଗ ବ୍ୟାପିଥିବାବେଳେ ଛତିଶଗଡ଼ରେ ମଧ୍ୟ ୩ ଶିଶୁ ଏଇଏସ୍ (ଆକ୍ୟୁଟ୍ ଏନ୍‌ସେଫାଲାଇଟ୍ସ ସିଣ୍ଡ୍ରୋମ୍)ରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ବିହାର ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ ଜୁନ୍ ୧ରୁ ଏପର୍ଯ୍ୟନ୍ତ ରାଜ୍ୟରେ ୬୨୬ ଜଣ ଏନ୍‌ସେଫାଲାଇଟ୍ସ ରୋଗୀ ପଞ୍ଜୀକୃତ ହୋଇଛନ୍ତି। ମୋଟ ମୃତ୍ୟୁ ସଂଖ୍ୟା ୧୫୮ରେ ପହଞ୍ଚିଥିବାବେଳେ କେବଳ ମୁଜାଫରପୁର ଜିଲାରେ ୧୧୭ ଶିଶୁଙ୍କ ଜୀବନ ଯାଇଛି। ଏହାବ୍ୟତୀତ ଭାଗଲପୁର, ପୂର୍ବ ଚମ୍ପାରନ୍, ବୈଶାଳୀ, ସୀତାମଢ଼ି ଓ ସମସ୍ତିପୁରରେ ମଧ୍ୟ ମସ୍ତିଷ୍କ ଜ୍ୱରରେ ଶିଶୁଙ୍କ ମୃତ୍ୟୁ ହୋଇଛି। ରୋଗୀଙ୍କଠାରେ ଏଇଏସ୍ ଲକ୍ଷଣ ସମେତ ରକ୍ତଶର୍କରା ସ୍ତର ହ୍ରାସ ଦେଖାଦେଉଛି। କଞ୍ଚା ଲିଚୁରେ ଥିବା ବିଷାକ୍ତ ପଦାର୍ଥ ଯୋଗୁ ରକ୍ତଶର୍କରା ହ୍ରାସ ପାଉଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅପପୁଷ୍ଟିର ଶିକାର ହୋଇଥିବା ଶିଶୁମାନେ ଏହି ଲିଚୁ ଖାଇ ରୋଗରେ ପଡୁଥିବା ବିଶ୍ୱାସ କରାଯାଉଛି।

ପ୍ରକୃତରେ ଲିଚୁ ଖାଇବା ଯୋଗୁ ଶିଶୁମାନଙ୍କର ମୃତ୍ୟୁ ହେଉଛି କି ନାହିଁ ତାହାର ତଦନ୍ତ କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରେମ କୁମାର ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। କୃଷିବିଜ୍ଞାନୀ ଓ ଉଦ୍ୟାନ କୃଷିବିଭାଗର ଅଧିକାରୀମାନେ ଏଇଏସ୍ ପ୍ରଭାବିତ ଅଞ୍ଚଳକୁ ଯାଇ ଘଟଣାର ଅନୁଧ୍ୟାନ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ମୁଜାଫରପୁର ଲିଚୁର ପେଣ୍ଠସ୍ଥଳ ଭାବେ ଜଣାଶୁଣା। ଯଦିଓ ଲିଚୁରୁ ଏଇଏସ୍ ଭୂତାଣୁ ସୃଷ୍ଟି ହେଉଥିବା କୁହାଯାଉଛି, ତେବେ ସରକାରୀ ଭାବେ ଏପର୍ଯ୍ୟନ୍ତ ତାହାର ଯାଞ୍ଚ ହୋଇନାହିଁ।



C. V. Raman College of Engineering
(Declared Autonomous Engineering College by UGC u/s 2(f) of UGC Act, 1956 )
Ranked among the Top 100 Engineering Colleges consecutively for last FOUR years by NIRF, MHRD, Govt. of India
web : www.cvrce.edu.in
Email : admission@cvrgi.edu.in
YouTube : www.cvrce.tv

B.Tech. Programs
- Chemical Engg
- Civil Engineering
- Computer Sc & Engg
- Computer Sc & IT
- Computer Engg (Software Engg)
- Computer Sc & System Engg
- Electrical Engg
- Electrical & Electronics Engg
- Electronics & Telecommunication Engg
- Marine Engg
- Mechanical Engg

Master Programs
- Computer Sc & Engg
- Electrical Engg
- Electronics & Communication Engg (Signal Processing & Communication)
- Heat Power Engg
- Mechatronics
- MBA
- M.Sc. (Applied Mathematics & Computing, Applied Physics, Applied Chemistry)

Important Information
For admission into the different branches of our college, JEE-Main rank holders are advised to register themselves for web based counselling process at : www.ojee.nic.in

Marine Programs
- 4 Yr Degree in Marine Engg
Pass 10+2 with PCM average of 60% with 50% marks in English at 10th/12th standard
- 1 Yr Graduate Marine Engg
Pass B.E./B.Tech (Mech) with 50% marks and must have 50% marks in English at 10th/12th standard
- Lateral Entry in Marine Engg
3Yr Diploma in Mech/Marine Engg with at least 60% marks and must have 50% marks in English at 10th/12th standard(5% relaxation for SC/ST candidates)
AGE - 18Yr to 25Yr (5Yr relaxation for SC/ST candidates)

Recognitions
- Affiliated to BPUT, Odisha
- Approved by AICTE, New Delhi
- Graded "A" by NAAC
- Accredited by NBA (for IT, Civil, Chemical, AEI)
- ISO 9001-2015 Certified



CAMPUS : Bidyanagar, Mahura, Bhubaneswar, Odisha. Pin - 752054
For details, contact : 0674-663 6555 Mob.: +91-9040 021 100 / 101 / 102 / 103

ଗତ ୧୮ ତାରିଖ ରାତିରେ ରାଜନଗରର ତ୍ରିନାଥ ବଜାର ନିକଟ ବିଜୁ ସ୍ମୃତି ସଂସଦ ପରିସରରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ । ଏହାର ପ୍ରତିବାଦରେ ଶୁକ୍ରବାର ବିଜେଡି ପକ୍ଷରୁ ୬ ଘଣ୍ଟିଆ ରାଜନଗର ବନ୍ଦ ପାଳନ କରାଯାଇଛି। ବନ୍ଦ ଯୋଗୁ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିବା ବେଳେ ବଜାର ବନ୍ଦ ରହିଥିଲା ।






## ଆଦିତ୍ୟ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ନିଯୁକ୍ତ

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** ଇଲୋକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଯୁଗ୍ମ ସଚିବ ଆଦିତ୍ୟ ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ସେହିପରି ଓଡିଶା ଖଣି ନିଗମ(ଓଏମ୍‌ସି)ର ସ୍ୱତନ୍ତ୍ର ଅଧିକାରୀ (ସ୍ପେଶାଲ ଅଫିସର)ମନୋଜ କୁମାର ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଡେପୁଟି ସେକ୍ରେଟାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିସହିତ ମହାପାତ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଯୁଗ୍ମ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ।

## ଓଡ଼ିଶାରେ ବଢ଼ିଲା ଆଉ ୧୦୦ ମେଡିକାଲ ସିଟ୍

**ଭୁବନେଶ୍ୱର, ୨୧।୬ (ବ୍ୟୁରୋ):** ଓଡ଼ିଶାର ୩ ମେଡିକାଲ କଲେଜ ପାଇଁ ଆହୁରି ୧୦୦ ଏମ୍‌ବିବିଏସ୍ ସିଟ୍ ବଢ଼ିଛି। ଇକୋନୋମିକାଲି ୱିକର ସେକ୍ସନ(ଇଡବ୍ଲ୍ୟୁଏସ୍) କୋଟାରେ ବର୍ଦ୍ଧିତ ୧୦୦ ସିଟ୍‌କୁ ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ଅନୁମୋଦନ କରିଛି। ବର୍ଦ୍ଧିତ ସିଟ୍‌ଗୁଡ଼ିକ ୩ ମେଡିକାଲ କଲେଜକୁ ଦିଆଯିବ। ବୁର୍ଲାସ୍ଥିତ ଭିମସାରରେ ୫୦ ସିଟ୍, କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ୨୫ ଓ ମୟୂରଭଞ୍ଜସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ୨୫ ସିଟ୍ ବୃଦ୍ଧି ହେବ।




### ■ ରାଜ୍ୟ ସଭା ନିର୍ବାଚନ ପ୍ରାର୍ଥୀ ଘୋଷଣା: ଆଶାୟୀ ନିରାଶ

# ଧରାପଡ଼ିଲା ଅସଲ ସମ୍ପର୍କ

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ଆସନ୍ତା ଜୁଲାଇ ୫ ତାରିଖରେ ୩ଟି ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ବିଜେଡିର ହୋଇଥିବାବେଳେ ଜଣେ ଭାଜପା ପ୍ରାର୍ଥୀ। ମୁଖପାତ୍ର ସସ୍ମିତ ପାତ୍ର ଓ ଅମର ପଟ୍ଟନାୟକଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରିଥିବାବେଳେ ଭାଜପା ପ୍ରାର୍ଥୀ ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନ କରିବାକୁ ଘୋଷଣା କରିଛି। ଘୋଷଣା ବେଳେ ନବୀନ ପ୍ରଥମେ ୩ଟି ଯାକ ପ୍ରାର୍ଥୀ ବିଜେଡିର ବୋଲି ଗଣମାଧ୍ୟମକୁ କହିଥିଲେ। ମାତ୍ର ଏହାର କିଛି ସମୟ ପରେ ସେ ତୃତୀୟ ପ୍ରାର୍ଥୀ ବିଜେଡିର ନୁହେଁ ବରଂ ଭାଜପାର ବୋଲି ପୁଣିଥରେ ଘୋଷଣା କଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅନୁରୋଧକ୍ରମେ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରିଥିବା ବିଜେଡି ସଭାପତି ସ୍ପଷ୍ଟ କରିଛନ୍ତି। ନବୀନଙ୍କ ଏଭଳି ଘୋଷଣା ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ୩ଟି ଯାକ ଖାଲିଥିବା ଆସନରେ ବିଜେଡି ନିଜ ପ୍ରାର୍ଥୀଙ୍କୁ ସହଜରେ ରାଜ୍ୟ ସଭାକୁ ପଠାଇ ପାରିଥାଆନ୍ତା। ତେବେ ଗୋଟିଏ ଆସନ ଭାଜପାକୁ ଛାଡିବା ପଛରେ ବିଜେଡିର କି ଭିତିରି ଉଦ୍ଦେଶ୍ୟ ରହିଛି ସେ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

### ଭିତିରି ବୁଝାମଣା ସ୍ପଷ୍ଟ କରନ୍ତୁ ନବୀନ: କଂଗ୍ରେସ

ଗତ ସାଧାରଣ ନିର୍ବାଚନବେଳେ ବିଜେଡି ଓ ଭାଜପା ପରସ୍ପର ଗୋହି ଖୋଲାଖୋଲି ହେଉଥିଲେ। ହେଲେ ନିର୍ବାଚନ ଶେଷ ହେବା ପରେ ସବୁ କିଛି ଓଲଟ ପାଲଟ ହୋଇଯାଇଛି। ବିଜେଡି ଓ ଭାଜପା ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛନ୍ତି। ରାଜ୍ୟରେ ବିଜେଡି ୫ମ ଥର କ୍ଷମତାକୁ ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ କରି ନବୀନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏପରିକି ବିଜେଡି ସଭାପତି ମଧ୍ୟ ନିକଟରେ ନୂଆ ଦିଲ୍ଲୀଗସ୍ତ ବେଳେ ମୋଦିଙ୍କୁ ବିପୁଳ ବିଜୟ ପାଇଁ ବ୍ୟକ୍ତିଗତ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ। ୨୦୦୯ରେ ବିଜେଡି-ଭଜପା ମେଣ୍ଟ ସରକାର ଭାଙ୍ଗିବା ପରଠାରୁ ଉଭୟ କଂଗ୍ରେସ ଓ ଭାଜପାଠାରୁ ସମଦୂରତ୍ୱ ରକ୍ଷା କରୁଥିବା ବିଜେଡି କହି ଆସୁଥିବାବେଳେ ଏବେ ନିଜ ସ୍ୱର ପରିବର୍ତ୍ତନ କରିଛି। ରାଜ୍ୟ ସ୍ୱାର୍ଥ ପାଇଁ ଯିଏ ପ୍ରତିଶ୍ରୁତି ଦେବେ ତାଙ୍କୁ ଆମେ ସମର୍ଥନ କରିବୁ ବୋଲି ଗତ ସାଧାରଣ ନିର୍ବାଚନ ପରେ ବିଜେଡି ଘୋଷଣା କରିଛି । ଦୀର୍ଘ ଦୁଇ ଦଶନ୍ଧି ଧରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରୁଥିବା ବିଜେଡି ଏଥିରୁ ଓହରି ଏବେ ସ୍ୱତନ୍ତ୍ର ଫୋକସ ରାଜ୍ୟ ଦାବି କରିଛି। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାକୁ ଏଥିରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କେନ୍ଦ୍ର ନିକଟରେ ଦାବି କରିଛି। ବିଜେଡିର ଦାବିକୁ ମଧ୍ୟ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେଇଥିବା କୁହାଯାଉଛି। ଅନ୍ୟପକ୍ଷରେ ରାଜ୍ୟର ସ୍ୱାର୍ଥ ପାଇଁ ଅଧିକ କେନ୍ଦ୍ରୀୟ ସହାୟତା ତଥା ଫୋକସ ରାଜ୍ୟ ମାନ୍ୟତା ଦାବିକୁ କେନ୍ଦ୍ର ସରକାର ମାନିନେବା ସର୍ତ୍ତରେ ବିଜେଡି ଏଭଳି ସମର୍ଥନ କରିଥାଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

ତେବେ ବିଜେଡିର ଏଭଳି ଅଚାନକ ଆଭିମୁଖ୍ୟ ପରିବର୍ତ୍ତନକୁ ନେଇ ବିରୋଧୀମାନେ ମୁଖ୍ୟମନ୍ତ୍ରୀଙ୍କୁ କାଠଗଡାରେ ଛିଡା କରିଛନ୍ତି। କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର ବିଜେଡିର ଦୋମୁହାଁ ନୀତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ବିଭିନ୍ନ ସମୟରେ ବିଜେଡି କେନ୍ଦ୍ରୀୟ ଅବହେଳାକୁ ଆଳ କରି ଭାଜପାକୁ ବିରୋଧ କରୁଥିଲା। ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରିବା ବିଜେଡିର ଅସଲ ଚେହେରା ପଦାରେ ପଡିଯାଇଛି। ବିଜେଡି ଏକ ଆଞ୍ଚଳିକ ଦଳ । ନବୀନ ଚାହିଁଥିଲେ ନିଜ ଦଳରୁ ଏବଂ ଓଡିଶାରୁ ୩ ଜଣଙ୍କୁ ରାଜ୍ୟ ସଭାକୁ ପଠାଇପାରି ଥାଆନ୍ତେ। ଉଭୟ ଦଳ ମଧ୍ୟରେ ଭିତିର ବୁଝାମଣା ହୋଇଛି। ରାଜ୍ୟବାସୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଏହାକୁ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ତେବେ ଏସମ୍ପର୍କରେ ଭାଜପା ନେତା କିମ୍ବା ବିଜେଡି ମୁଖପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କେହି ମୁହଁ ଖୋଲିନାହାନ୍ତି।

ଗୋଟିଏପଟେ ନବୀନ ନିଜ ଦଳର ଆଶାୟୀଙ୍କୁ ଚକମା ଦେଇଥିବା ବେଳେ ଭାଜପା ଗୋଟି ଚାଳନା କରି ପୁଣି ଚର୍ଚ୍ଚିତ ହୋଇଛନ୍ତି। ରାଜ୍ୟ ସଭା ପାଇଁ ଚାହିଁ ବସିଥିବା ଆଶାୟୀମାନେ ନବୀନଙ୍କ ଏହି ଘୋଷଣା ଯୋଗୁ ନିରାଶ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନରେ ଦଳ ପାଇଁ ସିଟ୍ ଛାଡ଼ିଥିବା ବରିଷ୍ଠ ନେତା ତଥା ଭୁବନେଶ୍ୱରର ପୂର୍ବତନ ଏମପି ପ୍ରସନ୍ନ ପାଟଶାଣୀ, ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ବିଜେଡି ରାଜ୍ୟ ସଭାକୁ ପଠାଇବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏଥିସହିତ ବାଲେଶ୍ୱର ଲୋକ ସଭା ପରାଜିତ ପ୍ରାର୍ଥୀ ରବୀନ୍ଦ୍ର ଜେନା, ପୁରୀ ବିଧାନସଭାରୁ ପରାସ୍ତ ହୋଇଥିବା ମହେଶ୍ୱର ମହାନ୍ତିଙ୍କୁ ରାଜ୍ୟ ସଭା ପଠାଇବା ନେଇ ମଧ୍ୟ ଦଳୀୟ ମହଲରେ ଆଲୋଚନା ହେଉଥିଲା। ତେବେ ଏହି ଅଶାୟୀମାନଙ୍କର ଆଶା ମଧ୍ୟ ମଉଳି ଯାଇଛି।

# ଓଡ଼ିଶା ଛୁଇଁଲା ମୌସୁମୀ

ଭୁବନେଶ୍ୱର,୨୧।୬(ବ୍ୟୁରୋ)



ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର ଓଡ଼ିଶା ଛୁଇଁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ହୋଇଥିବା ବର୍ଷାର ଦୃଶ୍ୟ।

ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଲା। ଜୁନ ୧୦ ତାରିଖ ପରିବର୍ତ୍ତେ ୧୧ ଦିନ ବିଳମ୍ବରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଛି। ଅଳ୍ପ କେତେକ ଅଞ୍ଚଳକୁ ବାଦ ଦେଲେ ମୌସୁମୀ ରାଜ୍ୟର ଅଧିକାଂଶ ଅଞ୍ଚଳକୁ ଛୁଇଁଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଶୁକ୍ରବାର ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡକୁ ମୌସୁମୀ ପ୍ରବେଶ କରିଥିବାବେଳେ ମାଲକାନଗିରି, ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ ଜିଲା ସମେତ ନବରଙ୍ଗପୁର, କଳାହାଣ୍ଡି,

- ■ ୪୮ ଘଣ୍ଟାରେ ସବୁ ଜିଲାକୁ ଘେରିଯିବ
- ■ ଉତ୍ତର, ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା
- ■ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

କନ୍ଧମାଳ, ବୌଦ୍ଧ, ଅନୁଗୋଳ ଏବଂ କେନ୍ଦୁଝର ଜିଲାର ଅଳ୍ପ କେତେକ ଅଞ୍ଚଳକୁ ଆଚ୍ଛାଦିତ କରିଛି। ମୌସୁମୀ ଆଗକୁ ବଢିବା ପାଇଁ ପାଗ ଅନୁକୂଳ ରହିଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ସମଗ୍ର ଓଡିଶାକୁ ଘେରିଯିବ ବୋଲି ଅନୁମାନ କରାଯାଇଛି। ଅନ୍ୟ ପକ୍ଷରେ ଉତ୍ତର ପୂର୍ବ ବଙ୍ଗୋପସାଗର, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୨୩ ତାରିଖ ଯାଏ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ଅନୁଗୋଳ, ଦେବଗଡ, ଭଦ୍ରକ, ସମ୍ବଲପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏଥିସହିତ ଝାରସୁଗୁଡା, ବରଗଡ, ବାଲେଶ୍ୱର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଜିଲାର ଅଳ୍ପ କେତେକ ସ୍ଥାନରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହି ସମୟରେ ସମୁଦ୍ର କୂଳ ଅଶାନ୍ତ ରହିବ। ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ବେଗରେ ପବନ । ସମୁଦ୍ରକୁ ନ ଯିବା ଲାଗି ମତ୍ସଜୀବୀମାନଙ୍କୁ ସତର୍କ କରାଯାଇଛି।

ମୌସୁମୀ ପ୍ରଭାବରେ ଗୁରୁବାର ରାତିରୁ ରାଜ୍ୟରେ ବର୍ଷା ଲାଗି ରହିଛି। ମେଘୁଆ ପାଗ ସାଙ୍ଗକୁ ଦୁହାକୁ ଦୁହା ବର୍ଷା ପରିବେଶକୁ ଥଣ୍ଡା କରିଛି। ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ଗୋପାଳପୁରରେ ସର୍ବାଧିକ ୭୨.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୨୭.୪, କଟକ ୨୫.୨, ଭୁବନେଶ୍ୱର ୨୪, ପୁରୀ ୪୪, ଅନୁଗୋଳ ୪୪.୫, ବାରିପଦା ୪୫, ଝାରସୁଗୁଡା ୩୨.୧, କେନ୍ଦୁଝର ୩୬.୩, ସମ୍ବଲପୁର ୨୮.୮, ସୁନ୍ଦରଗଡ ୧୦, ହୀରାକୁଦ ୭୦.୪ , ତାଳଚେର ୧୪, ଭବାନୀପାଟଣା ୧୦.୪, ବଲାଙ୍ଗୀର ୧୬, କୋରାପୁଟ ୪୭, ଫୁଲବାଣୀ ୬୨, ଟିଟିଲାଗଡ ୧୧.୪, ମାଲକାନଗିରି ୧୨.୧, ସୋନପୁର ୨୯ ଏବଂ ଦାରିଙ୍ଗିବାଡିରେ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୩ ତାରିଖରୁ ରାଜ୍ୟରେ ବର୍ଷା ହ୍ରାସ ପାଇବ। ତେବେ ୨୭ ତାରିଖରୁ ପୁଣି ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

## ବନ୍ଦ ହେଲା ନାବାଳିକାଙ୍କ ବିବାହ

ମହାକାଳପଡ଼ା,୨୧।୬(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଅଧୀନ ଜମ୍ବୁ ମେରାଇନ୍ ଥାନା ଅଞ୍ଚଳରେ ଶିଶୁ ସୁରକ୍ଷା ବିଭାଗ, ବ୍ଲକ ସମନ୍ୱିତ ଶିଶୁ ସୁରକ୍ଷା କମିଟି ଓ ପୋଲିସର ହସ୍ତକ୍ଷେପ ପରେ ଶୁକ୍ରବାର ଜଣେ ନାବାଳିକାଙ୍କ ବିବାହ ବନ୍ଦ କରାଯାଇଛି। ସେହିପରି ଅନ୍ୟ ଜଣେ ନାବାଳିକାଙ୍କୁ ପ୍ରେମିକଙ୍କ ଘରୁ ଉଠାଇ ଆଣି କେନ୍ଦ୍ରାପଡାସ୍ଥିତ ରେସ୍‌ହୋମରେ ଅସ୍ଥାୟୀ ଭାବେ ରଖାଯାଇଛି।

ସୂଚନାଯୋଗ୍ୟ, ଏହି ଅଞ୍ଚଳର ଜଣେ ନାବାଳିକାଙ୍କୁ ଶୁକ୍ରବାର ରାତିରେ ବିବାହ କରାଇବା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ବେଦି ତିଆରି ସରିଥିବା ବେଳେ ଭୋଜି ପାଇଁ ଆୟୋଜନ ଚାଲିଥିଲା। ଏସମ୍ପର୍କରେ କୌଣସି ସୂତ୍ରରୁ ବ୍ଲକ ସମନ୍ୱିତ ଶିଶୁ ସୁରକ୍ଷା କମିଟିକୁ ସୂଚନା ମିଳିଥିଲା। ପରେ ବ୍ଲକ ସମନ୍ୱିତ ଶିଶୁ ସୁରକ୍ଷା ଅଧିକାରିଣୀ ମନୋରମା ସ୍ୱାଇଁଙ୍କ ସମେତ ଜମ୍ବୁ ମେରାଇନ ପୋଲିସ ପକ୍ଷରୁ ବର ଓ କନ୍ୟା ଘରେ ଚଢ଼ାଉ କରାଯାଇ ବାହାଘରକୁ ବନ୍ଦ କରି ଦିଆଯାଇଥିଲା। ଉଭୟ ବର ଓ କନ୍ୟାଙ୍କ ବିବାହ ବୟସ ହୋଇ ନ ଥିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କ ଅଭିଭାବକଙ୍କଠାରୁ ଏକ ଲିଖିତନାମା ଗ୍ରହଣ କରାଯାଇଛି। ଆସନ୍ତା ୨ ଦିନ ମଧ୍ୟରେ ଉଭୟ ପରିବାରକୁ ଶିଶୁ ସୁରକ୍ଷା କମିଟି ନିକଟରେ ଉପସ୍ଥିତ ରହି ସେମାନଙ୍କ ବୟସ ପ୍ରମାଣ ପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚଢ଼ାଉ ସମୟରେ ଉକ୍ତ ଅଞ୍ଚଳରେ ଅନ୍ୟ ଜଣେ ନାବାଳିକାଙ୍କୁ ପ୍ରେମିକ ଘରେ ଗତ ୨ ମାସେ ହେବ ରହୁଥିବା ଦେଖି କମିଟି ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ମାତ୍ର କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ପ୍ରଶାସନ ପକ୍ଷରୁ ତାଙ୍କୁ ଉଠାଇ ନିଆଯାଇଛି। ନାବାଳିକା ଜଣକ ଏବେ ମାଟ୍ରିକ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ଏହି ଚଢ଼ାଉ ସମୟରେ ଜିଲା ସୁରକ୍ଷା କମିଟିର ପ୍ରବେସନ ଅଫିସର ବିବେକାନନ୍ଦ ଅତବୁଦ୍ଧି, ପରାମର୍ଶଦାତା କନକଲତା ବେହେରା, ଅନନ୍ତ କିଶୋର ବେହେରା, ଜମ୍ବୁ ମେରାଇନ୍ ଥାନା ସବ୍ ଇନ୍‌ସ୍ପେକ୍ଟର ପବିତ୍ର କୁମାର ପଟ୍ଟନାୟକ ଓ ଅଙ୍ଗନୱାଡି କର୍ମୀ ପାର୍ବତୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



## ବିରୋଧୀ ଦଳ ନେତା ଚୟନ: ୩ ନେତାଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ

ଭୁବନେଶ୍ୱର, ୨୧।୬(ବ୍ୟୁରୋ): ଭାଜପାର ନବନିର୍ବାଚିତ ବିଧାୟକ ଦଳ ବୈଠକ ରବିବାର ଅନୁଷ୍ଠିତ ହେବ। ବୈଠକରେ ବିରୋଧୀ ଦଳ ନେତା ଚୟନ କରାଯିବ। ଏହି ଅବସରରେ ପର୍ଯ୍ୟବେକ୍ଷକ ଭାବେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ତଥା ଏମ୍‌ପି ସୁଶ୍ରୀ ସରୋଜ ପାଣ୍ଡେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଅରୁଣ ସିଂହଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଯୋଗଦେବେ। ଏନେଇ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁଡ଼ି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରୁଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ।

## କଳାରେ ଶିବାନୀ...

ସେହିପରି ବାଣିଜ୍ୟରେ ୨୬,୭୯୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୮,୮୨୬ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫,୬୨୯ ଜଣ ପ୍ରଥମ ଶ୍ରେଣୀରେ, ୩,୭୪୬ ଜଣ ଦ୍ୱିତୀୟ ଓ ୯,୪୨୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ୭୦୮୮ ଜଣ ଛାତ୍ରୀ ଓ ୧୧,୭୩୮ ଜଣ ଛାତ୍ର ଅଛନ୍ତି। ଖୋର୍ଦ୍ଧାରେ ପାସ୍ ହାର ସର୍ବାଧିକ ୮୬.୮୯% ରହିଥିବା ବେଳେ ଦେବଗଡ଼ରେ ସର୍ବନିମ୍ନ ୨୪.୩୪% ରହିଛି। ବାଣିଜ୍ୟରେ ୨୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶତ ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ ୪ଟିରେ ଜଣେ ବି ପିଲା ପାସ୍ କରି ନାହାନ୍ତି।

ଧନ୍ଦାମୂଳକ ଶିକ୍ଷାରେ ୭,୮୪୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪,୧୨୬ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୨୧୪୪ ଜଣ ଛାତ୍ରୀ ଓ ୧୯୮୨ ଜଣ ଛାତ୍ର ଅଛନ୍ତି। ୫୪୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧,୭୦୭ ଜଣ ଦ୍ୱିତୀୟ ଓ ୧୭୧୪ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୭୪.୩୪% ପାସ୍ କରିଥିବା ବେଳେ ନବରଙ୍ଗପୁରରେ ସର୍ବନିମ୍ନ ୮.୩୩% ପିଲା ପାସ୍ କରିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଭବନ ପରିସରସ୍ଥ ଗୀତଗୋବିନ୍ଦ ସଦନରେ ପରୀକ୍ଷାଫଳ ଘୋଷଣା କରିଛନ୍ତି। ଛାତ୍ରୀଛାତ୍ରମାନେ ସିଏଚ୍‌ଏସ୍‌ଇର ଅଫିସିଆଲ ୱେବ୍‌ସାଇଟ୍ www.chseodisha.nic.in କିମ୍ବା http://orissaresult.nic.inରେ ନିଜର ପରୀକ୍ଷାଫଳ ଦେଖିପାରିବେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ସାମ୍ସ ଇ-ସ୍ପେସ୍‌ରୁ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ। ଛାତ୍ରୀଛାତ୍ରମାନେ ମାର୍କଶିଟ୍, ସାର୍ଟିଫିକେଟ୍ ଓ ମାଇଗ୍ରେସନ ସାର୍ଟିଫିକେଟ୍ ପାଇବା ପାଇଁ ପରିଷଦ ପକ୍ଷରୁ ସେମାନଙ୍କର ସ୍କୁଲଗୁଡ଼ିକୁ ପରେ ଜଣାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରିଆଡିଶନ୍ ଏବଂ ରିଚେକିଂ ପାଇଁ ଇଚ୍ଛୁକ ଛାତ୍ରୀଛାତ୍ରମାନଙ୍କ ପାଇଁ ଆସନ୍ତା ୨୪ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ସେହିଭଳି ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ଆସନ୍ତା ୨୪ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏସବୁର ସବିଶେଷ ତଥ୍ୟ ସିଏଚ୍‌ଏସ୍‌ଇର ଅଫିସିଆଲ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି।

### ପ୍ରଥମ ପୃଷ୍ଠାରୁ...

## ଆଗ ବିଜେଡି..

ପରାଜିତ ହେଭିୱେଟଙ୍କ ଲମ୍ବା ତାଲିକା ଥିଲେ ମଧ ନବୀନ ଜଣଙ୍କୁ ବି ରାଜ୍ୟ ସଭା ପ୍ରାର୍ଥୀ କରିନାହାନ୍ତି। ନିର୍ବାଚନ ସମୟରେ ଦଳୀୟ ରଣନୀତି ପ୍ରସ୍ତୁତି ସହ ଆଇଟି ଏବଂ ସାମାଜିକ ଗଣମାଧ୍ୟମ ପରିଚାଳନାରେ ପ୍ରମୁଖ ଭୂମିକା ନେଇ ଅମରଙ୍କୁ ପୁରସ୍କୃତ କରାଯାଇଛି। ଅମର ନିର୍ବାଚନର କିଛିମାସ ପୂର୍ବରୁ ସରକାରୀ ଚାକିରି ଛାଡି ବିଜେଡିରେ ଯୋଗଦେବା ସହ ଆଇଟି ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥିଲେ। ନିର୍ବାଚନ ଲଢି ନ ଥିଲେ ମଧ ଗଣମାଧ୍ୟମରେ ଦଳ ପକ୍ଷରୁ ସସ୍ମିତ ସମସ୍ତ ପ୍ରସଙ୍ଗରେ ମତ ରଖୁଥିଲେ। ଦଳ ପକ୍ଷରୁ ଗଣମାଧ୍ୟମରେ ଉପଯୁକ୍ତ ଭାବେ ପ୍ରତିନିଧିତ୍ୱ କରିଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିବା ସମୀକ୍ଷକମାନେ ମତ ଦେଇଛନ୍ତି। ଶୃଙ୍ଖଳିତ ଭାବେ ଦଳୀୟ କାର୍ଯ୍ୟ କଲେ ପୁରସ୍କୃତ ନିଶ୍ଚିତ ବୋଲି ବିଜେଡି ସଭାପତି ଏକ ସିଧାସଳଖ ବାର୍ତ୍ତା ଦେଇଛନ୍ତି। ଏଆଇଏଡିଏମ୍‌କେ, ୱାଇଏସ୍‌ଆର କଂଗ୍ରେସ ଏବଂ ଟିଆରଏସ୍ ପରି ବିଜେଡି ଜାତୀୟସ୍ତରରେ ଭାଜପାର ପରୋକ୍ଷ ସମର୍ଥନ କରୁଥିବା କେତେକ ସମୀକ୍ଷକ ମତ ଦେଇଛନ୍ତି। ବିଜେଡି ପକ୍ଷରୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ମନୋନୀତ ହେବା ପରେ ଅମର ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟ ସଭା ପାଇଁ ମନୋନୀତ କରାଯାଇଥିବାରୁ ଦଳ ଏବଂ ଏହାର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ସେ କୃତଜ୍ଞ। ନିର୍ବାଚନ ପୂର୍ବରୁ ଦଳ ପକ୍ଷରୁ ଆଇଟି ସେଲ୍‌ର ମୁଖ୍ୟ ଭାବେ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିଲା। ତାହାକୁ ନିଷ୍ଠାର ସହ ତୁଲାଇବାକୁ ସେ ଚେଷ୍ଟା କରିଥିଲେ। ରାଜ୍ୟ ସଭାରେ ଦଳର ଶୃଙ୍ଖଳିତ କର୍ମୀଭାବେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରଶ୍ନ ଉପସ୍ଥାପନ କରିବେ ବୋଲି ଅମର କହିଛନ୍ତି। ସେହିପରି ସସ୍ମିତ କହିଛନ୍ତି ଯେ, ରାଜ୍ୟ ସଭାକୁ ମନୋନୀତ କରାଯାଇଥିବାରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ସବୁ ସମୟରେ ଦଳର ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିଆସିଛି। ଉଚ୍ଚସଦନରେ ରାଜ୍ୟର ସ୍ୱାର୍ଥସୁରକ୍ଷାକୁ ନିଶ୍ଚୟ ଗୁରୁତ୍ୱ ଦେବି ବୋଲି ସସ୍ମିତ କହିଛନ୍ତି। ରାଜ୍ୟ ସଭା ସଦସ୍ୟ ଥିବା ବିଜେଡି ନେତା ଅଚ୍ୟୁତ ସାମନ୍ତ ଲୋକ ସଭା, ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ପ୍ରତାପ ଦେବ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତେଣୁ ସେମାନେ ପ୍ରତିନିଧିତ୍ୱ କରୁଥିବା ଆସନ ଖାଲି ହୋଇଥିଲା। ଅଚ୍ୟୁତ ଏବଂ ସୌମ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷ ରହିଥିବା ବେଳେ ପ୍ରତାପ ଦେବଙ୍କର ୩ ବର୍ଷ କାର୍ଯ୍ୟକାଳ ରହିଥିଲା। ବରିଷ୍ଠତା ଦୃଷ୍ଟିରୁ ୫ ବର୍ଷିଆ କାର୍ଯ୍ୟକାଳ ଥିବା ଆସନରେ ଅମର ଏବଂ ଅଶ୍ୱିନୀ ଯିବେ ବୋଲି ଶୁଣାଯାଉଛି। ସେହିପରି ସସ୍ମିତ ୩ ବର୍ଷ ବାକି ଥିବା ଆସନରେ ରାଜ୍ୟ ସଭା ଯାଇପାରନ୍ତି ବୋଲି କୁହାଯାଉଛି। ହେଲେ କିଏ କେଉଁ ଆସନରୁ ରାଜ୍ୟ ସଭା ପ୍ରାର୍ଥିପତ୍ର ଦାଖଲ କରିବେ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ଘୋଷଣା ବିଜେଡି ପକ୍ଷରୁ କରାଯାଇନାହିଁ।

## ଜଷ୍ଟିସ୍ କୁରେଶୀଙ୍କ ...

ସୁପାରିସ ସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଏଡାଇଯିବା ତାଙ୍କ ପ୍ରତି ଅତ୍ୟାଚାର ବୋଲି ଓଜା ଅଭିଯୋଗ କରିଛନ୍ତି।

ମେ ୧୦ରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ଏନ୍.ଭି. ରମନାଙ୍କୁ ନେଇ ଗଠିତ କଲେଜିୟମ ଜଷ୍ଟିସ୍ କୁରେଶୀଙ୍କ ପଦୋନ୍ନତି ପାଇଁ ସୁପାରିସ କରିଥିଲେ। ତାଙ୍କ ସହିତ ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ ଏବଂ ଆର୍.ଏସ୍. ଚୌହାନଙ୍କ ପଦୋନ୍ନତି ପାଇଁ ମଧ୍ୟ ସୁପାରିସ କରାଯାଇଥିଲା। ଜଷ୍ଟିସ୍ ରାମସୁବ୍ରମଣ୍ୟନ୍ ଏବଂ ଜଷ୍ଟିସ୍ ଚୌହାନଙ୍କୁ ଯଥାକ୍ରମେ ହିମାଚଳପ୍ରଦେଶ ଓ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ସେହିପରି ହିମାଚଳପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ସୂର୍ଯ୍ୟ କାନ୍ତଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦିଆଯାଇଥିଲା। କିନ୍ତୁ ଜଷ୍ଟିସ୍ କୁରେଶୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦିଆ ନ ଯାଇ ଜୁନ୍ ୧୦ରୁ ଜଷ୍ଟିସ୍ ରବିଶଙ୍କର ଝାଙ୍କୁ ଏହାର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି।

ଏଠାରେ ପ୍ରଶ୍ନ ଉଠୁଛି, ଯଦି ସରକାର ବାରମ୍ବାର ସୁପାରିସକୁ ଫେରାଇଦିଅନ୍ତି ତେବେ ଏନେଇ କଲେଜିୟମ ନିଜ ନିଷ୍ପତ୍ତିରେ ଅଟଳ ରହି କେନ୍ଦ୍ରକୁ ପ୍ରଶ୍ନ କରିପାରିବ କି? ସିଜେଆଇ ଗୋଗୋଇ ନିକଟରେ ରୁଷିଆର ସୋଚିଠାରେ ସାଂଘାଇ ସହଯୋଗ ସଂଗଠନର ପ୍ରଧାନ ବିଚାରପତିମାନଙ୍କ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ନ୍ୟାୟିକ ଅନୁଷ୍ଠାନର ସ୍ୱାଧୀନତା ପାଇଁ ସୁଦୃଢ଼ ଓ ନିରପେକ୍ଷ ବିଚାରପତିଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବିଚାର ବିଭାଗର ମୁଖ୍ୟ ଭାବେ ସେ ତାଙ୍କ କଥାକୁ କାର୍ଯ୍ୟରେ ପରିଣତ କରିପାରିବେ କି ବୋଲି ପ୍ରଶ୍ନ ଉଠୁଛି। ଲୋକ ସଭା ନିର୍ବାଚନରେ ପୂର୍ଣ୍ଣ ବହୁମତ ସହ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର କେନ୍ଦ୍ରରେ ସରକାର ଗଢ଼ିବା ପରେ ରବିଶଙ୍କର ପ୍ରସାଦ ପୁନର୍ବାର ଆଇନ ମନ୍ତ୍ରଣାଳୟ ଦାୟିତ୍ୱ ସମ୍ଭାଳିଛନ୍ତି। ଆଇନ ମନ୍ତ୍ରଣାଳୟ ଏକ ଡାକଘର ଭଳି କାର୍ଯ୍ୟ କରିବ ନାହିଁ ବୋଲି ସେ ଦାୟିତ୍ୱ ଗ୍ରହଣ ପରେ ସ୍ପଷ୍ଟ କରିଦେଇଥିଲେ। ଅର୍ଥାତ୍ ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି କ୍ଷେତ୍ରରେ କଲେଜିୟମ୍‌ର ସୁପାରିସ ଉପରେ ମନ୍ତ୍ରଣାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରର ଭୂମିକା ତୁଲାଇବ ବୋଲି ଆଇନମନ୍ତ୍ରୀ ସୂଚାଇ ଦେଇଥିଲେ।

## ଶହୀଦଙ୍କ କଫିନ୍‌ରେ ...

ତେଣୁ ଶହୀଦଙ୍କ ମୃତଦେହକୁ ରାଜନୈତିକ ପ୍ରଚାରର ମାଧ୍ୟମ କରାଗଲା। ଏହା ଶହୀଦଙ୍କ ପ୍ରତି ଅପମାନ। ଏପରି କାର୍ଯ୍ୟ କରିଥିବା ବ୍ୟକ୍ତି ଯେତିକି ଦାୟୀ, ଶବାଧାରରେ ଆସୁଥିବା ଅଧିକାରୀ ଓ ପୋଲିସ ମଧ ସମପରିମାଣରେ ଦୋଷୀ। ଯାହା ଘଟିବାର ଥିଲା ଘଟିଗଲା। ଏହାକୁ ପରିବାର ସହିତ ଯୋଡ଼ା ନ ଯାଉ। ଏହାକୁ ନେଇ ଆଉ ରାଜନୀତି ନ ହେଉ। ଏଥିରୁ କ୍ଷାନ୍ତ ରହିଲେ ଆମେ ଶାନ୍ତିରେ ରହିବୁ ବୋଲି ସେ କହିଛନ୍ତି।

କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଜିଲାରେ ଶହୀଦଙ୍କ ମୃତଦେହ ପହଞ୍ଚିବା ପରେ ପୋଲିସ, ପ୍ରଶାସନ ପକ୍ଷରୁ ସମ୍ମାନପୂର୍ବକ ଅଣାଯାଇଥିଲା। ମୃତଦେହ ବିମାନ ବନ୍ଦରରୁ ଜିଲାରେ ପହଞ୍ଚିବା ରାସ୍ତାରେ ସେନା ଅଧିକାରୀ, ତାଙ୍କ ପରିବାର ପ୍ରତିନିଧି ମରଶରୀର ନିକଟରେ ଥିଲେ। ଶୋକାକୁଳ ପରିବେଶରେ ବିଭିନ୍ନ ସ୍ଥାନରେ ବ୍ୟକ୍ତି, ରାଜନୈତିକ ଦଳ, ସଙ୍ଗଠନ ଶହୀଦଙ୍କୁ ପୁଷ୍ପଗୁଚ୍ଛ ଦେଇ ଶେଷ ସମ୍ମାନ ଜଣାଇଥିଲେ। ଏହି ସମୟରେ କେହି ବିଜେଡି ପତାକା ପକାଇଥିବା ଅନୁମାନ କରାଯାଉଛି। ହେଲେ ଢେଙ୍କାନାଳ ଜିଲା ଭିତରେ ଏଭଳି ହୋଇ ନ ଥିବା ସେ ଦୃଢ଼ତାର ସହ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ ସଦ୍‌ଭାବ ଓ ନିକଟ ସମ୍ପର୍କୀୟଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ପାଇ ଖୁସି ରହିବେ। ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇବାର ସମ୍ଭାବନା ରହିଛି। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ମଧ ସମସ୍ୟାର ସମାଧାନ କରିବେ। କର୍ମ ପରିସର ବୃଦ୍ଧି ପାଇବାରୁ କ୍ଳାନ୍ତି ଅନୁଭବ କରି ପାରନ୍ତି।

**ବୃଷ** ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ ବିଭିନ୍ନ ପ୍ରକାର ଘରୋଇ ସମସ୍ୟା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ ତଥା ଲେଖାପଢ଼ା ଓ ପ୍ରଶାସନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅଦଳବଦଳ ହୋଇଯାଇପାରେ।

**ମିଥୁନ** କର୍ମକ୍ଷେତ୍ରରେ ସାମୟିକ ଅସୁବିଧା ମଧ୍ୟରେ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। ଦୈହିକ ଦୁର୍ବଳତା ଯୋଗୁ ମନ୍ଥର ଗତିରେ ପ୍ରତ୍ୟେକ କାମ ସମ୍ପନ୍ନ ହେବ। ଆଲୋଚନା କାଳରେ ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କର କଥାକୁ ଠିକ୍ ଭାବେ ବୁଝି ପାରିବେ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରିବା ସକାଶେ ମନସ୍ଥ କରିପାରନ୍ତି।

**କର୍କଟ** କଥାରେ କଥାରେ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଆପଣେଇ ନେଇ କାମ ହାସଲ କରିପାରିବେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ କାମ ସ୍ଥଗିତ ରହିବ ନାହିଁ।

**ସିଂହ** ନିଜର ବିଚାରଧାରା ଅନୁଯାୟୀ କାର୍ଯ୍ୟସମ୍ପନ୍ନ ସାଙ୍ଗକୁ ଅର୍ଥ ଓ ଦ୍ରବ୍ୟ ଲାଭ ହେବ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ ମନ୍ଦ ହେବନି। ଦେହ ଭଲ ରହିଲେ ମଧ କଠିନ ପରିଶ୍ରମ କିମ୍ବା ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ। କଳା,କ୍ରୀଡା, ଚଳଚ୍ଚିତ୍ର, ସଙ୍ଗୀତ ତଥା ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ବନ୍ଧୁମାନଙ୍କ ସହ ସତ୍‌ସଙ୍ଗ, ଧାର୍ମିକ ବାତାବରଣ, ସାଙ୍ଗଠନିକ କାର୍ଯ୍ୟ କିମ୍ବା ସାମୂହିକ କାମରେ ତତ୍ପରତା ପ୍ରକାଶ କରିବେ। ଚିତ୍ରା ନକ୍ଷତ୍ର କିନ୍ତୁ କୌଣସି ଖଳ ଲୋକଙ୍କ କଥାରେ ପଡି ହଇରାଣ ହରକତ ହୋଇପାରନ୍ତି। ମାଲିମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବାର ଆଶା କରାଯାଇପାରେ।

**ତୁଳା** ଆପଣଙ୍କ ଉନ୍ନତ ବିଚାରଧାରା ଓ ଉନ୍ନତ କାର୍ଯ୍ୟଶୈଳୀରୁ ପ୍ରଶଂସିତ ହେବେ। ଆବଶ୍ୟକ ସମୟରେ କୌଣସି ମୂଲ୍ୟବାନ ଜିନିଷ ନ ପାଇ ବନ୍ଧୁଙ୍କ ଉପରେ ରାଗିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ରାଜନୀତି ଓ କଳାରେ ସାମାଜିକ ସ୍ତରରେ ସମ୍ମାନିତ ହେବେ। ଗବେଷଣା, ସାହିତ୍ୟ, ସାମ୍ବାଦିକତା ତଥା ପ୍ରଶାସନିକ ସ୍ତରରେ ଆଶାନୁରୂପ ସଫଳତା ପାଇପାରନ୍ତି।

**ବିଛା** ବିଶେଷ କିଛି ଅଭାବ ଅସୁବିଧା ନ ଥିଲେ ମଧ ଶନିକ୍ଷେତ୍ରସ୍ଥ ଚନ୍ଦ୍ର ସୁସ୍ଥ ମାନସିକତାରୁ ବଞ୍ଚିତ କରାଇବ। ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଅଶାନ୍ତିର କାରଣ ପାଲଟିଯିବାର ଆଶଙ୍କା ରହିଛି। କିନ୍ତୁ କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ପାରିବାରିକ ଜୀବନ ନିୟନ୍ତ୍ରଣ ମଧ୍ୟରେ ରହିବ। ବନ୍ଧୁ କିମ୍ବା ବାନ୍ଧବୀଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପଡ଼ୋଶୀମାନଙ୍କ ସହାୟତାରେ ସାୟାହ୍ନେ ଅର୍ଥ ଓ ସମ୍ମାନ ଲାଭ ହୋଇପାରେ। ଆଜି ଯାତ୍ରା ସମୟରେ ଅନ୍ୟମନସ୍କ ରୁହନ୍ତୁ ନାହିଁ ଏବଂ ଯାନବାହନରେ ସତର୍କତା ରକ୍ଷା କରନ୍ତୁ।

**ମକର** ଛୋଟ ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇପାରେ। ପ୍ରକୃତ ଘଟଣା ନ ବୁଝି ପାଖପଡ଼ୋଶୀ କିମ୍ବା ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ,ବ୍ୟବସାୟ, ରପ୍ତାନି କାରବାର ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ବିବାଦକୁ ନେଇ ନିକଟ ସମ୍ପର୍କୀୟ ପ୍ରତ୍ୟେକ କ୍ଷେତ୍ରରେ ଦୂରେଇ ରହିପାରନ୍ତି।

**କୁମ୍ଭ** ଅନୁରୋଧ ରକ୍ଷାକରି ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନିର୍ମାଣ କାର୍ଯ୍ୟ କିମ୍ବା ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।

**ମୀନ** ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁ ଦିନହେଲା ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ,ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଆଷାଢ଼ କୃଷ୍ଣପକ୍ଷର ଅନବସର ୫ମୀ ଶନିବାର, ଜୁନ୍ ୨୨ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ସକାଳ ଘ୮ ।୦୬ମି. ପରେ କୁମ୍ଭ ଚନ୍ଦ୍ର ହେବ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୧୧ ।୪୫ମି. ଗତେ ଘ୧ ।୨୬ମି. ମଧ୍ୟେ, ଘ୨ ।୫୮ମି. ଗତେ ଘ୪ ।୩୫ମି. ମଧ୍ୟେ ଅମୃତ ବେଳା । ସକାଳ ଘ୬ ।୫୦ମି. ଗତେ ଘ୮ ।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮ ।୩୦ମି. ଗତେ ଘ୧୦ ।୦୯ମି. ମଧ୍ୟେ ରାହୁକାଳ ।


# classifieds Everyday 0674-2580101, 2549302




**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 82498 51363.** D-66907

2000 sqft. of land in Bhagabatipur near Kateni Chhak for sale. 9937162220. D-66145

**3000 sqft near Hanspal Bigbazar under BDA, BMC yellowzone- 9040059669.** D-66495

GA plot 2700sqft. with building 4300sqft. at Ghatikia, Bhubaneswar, price 235Lakhs. Genuine buyers please contact: 9178518254. D-66492

2BHK flat of 1120 sqft. in 2nd floor near Kateni Chhak is for sale. 9937162220. D-66146

**2600 sft corner plot sale at SUM Hospital (CET College), Bhubaneswar. Directly contact Deepak- 9937329999.** D-66250

GA freehold land 40'x60'=2400 sqft at Bharatpur with four side compound wall- 7978214375. D-66247

2BHK simplex 25,50,000/- finishing Hanspal, Gharabari plot- Atala, Rangabazar. 9556261421. D-66491

Book 3BHK flat at GGP colony, Rasulgarh near Palasuni Canal Road- 9439716901. D-66581

Booking 2BHK simplex BJEM-(2) 1200sqft land 11,80,000/- installment available, Badagada canalroad, Saitemple plots available. 7735738102. D-13068

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Luxury 2 Bedroom flats in Visakhapatnam for just Rs.17lacs. Mega gated community with 65 amenities hurry limited offer 8897789069. D-66580

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଭୁବନେଶ୍ୱର New Railway Station ପାଖରେ ଘରବାରି sqft. 450/- ରେ ମିଳୁଛି। 9439690111. D-66148

**2000 sft. plot sale at Satyanagar, Bhubaneswar, directly buyer contact Deepak- 9937329999 (Broker Excuse).** D-66249

ଭୁବନେଶ୍ୱର ଉତ୍ତରା/ Kru- pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66570




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13084

Prabhakar construction get quality house and timely delivered. 9437025258, 9437484711. D-13006




2500 sqft. available for godown at Bhanpur, near Telengapentha. Please call: 9437033691. D-65655

Commercial space available on ground floor/ 1st floor (1000 sqft) for office/ showroom at Bapuji Nagar, Bhubaneswar. Contact: 9861390345. D-62190




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (ex- pert). Call: 7377048581, 0674- 2597822. D-66574

Herbal full body massage by smart/expert therapist. Contact: 8338067247. D-66575

Newly opening ayur- vedic body massage smart therapist, Shree herbal. 7750020754. D-66576

Monalisa club full body massage with hiprofile smart lady air-condition rooms available hurry up! 9708545108. D-13040

Ayurvedic full body massage ladies/ gents smart experts therapist. 9114697517. D-66906

Summer special mesmerizing offer expert therapeutic refreshing massage appointment. 9668374480. D-66579

Kajal ayurvedic massage club fully relaxed by smart lady, home service available. 9937637219. D-66909

Physiotherapy, full body massage by trained ladies/ gents therapist- 7008773793. D-66493




Project / thesis; to get the best thesis/ projects for Ph.D/ MBA, MCA, M.phil & other courses on any topic/ University/ English medium. Contact us on: 9669965245 / 9060731143. D-65656

**LOST**

I have lost original ROR bearing khata no. 657/408 plot no. 1647/ 2095 of mouza Cuttack Sahara, within Highcourt area on 19.6.19. If found please contact: Amaresh Panda, Rajabagicha, Cuttack. Phone: 9437155197. D-13081

**AFFIDAVIT**

By virtue of an affidavit before Executive Magistrate, Puri. I Snigdha Mishra, aged 38years, D/o: Jitendra Nath Mishra of Madhuban, 3rd lane, P.S: Talabania, Dist: Puri, do here by state that my conduct certificate of M.Phil (Education) for the year 2004-2005 of Ravenshaw University has ben destroyed by white ant in my house. D-64071

By virtue of an affidavit Notary, I have changed my name from S Deepak Kumar Sahoo to Deepak Kumar Sahoo for all purposes. D-66807

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭାରତ–ସୌଦି ଆରବ ମଧ୍ୟରେ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ ସୌଦି ଶକ୍ତି, ଶିଳ୍ପ ଏବଂ ଖଣିଜ ସମ୍ପଦ ମନ୍ତ୍ରୀ ଖାଲିଦ୍ ଅଲ୍–ଫେଲିଙ୍କ ସହ ଟେଲିଫୋନ ଯୋଗେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି। ହାଇଡ୍ରୋକାର୍ବନ କ୍ଷେତ୍ରରେ ଅଧିକ ସହଯୋଗ ସହ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କକୁ ମଜଭୁତ କରିବା ନେଇ ଉଭୟେ ସହମତି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗୁଣିଗାରେଡ଼ି ସନ୍ଦେହରେ ଡବଲ ମର୍ଡର

**ଆମ୍ବାଦୋଳା,୨୧।୬(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ଆମ୍ବାଦୋଳା ଥାନା ଅନ୍ତର୍ଗତ ସୁକଲାଭଟା ଗ୍ରାମରେ ଗୁରୁବାର ଗୁଣି ଗାରେଡ଼ି ସନ୍ଦେହରେ ଦୁଇଜଣଙ୍କୁ ହତ୍ୟା କରାଯାଇଛି। ମୃତକ ଦ୍ୱୟ ହେଲେ ମକର ନାଏକ (୫୫) ଓ କରୁଣା ନାଏକ(୪୫)। ଏହି ଘଟଣାରେ ପୋଲିସ ନକୁଳ ନାଏକଙ୍କୁ ଗିରଫ କରିଛି। ପୋଲିସ ଦୁଇଟି ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୁକଲାଭଟା ଗ୍ରାମର ମକର ନାଏକ(୫୫) ଜମିରେ ହଳ କରି ଘରକୁ ଫେରୁଥିଲେ। ଏହି ସମୟରେ ଗ୍ରାମ ନିକଟ ଜଙ୍ଗଲିଆ ରାସ୍ତାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଉକ୍ତ ଗାଁର କରୁଣା ନାଏକ ତାଙ୍କୁ ଏକ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। କରୁଣା ମୃତଦେହକୁ ଜଙ୍ଗଲରେ ପତ୍ରରେ ଘୋଡ଼ାଇ ଦେଇ ଚାଲିଯାଇଥିଲେ। ପରେ ଗାଁକୁ ଆସି ଠେଙ୍ଗା ବୁଲାଇ ହତ୍ୟା କରିଥିବା ନେଇ ଚିତ୍କାର କରିଥିଲେ। ଏହା ଶୁଣି ମକରଙ୍କ ଭାଇ ନକୁଳ ଆସି କରୁଣାଙ୍କୁ ଗୋଡ଼ାଇ ଗୋଡ଼ାଇ ହରିଜନସାହି ନିକଟରେ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଆମ୍ବାଦୋଳା ପୋଲିସ ୨ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଶୈକ୍ଷିକ ବାତାବରଣ ଅଭାବ ଯୋଗୁ କମୁଛି ପାସ୍ ହାର

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** ଯୁକ୍ତ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷାଫଳ ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଏଥର ଉଭୟ କଳା ଓ ବାଣିଜ୍ୟରେ ପାସ୍ ହାର କମିଛି। ଗତ ଥର କଳାରେ ପାସ୍ ହାର ୬୮.୭୯ ପ୍ରତିଶତ ଥିବାବେଳେ ଏ ବର୍ଷ ୬୫.୯୮ ପ୍ରତିଶତ ରହିଛି। ସେହିପରି ବାଣିଜ୍ୟରେ ଗତବର୍ଷ ପାସ୍ ହାର ୭୪.୯୧ ପ୍ରତିଶତ ଥିବାବେଳେ ଏ ବର୍ଷ ୭୦.୨୬ ପ୍ରତିଶତ ରହିଛି। ଚଳିତବର୍ଷ ବିଜ୍ଞାନରେ ମଧ ପାସ୍ ହାର କମିଥିଲା। ଏଥର ପରୀକ୍ଷା ପରିଚାଳନାରେ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସିସିଟିଭି ଲଗାଯାଇଥିବାରୁ ପାସ୍ ହାର କମିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ପାସ୍ ହାର କମିବା ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେପଟେ ପାସ୍ ହାର କମିବାକୁ ନେଇ ଶିକ୍ଷାବିତ୍‌ମାନେ ବିଭିନ୍ନ କାରଣ କହିଛନ୍ତି। କଲେଜରେ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି ହେଉ ନ ଥିବାରୁ କେତେଜଣ ପିଲାଙ୍କ ରେଜଲ୍ଟ ଖରାପ ହେଉଛି। କଲେଜରେ ନିର୍ବାଚନ ହେଉଥିବା କାରଣରୁ ପିଲା ପାଠରେ କମ୍ ନିର୍ବାଚନରେ ଅଧିକ ସମୟ ଦେଉଛନ୍ତି, ଯାହାଫଳରେ ଏଭଳି ପାସ୍ ହାର କମୁଥିବା ବରିଷ୍ଠ ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି। ଯେଉଁ ପିଲାମାନେ ଭଲ ରେଜଲ୍ଟ କରୁଛନ୍ତି, ସେମାନେ ନିଜ ପରିଶ୍ରମର ଫଳ ପାଉଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ କୌଣସି ସୁବିଧା ଦିଆଯାଉ ନ ଥିବା ଅନେକ ଶିକ୍ଷାବିତ୍ ଅଭିଯୋଗ କରିଛନ୍ତି।

## ■ ଜିଏସ୍‌ଟି କାଉନ୍‌ସିଲରେ ନିଷ୍ପତ୍ତି

# ଆଧାର ମାଧ୍ୟମରେ ହେବ ରେଜିଷ୍ଟ୍ରେଶନ




ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ଅନ୍ୟମାନେ।

- ■ ଆଣ୍ଟିପ୍ରଫିଟିୟରିଂ ଅଥରିଟିଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି
- ■ ବାର୍ଷିକ ରିଟର୍ନ ଦାଖଲ ସମୟସୀମା ଅଗଷ୍ଟ ଯାଏ ବୃଦ୍ଧି
- ■ ଜାନୁୟାରୀ ୧,୨୦୨୦ରୁ ନୂଆ ଜିଏସ୍‌ଟି ରିଟର୍ନ ଦାଖଲ ବ୍ୟବସ୍ଥା
- ■ ଇ-ଇନ୍‌ଭଏସ, ମଲ୍ଟିପ୍ଲେକ୍ସରେ ଇ-ଟିକେଟିଂକୁ ମଞ୍ଜୁରୀ
- ■ ଇଲେକ୍ଟ୍ରିକ ଗାଡ଼ି ଓ ବ୍ୟାଟେରି ଉପରେ ଜିଏସ୍‌ଟି ହାର ନିଷ୍ପତ୍ତି ନେବେ ଫିଟ୍‌ମେଣ୍ଟ କମିଟି

**ନୂଆଦିଲ୍ଲୀ,୨୧।୬**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଜିଏସ୍‌ଟି କାଉନସିଲର ୩୫ତମ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷରେ ରାଜସ୍ୱ ସଚିବ ଏ.ବି. ପାଣ୍ଡେ କହିଛନ୍ତି ଯେ, ଏଣିକି ଆଧାର ମାଧ୍ୟମରେ ବ୍ୟବସାୟୀ ଜିଏସ୍‌ଟି ରେଜିଷ୍ଟ୍ରେଶନ କରିପାରିବେ। ଏହାବ୍ୟତୀତ ଆଣ୍ଟିପ୍ରଫିଟିୟରିଂ ଅଥରିଟିଙ୍କ କାର୍ଯ୍ୟକାଳକୁ ଆହୁରି ୨ ବର୍ଷ ଲାଗି ଅର୍ଥାତ୍ ୨୦୨୧ ନଭେମ୍ବର ୩୦ ଯାଏ ବଢ଼ାଇ ଦିଆଯାଇଛି। ଉପଭୋକ୍ତାଙ୍କୁ ଜିଏସ୍‌ଟି ସ୍ଲାବ୍ ହାର ହ୍ରାସର ଲାଭ ଦେଉ ନ ଥିବା କମ୍ପାନୀ ଉପରେ ୧୦ ପ୍ରତିଶତ ଜରିମାନା ଆଦାୟ ଲାଗି ଆଗତ ପ୍ରସ୍ତାବକୁ ଅନୁମତି ପ୍ରଦାନ କରାଯାଇଛି। ରାଜସ୍ୱ ସଚିବ ପାଣ୍ଡେ ଆଧାର ରେଜିଷ୍ଟ୍ରେଶନ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ, ଏଣିକି ବ୍ୟବସାୟୀ ଅନ୍‌ଲାଇନ ଆଧାର ନମ୍ବର ଜରିଆରେ ରେଜିଷ୍ଟ୍ରେଶନ ପାଇଁ ଆବେଦନ କରିପାରିବେ। ଏଥିଲାଗି ତାଙ୍କ ନିକଟକୁ ଏକ ଓଟିପି(ୱାନ୍ ଟାଇମ ପାସ୍‌ୱାର୍ଡ) ଆସିବ। ଏହାପରେ ଜିଏସ୍‌ଟିଏନ୍ ପୋର୍ଟାଲରେ ରେଜିଷ୍ଟ୍ରେଶନ ହେବା ପରେ ଏକ ରେଜିଷ୍ଟ୍ରେଶନ ନମ୍ବର ମିଳିବ। ଏଥିସହିତ କାଉନ୍‌ସିଲ୍ ଜିଏସ୍‌ଟି ରେଜିଷ୍ଟ୍ରେଶନ ସୀମାକୁ ୨୦ ଲକ୍ଷ ଟଙ୍କାରୁ ବଢ଼ାଇ ୪୦ ଲକ୍ଷ ଟଙ୍କା କରିଛନ୍ତି। ସେହିପରି ଜିଏସ୍‌ଟି ଅଧୀନରେ ବାର୍ଷିକ ରିଟର୍ନ ଦାଖଲ କରିବାର ସମୟସୀମାକୁ ୨ ମାସ ପାଇଁ ବଢ଼ାଇ ଦିଆଯାଇଛି। ଏଣିକି ଅଗଷ୍ଟ ୩୦ ତାରିଖ ଯାଏ ବାର୍ଷିକ ରିଟର୍ନ ଦାଖଲ କରାଯାଇପାରିବ। ସେହିପରି ନୂଆ ଜିଏସ୍‌ଟି ରିଟର୍ନ ଦାଖଲ ବ୍ୟବସ୍ଥାକୁ ୨୦୨୦ ଜାନୁୟାରୀ ପହିଲାରୁ ଲାଗୁ କରାଯିବ। ଏହାଛଡ଼ା ଇଲେକ୍ଟ୍ରୋନିକ ଇନ୍‌ଭଏସ୍ ସିଷ୍ଟମ ଏବଂ ମଲ୍ଟିପ୍ଲେକ୍ସରେ ଇ–ଟିକେଟିଂ ବ୍ୟବସ୍ଥାକୁ ମଧ୍ୟ ଅନୁମତି ପ୍ରଦାନ କରାଯାଇଛି। ପାଣ୍ଡେ କହିଛନ୍ତି ଯେ, ବିଜୁଳିଚାଳିତ ଗାଡ଼ି ଅର୍ଥାତ୍ ଇଲେକ୍ଟ୍ରିକ ଗାଡ଼ି ଉପରେ ଲାଗୁଥିବା ଜିଏସ୍‌ଟି ହାରକୁ ୧୨ରୁ ୫ ପ୍ରତିଶତକୁ ଏବଂ ଇଲେକ୍ଟ୍ରିକ ଚାର୍ଜର ଉପରେ ଲାଗୁଥିବା ହାରକୁ ୧୮ରୁ ୧୨ ପ୍ରତିଶତକୁ ହ୍ରାସ କରିବା ନେଇ ଏକ ଫିଟ୍‌ମେଣ୍ଟ କମିଟି ନିଷ୍ପତ୍ତି ନେବେ।

## ଜିଲା ଟିଠି ମାଲକାନଗିରି



### ୮୦ ପଞ୍ଚାୟତରେ ନାହିଁ ବ୍ୟାଙ୍କ ସେବା

ମାଲକାନଗିରି ଜିଲାର ୮୦ଟି ପଞ୍ଚାୟତରେ ବ୍ୟାଙ୍କ ବ୍ୟବସ୍ଥା ଓ ଟେଲିଫୋନ ସେବା ନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳର ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ମୋଟ ୧୧୧ଟି ପଞ୍ଚାୟତ ଥିବା ବେଳେ ଏକତୃତୀୟାଂଶ ପଞ୍ଚାୟତକୁ ବାଦ୍ ଦେଲେ ଅନ୍ୟ ସବୁ ପଞ୍ଚାୟତରେ ଏହି ସେବା ଅପହଞ୍ଚ ହୋଇ ରହିଛି। କେବଳ ବ୍ଲକ ସଦର ମହକୁମା ଖଇରପୁଟ, ଚିତ୍ରକୋଣ୍ଡା, ପଡିଆ, କାଲିମେଳା, କୋରୁକୋଣ୍ଡା, ମାଥିଲି ଏବଂ ବାଲିମେଳା ଏନ୍‌ଏସି ଓ ମାଲକାନଗିରି ମ୍ୟୁନିସିପାଲିଟିରେ ସରକାରୀ ବେସରକାରୀ ଭାବେ ମୋଟ ୪୫ଟି ବ୍ୟାଙ୍କ ରହିଛି। ବିଶେଷ କରି ଚିତ୍ରକୋଣ୍ଡା, ପଡିଆ, କୁଡୁମୁଲୁଗୁମ୍ମା, ଖଇରପୁଟ, କାଲିମେଳା ବ୍ଲକରେ ଥିବା ଅନେକ ପଞ୍ଚାୟତବାସୀ ଏହି ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଭଳି ଯୋଜନା ଆରମ୍ଭ କରାଯାଇ ସମସ୍ତ ଗ୍ରାମାଞ୍ଚଳ ଏବଂ ସମସ୍ତ ପଞ୍ଚାୟତରେ ଟେଲିଫୋନ, ବ୍ୟାଙ୍କ ଓ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ସୁବିଧା କଥା କହୁଥିବା ବେଳେ ମାଲକାନଗିରି ଜିଲାରେ କିନ୍ତୁ ଏହାର ଚିତ୍ର ଭିନ୍ନ। ୭ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ମାଲକାନଗିରି ଜିଲାରେ ରହିଛି ମାତ୍ର ୪୫ଟି ବ୍ୟାଙ୍କ। ଏତେ ଲୋକଙ୍କୁ ମାତ୍ର ୪୫ଟି ବ୍ୟାଙ୍କ କିପରି ସେବା ଯୋଗାଉଥିବେ ତାହା ସହଜରେ ଅନୁମେୟ। ଏଠାରେ କିଛି ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା କାର୍ଯ୍ୟ କରୁଛି। ମାତ୍ର ତାହାକୁ ଲୋକମାନେ ସହଜରେ ଏହାକୁ ଗ୍ରହଣ କରିପାରୁନାହାନ୍ତି। ସରକାରୀ ଯୋଜନାରେ ଗ୍ରାମାଞ୍ଚଳ ଗୃହ ନିର୍ମାଣ, ଏମ୍‌ଏନ୍‌ଆରଇଜିଏସ୍, ଜଳ ବିଭାଜିକା ପ୍ରକଳ୍ପ, କୃଷକଙ୍କୁ ମଣ୍ଡିରେ ଧାନର ପ୍ରାପ୍ୟ ଭଳି ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍‌ରେ ହେଉଛି। ସାଧାରଣ ଭାବରେ ଚିତ୍ରକୋଣ୍ଡାର ପଣସପୁଟ, ଜଡାମ୍ବ, ଅଣ୍ଡ୍ରାପାଲି, ରାଲେଗେଡା, ପାପରମେଟଲା, କୁର୍ମାନୁର, ପାପୁଲୁର, ମାଥିଲି ବ୍ଲକର ମହୁପଦର, କିଆଙ୍ଗ, ବଡଡୁରାଲ ଭଳି ଦୁର୍ଗମ ଅଞ୍ଚଳର ଲୋକମାନେ ବ୍ୟାଙ୍କକୁ ଆସିବାକୁ ହେଲେ ସେମାନଙ୍କୁ ୫୦ରୁ ୬୦ କିଲୋମିଟର ଚାଲିଚାଲି ଆସିବାକୁ ପଡିଥାଏ। ସବୁଠାରୁ ବଡ ସମସ୍ୟା ହେଉଛି ବହୁ ବ୍ଲକ ସଦର ମହକୁମାରେ ମୋବାଇଲ ନେଟ୍‌ୱାର୍କ ଲିଙ୍କ୍ ନ ଥିବାରୁ ବ୍ୟାଙ୍କଗୁଡିକ ସପ୍ତାହରେ ୪/୫ ଦିନ କାର୍ଯ୍ୟକ୍ଷମ ହେଉନାହିଁ। ମାଲକାନଗିରି ଜିଲାରେ ୫୦ ମୋବାଇଲ ଟାୱାରର ଆବଶ୍ୟକତା ଥିବା ବେଳେ ଅଦ୍ୟାବଧି ଏହି ଆବଶ୍ୟକତା ପୂରଣ ହୋଇପାରିନାହିଁ। ପ୍ରାୟ ୫୦ ପ୍ରତିଶତ ଗ୍ରାମାଞ୍ଚଳରେ ଲୋକେ ମୋବାଇଲ ଫୋନ୍ କ'ଣ ଜାଣିନାହାନ୍ତି। ବର୍ତ୍ତମାନ ମାଲକାନଗିରି ଜିଲାରେ ଚାଷୀ ମାନେ ଖରିଫ ଫସଲ ପାଇଁ ବିହନ ସାର ଖର୍ଦ୍ଦି କରିବା ପାଇଁ ବିଭିନ୍ନ ଲ୍ୟାମ୍ପ ଏବଂ ଲାଇସେନ୍ସ ପ୍ରାପ୍ତ ବିକ୍ରେତାଙ୍କଠାରୁ ଖର୍ଦ୍ଦି କରିବା ସମୟରେ ସେମାନଙ୍କୁ ମିଳିଥିବା ସରକାରଙ୍କ ରିହାତି ଟଙ୍କା ଅନ୍‌ଲାଇନ୍‌ରେ ଡିପୋଜିଟ୍ ହୁଏ। ମାତ୍ର ମାଲକାନଗିରି ଜିଲାରେ ଅଧିକାଂଶ ସମୟରେ ଟେଲିଫୋନ ଏବଂ ନେଟ୍ ସେବା ଅଚଳ ଅବସ୍ଥାରେ ଥିବାରୁ ଚାଷୀମାନେ ହଇରାଣ ହୋଇଥାନ୍ତି। ସାଧାରଣ ଲୋକେ ମଧ୍ୟ ଆଧାର କାର୍ଡ ସଂଶୋଧନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନ୍ୟପକ୍ଷରେ ଚିତ୍ରକୋଣ୍ଡା ବ୍ଲକରେ ଗୁରୁପ୍ରିୟା ସେତୁ ଲୋକାର୍ପିତ କରି ମୁଖ୍ୟମନ୍ତ୍ରୀ ସେହି ଅଞ୍ଚଳର ନାମ ସ୍ୱାଭିମାନ ଅଞ୍ଚଳ ରଖିଛନ୍ତି। ଗୁରୁପ୍ରିୟା କାର୍ଯ୍ୟକ୍ଷମ ହେଲା ପରେ ବିଚ୍ଛିନ୍ନାଞ୍ଚଳର ୭ଟି ପଞ୍ଚାୟତରୁ କେବଳ ବଡପଡା ଏବଂ ପାପରମେଟ୍‌ଲା ପଞ୍ଚାୟତର କେତେକ ଅଞ୍ଚଳକୁ ଗମନାଗମନ ସୁବିଧା ହୋଇଛି। ସମ୍ପୃକ୍ତ ୭ ପଞ୍ଚାୟତରେ ଅଦ୍ୟାବଧି ଟେଲିଫୋନ ସେବା ଏବଂ ନେଟ୍‌ୱାର୍କ ସଂଯୋଗ ହୋଇ ପାରିନାହିଁ। ଫଳରେ ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ଏହି ଅଞ୍ଚଳଗୁଡିକରେ ମାଓବାଦୀଙ୍କ ଆସ୍ଥାସ୍ଥଳି ପାଲଟିଛି।

– ଦୁର୍ଯ୍ୟୋଧନ ପାତ୍ର

## +୨ କଳା, ବାଣିଜ୍ୟ ପରୀକ୍ଷାଫଳ

### ଶତ ପ୍ରତିଶତ ରେଜଲ୍ଟ

**କଳା**

ନିଉଟନିଆନ ହାୟର ସେକେଣ୍ଡାରୀ ସ୍କୁଲ, ବାଲେଶ୍ୱର
ମା' ସନ୍ତୋଷୀ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଗୋନାସିକା ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର
ସାଇ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ, ମୟୂରଭଞ୍ଜ
ୟୁନିଟେକ୍ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ନୟାଗଡ଼

**ବାଣିଜ୍ୟ**

ସ୍ୱସ୍ତିକ ରେସିଡେନ୍ସିଆଲ କମର୍ସ ହାୟର ସେକେଣ୍ଡାରୀ ସ୍କୁଲ, ବାଲେଶ୍ୱର
ନାଇସ ହାୟର ସେକେଣ୍ଡାରୀ ସ୍କୁଲ, ବଲାଙ୍ଗୀର
ଜେ.ଏସ୍.ଏମ୍. କମର୍ସ ହାୟର ସେକେଣ୍ଡାରୀ ସ୍କୁଲ, ବଲାଙ୍ଗୀର
କଳିଙ୍ଗ ଭାରତୀ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଇଣ୍ଡିଗୋ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ କମର୍ସ, କଟକ
ଗାଦିବ୍ରହ୍ମ ୱିମେନ ହାୟର ସେକେଣ୍ଡାରୀ ସ୍କୁଲ, ଜଗତ୍‌ସିଂହପୁର
ତୁଳସୀ ୱିମେନ ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦ୍ରାପଡ଼ା
ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, ଢେଙ୍କାନାଳ
ଢେଙ୍କାନାଳ ଇଭିନିଙ୍ଗ ହାୟର ସେକେଣ୍ଡାରୀ ସ୍କୁଲ, ଢେଙ୍କାନାଳ
ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ରୋଲାଣ୍ଡ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଶିକ୍ଷା ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଆମ୍ବେଦକର ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ଗୁରୁକୁଳ ଇଣ୍ଟରନ୍ୟାଶନାଲ ହାୟର ସେକେଣ୍ଡାରୀ ସ୍କୁଲ, ଗଞ୍ଜାମ
ସରସ୍ୱତୀ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭବାନୀପାଟଣା
ଗୋନାସିକା ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର
ଜୁପିଟର ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର
ଟାଇମ୍ସ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ କମର୍ସ, ଭୁବନେଶ୍ୱର
ଗୌରଭ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସ, ଭୁବନେଶ୍ୱର
ସ୍ୱାଧୀନ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ପୁରୀ
ପାଠଶାଳା ହାୟର ସେକେଣ୍ଡାରୀ ସ୍କୁଲ, ପୁରୀ
କଳିଙ୍ଗ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସ, ଭୁବନେଶ୍ୱର
ରାଜଧାନୀ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ, ଆର୍ଟ ଆଣ୍ଡ କମର୍ସ, ଭୁବନେଶ୍ୱର
ବେଦିକ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ସମ୍ବଲପୁର
ଆମ୍ବେଦକର ମେମୋରିଆଲ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲ, ସୁନ୍ଦରଗଡ଼

**ଫଳ ଶୂନ ଥିବା ଶିକ୍ଷାନୁଷ୍ଠାନ**

| ବିଭାଗ | ଶିକ୍ଷାନୁଷ୍ଠାନ ନାମ | ଜିଲା | ପିଲା ସଂଖ୍ୟା |
|---|---|---|---|
| କଳା | ଆଞ୍ଚଳିକ ମହିଳା ହାୟର ସେକେଣ୍ଡାରୀ ସ୍କୁଲ | ଯାଜପୁର | ୧୫ |
| | ପ୍ରାଚୀ ଭିନ୍ନକ୍ଷମ ହାୟର ସେକେଣ୍ଡାରୀ ସ୍କୁଲ | ଖୋର୍ଦ୍ଧା | ୧୪ |
| ବାଣିଜ୍ୟ | ଗୋପାଳପୁର ହାୟର ସେକେଣ୍ଡାରୀ ସ୍କୁଲ | ଗଞ୍ଜାମ | ୫ |
| | ଶ୍ରୀଜଗନ୍ନାଥ ହାୟର ସେକେଣ୍ଡାରୀ ସ୍କୁଲ | ଗଞ୍ଜାମ | ୪ |
| | କେ.ପି. ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ଗଞ୍ଜାମ | ୭ |
| | ଶ୍ୟାମ ପ୍ରସାଦ ହାୟର ସେକେଣ୍ଡାରୀ ସ୍କୁଲ | ମାଲକାନଗିରି | ୧ |

### ପୁଅଙ୍କୁ ପଛରେ ପକାଇଲେ ଝିଅ

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** ଯୁକ୍ତ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାରେ ଏଥର ମଧ୍ୟ ପୁଅଙ୍କୁ ପଛରେ ପକାଇ ଝିଅମାନେ ଆଗରେ ରହିଛନ୍ତି। ସମସ୍ତ ବର୍ଗରେ ଝିଅଙ୍କ ପାସ୍ ହାର ପୁଅଙ୍କଠାରୁ ଅଧିକ ରହିଛି। ଚଳିତବର୍ଷ କଳାରେ ୬୫.୮୯%, ବାଣିଜ୍ୟରେ ୭୦.୨୬% ଓ ଧନ୍ଦାମୂଳକ ଶିକ୍ଷାରେ ୫୨.୬୨% ପିଲା ପାସ୍ କରିଛନ୍ତି। ତେବେ ଗତବର୍ଷ ଅପେକ୍ଷା ଏ ବର୍ଷ ପାସ୍ ହାର କମିଛି। କଳାରେ ୨ଲକ୍ଷ ୩୧ହଜାର ୧୫୦ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ପାସ୍ କରିଛନ୍ତି ୧ଲକ୍ଷ ୫୨ହଜାର ୩୨୩ଜଣ। ସେଥିମଧ୍ୟରୁ ୯୪,୮୮୧ଜଣ ଝିଅ ଏବଂ ୫୭,୪୪୨ଜଣ ପୁଅ ପାସ୍ କରିଛନ୍ତି। ଝିଅଙ୍କ ପାସ୍ ହାର ୭୩.୯୯ ପ୍ରତିଶତ ରହିଥିବା ବେଳେ ପୁଅଙ୍କ ପାସ୍ ହାର ରହିଛି ୫୫.୮୦%। ୨୦୧୮ରେ ମଧ୍ୟ ପୁଅଙ୍କୁ ପଛରେ ପକାଇଥିଲେ ଝିଅ। ସେହିପରି ବାଣିଜ୍ୟରେ ମୋଟ ୨୬,୭୯୪ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ୧୮,୮୨୬ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ୭୦୮୮ଜଣ ଝିଅ ଏବଂ ୧୧,୭୩୮ଜଣ ପୁଅ ରହିଛନ୍ତି। ଝିଅଙ୍କ ପାସ୍ ହାର ୭୪.୫୨% ଥିବାବେଳେ ପୁଅଙ୍କ ପାସ୍ ହାର ୬୭.୯୧% ରହିଛି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ବି ଝିଅମାନେ ବାଜିମାତ୍ କରିଛନ୍ତି। ୨,୧୪୪ଜଣ ଝିଅ ପାସ୍ କରିଥିବାବେଳେ ୧,୯୮୨ଜଣ ପୁଅ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ନୂଆ ମନ୍ତ୍ରୀ ପାଇଲେ ବ୍ୟକ୍ତିଗତ ସଚିବ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ରାଜ୍ୟର ନବଗଠିତ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବିଭିନ୍ନ ପଦପଦବୀରେ ଥିବା ବ୍ୟକ୍ତିବିଶେଷଙ୍କୁ ଶୁକ୍ରବାର ବ୍ୟକ୍ତିଗତ ସଚିବ ମିଳିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସଂସଦୀୟ ବ୍ୟାପାର ତତ୍ତ୍ୱାବଧାନରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀମାନଙ୍କୁ ଏହି ଦାୟିତ୍ୱଗୁଡିକ ପ୍ରଦାନ କରାଯାଇଛି।

ବିଡିଏର ପ୍ରଶାସନିକ ଅଧିକାରୀ ଥିବା ଅଞ୍ଜନ କୁମାର ଦାସ ଅର୍ଥ ଏବଂ ଅବକାରୀ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(ପି.ଏସ୍)ଭାବେ କାର୍ଯ୍ୟ କରିବେ। ସେହିପରି ଦେବାଶିଷ ସିଂ କୃଷି, ମତ୍ସ୍ୟ ଓ ପଶୁସମ୍ପଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପି.ଏସ୍ . ସରୋଜ କୁମାର ସାହୁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ପି.ଏସ୍., ଚିନ୍ମୟ କୁମାର ଆଚାର୍ଯ୍ୟଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ପି.ଏସ୍., ବିଜୟ କୁମାର ସ୍ୱାଇଁଙ୍କୁ ଶକ୍ତି,ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀଙ୍କ ପି.ଏସ୍. ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ମାନସରଞ୍ଜନ ପାଢୀଙ୍କୁ ପର୍ଯ୍ୟଟନ ମନ୍ତ୍ରୀଙ୍କ ପି.ଏସ୍., ସୁକାନ୍ତ କୁମାର ପ୍ରଧାନଙ୍କୁ ଜଳସମ୍ପଦ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗୀୟ ମନ୍ତ୍ରୀଙ୍କ ପି.ଏସ୍. ଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କୈଳାସ ଚନ୍ଦ୍ର ଦାସ, ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ ବିଭାଗର ଓଏସ୍‌ଡି ଭାବେ ପ୍ରବୀର ଖିଲାରଙ୍କୁ ଦାୟିତ୍ୱ ମିଳିଛି। ଅନ୍ୟମାନଙ୍କ ରଶ୍ମିରଞ୍ଜନ ସାହୁଙ୍କୁ (ବିଜ୍ଞାନ ଓ କାରିଗରୀ,ଏଏସ୍‌ଇ ଏବଂ ପିଡି), ଦୀପ୍ତିରଞ୍ଜନ ବେହେରା( ଜଙ୍ଗଲ ଓ ପରିବେଶ ବିଭାଗ), କାଳିପ୍ରସନ୍ନ ମହାପାତ୍ର(ଇସ୍ପାତ ଓ ଖଣି, ପୂର୍ତ୍ତ), ସରୋଜ କୁମାର ରାଉତ(ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ), ମନମୋହନ ବାରିକ ( ବାଣିଜ୍ୟ ଓ ପରିବହନ), ସୁରଞ୍ଜନ ପ୍ରଧାନ (ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଆଇନ), ପ୍ରଦୀପ କୁମାର ରାଉତ(ଶ୍ରମ, ଇଏସ୍‌ଆଇ ଏବଂ ଗ୍ରାମ୍ୟ ଉନ୍ନୟନ) ଏବଂ ପ୍ରମୋଦ କୁମାର ମିଶ୍ର ( ମହିଳା ଓ ଶିଶୁ କଲ୍ୟାଣ) ପ୍ରମୁଖ। ଅନ୍ୟମାନଙ୍କ ମଧ୍ୟରେ ଅରୂପ କୁମାର ସାହୁ (ଏସ୍‌ସି, ଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ), ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ (ସ୍କୁଲ ଓ ଗଣଶିକ୍ଷା ବିଭାଗ ), ଗୌରହରି ବେହେରା(ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା) ଏବଂ ଏସ୍.କେ ଜମିରୁଦ୍ଦିନଙ୍କୁ ହସ୍ତତନ୍ତ ଏବଂ ବୟନ ଶିଳ୍ପ ମନ୍ତ୍ରୀଙ୍କ ପି.ଏସ୍. ଭାବେ ଦାୟିତ୍ୱ ମିଳିଛି। ସେହିପରି ଓଏଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ହୋତାଙ୍କୁ ସରକାରୀ ଦଳ ମୁଖ୍ୟ ସଚେତକଙ୍କ ବ୍ୟକ୍ତିଗତ ସଚିବଭାବେ ନିଯୁକ୍ତି ଦିଆଯାଇଛି।




## ■ ପ୍ରଶାସନିକସ୍ତରରେ ବଡ଼ଧରଣର ଅଦଳବଦଳ

# ବଦଳିଲେ ୯ ଜିଲାପାଳ

- ■ ସମର୍ଥ ବର୍ମା କେନ୍ଦ୍ରାପଡ଼ା ଜିଲାପାଳ
- ■ ଦାଶରଥି ଶତପଥୀ ବିଧାନସଭାର ସଚିବ
- ■ ବିଏମ୍‌ସି, ସିଏମ୍‌ସି କମିଶନର ବଦଳିଲେ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପ୍ରଶାସନିକସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଏଥିରେ ଉଭୟ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଏବଂ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ଅନ୍ତର୍ଭୁକ୍ତ। ରାଜ୍ୟର ୩୨ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ୯ଟି ଜିଲାରେ ନୂତନ ଜିଲାପାଳଙ୍କୁ ନିଯୁକ୍ତି ମିଳିଛି। ଏହି ଜିଲାଗୁଡିକ ହେଉଛି– କେନ୍ଦ୍ରାପଡା, ବାଲେଶ୍ୱର, କୋରାପୁଟ, ନୂଆପଡା, କଟକ, ବୌଦ୍ଧ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ଝାରସୁଗୁଡା।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ସମର୍ଥ ବର୍ମାଙ୍କୁ କେନ୍ଦ୍ରାପଡା ଜିଲାର ଜିଲାପାଳ କରାଯାଇଛି। କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ବାଲେଶ୍ୱର ଜିଲାପାଳ ଭାବେ ବଦଳି କରାଯାଇଛି। ନୂଆପଡା ଜିଲାପାଳ ଥିବା ଡ. ପୋମା ଟୁଡୁଙ୍କୁ କୋରାପୁଟର ନୂତନ ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ସାଧାରଣ ପ୍ରଶାସନ (ଜିଏ) ବିଭାଗରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ ମଧୁସ୍ମିତା ସାହୁଙ୍କୁ ନୂଆପଡା ଜିଲାପାଳ ଭାବେ ଦାୟିତ୍ୱ ମିଳିଛି। ଓଏଏସ୍ ଅଧିକାରୀ ଲଲାଟେନ୍ଦୁ ମିଶ୍ରଙ୍କୁ ବୌଦ୍ଧର ଜିଲାପାଳ କରାଯାଇଛି। ସେହିପରି ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କୁ ଖୋର୍ଦ୍ଧା ଜିଲାପାଳ ଭାବେ ବଦଳି କରାଯାଇଛି। କୃଷି ବିଭାଗର ଅତିରିକ୍ତ ସଚିବ ଥିବା ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଜଗତ୍‌ସିଂହପୁର ଏବଂ ଓଏମ୍‌ବିଏଡିସି ଜେନେରାଲ ମ୍ୟାନେଜର ଥିବା ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଝାରସୁଗୁଡା ଜିଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ସମବାୟ ବିଭାଗର ଅତିରିକ୍ତ ସଚିବ ଥିବା ଭବାନୀ ଶଙ୍କର ଚଇନିଙ୍କୁ କଟକ ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି।



ସମର୍ଥ ବର୍ମା

ଓଡ଼ିଶା ମେଡିକାଲ କର୍ପୋରେଶନ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକ ଥିବା ଅର୍ଚ୍ଚନା ପଟ୍ଟନାୟକଙ୍କୁ ଓଡ଼ିଶା ଉଠା ଜଳସେଚନ ନିଗମ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ଏହି ଦାୟିତ୍ୱ ସହ ସେ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ମଧ୍ୟ କାର୍ଯ୍ୟ କରିବେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଯାମିନୀ ଷଡ଼ଙ୍ଗୀଙ୍କୁ ମେଡିକାଲ କର୍ପୋରେଶନର ନୂଆ ଦାୟିତ୍ୱ ମିଳିଛି। ସିଏମ୍‌ଓରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ନିରଞ୍ଜନ ସାହୁଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ଏହି ଦାୟିତ୍ୱ ସହ ନିରଞ୍ଜନ ଶ୍ରମ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ରାଜସ୍ୱ ପର୍ଷଦର ସଚିବ ପ୍ରଶାନ୍ତ କୁମାର ସେନାପତିଙ୍କୁ କଟକସ୍ଥିତ ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେଶନକୁ ବଦଳି କରାଯାଇଛି। ଲିଗାଲ ମେଥୋଡୋଲୋଜିର ନିର୍ଦ୍ଦେଶକ ଦାଶରଥି ଶତପଥୀଙ୍କୁ ଓଡ଼ିଶା ବିଧାନସଭାର ସଚିବ ଭାବେ ନିଯୁକ୍ତି ମିଳିଛି। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ଥିବା ନିର୍ମଳ ମିଶ୍ରଙ୍କୁ ପର୍ଯ୍ୟଟନ ନିର୍ଦ୍ଦେଶକ ସହ ଓଟିଡିସିର ଏମ୍.ଡି. ଦାୟିତ୍ୱ ଦିଆଯାଇଛି। ଶ୍ରମ କମିଶନର ଥିବା ଅଞ୍ଜନ କୁମାର ମଲ୍ଲିକ ନୂଆ ଅବକାରୀ କମିଶନରଭାବେ ନିଯୁକ୍ତି ପାଇଛନ୍ତି। ପର୍ଯ୍ୟଟନ ନିର୍ଦ୍ଦେଶକ ଥିବା ବିଭୂତି ଭୂଷଣ ପଟ୍ଟନାୟକ ସମବାୟ ସୋସାଇଟିଗୁଡିକର ରେଜିଷ୍ଟ୍ରାର ଭାବେ ନିଯୁକ୍ତି ମିଳିଛି। ଏହିପଦରେ ପୂର୍ବରୁ କାର୍ଯ୍ୟରତ ଥିବା ତ୍ରିବିକ୍ରମ ପ୍ରଧାନଙ୍କୁ ଅବକାରୀ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ସାମାଜିକ କଲ୍ୟାଣ, ମହିଳା ଶିଶୁ ବିକାଶ, ମିଶନ ଶକ୍ତି ର ନିର୍ଦ୍ଦେଶକ ଏବଂ ଓମ୍‌ବାଡକ୍‌ର ସିଇଓ ନିଯୁକ୍ତି ଦିଆଯାଇଛି। ସିଏମ୍‌ସି କମିଶନର ଥିବା ଶରତ ଚନ୍ଦ୍ର ନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବଭାବେ ଦାୟିତ୍ୱ ଦିଆଯାଇଛି। ଖୋର୍ଦ୍ଧା ଜିଲାପାଳ ଭୁପେନ୍ଦ୍ର ଏସ୍ ପୁନିଆ ଓପେପାର ରାଜ୍ୟ ପ୍ରକଳ୍ପ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ଜଗତସିଂହପୁର ଜିଲାପାଳ ଗୁହା ପୁନମ ତାପସ କୁମାର ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ। କେନ୍ଦ୍ରାପଡା ଜିଲାପାଳ ଥିବା ପ୍ରେମଚନ୍ଦ ଚୌଧୁରୀ ବିଏମ୍‌ସି କମିଶନର ଭାବେ ନୂଆ ଦାୟିତ୍ୱ ମିଳିଛି। ରେଘୁ ଜି.ଙ୍କୁ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ, ସୁରେନ୍ଦ୍ର କୁମାର ମୀନାଙ୍କୁ ରାଜସ୍ୱ ପର୍ଷଦର ସଚିବ, ଅବଦଲ ଅଖତରଙ୍କୁ କଟକସ୍ଥିତ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ(ଭାରାପ୍ରାପ୍ତ) ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ବିଏମ୍‌ସିର ଅତିରିକ୍ତ କମିଶନର ଥିବା ଅନନ୍ୟା ଦାସ ସିଏମ୍‌ସି କମିଶନର, ଓପେପା ପ୍ରକଳ୍ପ ନିର୍ଦ୍ଦେଶକ ଥିବା ଜ୍ୟୋତି ପ୍ରକାଶ ଦାସଙ୍କୁ ବୟନଶିଳ୍ପ ନିର୍ଦ୍ଦେଶକ ସହ ବୟନିକାର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଉଚ୍ଚଶିକ୍ଷା ଅତିରିକ୍ତ ସଚିବେ କୃପାସିନ୍ଧୁ ମିଶ୍ରଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକଭାବେ ଦାୟିତ୍ୱ ମିଳିଛି। ଏହି ପଦରେ ଅବସ୍ଥାପିତ ଥିବା ଲକ୍ଷ୍ମୀଧର ମହାନ୍ତିଙ୍କୁ ଉଚ୍ଚଶିକ୍ଷା ଅତିରିକ୍ତ ସଚିବ ଭାବେ ପଦୋନ୍ନତି ଦିଆଯାଇଛି। ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ଇଏସଆଇ ନିର୍ଦ୍ଦେଶକ ଏବଂ ଝାରସୁଗୁଡା ଜିଲାପାଳ ବିଭୂତି ଭୂଷଣ ଦାସଙ୍କୁ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି।

# ମୋଦିଙ୍କ ଛାଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶାସନର ଦ୍ୱିତୀୟ ପାଳି ଆରମ୍ଭ କରିବା ଅବସରରେ ବାବୁମାନଙ୍କୁ ଏକ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି ଯେ ତାଙ୍କ ସରକାର ଦୁର୍ନୀତିକୁ ଆଦୌ ସହ୍ୟ କରିବେ ନାହିଁ । ନିକଟରେ ମୋଦି ସରକାର ଦୁର୍ନୀତି ଅଭିଯୋଗ ଥିବା ୧୫ ଜଣ ବରିଷ୍ଠ ରାଜସ୍ୱ ସେବା ଅଧିକାରୀ (ଆଇଆର୍‌ଏସ୍)ଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି । ଦୁର୍ନୀତି ଅଭିଯୁକ୍ତ ମୁଖ୍ୟ କମିଶନର, ପ୍ରମୁଖ କମିଶନର ଓ କମିଶନରଙ୍କ ସମେତ ୧୨ ଜଣ ବରିଷ୍ଠ ଅଫିସରଙ୍କୁ ବିଦା କରିବାର କେଇଦିନ ପରେ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କେନ୍ଦ୍ରୀୟ ପ୍ରଶାସନିକ ସେବା (ପେନ୍‌ସନ) ନିୟମାବଳୀ, ୧୯୭୨ର ଧାରା ୫୬(ଜେ) ଅନୁସାରେ ସରକାର ଉକ୍ତ ବାବୁମାନଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି । ଉକ୍ତ ବାବୁମାନଙ୍କ ମଧ୍ୟରୁ କେତେଜଣଙ୍କୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ସିବିଆଇ ଗିରଫ କରିଥିବା ବେଳେ ଅନ୍ୟମାନେ ଭିଜିଲାନ୍ସ ତଦନ୍ତର ସମ୍ମୁଖୀନ ହୋଇଛନ୍ତି । କୁହାଯାଉଛି ଯେ ଧରାପଡ଼ିଥିବା ଏହିସବୁ ଦୁର୍ନୀତି ଭାସମାନ ବରଫ ପାହାଡ଼ରୁ ଦିଶୁଥିବା ଅଗ୍ରଭାଗ ମାତ୍ର । ଅମଲାତନ୍ତ୍ରରୁ ଅଳିଆ ସଫା କରିବା ପାଇଁ ଏହା ହେଉଛି ସରକାରଙ୍କର ଛୋଟିଆ ପଦକ୍ଷେପ । ଆସନ୍ତା ମାସଗୁଡ଼ିକରେ ଆହୁରି ଅନେକ ଶହ ଅପାରଗ ଓ ଦୁର୍ନୀତିଗ୍ରସ୍ତ ବାବୁଙ୍କ ବିରୋଧରେ ଅନୁରୂପ ପଦକ୍ଷେପ ନିଆଯିବ ବୋଲି ସରକାର ଏହାଦ୍ୱାରା ସଙ୍କେତ ଦେଇଛନ୍ତି । କ୍ୟାବିନେଟ୍ ସଚିବ ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଗତ କିଛିଦିନ ଭିତରେ ବିଭିନ୍ନ ବିଭାଗର ଭିଜିଲାନ୍ସ ମୁଖ୍ୟଙ୍କୁ ଏପରି ବାଧ୍ୟତାମୂଳକ ଅବସର ଦେବାକୁ ଥିବା ବାବୁମାନଙ୍କ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ମୌଖିକ ଆଦେଶ ଦେଇଛନ୍ତି । ଏହାକୁ ଦେଖି ଅନ୍ୟ ବାବୁମାନେ ଭୟଭୀତ ହେବାର ଯଥେଷ୍ଟ କାରଣ ରହିଛି ।

### ତାମିଲନାଡୁ ବାବୁଙ୍କ ପାଇଁ ଡ୍ରେସ୍ କୋଡ୍

ବିଭିନ୍ନ କ୍ଷେତ୍ରରେ ଡ୍ରେସ୍ କୋଡ୍ ଲାଗୁ କରିବାର କାରଣ ହେଉଛି ପୋଷାକ ଏକ ଭାବମୂର୍ତ୍ତି ତିଆରି କରେ ଏବଂ କର୍ମଚାରୀମାନେ ଯେ ପ୍ରଫେଶନାଲ ତାହା ସୂଚାଏ । ନିକଟରେ ତାମିଲନାଡୁ ସରକାର ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ତାମିଲ ସଂସ୍କୃତିକୁ ପ୍ରତିଫଳିତ କରୁଥିବା ଭାରତୀୟ ପାରମ୍ପରିକ ପୋଷାକ ପିନ୍ଧିବା ପାଇଁ ଆଦେଶ ଦେଇଛନ୍ତି । ଏପରି ଡ୍ରେସ୍ କୋଡ୍ ଦ୍ୱାରା ଅଫିସ ଡେକୋରମ୍ (ଶାଳୀନତା) ରକ୍ଷା ହୋଇପାରିବ ବୋଲି ସରକାର ଯୁକ୍ତି ଦର୍ଶାଇଛନ୍ତି । ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଗିରିଜା ବୈଦ୍ୟନାଥନ୍‌ଙ୍କ ସ୍ୱାକ୍ଷରରେ କାର୍ମିକ ଓ ପ୍ରଶାସନିକ ସଂସ୍କାର ବିଭାଗ ତରଫରୁ ଦିଆଯାଇଥିବା ଆଦେଶନାମାରେ କୁହାଯାଇଛି ଯେ, ମହିଳାମାନେ ଶୋଭନୀୟ ରଙ୍ଗବିଶିଷ୍ଟ ଶାଢ଼ି ବା ଶାଲ୍‌ୱାର କମିଜ୍ ବା ଦୁପଟା ସହ ଚୁଡ଼ିଦାର ପିନ୍ଧିବେ ଏବଂ ପୁରୁଷମାନେ ଔପଚାରିକ ପ୍ୟାଣ୍ଟ ସହ ଶାର୍ଟ ପିନ୍ଧିବେ, ଯାହା ତାମିଲ ସଂସ୍କୃତିକୁ ପ୍ରତିଫଳିତ କରୁଥିବ ବା ପାରମ୍ପରିକ ଭାରତୀୟ ପୋଷାକ ହୋଇଥିବ । ଅନ୍ୟ ସାମୟିକ ପୋଷାକ ନ ପିନ୍ଧିବାକୁ ଏଥିରେ କୁହାଯାଇଛି । ଯେଉଁ ଅଫିସରମାନେ କୋର୍ଟ ବା ଟ୍ରିବ୍ୟୁନାଲ ବା ନ୍ୟାୟିକ ଫୋରମ୍ ଆଗରେ ହାଜର ହେଉଛନ୍ତି ସେମାନେ ଟ୍ରାଉଜର ସହ ଛୋଟ ବଟନ୍‌ଦିଆ ପୂରା ହାତବାଲା କୋଟ ପିନ୍ଧିବେ । ଯଦି କୌଣସି ଅଫିସର ଖୋଲା କୋଟ ପିନ୍ଧିବାକୁ ପସନ୍ଦ କରୁଥିବେ ତେବେ ସେ ଏଥି ସହ ଟାଇ ବାନ୍ଧିବେ ଏବଂ ତାଙ୍କ ପୋଷାକ ଭଦ୍ର ତଥା ଶୋଭନ ରଙ୍ଗ ଓ ଡିଜାଇନବିଶିଷ୍ଟ ହୋଇଥିବ । ଜଣେ ମହିଳା ଶୋଭନ ରଙ୍ଗବିଶିଷ୍ଟ ଶାଢ଼ି ବା ଶାଲ୍‌ୱାର କମିଜ୍ ବା ଦୁପଟା ସହ ଚୁଡ଼ିଦାର ପିନ୍ଧିବେ । କିନ୍ତୁ ଲୋକପ୍ରିୟ ପାରମ୍ପରିକ ଭେଷ୍ଟି (ଧୋତି ବା ଲୁଙ୍ଗି ପରି ପିନ୍ଧାଯାଉଥିବା ଧୋତି)କୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ଏହାକୁ ପିନ୍ଧୁଥିବା ଲୋକମାନେ ନିରାଶ ହୋଇଥିଲେ । ତେବେ ମିଳିଥିବା ସଦ୍ୟ ସୂଚନା ଅନୁସାରେ ଏହି ଆଦେଶନାମାକୁ ଏବେ ସଂଶୋଧନ କରାଯାଇଛି । ସରକାର ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ପାରମ୍ପରିକ ଭେଷ୍ଟି ପିନ୍ଧିବାରେ କୌଣସି ବାରଣ ନାହିଁ ।

### ପୁନଃ କ୍ୟାଡର ଆବଣ୍ଟନ ପ୍ରସ୍ତାବ

ଫାଉଣ୍ଡେଶନ କୋର୍ସ ସାରିବା ପରେ ଆଇଏଏସ୍ ଓ ଆଇପିଏସ୍ କ୍ୟାଡର ଆବଣ୍ଟନ କରିବା ଲାଗି ୟୁପିଏସ୍‌ସି ଦେଇଥିବା ପ୍ରସ୍ତାବକୁ ମୋଦି ସରକାର ପୁନର୍ବିଚାର କରିବାର ସମ୍ଭାବନା ଦେଖାଦେଇଛି । କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ୧୦୦ ଦିନିଆ ଯୋଜନା ପ୍ରଦାନ କରିବା ଆଶା କରାଯାଉଛି । ଏଥିସହ ବିଭାଗ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍, ଆଇଆର୍‌ଏସ୍ ପରି ପ୍ରମୁଖ ପ୍ରଶାସନିକ ସେବାରେ ନିଯୁକ୍ତି ଲାଗି ଏକୀକୃତ ଫାଉଣ୍ଡେଶନ କୋର୍ସ ନିମନ୍ତେ ସୁପାରିସ କରିବ । ଏହି କୋର୍ସ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗତବର୍ଷ ବିଚାର କରିଥିଲା । ୟୁପିଏସ୍‌ସି ଦ୍ୱାରା ବଛାଯାଇଥିବା ପ୍ରାର୍ଥୀମାନଙ୍କୁ ସେମାନଙ୍କ ର୍‍ୟାଙ୍କିଙ୍ଗ୍ ଅନୁସାରେ ନୁହେଁ ବରଂ ଏକୀକୃତ ଫାଉଣ୍ଡେଶନ କୋର୍ସ ଭିତ୍ତିରେ ନିଯୁକ୍ତି ଦିଆଯିବାକୁ ପ୍ରସ୍ତାବ ଦିଆଯାଇଥିଲା । ତେବେ ବାବୁମାନେ ସେତେବେଳେ ଏହି ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ । ସେମାନଙ୍କର ଭୟ ଥିଲା ଯେ ଏହାଦ୍ୱାରା ବ୍ୟକ୍ତିଗତ ଧାରଣା ବା ପସନ୍ଦ ଅନୁସାରେ ନିଯୁକ୍ତି ଦିଆଯିବ । କିନ୍ତୁ ଏଥର ମୋଦି ସରକାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ଦୃଢ଼ଭାବରେ ଶାସନ କ୍ଷମତା ଦଖଲ କରିଥିବାରୁ ଏ ପ୍ରସ୍ତାବକୁ ପୂର୍ବାପେକ୍ଷା କମ୍ ବିରୋଧ କରାଯିବ । ଅର୍ଥାତ୍ ପ୍ରସ୍ତାବ କାର୍ଯ୍ୟକାରୀ ହେବାର ଏଥର ଯଥେଷ୍ଟ ସମ୍ଭାବନା ରହିଛି ।

Email: dilipcherian@gmail.com

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | B | | 0 | 1 | 5 | 6 | | 8 | C | | | |
| 1 | | C | | | | 7 | 0 | D | | 6 | | | | |
| | 5 | | | | D | | 9 | | | | 1 | | | 8 |
| | | | | 7 | E | 8 | | | | | A | | | 4 |
| | 7 | B | 5 | | | | | | | 0 | | 1 | | |
| | | | 7 | | | | | | 4 | B | | E | | 2 |
| | 2 | | | 9 | | 5 | | 3 | | | | | | B |
| | B | | E | 5 | 4 | C | | | 3 | | | | 7 | |
| | | 6 | | | A | D | B | | | | | | | |
| D | | | | | 3 | | E | | 1 | 9 | | | | 0 |
| | | | | 2 | | | C | | | | | | | D |
| | | | | D | | 9 | | 0 | | | | | 8 | 3 |
| | 6 | | C | 0 | | | 7 | | A | | | 4 | | 9 |
| | | 5 | | | 8 | | | | E | | 9 | | | |
| 7 | 0 | | A | | | | 3 | | C | 5 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 2 | E | 8 | D | 4 | C | 7 | 6 | 5 | 0 | 9 | 1 | A |
| 4 | A | 9 | B | 0 | C | 8 | 6 | 3 | D | 1 | 2 | 7 | E | 5 |
| 5 | 6 | D | 4 | 1 | 7 | 2 | 0 | 9 | 8 | A | E | C | B | 3 |
| 1 | C | 0 | 2 | 5 | 3 | E | A | B | 4 | 7 | 9 | 6 | 8 | D |
| 7 | 8 | E | 6 | 9 | A | 1 | 5 | D | B | 3 | C | 4 | 0 | 2 |
| E | 3 | 6 | A | D | 9 | 0 | 2 | 5 | 7 | C | 1 | 8 | 4 | B |
| 9 | 0 | B | 8 | 4 | 6 | C | 1 | A | 2 | E | 3 | D | 5 | 7 |
| 8 | 7 | C | 5 | 3 | 2 | 9 | D | 6 | 0 | B | 4 | 1 | A | E |
| 2 | 4 | A | 1 | C | E | 7 | B | 8 | 5 | 6 | D | 3 | 9 | 0 |
| D | 5 | 1 | 0 | 7 | B | 3 | E | 4 | A | 9 | 8 | 2 | 6 | C |
| 6 | 1 | 8 | C | B | 0 | 5 | 4 | E | 3 | 2 | 7 | A | D | 9 |
| A | E | 7 | 3 | 2 | 1 | D | 8 | 0 | 9 | 4 | B | 5 | C | 6 |
| C | D | 4 | 9 | A | 8 | 6 | 3 | 2 | E | 0 | 5 | B | 7 | 1 |
| 0 | 2 | 5 | 7 | 6 | 4 | B | 9 | 1 | C | D | A | E | 3 | 8 |
| B | 9 | 3 | D | E | 5 | A | 7 | C | 1 | 8 | 6 | 0 | 2 | 4 |

ଗତକାଲିର ଉତ୍ତର

# ଯୁବଗୋଷ୍ଠୀର ବୃତ୍ତି ଓ ପ୍ରବୃତ୍ତି



## ମନ–ମାନଚିତ୍ର

ଡ. ନରହରି ବେହେରା

ସେଦିନ ଭୁବନେଶ୍ୱରରୁ ଫେରିବାବେଳେ ଭଣ୍ଡାରିପୋଖରୀ ପରେ ରାସ୍ତାପାଖରେ ଗୋଟିଏ ଛୋଟ ରେଷ୍ଟୁରାଣ୍ଟ ଭିତରକୁ ପଶିଗଲି । ରେଷ୍ଟୁରାଣ୍ଟଟି ବେଶ୍ ପରିଷ୍କାର ପରିଚ୍ଛନ୍ନ ଏବଂ ରୁଚିପୂର୍ଣ୍ଣ ଥିଲା । ଆଧୁନିକ ସାଜସଜ୍ଜାର ମଧ୍ୟ ବ୍ୟବସ୍ଥା ଥିଲା । ଖାଇସାରି ବିଲ୍ ପୈଠ କରିବା ପାଇଁ କାଉଣ୍ଟର ନିକଟରେ ଠିଆ ହୋଇ ଟଙ୍କା ଦେବାବେଳେ ସେଠାରେ ବସିଥିବା ଯୁବକ ଜଣକ ଠିଆ ହୋଇପଡ଼ି ମୋତେ ନମସ୍କାର ଜଣାଇଲା । ମିଲ୍ ବାବଦକୁ ଟଙ୍କା ନେବାକୁ ମଧ୍ୟ ମନା କଲା । ମୁଁ କିଛି ବୁଝିପାରିଲିନି । ଶିକ୍ଷକତା କରୁଥିବାବେଳେ ଏ ଯୁବକ ଛାତ୍ର ଥିବାର ମୁଁ ମନେପକାଇ ପାରିଲିନି । ଦୂର ସମ୍ପର୍କୀୟ ବି ନୁହେଁ । ଏ ଯୁବକ ଜଣକ ହୁଏତ ଭୁଲରେ ମୋତେ ଆଉ କେହି ବୋଲି ଭାବି ନେଇଛି । ମୋ ଭାବନାକୁ ବାଧାଦେଇ ଯୁବକଟି କହିଲା, ସାର୍, ମୋତେ ବୋଧେ ଚିହ୍ନି ପାରୁନାହାନ୍ତି । ଆପଣ ଫ୍ରି ଅଛନ୍ତି ? ପାଞ୍ଚ ମିନିଟ୍ କଥା ହେଇଥାନ୍ତି । ମୁଁ ସମ୍ମତି ଜଣାଇବାରୁ ସେ ଜଣେ ବୟକୁ ଡାକି ତା' ସହ ମୋତେ ଏସି ଲାଗିଥିବା ଗୋଟିଏ ସ୍ପେଶାଲ ରୁମ୍ ଭିତରକୁ ପଠାଇଦେଲା ।

ମୁଁ ରୁମ୍ ଭିତରେ ବସିବାର ଅଳ୍ପ ସମୟ ଭିତରେ ସେ ଆସି ମୋ ପାଦଛୁଇଁ ନମସ୍କାର କରି ଆଗରେ ପଡ଼ିଥିବା ଗୋଟିଏ ଚୌକିରେ ବସିପଡ଼ିଲା । ମୋ ଆଶ୍ଚର୍ଯ୍ୟର ସୀମା ନ ଥିଲା । ମୋର ସକଳ ସ୍ମୃତି ସେ ଯୁବକକୁ ମାନସପଟରେ ଖୋଜି ପାଇଲିନି । ସେ ତା' ଆଡୁ ନିଜ ନାଁ ଗାଁ ପରିଚୟ ଦେଇ କହିଲା– ସାର୍, ଆଜକୁ ପ୍ରାୟ ପାଞ୍ଚବର୍ଷ ତଳେ ଆପଣଙ୍କ ଅଫିସ୍‌କୁ ଯାଇ ଗୋଟେ ଚାକିରି ଯୋଗାଡ଼ କରିଦେବାକୁ ଅନୁରୋଧ କରିଥିଲି । ମାସକୁ ପାଞ୍ଚ ହଜାର ଟଙ୍କା ହେଲେ ବି ଚଳିବ । ମୋର ଶିକ୍ଷାଗତ ଯୋଗ୍ୟତା ଆଇ.ଏ. ଥିବାରୁ କୌଣସି ଚାକିରି ମୋ ପାଇଁ ନ ଥିଲା । ମାତ୍ର ଆପଣ ମୋତେ ଜିଇବାର ବାଟ ବତେଇ ଦେଲେ, ଯୋଉଥିପାଇଁ ଆଜି ମୁଁ ଏଇଠି ପହଞ୍ଚିପାରିଛି । ଆପଣ ସେଦିନ ମୋତେ କହିଥିଲେ, ପାଞ୍ଚହଜାର ଟଙ୍କା ପାଇଲେ କ'ଣ ନିଜ କୁଟୁମ୍ବ ପୋଷିପାରିବ ? ତୁମେ କାହିଁକି ଆତ୍ମନିର୍ଭରଶୀଳ ହୋଇ ଚଳିବାକୁ ଚେଷ୍ଟା କରୁନାହଁ । ବର୍ତ୍ତମାନ ସରକାରଙ୍କ ତରଫରୁ ଚାଲୁଥିବା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଟ୍ରେନିଂ ନେଇ ଅନ୍ୟ ପାଇଁ ଆଦର୍ଶ କାହିଁକି ହେଉନାହଁ ? ଆପଣଙ୍କ ପରାମର୍ଶକ୍ରମେ ମୁଁ ସେଦିନ ନିଜ ଗୋଡ଼ରେ ନିଜେ ଠିଆ ହେବି ବୋଲି ମନେ ମନେ ସ୍ଥିର କରିଥିଲି । ହସ୍‌ପିଟାଲିଟିରେ ଟ୍ରେନିଂ ନେଇ ସରକାରଙ୍କଠୁ ଲୋନ୍ ଆଣି ଏଇ ହୋଟେଲଟି କରିଛି । ଆପଣଙ୍କ ଦୟାରୁ ସାର୍, ଭଲରେ ସଂସାର ଚାଲିଛି । ଏଇ ସେ ଆଗରେ ବିଲ୍‌ଡିଂଟିଏ କରିଛି । ସେଇଠି ରହୁଛି । ଆପଣ ଯେତେବେଳେ ଇଆଡ଼େ ଆସିବେ ନିଶ୍ଚୟ ମୋ ପାଖକୁ ଆସିବେ । ଭୁଲିବେନି ସାର୍ । ଆପଣ ସେଦିନ କେଇପଦ ଉପଦେଶ ଦେଇ ନ ଥିଲେ, ମୁଁ ଆଜି ସେଇମିତି ରହିଥାନ୍ତି । କୋଉ ଲୁଗା ଦୋକାନରେ କି ଅଫିସ୍‌ରେ ପାଞ୍ଚ ଦଶ ହଜାର ଟଙ୍କାରେ ଖଟୁଥାନ୍ତି ।

ଯୁବକର ନମ୍ରତା ଏବଂ ମୋ ପ୍ରତି ଥିବା ଅକୃତ୍ରିମ ଶ୍ରଦ୍ଧାରେ ମୁଁ ଅଭିଭୂତ ହୋଇପଡ଼ିଲି । ମନେପଡ଼ିଗଲା, ମହାଭାରତର ସେ ଏକଲବ୍ୟ କଥା । ଦ୍ରୋଣ ତାକୁ ରାଜପୁତ୍ରଙ୍କ ସହିତ ଶିକ୍ଷାଦେବାକୁ ମନା କରିଦେଇଥିଲେ । ପଛକୁ ଫେରି ନ ଥିଲା ଏକଲବ୍ୟ । ନିଜର କଠୋର ସାଧନା ଏବଂ ଅଧ୍ୟବସାୟ ପାଇଁ ନିଜେ ଯୋଦ୍ଧା ହୋଇଥିଲେ ବି କୌଣସି ଅହଙ୍କାର ନ ରଖି ସେ ହସି ହସି ଡାହାଣ ହାତର ବୃଦ୍ଧ ଅଙ୍ଗୁଳିଟିକୁ କାଟି ଦେଇଥିଲା । ସେହିପରି ଏ ଯୁବକ ପାଇଁ କିଛି କରି ନ ଥିଲେ ବି ମୋର କେଇପଦ କଥାକୁ ଗଣ୍ଠିଧନ କରି ପାଞ୍ଚବର୍ଷ କାଳ ସଂଘର୍ଷମୟ ଜୀବନରେ ଗତିକରି ନିଜ ପାଦରେ ଠିଆ ହୋଇଛି । କିଛି ଯୁବକଙ୍କୁ ଅନ୍ନସଂସ୍ଥାନର ବ୍ୟବସ୍ଥା କରିଛି, ମାତ୍ର ସକଳ ଶ୍ରେୟ ମୋତେ ଦେଉଛି । ଯୁବକଟିର ଏହି ପ୍ରୟାସ ମୋତେ ଖୁବ୍ ଆନନ୍ଦ ଦେଇଥିଲା ।

ଆଜିର ଯୁବସମାଜ ସେହି ଯୁବକଙ୍କଠାରୁ ଯଦି ଏହି ପ୍ରେରଣା ଟିକକ ଗ୍ରହଣ କରିପାରନ୍ତେ ତେବେ ସେମାନଙ୍କୁ ହତାଶାବୋଧ ଆଦୌ ଗ୍ରାସ କରନ୍ତା ନାହିଁ । ଆଜିକାଲି ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ଯୁବଗୋଷ୍ଠୀଙ୍କୁ କେବଳ ଚାକିରି ନିଶା ହିଁ ଘାରିଛି । ଚାକିରି ନ ମିଳିଲେ ସେମାନେ ହତାଶ ହୋଇପଡୁଛନ୍ତି । ବଞ୍ଚିବା ପାଇଁ ଯେ ଅନେକ ଉପାୟ ଅଛି, ଏକଥା ସେମାନେ ଭାବି ପାରୁନାହାନ୍ତି । କେବଳ ସେତିକି ନୁହେଁ ଚାକିରି ନ ମିଳିଲେ ସେମାନେ ନାନାପ୍ରକାର ଅସାମାଜିକ କାର୍ଯ୍ୟରେ ପ୍ରବୃତ୍ତ ହେଉଥିବାର ଦେଖାଯାଉଛି । ସହଜରେ ଅଧିକ ଉପାର୍ଜନ କରି ରାତାରାତି ଧନୀ ହେବାର ସ୍ୱପ୍ନ ଦେଖୁଛନ୍ତି । ନିକଟ ଅତୀତରେ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ କରିବା ଅଭିଯୋଗରେ ପୋଲିସ ଯେଉଁମାନଙ୍କୁ ଗିରଫ କରିଥିଲା, ସେମାନଙ୍କ ମଧ୍ୟରୁ ଦୁଇଜଣ ଇଞ୍ଜିନିୟର ଛାତ୍ର ଥିବାର ଜଣାପଡ଼ିଥିଲା । ଯେଉଁ ଯୁବକମାନେ ଉଚ୍ଚ ଶିକ୍ଷିତ ହେବାର ସ୍ୱପ୍ନ ଦେଖୁଥିଲେ, ଦେଶ ସେମାନଙ୍କଠାରୁ ଅନେକ କିଛି ଆଶା କରୁଥିଲା ; ସେମାନେ ଯଦି ଲୁଟେରା ହୁଅନ୍ତି– ଏହାଠାରୁ ଦୁର୍ଭାଗ୍ୟ ଏ ଦେଶ ପାଇଁ କ'ଣ ଅଛି ? ଏହି ପରିପ୍ରେକ୍ଷୀରେ ବିଜୁ ପଟ୍ଟନାୟକଙ୍କର ଗୋଟିଏ ଉକ୍ତି ମନେପଡୁଛି । ଏ ପ୍ରାବନ୍ଧିକ ବାଣୀବିହାରରେ ପଢୁଥିବାବେଳେ ବିଜୁବାବୁ ଛାତ୍ର ସଂସଦର ବାର୍ଷିକ ଉତ୍ସବକୁ ଥରେ ଅତିଥି ହୋଇ ଆସିଥିଲେ । ସେତେବେଳେ ସେ ବିରୋଧୀ ଦଳର ନେତା । ବାଣୀବିହାର ପ୍ରେକ୍ଷାଳୟରେ ଭାଷଣ ଦେବା ପାଇଁ ଆରମ୍ଭ କରିବା ବେଳେ ସେ ଲକ୍ଷ୍ୟକଲେ କିଛି ଯୁବକ ଦୁଇ ପକେଟରେ ହାତପୂରାଇ ଠିଆ ହୋଇଛନ୍ତି । ସେ କହିବାକୁ ଆରମ୍ଭ କଲେ– ମୋ ଦେଶର ଦୁର୍ଭାଗ୍ୟ ହେଉଛି ଯୁବକମାନେ ନିଜର ଦୁଇହାତକୁ କି କାମରେ ଲଗେଇବେ ଜାଣି ନ ପାରି ତା'କୁ ପକେଟରେ ପୂରାଇ ବୁଲୁଛନ୍ତି । ଏ ଦେଶର ଭାଗ୍ୟ ବଦଳିବ କେମିତି ? ଯେଉଁଦିନ ଏ ଯୁବକମାନେ ନିଜ ହାତକୁ ଠିକଣା ଭାବରେ କାମରେ ଲଗେଇପାରିବେ ସେଦିନ ହିଁ ମୋ ଦେଶର ଭାଗ୍ୟ ବଦଳିଯିବ ।

ବିଜୁବାବୁଙ୍କର ଏ ଉକ୍ତି ପ୍ରତ୍ୟେକ ଯୁବକଙ୍କ ପାଇଁ ପ୍ରେରଣାଦାୟକ ବୋଲି ମନେହୁଏ । ଯୁବକମାନେ ହିଁ ଏ ଦେଶର ଭାଗ୍ୟନିର୍ମାତା । ରାଜନେତାଙ୍କ ପଛରେ ଧାଇଁ ଧାଇଁ କିମ୍ବା କେଉଁଠି ପାଞ୍ଚ ଦଶ ହଜାର ଟଙ୍କାରେ ଚାକିରିଟେ କରି ହୁଏତ ସେମାନେ ପେଟ ପୋଷି ପାରିବେ, ମାତ୍ର ସ୍ୱାଧୀନ ଭାବରେ କିଛି କରିବାର କ୍ଷମତା ହରାଇ ବସିବେ । ବୟସ ଗଡ଼ିଗଲା ପରେ ନିଜକୁ ଠିଆ କରାଇବାର ଅବସର ମିଳିବ ନାହିଁ ।

ଏ ବିଶ୍ୱରେ ଅନେକ ବ୍ୟକ୍ତି ନିଜ ସାଧନା ବଳରେ ସଫଳ ଉଦ୍ୟୋଗୀ, ରାଜନୀତିଜ୍ଞ, ବୈଜ୍ଞାନିକ ପ୍ରଭୃତି ହୋଇପାରିଛନ୍ତି । ଏହି ସଫଳତା ପଛରେ ସେମାନଙ୍କର ଥିଲା ଆତ୍ମବିଶ୍ୱାସ, ନିରବଚ୍ଛିନ୍ନ ସାଧନା ଓ ଧୈର୍ଯ୍ୟ । ମନେରଖିବା ଉଚିତ ହତାଶା, ଧୈର୍ଯ୍ୟହୀନତା ଏବଂ ଅସଂଯତ ଭାବନା ହିଁ ସିଦ୍ଧିର ପ୍ରଧାନ ପ୍ରତିବନ୍ଧକ । କଷ୍ଟ ସ୍ୱୀକାର କରି ସଫଳତାର ଶୀର୍ଷରେ ଉପନୀତ ହେବାର ବହୁଳ ଦୃଷ୍ଟାନ୍ତ ଏ ବିଶ୍ୱରେ ଅଛି । କେତୋଟି ଉଦାହରଣ ଦିଆଯାଇପାରେ, ଆଜି ଭାରତବର୍ଷରେ ପ୍ରତିଷ୍ଠିତ ରିଲାଏନସ୍ କମ୍ପାନୀର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ ମାତ୍ର ଷୋଳ ବର୍ଷ ବୟସରେ ୟେମେନ୍‌ରେ ଜଣେ ସାଧାରଣ କିରାଣି ଭାବରେ କାମ କରିଥିଲେ । ମାତ୍ର ତାଙ୍କୁ ଏ ବୃତ୍ତି ବାନ୍ଧିପାରିଲା ନାହିଁ । ସେ ଭାରତ ପଳାଇ ଆସି ଜଣେ ବନ୍ଧୁଙ୍କ ସହିତ ମିଶି ବେପାର ଆରମ୍ଭ କଲେ । ଅଧାରୁ ତାଙ୍କ ବନ୍ଧୁ ତାଙ୍କୁ ଛାଡ଼ି ଚାଲିଗଲେ । ଧୀରୁଭାଇ ପଛକୁ ହଟିଲେ ନାହିଁ । ତାଙ୍କର ନିଷ୍ଠା ଏବଂ ଆତ୍ମବିଶ୍ୱାସ ତାଙ୍କୁ ଆଜି ବିଶ୍ୱରେ ଜଣେ ଧନୀ ବ୍ୟକ୍ତି ଭାବରେ ପରିଚିତ କରାଇପାରିଛି । ଅରୁଣିମା ସିହ୍ନା ଥରେ ଦୁର୍ବୃତ୍ତଙ୍କ ଦ୍ୱାରା ଶିକାର ହୋଇ ଦୁଇଟି ଗୋଡ଼ ହରାଇଥିଲେ । ମାତ୍ର ଏଭରେଷ୍ଟ ଆରୋହଣର ଇଚ୍ଛା ତାଙ୍କର ପ୍ରଶମିତ ହେଲାନାହିଁ । ସେ ବଚ୍ଛେନ୍ଦ୍ରୀ ପାଲଙ୍କ ପରାମର୍ଶ କ୍ରମେ ଏଭରେଷ୍ଟ ଆରୋହଣ କରି ସଫଳ ହୋଇଥିଲେ । ମାତ୍ର ପାଞ୍ଚ ବର୍ଷ ବୟସରେ ମାଆକୁ ହରାଇ ଜଣେ କଣ୍ଡକ୍ଟର ଭାବରେ ଜୀବିକା ନିର୍ବାହ କରୁଥିଲେ ରଜନୀକାନ୍ତ । ଏ ବୃତ୍ତିରେ ଥାଇ ବି ଜଣେ କଳାକାର ହେବାର ପ୍ରବୃତ୍ତି ତାଙ୍କ ଭିତରେ ଲୁଚି ରହିଥିଲା । ପରବର୍ତ୍ତୀ ସମୟରେ ବହୁ ପରିଶ୍ରମ କରି ଏବେ ସେ ଜଣେ ପଦ୍ମବିଭୂଷଣ ଉପାଧିପ୍ରାପ୍ତ ଆଗଧାଡ଼ିର କଳାକାର ହୋଇପାରିଛନ୍ତି । ଏହା ହିଁ ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ପାର୍ଥକ୍ୟ । ବୃତ୍ତି ବଞ୍ଚିବାର ମାର୍ଗ, ମାତ୍ର ଉତ୍ତମ ବାଟରେ ପରିଚାଳିତ ପ୍ରବୃତ୍ତି ସଫଳତାର ଚାବିକାଠି ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ, ଭଦ୍ରକ, ମୋ–୭୯୭୮୯୦୩୫୦୯

# ମମତାର ଡାକ



ଦ୍ୱିତୀ ଚନ୍ଦ୍ର ସାହୁ

ପ୍ରବଳ ଖରାରେ ଗାଁକୁ ଯିବାକୁ ବାହାରିଲେ ମା' । ସ୍ନେହର ପରଶରେ, ମମତାର ମୋହରେ ବନ୍ଧା ସ୍କୁଲପଢୁଆ କିଶୋର ଛାଡ଼ିବାକୁ ବାହାରିଲା ଆପେ ଆପେ । ପୁଅ ଧରିଲା ସାଇକେଲ । ନିମିଷକରେ ପହଞ୍ଚିଗଲେ ବସ୍‌ଷ୍ଟପରେ । ଫେରିବାବେଳେ ରାସ୍ତାର ଏକ ମୋଡ଼ରେ ଦ୍ରୁତଗତିରେ ଆସୁଥିବା ଟ୍ରକ୍ ତଳେ ଚାପି ହୋଇଗଲା ପୁଅ ଆଖିପିଛୁଳାକେ । ଘଟଣା ସମ୍ପର୍କରେ ଜାଣିବା ପରେ ମା'ଙ୍କ ଆର୍ତ୍ତ ଚିତ୍କାରରେ ଫାଟିପଡ଼ିଲା ଘଟଣାସ୍ଥଳ । ମରଣ ସହ ସଂଘର୍ଷ କରୁଥିବା ପୁଅକୁ ବଞ୍ଚାଇବା ଲାଗି ଆକୁଳ ନିବେଦନ କଲା ସେ । ରାସ୍ତାରେ ଯାଉଥିବା ଅନ୍ୟ ଗାଡ଼ି ଓ ସମବେତ ଲୋକଙ୍କ ନିକଟରେ ନେହୁରା ହେଲା ନିଜ ପୁଅକୁ ଉଦ୍ଧାର କରିବା ଲାଗି । ଶେଷରେ ଉଦ୍ଧାର ହେଲା ପୁଅ । କିନ୍ତୁ ବିଳମ୍ବଜନିତ କାରଣରୁ ମା'କୁ ଚିରଦିନ ଛାଡି ଚାଲିଗଲା କିଶୋର ପୁଅ । ଏ ଯାଏ ପୁଅର ଜୀବନ ଲାଗି ସଂଗ୍ରାମ କରୁଥିବା ମା' ଜୀବନର ନିଷ୍ଠୁର ସତ୍ୟକୁ ସାମ୍ନା କରିବା ପରେ ଚେତାଶୂନ୍ୟ ହୋଇଗଲା । ସେ ଜାଣିଗଲା ତା' ଆଖି ସାମ୍ନାରେ ପୁଅ କୋଳ ଶୂନ୍ୟକରି ଭଗବାନଙ୍କ ପ୍ରିୟ ହୋଇଗଲା ।

ଆଉ ଏକ ଦୃଶ୍ୟ । ୯୯ ବର୍ଷ ବୟସ୍କା ମା' ହୀରାବେନ୍ ମୋଦି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' । ପୁତ୍ର ପ୍ରଚଣ୍ଡ ଜନାଦେଶ ପାଇ ଦ୍ୱିତୀୟଥର ନିର୍ବାଚିତ ହେବା ପରେ ମା'ଙ୍କ ଆଶୀର୍ବାଦ କାମନା ଲାଗି ଛୁଟିଗଲେ ଗାନ୍ଧୀନଗର । ଯାହାଙ୍କ ନିକଟରେ ସମସ୍ତେ ମଥାନତ ହେଉଛନ୍ତି, ସେ କିନ୍ତୁ ନତମସ୍ତକପୂର୍ବକ ମା'ଙ୍କ ପାଦ ଛୁଇଁ ଶୁଭାଶିଷ କାମନା କଲେ । ମା'ଙ୍କ ଶୁଭାଶିଷ ଯେ ଏକ ଶକ୍ତିଶାଳୀ ରକ୍ଷାକବଚ, ଏ କଥା ଚିର କାଳ ଭାରତୀୟ ସଂସ୍କୃତିରେ ପ୍ରମାଣିତ ହୋଇଆସିଛି । ମୁଣ୍ଡରେ ମା'ବାପାଙ୍କ ହାତ ଥିଲେ କାଳେ ଦୁନିଆର ସବୁ ଶକ୍ତିକୁ ପରାହତ କରାଯାଇପାରେ । ସମ୍ଭବତଃ ମହାଭାରତୀୟ ସଂସ୍କୃତିର ଏଇ ଗୌରବମୟ ପରମ୍ପରା ପୁଣି ଥରେ ପ୍ରମାଣିତ ହୋଇଛି । ଏଇ ମର୍ମକଥାକୁ ବୁଝିଛନ୍ତି ବୋଲି ହିଁ ସେ ପ୍ରତିଟି ଶୁଭକାମ ପୂର୍ବରୁ ମା'ଙ୍କ ଆଶୀର୍ବାଦ କାମନା କରିବାକୁ ଆଦୌ ଭୁଲନ୍ତି ନାହିଁ ।

ତୃତୀୟ ଦୃଶ୍ୟ । ଡିଗିଡିଗା ଖରା । ନିଆଁ ବର୍ଷୁଛି । ଛାଇ ପାଇଁ ପଶୁପକ୍ଷୀ ବି କାତର । କିନ୍ତୁ ସ୍ୱାମୀକୁ ହରାଇଥିବା ବୃଦ୍ଧା ମା' ଅପେକ୍ଷାରତ ଘରର ଫାଟକ ସାମ୍ନାରେ । ବଡ଼ ପୁଅ ଗେଟ୍ ଖୋଲିଲେ ଘରକୁ ଯିବ । ହିସାବ ମୁତାବକ ମାସ ପୂରିଯିବା ପରେ ସାନ ପୁଅ ଆଣି ଛାଡିଦେଇଗଲା ଚୁପ୍‌ଚାପ୍ ବଡ଼ପୁଅର ଘର ସାମ୍ନାରେ । ବହୁ ନିବେଦନ ପରେ ବି ବ୍ୟାଙ୍କ ଚାକିରି କରୁଥିବା ବଡ଼ପୁଅ ଖୋଲୁ ନ ଥିଲା ଗେଟ୍ । ଅସହାୟ ମା' ଗଡ଼ଉଥିଲା ଲୁହ ଭୋକରେ ଓ କୋହରେ । ବୃଦ୍ଧା ମା' ଶେଷରେ ଫାଟକ ସାମ୍ନାରେ ବସିଗଲା । ରାସ୍ତାରେ ଯାତାୟାତ ଲୋକଙ୍କ ତର ସହିଲାନି । ମା' ପ୍ରତି ପୁଅମାନଙ୍କ ଅତ୍ୟାଚାରକୁ ସହି ପାରିଲେନି । ହସ୍ତକ୍ଷେପ କଲେ । ପୋଲିସକୁ ଖବର ଦେଲେ । ଗଣମାଧ୍ୟମ ସହଯୋଗର ହାତ ବଢ଼େଇଲା । ଜେଲଯିବା ଭୟରେ ଅମାନୁଷିକ ପୁଅଙ୍କ ଭିତରେ କଳିର ଆପାତତଃ ଲିଖିତ ସମାଧାନ ହେଲା । ବ୍ୟାଙ୍କ ଚାକିରିଆ ପୁଅ ମା'ର ଭରଣପୋଷଣ ଲାଗି ମାସିକ ଖର୍ଚ୍ଚ ଦେବ । ସାନପୁଅ ମା'ର ଦାୟିତ୍ୱ ନେବ ।

ମା'କୁ ନେଇ ଏମିତି ଅନେକ ଦୃଶ୍ୟ ଆଜି ସମାଜରେ । ମା'ର ଅନେକ ରୂପ ଯାହାକୁ ଶବ୍ଦରେ ବାନ୍ଧିରଖିବା ସହଜ ନୁହେଁ । ପିଲା ପାଇଁ ସବୁ କିଛି କରିପାରେ ମା' । ଗର୍ଭଯନ୍ତ୍ରଣା ସହି ଜନ୍ମ ଦେଇଥିବା ମା' ପୁଅର ଉଜ୍ଜ୍ୱଳ ଭବିଷ୍ୟତ କାମନାପୂର୍ବକ ବାର ଓଷା ତେର ପର୍ବ ପାଳନ କରେ । ଶୀତଳ ପଣତରେ ଘୋଡେଇ ରଖିବା ଲାଗି ଗାଁ ଠାକୁରାଣୀଙ୍କ ନିକଟରେ ଅଧିଆ ପଡେ । ନିଜ ପେଟ କାଟି ପୁଅର ପେଟ ଭରେ । ଘୋଡାମୁହାଁ ପୁଅର ସବୁ ଦୁର୍ଗୁଣକୁ ପଣତ କାନିରେ ଲୁଚାଇ ରଖି ସମାଜରେ ଭଲ ହେବାକୁ ତୁହାଇ ତୁହାଇ ବୁଝାଏ । ପୁଅ ମୁହଁରେ ଚେନାଏ ହସ ଓ ଖୁସି ଲାଗି ସମସ୍ତ ପ୍ରକାର ଉଦ୍ୟମ କରେ । ଅଥଚ ଆଜିର ଅନେକ ପୁଅ ମୁଣ୍ଡକୁ ହାତ ପାଇବା ପରେ ମା'କୁ ଭୁଲିଯାନ୍ତି । ମା' ପ୍ରତି ଥିବା ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଅଣଦେଖା କରନ୍ତି । ବାସ୍ତବରେ ମା' ସବୁବେଳେ କ'ଣ ଚାହେଁ ? ପୁଅର ସୁଖ, ଉଜ୍ଜ୍ୱଳ ଭବିଷ୍ୟତ, ନିଜ ଆୟୁଷ ନେଇ ପୁଅ ଯେପରି ଚିରଞ୍ଜୀବୀ ହୋଇ ରହେ । ପ୍ରତିବଦଳରେ ପରିଣତ ବୟସରେ ସ୍ୱଚ୍ଛନ୍ଦରେ, ସମ୍ମାନରେ ନିଜ ଘରେ ରହିବାର ଅଭୀପ୍ସା । ବାସ୍ ଏଇ ସାମାନ୍ୟ ଇଚ୍ଛାକୁ ସମ୍ମାନ ଦେବାରେ ଆମର ଏତେ କାର୍ପଣ୍ୟ ! ଏଇକ୍ରମରେ ଯେଉଁଠି ମା' ନିଜ ପୁଅର ପ୍ରାଣ ଲାଗି ଆକୁଳ ନିବେଦନ କରେ, ବୟସ୍କ ପୁଅ ମୁଣ୍ଡରେ ବି ଆଶୀର୍ବାଦର ହାତ ରଖେ, ସେଇଠି ବି ଦେଖାଯାଏ କୃତଘ୍ନ ଭାବେ ମା'ର ସ୍ନେହଭରା ହୃଦୟକୁ ବିଦାରି ଦେଉଥିବା ବ୍ୟାଙ୍କ ଅଫିସର ଭଳି କୁଳଙ୍ଗାରମାନେ । ତଥାପି ମା' ସର୍ବକାଳେ ମମତାରେ ଭରା । ଏଇ ମମତାର ଡାକକୁ ପଢ଼ିବାରେ ଓ ବୁଝିବାରେ ସନ୍ତାନଙ୍କର ତ୍ରୁଟି ରହିଯାଉଛି ନିଶ୍ଚିତ । କାରଣ ସବୁ ମା'ର ହୃଦୟ ଏକା ପ୍ରକାରର । କିନ୍ତୁ ବଦଳୁଥିବା ହୃଦୟ ହେଉଛି ପୁଅମାନଙ୍କର !

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡା, ମୋ – ୯୫୫୬୨୮୭୭୭୫, dwitisahu@gmail.com

## ଏଇ ଭାରତରେ

ଏପରି ଅନେକ ରହସ୍ୟମୟ ବିଷୟ ରହିଛି ଯାହା ଅନେକଙ୍କୁ ଅଜଣା । ପ୍ରକୃତି କୋଳରେ ବଢୁଥିବା ବିଭିନ୍ନ ବୃକ୍ଷକୁ ଲୋକେ ପୂଜା କରିଥାନ୍ତି । ଶାଳଗଛ ତନ୍ମଧ୍ୟରୁ ଅନ୍ୟତମ । ଛତିଶଗଡ଼ର ବାଲ୍‌କୋ ବନଖଣ୍ଡ ଅଞ୍ଚଳର କୋରୱା ବ୍ଲକ୍‌ର ସତରେଙ୍ଗା ଗାଁରେ ରହିଛି ୧୪ ଶହ ବର୍ଷର ଏକ ପୁରାତନ ଶାଳଗଛ । ଏଠାକାର ବାସିନ୍ଦା ଏହି ଗଛକୁ ଦେବତା ଭଳି ପୂଜା କରିଥାନ୍ତି । ବିବାହ ତଥା ବିଭିନ୍ନ ପର୍ବପର୍ବାଣିରେ ଗ୍ରାମବାସୀ ଏହି ଗଛ ନିକଟରେ ପୂଜା କରନ୍ତି । ଗଛର ଉଚ୍ଚତା ୨୮ ମିଟର ଓ ଗୋଲେଇ ୨୮ଫୁଟ ୨ ଇଞ୍ଚ । ଏହାକୁ ବନଖଣ୍ଡ କର୍ମଚାରୀମାନେ ୨୦୦୬ରେ ଚିହ୍ନଟ କରିଥିଲେ । ଏହାର ବୟସ ଜାଣିବା ପାଇଁ ଗଛର କେତେକ ସଂଗୃହୀତ ନମୁନା ଡେରାଡୁନ୍ ସ୍ଥିତ ବନ ଗବେଷଣା ବିଭାଗକୁ ପଠାଯାଇଥିଲା । ଗବେଷଣାରୁ ଜଣାପଡ଼ିଥିଲା ଗଛଟିର ବୟସ ୧୪ଶହ ବର୍ଷରୁ ଅଧିକ ହେବ । ତେବେ ଶାଳ ଗଛର ଆୟୁଷ ୨ ହଜାର ବର୍ଷ ହୋଇଥାଏ ବୋଲି ଡେରାଡୁନ୍‌ସ୍ଥିତ ବନ ଗବେଷଣା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ଏହି ଗଛକୁ ଦେଖିବାକୁ ଦେଶବିଦେଶରୁ ଅନେକ ପର୍ଯ୍ୟଟକ ଆସୁଛନ୍ତି ।

### ଚିରନ୍ତନୀ

ପାକଳା ଧାନ ସୁଗନ୍ଧେ ଆଜି
ପୂରିଛି ବ୍ୟୋମ ପୂରିଛି ଧରା
ମୂକ ଧିଆନେ ତବଧ ସବୁ
ଭୁବନ ଆଜି ନିଜ ପାସୋରା ।
(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୯୪

- ଦୀର୍ଘ ୭ ସପ୍ତାହ ଧରି ୟେମେନରେ ଚାଲିଥିବା ଗୃହଯୁଦ୍ଧକୁ ସମାପ୍ତ କରିବା ପାଇଁ ବିଶ୍ୱ ସମୁଦାୟ ଉଦ୍ୟମ କରିବା ଉଚିତ ବୋଲି ଦକ୍ଷିଣ ୟେମେନ ପକ୍ଷରୁ ଅନୁରୋଧ କରାଯାଇଛି ।
- ଶରଦ ଯାଦବଙ୍କ ନେତୃତ୍ୱରେ ଗଠିତ ଜନତା ଦଳ ପାର୍ଲାମେଣ୍ଟାରି ପାର୍ଟିରୁ ରବି ରାୟଙ୍କ ସମେତ ୧୪ଜଣ ଏମ୍‌ପି ଦଳ ଛାଡିଲେ ।

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟରଙ୍କ ଆତ୍ମସମୀକ୍ଷା

ମହାଶୟ,

୨୦୧୯ ଲୋକ ସଭା ଓ ବିଧାନସଭା ନିର୍ବାଚନ ସରିଲା । ସଂଖ୍ୟାଗରିଷ୍ଠତା ଲାଭ କରିଥିବା ଦଳ ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରିସାରିଛନ୍ତି । ବର୍ତ୍ତମାନ ଆମ ଭୋଟଦାତାମାନଙ୍କର ଆତ୍ମସମୀକ୍ଷାର ବେଳ । ଆମେ କେତେଦୂର ଯୋଗ୍ୟ ନେତାମାନଙ୍କୁ ବାଛିପାରିଛୁ ତା'ର ସମୀକ୍ଷା କରିବା ଉଚିତ । ଜଣେ ନେତାଙ୍କ ପାଖରେ ଯଦି ନିମ୍ନୋକ୍ତ ଗୁଣଗୁଡିକ ରହିଥିବ, ସେ ଜଣେ ଉଚ୍ଚକୋଟୀର ଲୋକପ୍ରତିନିଧି ବୋଲି ବିବେଚିତ ହେବେ । ସେହି ଗୁଣଗୁଡିକ ହେଲା ବିନୟୀ, ପ୍ରିୟଦର୍ଶୀ, ତ୍ୟାଗୀ, ବିବେକୀ, ଦକ୍ଷ, ଲୋକପ୍ରିୟ, ପବିତ୍ର, ବାଗ୍ମୀ, ଧାର୍ମିକ, ନିର୍ଲୋଭ, ଧୀରତା, ନିରପେକ୍ଷତା ଓ ସାଧୁତା । ଆମେ ଯେଉଁ ନେତାମାନଙ୍କୁ ବାଛିଚେ, ସେମାନେ ଏହି ଗୁଣଗୁଡିକର ଅଧିକାରୀ ତ ! ତାହା ନ ହେଲେ ଆମକୁ ଉତ୍ତମ ଶାସନ ଦେବାରେ ସେମାନେ ଅକ୍ଷମ ହେବେ ଓ ଆମେ ଉପଯୁକ୍ତ ନେତା ବାଛିପାରିନାହୁଁ ବୋଲି ଅନୁତାପ କରିବାକୁ ପଡିବ ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

### ଅଗ୍ନିଶମ ବିଭାଗର ଚଢ଼ାଉ

ଗୁଜରାଟର ସୁରଟରେ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ପରେ ଓଡ଼ିଶାର ଅଗ୍ନିଶମ ବିଭାଗ ତତ୍ପର ହୋଇ ଉଠିଲା କାହିଁକି । କୋଚିଂ ସେଣ୍ଟରକୁ ସତର୍କ ବା ଦଣ୍ଡିତ କରିବା ପୂର୍ବରୁ ଏ ବିଭାଗକୁ ଦଣ୍ଡିତ କାହିଁକି କରା ନ ଯିବ । ଏ ବିଭାଗର ଏହା ଯଦି ଦାୟିତ୍ୱ ତା'ହେଲେ ଆଗରୁ କାହିଁକି ସତର୍କ ବା ପଦକ୍ଷେପ ନେଉ ନ ଥିଲା ନା ଏଥିରେ କୋଚିଂ ସେଣ୍ଟରଗୁଡ଼ିକ ଏମାନଙ୍କୁ ପିସି ଦେଉଥିଲେ । କଥାରେ ଅଛି ଠିକିଲେ ଶିଖନ୍ତି, ତା' ବି ନୁହେଁ । କାରଣ ସବୁ ସମୟରେ ଖବର ବାହାରୁଛି ବାଇକ୍ ଡିକିରୁ ଲକ୍ଷ ଲକ୍ଷ ଟଙ୍କା ଚୋରି । ପୁଣି ବାଇକ୍‌ରେ ଟଙ୍କା ରଖୁଛୁ ଏବଂ ଚୋରି ହେଉଛି । ନିଜ କାର୍ଯ୍ୟ ନିଜେ କରୁଥିଲେ ଏ ଅସୁବିଧା ହୁଅନ୍ତା ନାହିଁ ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ରାସ୍ତାକଡ଼ରେ ପଶୁହତ୍ୟା

ସର୍ବ ସମ୍ମୁଖରେ ସର୍ବସାଧାରଣ ରାସ୍ତାକଡ଼ରେ ନିରୀହ ପଶୁ ଛେଳି, ମେଣ୍ଢା ଓ କୁକୁଡ଼ାମାନଙ୍କୁ ମରାଯାଉଛି । ରାସ୍ତାରେ ଯାଉଥିବା ଜନସାଧାରଣ ତଥା ଛାତ୍ରଛାତ୍ରୀ ଏହାକୁ ଦେଖୁଛନ୍ତି । ସେମାନଙ୍କ ମନରେ କି ପ୍ରକାର ଭାବ ସୃଷ୍ଟି ହେଉଥିବ ? ଜୀବହତ୍ୟା ମହାପାପ ବୋଲି ସମସ୍ତେ ଭୁଲିଯାଉଛନ୍ତି । ପଶୁଙ୍କୁ ମାରି ବିକ୍ରି କରିବା ଓ କିଣିବା ବ୍ୟକ୍ତି ଦୋଷୀ । ତାକୁ ଦେଖି ବିରୋଧ କରୁ ନ ଥିବା ବ୍ୟକ୍ତି ମଧ୍ୟ ଦୋଷୀ । ଏ କଥା ଭଗବାନ୍ ମନୁ କହିଛନ୍ତି । ଏଣୁ ପ୍ରଶାସନ ସର୍ବସାଧାରଣ ରାସ୍ତାକଡ଼ରେ ପଶୁହତ୍ୟାକୁ ବାରଣ କରନ୍ତୁ । ଜୀବେ ଦୟା ଭାବନା ପରାହତ ନ ହେଉ ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଅଣସର ଘରେ ଜଳେ ରାଶିତେଲ ଦୀପ

**ପୁରୀ ଅଫିସ, ୨୧।୬**

ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ସ୍ନାନପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି ଦଇତାପତି ସେବକ। ତେବେ ଏହି ଗୁପ୍ତ ଲୀଳାରେ ରହିଛି କେତୋଟି ନିଷିଦ୍ଧ ନିୟମ। ଏ ସମ୍ପର୍କରେ ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ସ୍ନାନ ନୀତି ପରେ ରତ୍ନବେଦି ସମ୍ମୁଖରେ ବାଉଁଶ ତାଟିର ଏକ ଅସ୍ଥାୟୀ ଗୃହ କରାଯାଏ। ସେଠାରେ ଦାରୁଦିଅଁମାନଙ୍କ ଗୁପ୍ତ ସେବା କରାଯାଏ। ଏହି ଅସ୍ଥାୟୀ ଗୃହକୁ ମହାଅଣସର ଗୃହ ଏବଂ ଏହା ଚାରିପଟେ ପରିବେଷ୍ଟିତ ତାଟିକୁ ଅଣସର ତାଟି କୁହାଯାଏ। ଅଣସର ଗୃହରେ ସମ୍ପାଦିତ ନୀତିକୁ ଅଣସର ନୀତି କୁହାଯାଏ। ଦଇତା ଓ ପତିମହାପାତ୍ର ସେବକମାନେ ଏହି ଅଣସର ଗୃହକୁ ପ୍ରବେଶ କରିଥାନ୍ତି। ଅନ୍ୟ କେହି ଏହି ଗୃହକୁ ପ୍ରବେଶ କରିପାରିବେ ନାହିଁ। ଅଣସର ଘରେ ରାଶିତେଲ ଦୀପ ବ୍ୟତୀତ ଅନ୍ୟ କୌଣସି ଆଲୋକ ବ୍ୟବହାର କରାଯାଏ ନାହିଁ। ଅଣସର ପିଣ୍ଡିରେ ୧୪ଦିନ ଧରି କେବଳ ଧଳା ଫୁଲ ବ୍ୟତୀତ ଅନ୍ୟ କୌଣସି ଫୁଲ ପ୍ରବେଶ କରିପାରିବ ନାହିଁ। ଅଣସର ସମୟରେ ବ୍ୟବହାର ହେଉଥିବା ଫଳ ଚୋପା ମଧ୍ୟ ବାହାରକୁ ଆସେ ନାହିଁ। ଏପରିକି ବ୍ୟବହୃତ ପାତ୍ର ମଧ୍ୟ ପଦାକୁ ଆସେ ନାହିଁ। ଅଣସର ଶେଷ ପର୍ଯ୍ୟନ୍ତ ସମସ୍ତ ଉଗୁରା ଫୁଲ, ଫଳଚୋପା, ବ୍ୟବହୃତ ପାତ୍ର ଆଦି ଗୃହର ଏକ କୋଣରେ ରଖାଯାଇଥାଏ। ଏହି ସମୟରେ ମହାପ୍ରଭୁଙ୍କୁ ରନ୍ଧା ଭୋଗ ଲାଗି କରାଯାଏ ନାହିଁ। ଅଣସର ସମୟରେ ପଣା ଓ ଚକଡ଼ା ଭୋଗ ଲାଗି କରାଯାଏ। ଏହାସହିତ ଛେନା, ପଣସ, ଆମ୍ବ, ସପୁରି ଆଦି ଠାକୁରଙ୍କୁ ସମର୍ପଣ କରାଯିବାର ବିଧି ରହିଛି। ଅଣସର ସେବାକୁ ଯାଉଥିବା ଦଇତାପତିମାନେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନୀତି ନିୟମରେ ରହିଥାନ୍ତି। କେବଳ ମହାପ୍ରଭୁଙ୍କୁ ସମର୍ପିତ ଭୋଗ ଗ୍ରହଣ କରିଥାନ୍ତି। ଏଥିପାଇଁ ଯେଉଁ ପତ୍ର ଓ ପାତ୍ର ବ୍ୟବହାର କରାଯାଏ ତାହା ମଧ୍ୟ ଅଣସର ଘରୁ ବାହାରକୁ ଆସି ନ ଥାଏ। ଅଣସର ପିଣ୍ଡିରେ ଭୋଗ ସମର୍ପଣ ବେଳେ ବିଶେଷ ନୀତି ନିୟମ ପ୍ରତି ଗୁରୁତ୍ୱ ଦିଆଯାଏ। କୌଣସି ଘଣ୍ଟି, ଘଣ୍ଟ ବାଜି ନ ଥାଏ। ଦଶମୀ ପର୍ଯ୍ୟନ୍ତ କୌଣସି ଶବ୍ଦ କରାଯାଏ ନାହିଁ। ସେବା ସମୟରେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରାଯାଏ ନାହିଁ। ଏହି ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ନିର୍ମାଣ କାର୍ଯ୍ୟ କିମ୍ବା ଶବ୍ଦ ହୋଇ ନ ଥାଏ ବୋଲି ଦଇତାପତି ସେବକ ଦାସମହାପାତ୍ର କହିଛନ୍ତି।

## ମହାରାଣୀଙ୍କ ମହାନତା ଓ ବାରବାଟୀ ଦୁର୍ଗ

**ଐତିହ୍ୟ ପୃଷ୍ଠାରୁ...**

ପାଖାପାଖି ୪୫୦ ବର୍ଷ ତଳର କଥା। ଓଡ଼ିଶାର ଗଜପତି ଥାନ୍ତି ମୁକୁନ୍ଦଦେବ। ୧୨୩୮ ମସିହାରେ ଗଙ୍ଗବଂଶର ରାଜା ଅନଙ୍ଗଭୀମ ଦେବଙ୍କ ଦ୍ୱାରା ନିର୍ମିତ ବାରବାଟୀ ଦୁର୍ଗରେ ରହୁଥାନ୍ତି। ସେହି ବାରବାଟୀ ଦୁର୍ଗକୁ ଗଜପତି ମୁକୁନ୍ଦଦେବ ନବତଳ ପ୍ରାସାଦରେ ପରିଣତ କରିଥାନ୍ତି। ଆବୁଲ ଫାଜଲଙ୍କ ବିବରଣୀର ଦ୍ୱିତୀୟ ଖଣ୍ଡକୁ ଆଧାର କରି ଓଡ଼ିଶା ଇତିହାସରେ ବର୍ଣ୍ଣିତ ଅଛି– ରାଜା ମୁକୁନ୍ଦ ଦେବ ଏହି ଦୁର୍ଗ ମଧ୍ୟରେ ନବତଳ ପ୍ରାସାଦ ନିର୍ମାଣ କରିଥିଲେ। ଏହି ପ୍ରାସାଦରେ ନଅଟି ସାହାଲା ଥିଲା। ପ୍ରଥମ ସାହାଲାରେ ହାତୀ ଓ ଘୋଡାମାନେ ରହୁଥିଲେ। ଦ୍ୱିତୀୟ ସାହାଲାରେ ଯୁଦ୍ଧ ସରଞ୍ଜାମ, ରଥୀ ଓ ପରିଚାରକମାନଙ୍କର ବାସଭୂମି ଥିଲା। ତୃତୀୟ ସାହାଲାରେ ଦୁର୍ଗରକ୍ଷକ ଓ ଦ୍ୱାରରକ୍ଷକ ରହୁଥିଲେ। ଚତୁର୍ଥରେ ସରଞ୍ଜାମ ତିଆରି କାରଖାନା ରହିଥିଲା। ପଞ୍ଚମରେ ପାକଶାଳା, ଷଷ୍ଠରେ ଅଭ୍ୟର୍ଥନା ଗୃହ, ସପ୍ତମ ସାହାଲାଟି ପାରିବାରିକ ଗୃହ ରୂପେ ବ୍ୟବହୃତ ହେଉଥିଲା। ଅଷ୍ଟମ ସାହାଲାରେ ନାରୀମାନେ ରହୁଥିଲେ। ନବମରେ ଶାସକ ରହୁଥିଲେ ଓ ତାଙ୍କର ଶୟନକକ୍ଷ ଥିଲା। ଅଷ୍ଟମ ସାହାଲା ରାଣୀଅନ୍ତଃପୁର ଥିଲାବୋଲି ଏଥିରୁ ସ୍ପଷ୍ଟ ହେଉଛି। ମହାରାଣୀ ଉଷାୟନୀ ପାଟମହାଦେଈ ଉକ୍ତ ସାହାଲାରେ ରହୁଥିଲେ। ଗଜପତି




ମୁକୁନ୍ଦଦେବଙ୍କ ଦେହାନ୍ତ ହୋଇଥିଲା ୧୫୬୮ ମସିହାରେ ଧାମନଗର ଅଞ୍ଚଳର ଗେଙ୍ଗୁଟି ନଦୀ କୂଳରେ। ଗୋହିରା ଟିକିରି ଥିଲା ତାଙ୍କ ଅନ୍ତିମ ସମୟର ପବିତ୍ର ଭୂମି। ସେତିକିବେଳେ ବର୍ବର କଳାପାହାଡ ଆକ୍ରମଣ କରିଥିଲେ ଶ୍ରୀମନ୍ଦିର ଉପରେ। କଳାପାହାଡ କୋଣାର୍କ ଆକ୍ରମଣ କରିସାରି ପୁରୀରେ ପଦାର୍ପଣ କରିଥିଲେ। ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରେ ନ ପାଇ ଭେଦୁଆ ଦାନ ପାତ୍ରଠାରୁ ବୁଝି ନେଇଥିଲେ ଯେ ମହାପ୍ରଭୁ ବିଜେ କରିଛନ୍ତି ଚିଲିକାର ହାତୀପଡ଼ାଠାରେ। ବର୍ବର କଳାପାହାଡ ହାତୀପଡ଼ାକୁ ଧ୍ୱଂସ କରି ଶ୍ରୀବିଗ୍ରହମାନଙ୍କୁ ହାତୀପିଠିରେ ଲଦି ସେନାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ–ନେଇଯାଅ! ଗଙ୍ଗାକୂଳକୁ ନେଇ ପୋଡ଼ିଦେଇ ଧ୍ୱଂସ କରିଦିଅ। ସେତିକିରେ ସେ ଥମି ନ ଥିଲେ। ମଖଜନ–ଇ–ଅଫଗାନୀ ପୁସ୍ତକରୁ ଜଣାପଡେ ଶ୍ରୀମନ୍ଦିର ଆକ୍ରମଣ କରି ୭୦୦ ସୁବର୍ଣ୍ଣ ପ୍ରତିମା ଓ ୩୦ ମହଣ ସୁନା ହାତୀପିଠିରେ ଲଦି ଦିଲ୍ଲୀ ଦରବାରରେ ଭେଟିଦେବା ପାଇଁ ନେଇଯାଇଥିଲେ। ପୁରୀରୁ ଫେରିବା ବେଳେ ସେ କଟକରେ ପହଞ୍ଚି ବାରବାଟୀ ଦୁର୍ଗକୁ ଧ୍ୱଂସକରି ମାଟିରେ ମିଶାଇଦେବା ପାଇଁ ପଣ କରିଥିଲେ।

ବାରବାଟୀରେ ପହଞ୍ଚିବା ପରେ ପ୍ରଥମଥର ପାଇଁ ସେଠି ଯେଉଁ ଆତିଥେୟତାର ସାମ୍ନା କରିଥିଲେ, ସେଇଠି ସେ ନିଜ ଭିତରେ ନିଜକୁ ତଉଲାଇବା ଆରମ୍ଭ କରିଥିଲେ। ମାନସିକ ପରିବର୍ତ୍ତନ ବେଳାରେ ନିଜେ ଉଷାୟନୀ ପାଟମହାଦେଈ ସୁବର୍ଣ୍ଣ ଥାଳିରେ ହୀରା ରଖି ତାହାକୁ ପରଷି ଦେଇଥିଲେ। ତାହା ଲୋକକଥାରେ ବିକୃତ ଭାବରେ ବଞ୍ଚିରହିଛି–
**ଅଇଲା କଳାପାହାଡ଼ ଭାଙ୍ଗିଲା ଲୁହାରବାଡ଼**
**ପିଇଲା ମହାନଦୀର ପାଣି।**
**ସୁବର୍ଣ୍ଣ ଥାଳିରେ ହେଡ଼ା ପରଷିଲେ ମୁକୁନ୍ଦଦେବଙ୍କ ରାଣୀ।**
ହୀରା ଶବ୍ଦ କେଉଁଭଳି କିପରି ଭାବରେ ହେଡ଼ା ଶବ୍ଦରେ ରୂପାନ୍ତରିତ ହେଲା ତାହା ରହସ୍ୟ ହୋଇରହିଛି। ଚକ୍ରାନ୍ତକାରୀମାନଙ୍କର ଏହି ଶବ୍ଦକୁ କେତେକ ଆଲୋଚକ ଗୋରୁମାଂସ ବୋଲି ଅର୍ଥ କରିଛନ୍ତି। ଉଷାୟନୀ ଦେଈ ଯେ ନିଜର ସତୀତ୍ୱ ରକ୍ଷାକରିବା ପାଇଁ ହୀରା ପରଷି ଦେଇଥିଲେ ତାହା ନୁହେଁ, ବାରବାଟୀ ଦୁର୍ଗକୁ ରକ୍ଷାକରିବା ପାଇଁ ସେ ଯେଉଁ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିଥିଲେ ତାହା ଇତିହାସରେ ବିରଳ। ବର୍ବର କଳାପାହାଡ ବାରବାଟୀର ପ୍ରବେଶ ଦ୍ୱାର ଭାଙ୍ଗିବା ପୂର୍ବରୁ ମହାରାଣୀ ଭିତରପଟୁ ନିଜେ ଦୁଆର ଖୋଲି ଅମାପ ସାହସରେ ତା ସାମ୍ନାରେ ଆସି ଉଭା ହୋଇଥିଲେ। ଥମିଯାଇଥିଲେ କଳାପାହାଡ। ଇତିହାସକାର ଚକ୍ରଧର ମହାପାତ୍ର ଅନୁସନ୍ଧାନ କରି ଉଷାୟନୀ ଦେବୀ ଗୋରୁମାଂସ ନୁହେଁ, ଅର୍ଥଲୋଲୁପୀ କଳାପାହାଡଙ୍କୁ ହୀରା ଦେଇଥିଲେ ବୋଲି ସ୍ୱଷ୍ଟମତ ରଖିଛନ୍ତି। ଏହା ଯଥାର୍ଥ ଲାଗେ। କାରଣ କଳାପାହାଡ ଏକା ଆକ୍ରମଣ କରିବାକୁ ବାରବାଟୀ ଦ୍ୱାରରେ ଉପସ୍ଥିତ ହୋଇ ନ ଥିଲେ। ଜଣଙ୍କ ପାଇଁ ଖାଦ୍ୟ ପରଷିବା ଏବଂ ଅନ୍ୟମାନେ ଚାହିଁ ରହିବା, ଏହା ଆମର ପରମ୍ପରା ନୁହେଁ। ସମସ୍ତଙ୍କ ପାଇଁ ରାଜବାଟୀର ରୋଷେୟାଙ୍କୁ ସେ ବରାଦ କରିପାରିଥାନ୍ତେ। ସୁନାଥାଳିରେ ଜଣେ ହେଡ଼ା ପରି ଖାଦ୍ୟପଦାର୍ଥକୁ ପରଷିବା ଅସଙ୍ଗତି ଲାଗେ। ତେଣୁ ଆକ୍ରମଣର ମୁଖିଆଙ୍କୁ ସେ ସୁନାଥାଳିରେ ହୀରା ସଜେଇ ଭେଟି ଦେଇଥିଲେ। ଆଶା କରି ନ ଥିବା ପଦାର୍ଥକୁ ନିଜେ ମହାରାଣୀ ଘନଘଟା ପରିବେଶରେ ଆଣି ଭେଟିଦେବା ପରେ ବାତାବରଣ ବଦଳି ଯାଇଥିଲା। ଉଷାୟନୀ ଦେଈ ନିଜେ ଯେତେବେଳେ ସୁବର୍ଣ୍ଣ ଥାଳୀଟି ତାଙ୍କ ହାତକୁ ବଢାଇ ଦେଇଥିଲେ ସେତେବେଳେ ସେ ଆଶା କରି ନ ଥିଲେ ଏକ ଅଦ୍ଭୁତ ପରିବେଶ ତାଙ୍କୁ ସ୍ତବ୍ଧ କରିଦେବ। ମହାରାଣୀଙ୍କର ବିଚକ୍ଷଣ ବୁଦ୍ଧି ଓ ଅସୀମ ସାହସ ଯୋଗୁ କଳାପାହାଡ ଓଡ଼ିଶାର ଅନେକ କ୍ଷତି କରିଥିଲେ ମଧ୍ୟ ଓଡ଼ିଆ ଜାତିର ବୀରତ୍ୱର ବୁନିଆଦି ନବତଳପ୍ରାସାଦ ବାରବାଟୀ ଦୁର୍ଗକୁ ଧ୍ୱଂସ କରିବାରୁ ନିବୃତ୍ତ ରହିଯାଇଥିଲେ।

**– ଡ. ସୁରେନ୍ଦ୍ର କୁମାର ମିଶ୍ର**

**ରଥଖଳାରୁ...**

## ରଥରେ ଯୋଖା କାମ ଅନୁକୂଳ



**ପୁରୀ ଅଫିସ, ୨୧।୬**

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିଲା ରଥକାମ। ଦେବସ୍ନାନ ପୂର୍ଣ୍ଣିମୀରେ ୪ନାହାକା ଉଠିବା ପରେ ରଥ କାମ ଦ୍ରୁତ ଗତିରେ ଚାଲିଛି। ଶୁକ୍ରବାର ତିନି ରଥରେ ଯୋଖା କାମ ଅନୁକୂଳ ହୋଇଛି। ଦଣ୍ଡା, ଅଖ ଓ ଗୟଲକୁ ଏହା ଧରି ରଖିଥାଏ। ନନ୍ଦିଘୋଷ ରଥ ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର କୁହନ୍ତି, ତାଳଧ୍ୱଜ ଓ ନନ୍ଦିଘୋଷ ରଥର ୧୬ଟି ଲେଖାଏଁ ଏବଂ ସୁଭଦ୍ରା ରଥରେ ୧୨ଟି ଯୋଖା ରହିଥାଏ। ରଥଖଳାରେ ପୋଟଲ ଖମ୍ବି ଓ ଓରା କାଠ ପଡିଛି। ତିନିରଥରେ ପୋଟଲ ଖମ୍ବି ୪ଟି ଲେଖାଏଁ ଓ ଓରା ୨ଟି ଲେଖାଏଁ ଲାଗେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭୂଇଁ ଲାଗି ଚଉତା କାଠ ବିନ୍ଧ କାମ ସରିଛି। ରଥଖଳାରେ ମହାରଣା ମାନେ ଯୋଖା ଓ ଚଉଦ ନାହାକା କାଠ ଚଉପଟ କରୁଛନ୍ତି। ଦୋଳ ବେଦୀରେ କମାର ସେବକ ଯୋଖା କଣ୍ଟା ପ୍ରସ୍ତୁତ କରୁଛନ୍ତି। ତାଳଧ୍ୱଜ ରଥ ରୂପକାର ପଞ୍ଚାନନ ମହାପାତ୍ର କୁହନ୍ତି, ରଥରେ ପଟାଗୁଜ ଖୋଦେଇ ଓ ନାଟଗୋଡ କାମ ଚାଲିଛି। ଶୁକ୍ରବାର ସିଂହାସନ କାମ ଆରମ୍ଭ ହୋଇଛି। ଏଥିରେ ଗଛ, ଡାଳି ଓ ପଦ୍ମ ପାଖୁଡା ଖୋଦେଇ କରାଯିବ। ପ୍ରଥମେ ଖଡିରେ ଗାରେଇ, ତା' ଉପରେ ଖୋଦେଇ କରାଯାଏ। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଚିତ୍ରକର ସେବକ ରଥ ପାର୍ଶ୍ୱଦେବଦେବୀ ଚିତ୍ର କରୁଛନ୍ତି।

## ସମର୍ପଣ ଭାବ ରହିଲେ ସଫଳତା ମିଳେ

**ମୋ ଅନୁଭୂତି...**


ପୂର୍ଣ୍ଣଚନ୍ଦ୍ର ମହାପାତ୍ର

ତାଳଧ୍ୱଜ ରଥର ରୂପକାର ସେବକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର। ବୟସ ୭୦ଟପିଲାଣି। ତଥାପି ସେ ବେଶ୍ ଚଳଚଞ୍ଚଳ। ସମସ୍ତଙ୍କୁ କାର୍ଯ୍ୟକୁ ନିଖୁଣ ଭାବେ କରିବା ଲାଗି ତାଗିଦ୍ କରନ୍ତି। ରଥଖଳାକୁ ଆସୁଥିବା ନାତିମାନଙ୍କୁ ମଧ୍ୟ ଖୋଦେଇ ଶିକ୍ଷା ଦିଅନ୍ତି। ସେ କୁହନ୍ତି, ବାପା ଜମ୍ବେଶ୍ୱରଙ୍କ ସହିତ ମୋ ବଡ ଭାଇ ଗଣେଶ ପରେ ମୁଁ ରଥଖଳାକୁ ଆସିଥିଲି। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ବାପା ଓ ବଡ ଭାଇଙ୍କ ପ୍ରେରଣାରୁ ରୂପକାର ସେବାରେ ପରିଚୟ ସୃଷ୍ଟି କରିଛି। ରଥଖଳାରେ କାମ କରିବା ଏକ ସୌଭାଗ୍ୟର ବିଷୟ। ରୂପକାରଙ୍କ ଲାଗି ଏହା ହେଉଛି ପ୍ରଶିକ୍ଷଣର ସମୟ। ଏଠାରୁ ଉତ୍ତୀର୍ଣ୍ଣ ହେଲେ ଭବିଷ୍ୟତରେ ଜଣେ ଭଲ ରୂପକାର ହୋଇପାରିବେ। ରଥଖଳାରେ ଅନୁଭୂତି ନିଆରା। ମହାପ୍ରଭୁଙ୍କ ନିକଟରେ ସମର୍ପଣ ଭାବ ରହିଲେ ସଫଳତା ମିଳେ। ଜୀବନରେ ବହୁ ଅନୁଭବ କରିଛି। ଭାଇଚାରା ଓ ଶ୍ରଦ୍ଧାର କେନ୍ଦ୍ର ହେଉଛି ରଥଖଳା ବୋଲି ସେ କହିଛନ୍ତି। ନିଜର ଏକ ଅନୁଭୂତି ସମ୍ପର୍କରେ କହିବା ବେଳେ ଭାବବିହ୍ୱଳ ହୋଇପଡିଥିଲେ ପୂର୍ଣ୍ଣଚନ୍ଦ୍ର। ଆଖିରୁ ତାଙ୍କର ଧାର ଧାର ଅଶ୍ରୁ ବହି ଯାଉଥିଲା। ସେ କୁହନ୍ତି ରଥଖଳାରେ କାମ କରିବା ବେଳେ ନିଷ୍ଠା, ଏକାଗ୍ରତା ଏବଂ ସମର୍ପିତ ମନରେ କାମ କରିବାକୁ ପଡେ। ରଥଖଳାରେ ପହଞ୍ଚି ନୀଳଚକ୍ର ଓ ପତିତପାବନଙ୍କୁ ହାତ ଟେକିଦେଲେ ମନ ପବିତ୍ର ହୋଇଯାଏ। କାମ କରିବା ଲାଗି ସ୍ଫୁର୍ତ୍ତି ଆସେ। ମନ ପ୍ରଫୁଲ୍ଲିତ ଏବଂ ଆନନ୍ଦ ଲାଗେ। ରଥଖଳା ପରିସରରେ ଏକ ଆଧ୍ୟାତ୍ମିକତାର ବାତାବରଣ ରହିଥାଏ। ସମସ୍ତେ ପରସ୍ପର ମଧ୍ୟରେ ଆନନ୍ଦ ଉଲ୍ଲାସରେ କାମ କରନ୍ତି। ଏକ ସୁନ୍ଦର ବାତାବରଣ ଦେଖିବାକୁ ମିଳେ। ଏସବୁ ମହାପ୍ରଭୁଙ୍କ ଲୀଳା। ସେ ଲୀଳାମୟ ଠାକୁର। ଶ୍ରୀମନ୍ଦିରରେ ବସି ସେ ଲୀଳା କରୁଛନ୍ତି। ରଥଖଳାରେ କିପରି ସମୟ କଟିଯାଏ ଜଣାପଡେନି। ମହାପ୍ରଭୁଙ୍କ ସେବାରେ ଲାଗିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରେ।

### ସରିଲା ଶ୍ରୀଅଙ୍ଗ ଫିଟା ନୀତି
## ମହାପ୍ରଭୁଙ୍କୁ ଆଜି ଫୁଲୁରୀ ତେଲ ଲାଗି

**ପୁରୀ ଅଫିସ, ୨୧।୬**

ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ଚତୁର୍ଦ୍ଧାବିଗ୍ରହ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି ଦଇତାପତି ସେବକ। ଚାଲିଛି ଉପଚାର। ତେବେ ଅଣସର ସମୟରେ ଠାକୁରଙ୍କ ଉପଚାର ବିଧି ସମ୍ପର୍କରେ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଶୁକ୍ରବାର ହେଉଛି ଅଣସରର ଚତୁର୍ଥ ଦିବସ। ଏହିଦିନ ଠାକୁର ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରୀ, ମୁହଁରେ ଥିବା କନା ଆଦି କଢାଯାଇଛି। ଏହାକୁ ଶ୍ରୀଅଙ୍ଗ ଫିଟା ନୀତି କୁହାଯାଏ। ଶୁକ୍ରବାର ଏହି ନୀତି ସମ୍ପନ୍ନ ହୋଇଛି। ମୁହଁରୁ ଯେଉଁ କନା (ବିରୂପ) ବାହାରେ ତାକୁ ଅଲଗା ରଖାଯାଏ। ଏହି କନାକୁ ଅଣସର ଶୁଦ୍ଧସୁଆର ସେବକ ତ୍ରୟୋଦଶୀ ରାତିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରିଥାନ୍ତି। ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, ପାଟଡୋରୀକୁ ଦ୍ୱାଦଶୀରେ ରାଜପ୍ରସାଦ ଆକାରରେ ରାଜା ନଅରକୁ ବିଜେ ହୁଏ। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ। ଶନିବାର ଅର୍ଥାତ୍ ପଞ୍ଚମ ଦିନରେ ଠାକୁର କିଭଳି ସୁସ୍ଥ ହେବେ ସେଥିପାଇଁ ଶ୍ରୀଅଙ୍ଗରେ ଲାଗି ହେବ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଫୁଲୁରୀ ତେଲ। ପୂର୍ବ ପରମ୍ପରା ଅନୁଯାୟୀ, ଏହି ଫୁଲୁରୀ ତେଲ ବଡ଼ ଓଡିଆ ମଠ ଯୋଗାଇଦେବ। ରାଶି ତେଲରେ ବିଭିନ୍ନ ପ୍ରକାର ଚେର, ଔଷଧୀୟ ଫୁଲ ଆଦି ମିଶାଯାଇ ଗୋଟିଏ ବର୍ଷ ପୂର୍ବରୁ ମାଟିତଳେ ପୋତା ଯାଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଏହି ଫୁଲୁରୀ ତେଲ ଲାଗି କରିବେ।

## ଚତୁର୍ଥ ଦିନରେ ଅଣସର ଦର୍ଶନ, ବର୍ଷା ସାଜିଲା ବାଧକ

**ବ୍ରହ୍ମଗିରି, ୨୧।୬(ଡି.ଏନ୍.ଏ.)**

ଅଲାରନାଥ ପୀଠରେ ଶୁକ୍ରବାର ଦିନ ଅଣସର ଦର୍ଶନ ଚତୁର୍ଥ ଦିନରେ ପହଞ୍ଚିଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅଣସର ପିଣ୍ଡିରେ ଗୁପ୍ତ ସେବା ପାଉଥିବା ସମୟରେ ଶ୍ରଦ୍ଧାଳୁମାନେ ବ୍ରହ୍ମଗିରିରେ ଅଲାରନାଥଙ୍କୁ ଦେଖି ସମଫଳ ପ୍ରାପ୍ତିର ଆଶା ରଖିଥାନ୍ତି । ଏନେଇ ଏହି ପୀଠ ସର୍ବଦା ୧୪ ଦିନ ଧରି ଚଳ ଚଞ୍ଚଳ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଅଣସର ଦର୍ଶନ ଚାଲିଥିବା ସମୟ ବାଧକ ସାଜିଛି ଲଗାଣ ବର୍ଷା। ଗୁରୁବାର ଓ ଶୁକ୍ରବର ଦୁଇ ଦିନ ଧରି ଲଗାଣ ବର୍ଷା ଲାଗିରହିଥିବା କାରଣରୁ ଶ୍ରଦ୍ଧାଳୁଙ୍କ ସମାଗମ ଉପରେ ପ୍ରଭାବ ପଡିଛି। ବର୍ଷା ଯୋଗୁ ସେତେଟା ଭିଡ ଦେଖିବାକୁ ମିଳୁନି। କାଁ ଭାଁ କେତକ ଶ୍ରଦ୍ଧାଳୁ ଶ୍ରୀ ଜିଉଙ୍କ ଦର୍ଶନ ପାଇଁ ଆସୁଥିବାର ଦେଖିବାକୁ ମିଳୁଛି।


ଦେବୀ ସୁଭଦ୍ରାଙ୍କର ପଦ୍ମଧ୍ୱଜ ରଥର ଦ୍ୱାରପାଳ ଗଙ୍ଗା ଓ ଯମୁନା।

## ରଥରେ ଦ୍ୱାରପାଳ

**ପୁରୀ ଅଫିସ, ୨୧।୬**

ମହାପ୍ରଭୁ ଶ୍ରୀଗୁଣ୍ଡିଚା ଯାତ୍ରା କରିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ସ୍ୱମୁଖରେ ନିର୍ଦ୍ଦେଶ ଦେଇଥିଲେ। ସେହି କାଳରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ରଥଯାତ୍ରା ପାରମ୍ପରିକ ରୀତିରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇଆସୁଛି। ଠାକୁରମାନେ ପତିତଉଦ୍ଧାର କରିବା ପାଇଁ ଏହି ଯାତ୍ରା କରିଥାନ୍ତି। ତେଣୁ ଏହି ଯାତ୍ରାକୁ ପତିତପାବନ ଯାତ୍ରା ବୋଲି କୁହାଯାଇଥାଏ। ଏଥିପାଇଁ ଦାରୁବିଗ୍ରହ ରତ୍ନସିଂହାସନରୁ ଓହ୍ଲାଇ ବଡ଼ଦାଣ୍ଡକୁ ଆସନ୍ତି। ରଥରେ ବସି ଜନ୍ମବେଦୀକୁ ଯାତ୍ରା କରିଥାନ୍ତି। ଶ୍ରୀବଳଭଦ୍ରଙ୍କ ଲଙ୍ଗଳଧ୍ୱଜ ରଥ ସିଂହାସନ ଉପରେ ରଥର ଅଧିଶ୍ୱର ଦେବତା ଭାବେ ତିନିବିଗ୍ରହ ଶ୍ରୀବଳଭଦ୍ର ଏବଂ ଚଳନ୍ତି ପ୍ରତିମା ରାମ ଓ କୃଷ୍ଣ ଅବସ୍ଥାନ କରିଥାନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଗରୁଡ଼ଧ୍ୱଜ ରଥର ସିଂହାସନ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ବିଜେ କରିଥାନ୍ତି। ସେହିପରି ଦେବୀ ସୁଭଦ୍ରାଙ୍କର ପଦ୍ମଧ୍ୱଜ ରଥରେ ସିଂହାସନ ଉପରେ ରଥର ଅଧିଶ୍ୱର ଦେବତା ଭାବରେ ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନ ବିଜେ କରିଥାନ୍ତି। ଠାକୁରମାନେ ରତ୍ନସିଂହାସନରେ ବିଜେ କରିଥିବା ସମୟରେ ଯେଉଁଭଳି ବଡ଼ଦେଉଳରେ ଦ୍ୱାରପାଳ ରହିଥାନ୍ତି ସେହିପରି ରଥର ସିଂହାସନ ଉପରେ ବିଜେ କରିଥିବା ସମୟରେ ମଧ୍ୟ ଦ୍ୱାରପାଳ ରହିବା ବିଧି ରହିଛି। ସେଥିପାଇଁ ପ୍ରତ୍ୟେକ ରଥରେ ସ୍ୱତନ୍ତ୍ର ଦ୍ୱାରପାଳମାନେ ରହିଥାନ୍ତି। ଲଙ୍ଗଳଧ୍ୱଜ ରଥର ଦ୍ୱାରପାଳ ହେଲେ ନନ୍ଦ ଓ ସୁନନ୍ଦ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦ୍ୱାରପାଳଦ୍ୱୟ ହେଲେ ଜୟ ଓ ବିଜୟ। ସେହିପରି ଦେବୀ ସୁଭଦ୍ରାଙ୍କର ପଦ୍ମଧ୍ୱଜ ରଥର ଦ୍ୱାରପାଳ ହେଲେ ଗଙ୍ଗା ଓ ଯମୁନା। ବିଶ୍ୱପ୍ରସିଦ୍ଧ ରଥଯାତ୍ରା କାଳରେ ଠାକୁରମାନଙ୍କ ସହିତ ରଥର ନିର୍ଦ୍ଦିଷ୍ଟ ସ୍ଥାନରେ ଅବସ୍ଥାନ କରି ଦ୍ୱାରପାଳମାନେ ମଧ୍ୟ ଏହି ମହାନ ଯାତ୍ରାରେ ସାମିଲ ହୋଇଥାନ୍ତି।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧୋତ୍ସବରେ ସାରସ୍ୱତ ସଭା, ପାନ୍ଥନିବାସ, ସନ୍ଧ୍ୟା ୬ଟା ୩୦।
- ବୁଦ୍ଧେଶ୍ୱରୀ କଲୋନୀ ୱେଲଫେୟାର କମିଟି ପକ୍ଷରୁ ସ୍ୱାଗତ ଉତ୍ସବ, ବୁଦ୍ଧେଶ୍ୱର କଲୋନୀ ପରିସର, ସନ୍ଧ୍ୟା ୭ଟା।

**କଟକ**

- ୟଙ୍ଗ ମେନ୍‌ସ ଖ୍ରୀଷ୍ଟିୟାନ ଆସୋସିଏଶନ ପକ୍ଷରୁ ରକ୍ତଦାନ ଏବଂ ସଚେତନତା ଶିବିର, ଆସୋସିଏଶନ ପରିସର, ପୁରୁଣା ସେକ୍ରେଟେରିଏଟ୍ ରୋଡ୍, ସକାଳ ୮ଟା ।
- ଜିଲାସ୍ତରୀୟ ପ୍ରାକୃତିକ ଦୁର୍ବିପାକ କମିଟି ବୈଠକ, ଜିଲାପାଳଙ୍କ ନୂଆ ସମ୍ମିଳନୀ କକ୍ଷ, ଅପରାହ୍ନ ୩ଟା ୩୦ ।
- ପାକ୍ଷିକ ଖବରକାଗଜ 'ପୃଷ୍ଠଭୂମି'ର ୨୪ତମ ସ୍ୱନକ୍ଷତ୍ର ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ଅପରାହ୍ନ ୫ଟା।

## ସଙ୍ଗୀତ ମନୁଷ୍ୟ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ

ଭୁବନେଶ୍ୱର,୨୧।୬(ବ୍ୟୁରୋ): ସଙ୍ଗୀତ ମନୁଷ୍ୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସଙ୍ଗୀତ ଦ୍ୱାରା ମଣିଷ ବହୁ ମାରାତ୍ମକ ରୋଗରୁ ମୁକ୍ତିଲାଭ କରିଥାଏ। ଯେଉଁଥିପାଇଁ ମ୍ୟୁଜିକ୍ ଥେରାପୀ ବର୍ତ୍ତମାନ ସମୟରେ ଏକ ଲୋକପ୍ରିୟ ଅର୍ଜନ କରିଥିବା ମତପ୍ରକାଶ ପାଇଛି। ବିଶ୍ୱ ସଙ୍ଗୀତ ଦିବସ ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ମଦନପୁରସ୍ଥିତ କ୍ୟାମ୍ପସରେ ଆୟୋଜିତ ସ୍ୱତନ୍ତ୍ର ଆଲୋଚନାଚକ୍ରରେ ଯୋଗଦେଇଥିବା ବକ୍ତାମାନେ ଏହା କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳକାନ୍ତ ମିଶ୍ର ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ସଙ୍ଗୀତର ଉପାଦେୟତା ଏବଂ ସଙ୍ଗୀତ ଆମ ଜୀବନଧାରା ସହ କିପରି ଓତଃପ୍ରୋତ ଭାବେ ଜଡ଼ିତ। ସଙ୍ଗୀତ ଦ୍ୱାରା ମନୁଷ୍ୟର ଶିରାପ୍ରଶିରାରେ ଯେଉଁ କମ୍ପନ ସୃଷ୍ଟି ହୁଏ ତାହା ନୃତ୍ୟର କାର୍ଯ୍ୟକରେ। ସଙ୍ଗୀତ ଏବଂ ଯୋଗ ଉଭୟ ମଣିଷ ପାଇଁ ଅତ୍ୟାବଶ୍ୟକ ବୋଲି ସେ କହିଥିଲେ। ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସଂସ୍କୃତି ତଥା ସଙ୍ଗୀତ ବିଶାରଦ ଡ. କୀର୍ତ୍ତନ ନାରାୟଣ ପାଢୀ କହିଥିଲେ, ଯୋଗ ଏବଂ ସଙ୍ଗୀତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହି ଅବସରରେ ସେ ଆର୍ଯୁବେଦ, ଧର୍ନୁବେଦ, ଗାନ୍ଧର୍ବ୍ୟବେଦରେ ସଙ୍ଗୀତ ଏବଂ ଯୋଗର ଉପସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସ୍ନାତକୋତର ପରିଷଦ ଅଧ୍ୟକ୍ଷ ବିଶ୍ୱ ସଙ୍ଗୀତ ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ମନୋଜ କୁମାର ଦାସ ବିଶ୍ୱ ସଙ୍ଗୀତ ଦିବସର ଗୁରୁତ୍ୱ ଏବଂ ସଙ୍ଗୀତର ବିଶ୍ୱକୁ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ଗବେଷକମାନେ ଯୋଗ ଦେଇଥିଲେ।

### ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ସଙ୍ଗୀତ ଦିବସ ପାଳିତ

## ସୃଜନଶୀଳତା ପ୍ରକାଶ କରେ ସଙ୍ଗୀତ

ଭୁବନେଶ୍ୱର,୨୧।୬(ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ବିଶ୍ୱ ସଙ୍ଗୀତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଡ. ରାମକୃଷ୍ଣ ସାହୁ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ବିଜୟ କୁମାର ଜେନା ଉପସ୍ଥିତ ଥିଲେ। ବିବିଧ ଶାସ୍ତ୍ରୀୟ, ପାରମ୍ପରିକ ଓ ଲୋକସଙ୍ଗୀତର ପ୍ରଦର୍ଶନ ମାଧ୍ୟମରେ ସୃଜନ ଚିନ୍ତାଧାରାକୁ ପ୍ରକାଶ କରିବା ସହ ପରସ୍ପର ମଧ୍ୟରେ ମୈତ୍ରୀ ଭାବକୁ ଏକସୂତ୍ରରେ ବାନ୍ଧି ରଖିବା ଏହି ବିଶ୍ୱ ସଙ୍ଗୀତ ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭିକ ସଭାପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ ଓଡ଼ିଶୀ ସଙ୍ଗୀତ ଶ୍ରୋତାଙ୍କ ହୃଦୟ ଛୁଇଁଥିଲା। ପ୍ରାରମ୍ଭରେ ଗୁରୁ ନିମାକାନ୍ତ ରାଉତରାୟଙ୍କ ଦ୍ୱାରା ରାଗ କଲ୍ୟାଣ ଓ ତାଳ ଏକତାଳି ଉପରେ ଆଧାରିତ 'ବସି କାନ୍ଦୁଥିବ ମାନିନୀ' ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷିତ ହୋଇଥିଲା। ପରେ ହରପ୍ରିୟା ସ୍ୱାଇଁଙ୍କ ଦ୍ୱାରା ଓଡ଼ିଶୀ କଣ୍ଠ ସଙ୍ଗୀତ 'ନ ଯା ଯମୁନା ଲୋ ସହି' ପରିବେଷିତ ହୋଇଥିଲା। ପରେ ପରେ ସନ୍ଦୀପ କୁମାର ରାଉତଙ୍କ ଦ୍ୱାରା ତବଲା ବାଦ୍ୟରେ ଚିତ୍ତାକର୍ଷକ ଯନ୍ତ୍ର ସଙ୍ଗୀତ ପରିବେଷିତ ହୋଇଥିଲା। ଏହାସହ ମର୍ଦ୍ଦଳ ବାଦନ କରି ସଚ୍ଚିଦାନନ୍ଦ ଦାସ ସଙ୍ଗୀତ ପରିବେଷଣ କରିଥିଲେ। ସେମାନଙ୍କୁ ବାଦ୍ୟଯନ୍ତ୍ରରେ ବିଜୟ କୁମାର ଦାସ, ସୁମନ୍ତ ମହାରଣା, ପ୍ରଶାନ୍ତ କୁମାର ପାଢୀ ଓ ସଚ୍ଚିଦାନନ୍ଦ ସାହୁ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ମହାପ୍ରସାଦ କର, ଝୁମ୍‌କି ରଥ, ଅଞ୍ଜଳି ମିଶ୍ର ଓ କରୁଣାକର ସେଠୀଙ୍କ ଦ୍ୱାରା ସୁଗମ ସଙ୍ଗୀତ ପରିବେଷିତ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ମେଧାବୀଙ୍କ ସଂଘର୍ଷ କାହାଣୀ

# ନିଜେ ଟ୍ୟୁଶନ କରି ପଢ଼ା ଖର୍ଚ୍ଚ ତୁଲାଉଥିଲେ

କଟକ ଅଫିସ,୨୧।୬



ଲିପ୍ସାରାଣୀ ସାହୁ

ଆମର ସମସ୍ତ ସ୍ୱପ୍ନ ପୂରଣ ହେବ, ଯଦି ଆମେ ସେ ସ୍ୱପ୍ନ ପଛରେ ସବୁବେଳେ ଧାଇଁବା... ଆମେରିକୀୟ ଉଦ୍ୟୋଗୀ, ସିନେ ପ୍ରଯୋଜକ ତଥା ବିଶ୍ୱର ବେଶ୍ ପରିଚିତ ଆନିମେଟର ୱାଲଟ୍ ଡିଜନୀଙ୍କର ଏହା ଏକ ଯୁଗାନ୍ତକାରୀ ମତ। ନିଜକୁ ସଫଳ ଭାବେ ଗଢ଼ି ତୋଳିବାର ସ୍ୱପ୍ନ ଦେଖିବା ଓ ପରବର୍ତ୍ତୀ ସମୟରେ ଏହାକୁ ସାକାର କରିପାରିଛନ୍ତି କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ପାଟରାସାହିର ଲିପ୍ସାରାଣୀ ସାହୁ। ଶୁକ୍ରବାର ପ୍ରକାଶ ପାଇଥିବା ଯୁକ୍ତ ଦୁଇ କଳା ପରୀକ୍ଷାରେ ଲିପ୍ସା ୫୪୦ ନମ୍ବର ରଖି ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ହେଲେ ସଫଳତାର ସ୍ୱାଦ ଚାଖିଥିବା ଲିପ୍ସା ପାଠପଢ଼ିବା ପାଇଁ ଅନେକ ସଂଘର୍ଷ ଭିତରେ ଗତି କରିଛନ୍ତି। ଆର୍ଥିକ ଅନଟନରେ ଘାଣ୍ଟି ହେଉଥିବା ପରିବାରରୁ ଆସି ମଧ୍ୟ ଲିପ୍ସା ଏବେ ରାଜ୍ୟର ମେଧାବୀମାନଙ୍କ ମଧ୍ୟରେ ଆଗରେ। ଏପରି କି ନିଜ ପଢାଖର୍ଚ୍ଚ ତୁଲାଇବା ପାଇଁ ଲିପ୍ସା ସ୍କୁଲ ପିଲାଙ୍କୁ ଟ୍ୟୁଶନ କରୁଥିଲେ।

ପିତା ପ୍ରଶାନ୍ତ କୁମାର ସାହୁ ଓ ମା ରଶ୍ମିତା ସାହୁଙ୍କ ଝିଅ ଲିପ୍ସା ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲରେ ଯୁକ୍ତ ଦୁଇ କଳା ପଢୁଥିଲେ। କଟକରେ ରହି ପାଠପଢ଼ିବାର ଇଚ୍ଛା ଥିଲେ ମଧ୍ୟ ପରିବାରର ଆର୍ଥିକ ଅଭାବ ଯୋଗୁ ପ୍ରତିଦିନ ସେ ଟାଙ୍ଗୀରୁ ଯିବା ଆସିବା କରନ୍ତି। କଲେଜରେ କ୍ଲାସ ସକାଳୁ ଥିବା ହେତୁ ସକାଳ ୬ଟାରୁ ଉଠି କଟକ ଆସିବା ପାଇଁ ପ୍ରସ୍ତୁତ ହେଉଥିଲେ। କଲେଜ ପଢ଼ା ସରିବା ପରେ ଏଠାରେ ଟ୍ୟୁସନ ହୋଇ ଘରକୁ ଫେରିଲା ବେଳକୁ ସନ୍ଧ୍ୟା ୭ଟା। ତେବେ ଦୁଇଥର ବସ୍ ଭଡ଼ା ଓ ଖାଇବା ଖର୍ଚ୍ଚ ବାବଦରେ ଲିପ୍ସାଙ୍କୁ ୩୦ରୁ ୪୦ ଟଙ୍କା ଦିଆଯାଉଥିଲା, ଏହାଠାରୁ ଅଧିକ ଖର୍ଚ୍ଚ ଦେବା ଆମ ପକ୍ଷେ ଅସମ୍ଭବ ବୋଲି ପ୍ରଶାନ୍ତ କହିଛନ୍ତି। ପ୍ରଶାନ୍ତଙ୍କର ପୂର୍ବରୁ ଏକ ତେଜରାତି ଦୋକାନ ଥିବା ବେଳେ ଏବେ ଏହା ବନ୍ଦ ହୋଇପଡ଼ିଛି। ଫଳରେ ପ୍ରଶାନ୍ତଙ୍କର ରୋଜଗାର ଶୂନ। ଲିପ୍ସାଙ୍କ ଭାଇ ସୌମ୍ୟକାନ୍ତ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି। ଯାହା ଦରମା ପାଆନ୍ତି ତାହା ଘର ଖର୍ଚ୍ଚକୁ ନିଅଣ୍ଟ ପଡ଼େ ବୋଲି ପ୍ରଶାନ୍ତ କହିଥିଲେ। ସନ୍ଧ୍ୟାରେ ଲିପ୍ସା ଘରକୁ ଫେରିବା ପରେ କେତେଜଣ ସ୍କୁଲ ପିଲାଙ୍କୁ ଟ୍ୟୁଶନ କରୁଥିଲେ। ଯାହା ବି ଆୟ ହୁଏ ତାହାକୁ ସେ ନିଜର ଓ ପଢ଼ା ଖର୍ଚ୍ଚରେ ଲଗାଉଥିଲେ। ଏ ନେଇ ଲିପ୍ସା କହିଛନ୍ତି, ଭଲ ରେଜଲ୍ଟ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରୁଥିଲି। ଯେତିକି ସମୟ ମିଳେ ତାହାକୁ ପଢ଼ାରେ ହିଁ ବିନିଯୋଗ କରେ। ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ମୋର ସ୍ୱପ୍ନ ରହିଛି। ଅପରପକ୍ଷେ ଆଗାମୀ ଦିନରେ ଉଚ୍ଚଶିକ୍ଷା ହାସଲ ପାଇଁ ଲିପ୍ସାଙ୍କ ବାଟରେ ଅର୍ଥ ବାଧକ ନ ସାଜୁ ବୋଲି ପ୍ରଶାନ୍ତ କହିଛନ୍ତି।

### ୯୦ ପ୍ରତିଶତ ରଖିଥିବା ଛାତ୍ରୀଛାତ୍ର

| ନାମ | ଶିକ୍ଷାନୁଷ୍ଠାନ | ନମ୍ବର |
|---|---|---|
| **କଳା** | | |
| ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ | ଶୈଳବାଳା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ୫୪୫ |
| ପୂଜା ସାହୁ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| ଲିପ୍ସାରାଣୀ ସାହୁ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| **ବାଣିଜ୍ୟ** | | |
| ଲକ୍ଷ୍ମୀ ଅଗ୍ରୱାଲ | କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ | ୫୭୦ |
| ରିଙ୍କି ରାଏ | କେସିଙ୍ଗା ହାୟର ସେକେଣ୍ଡାରୀ ସ୍କୁଲ | ୫୬୭ |
| ବିଶାଖା ଗୁପ୍ତା | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୬୫ |
| ଅମନ ମହାୱାର | ଭଦ୍ରକ ହାୟର ସେକେଣ୍ଡାରୀ ସ୍କୁଲ ୫୫୭ | |
| ବେଦନ୍ତା ଶର୍ମା | ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ | ୫୫୭ |
| ଜୟା ନାଥାନୀ | ପ୍ରୟାସ ହାୟର ସେକେଣ୍ଡାରୀ ସ୍କୁଲ | ୫୫୭ |
| ଅଭିନାଶ ଜେନା | ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ | ୫୫୫ |
| ସୋହେଲ ଇଜାଜ୍ | ରାଜଧାନୀ ହାୟର ସେକେଣ୍ଡାରୀ ସ୍କୁଲ | ୫୫୧ |
| ତରୁଣ କୁମାର ଗୋଏଲ | ବିକାଶ ହାୟର ସେକେଣ୍ଡାରୀ ସ୍କୁଲ | ୫୫୧ |
| ମାନସୀ ଅଗ୍ରୱାଲା | ବେଦିକ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ୫୫୦ |
| ମଧୁସ୍ମିତା ବିଶ୍ୱାଳ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୪୮ |
| ଶୁଭସ୍ମିତା ବେହେରା | ରେଭନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୪୭ |
| ସୌମ୍ୟାଶ୍ରୀ ଓଝା | ସ୍ୱାମୀ ବିବେକାନନ୍ଦ ମେମୋରିଆଲ ହାୟର ସେକେଣ୍ଡାରୀ ସ୍କୁଲ | ୫୪୫ |
| ରୁପାଲି ସାମଲ | କେନ୍ଦ୍ରାପଡ଼ା ହାୟର ସେକେଣ୍ଡାରୀ ସ୍କୁଲ | ୫୪୫ |
| ଏସ୍. ରାନୀ | ଖଲ୍ଲିକୋଟ ହାୟର ସେକେଣ୍ଡାରୀ ସ୍କୁଲ | ୫୪୫ |
| ହରିପ୍ରିୟା ବାଗ୍ | ବିକାଶ ହାୟର ସେକେଣ୍ଡାରୀ ସ୍କୁଲ | ୫୪୫ |
| ଚଞ୍ଚଲ ଅଗ୍ରୱାଲ | ବେଦିକ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ୫୪୪ |
| ଶ୍ରଦ୍ଧା ଜୈନ | ନାଇସ୍ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସ | ୫୪୩ |
| ସୁନମ୍ ଦତ୍ତ | ପ୍ରାଣନାଥ ହାୟର ସେକେଣ୍ଡାରୀ ସ୍କୁଲ | ୫୪୩ |
| ଝଙ୍କାର ପଟେଲ | ବିକାଶ ହାୟର ସେକେଣ୍ଡାରୀ ସ୍କୁଲ | ୫୪୩ |
| ପି. ପ୍ରିୟଙ୍କା | ଶଶିଭୂଷଣ ରଥ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ | ୫୪୨ |
| ଅଜିତ କୁମାର ନାୟକ | ଫକୀର ମୋହନ ହାୟର ସେକେଣ୍ଡାରୀ ସ୍କୁଲ | ୫୪୧ |
| ହରେକୃଷ୍ଣ ସାମଲ | ସ୍ୱସ୍ତିକ ରେସିଡେନ୍ସିଆଲ କମର୍ସ ହାୟର ସେକେଣ୍ଡାରୀ ସ୍କୁଲ | ୫୪୧ |
| ଶିଲ୍ପୀ ଜୈନ | ନାଇସ୍ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସ | ୫୪୧ |
| ଐଶ୍ୱର୍ଯ୍ୟା ସାହୁ | ଢେଙ୍କାନାଳ ହାୟର ସେକେଣ୍ଡାରୀ ସ୍କୁଲ | ୫୪୧ |
| ବାଲାଜୀ ସାହୁ | ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ | ୫୪୧ |
| ଇପ୍‌ସା ଦାସ | ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| ଦେବସ୍ମିତା ମହାନ୍ତି | ସାଲେପୁର ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| ନୂପୁର ରାମ | ନିସ୍ ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| ପ୍ରୀତି ଅଗ୍ରୱାଲ | ଗଙ୍ଗାଧର ମେହେର ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |
| ସ୍ନେହା ଅଗ୍ରୱାଲ | ବେଦିକ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ | ୫୪୦ |

## ଆକାଉଣ୍ଟାନ୍ସି କ୍ଷେତ୍ରରେ କାର୍ଯ୍ୟ କରିବି



ସମସ୍ତ ପାଠ୍ୟପୁସ୍ତକ ଶେଷ କରିବା ପରେ ପରୀକ୍ଷା କିଛିମାସ ଆଗରୁ ଶେଷ ୧୦ବର୍ଷର ପ୍ରଶ୍ନପତ୍ରକୁ ଅଭ୍ୟାସ କରିଥିଲି। ଯାହା ମୋତେ ଭଲ ଫଳ ମିଳିବାରେ ସାହାଯ୍ୟ ହେଲା ବୋଲି ଯୁକ୍ତ ଦୁଇ ବାଣିଜ୍ୟରେ ସମଗ୍ର ରାଜ୍ୟରେ ୩ୟ ସ୍ଥାନ ହାସଲ କରିଥିବା ରେଭେନ୍‌ଶା ଜୁନିୟର କଲେଜ ଛାତ୍ରୀ ବିଶାଖା ଗୁପ୍ତା କହିଛନ୍ତି। ଆଗାମୀ ଦିନରେ ଆକାଉଣ୍ଟାନ୍‌ସି କ୍ଷେତ୍ରରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ଅଛି ବୋଲି ସେ କହିଥିଲେ। ପିତା ରବିକାନ୍ତ ଗୁପ୍ତା ଓ ମା ସନ୍ତୋଷୀ ଗୁପ୍ତାଙ୍କ ଝିଅ ବିଶାଖା ଚାଉଳିଆଗଞ୍ଜରେ ରୁହନ୍ତି। ଦିନକୁ ୫ରୁ ୬ ଘଣ୍ଟା ପାଠପଢ଼ାରେ ସମୟ ଦେଉଥିଲେ ବୋଲି ବିଶାଖା କହିଛନ୍ତି।

– ବିଶାଖା ଗୁପ୍ତା

## ଗବେଷଣା ପ୍ରତି ଦୁର୍ବଳତା ଅଛି

ପରୀକ୍ଷା ଫଳ କିପରି ଭଲ ହେବ ସେଥିପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିଥିଲି। ବର୍ଷ ଆରମ୍ଭରୁ ପଢ଼ିବା ସହ ପରୀକ୍ଷା ପୂର୍ବରୁ ଦିନରେ ଅତିକମ୍‌ରେ ୭ରୁ ୮ ଘଣ୍ଟା ପାଠ ପଢ଼େ। ହେଲେ ଟପ୍ପର ହେବି ବୋଲି ବିଶ୍ୱାସ ନ ଥିଲା। ଆନ୍ଥ୍ରୋପୋଲୋଜି ପଢ଼ି ଆଗାମୀ ଦିନରେ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଯୁକ୍ତ ଦୁଇ କଳାରେ ଟପ୍ପର ହୋଇଥିବା ଶୈଳବାଳା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ କହିଛନ୍ତି। ପିତା ସୁରେନ୍ଦ୍ର କୁମାର ପତ୍ରୀ ଓ ମା ମିନତୀ ମଞ୍ଜରୀ ପତ୍ରୀଙ୍କ ଝିଅ ଶିବାନୀ ସିଡିଏ ସେକ୍ଟର-୭ରେ ରୁହନ୍ତି। ପରୀକ୍ଷାର୍ଥୀଙ୍କ ପାଇଁ ଶିବାନୀ କହିଛନ୍ତି, ପରୀକ୍ଷାଫଳ ଭଲ ହେବା ନିଜ ଉପରେ ନିର୍ଭର କରେ। ଯେତେ ମାତ୍ରାରେ ପାଠପଢ଼ ନା କାହିଁକି ଏହାକୁ ରିଭିଜନ କରିବା ବି ଜରୁରୀ। ଏହାଛଡ଼ା ପାଠରେ ଯାହା ବି ସନ୍ଦେହ ରହୁଛି ତାହାକୁ ଦୂର କରିବା ଅଧିକ ଆବଶ୍ୟକ ବୋଲି ସେ କହିଛନ୍ତି।

– ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ

# ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ ଉଦ୍‌ଘାଟିତ



ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ମୁଖପତ୍ର 'ସତ୍ୟପ୍ରଜ୍ଞା'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜାତୀୟ ପରିଷଦର କର୍ପୋରେଟ ଆଇନ ବିଭାଗ ଦ୍ୱାରା ଆୟୋଜିତ ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଲକୋ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜାତୀୟ ପରିଷଦର ଉପସଭାପତି ଅତୁଲ କୁମାର ଗୁପ୍ତା, କଟକ ଶାଖା ସଭାପତି କ୍ଷୀରୋଧ କୁମାର ଆଚାର୍ଯ୍ୟ, ସମ୍ପାଦକ ଅଭିଜିତ ପାତ୍ର, ସମ୍ମିଳନୀ ସଭାପତି କ୍ରୀଷ୍ଣା କହ୍ନେୟା ବାଦେରିଆ ପ୍ରମୁଖ ଯୋଗଦେଇଥିଲେ। ବିତ୍ତ ବ୍ୟବସ୍ଥା ଓ ଅଡିଟ୍‌ରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଛି। ଏହି ଅବସରରେ 'ସତ୍ୟପ୍ରଜ୍ଞା' ଶୀର୍ଷକ ମୁଖପତ୍ର ଉନ୍ମୋଚନ ହୋଇଯାଇଛି। ସମ୍ମିଳନୀରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜାତୀୟ ପରିଷଦର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନରେ ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଦୀପକ



ଦିନେଶ



ଦାଶରଥି



ସୂର୍ଯ୍ୟକାନ୍ତ



ମାନସ



ପୁନମ୍



ସତ୍ୟବ୍ରତ



ପ୍ରିୟବ୍ରତ



"ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିଙ୍କୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।

- ଯିଶୁଖ୍ରୀଷ୍ଟ

## ଅନ୍ତର୍ଜାତୀୟ ଯୋଗ ଦିବସ



ଭୁବନେଶ୍ୱର ବିଜେଇଏମ୍ ସ୍କୁଲ୍ ପରିସରରେ ଆୟୋଜିତ ଯୋଗ ଶିବିର।



ଭୁବନେଶ୍ୱରସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପସ୍।





ଯୋଗ ମହୋତ୍ସବ ଓଡ଼ିଶା ପକ୍ଷରୁ ଜନତା ମଇଦାନରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଯୋଗାଭ୍ୟାସ କରୁଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଖୋଲିବ ଯୋଗ, ପ୍ରାକୃତିକ ଚିକିତ୍ସା ବିଭାଗ

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଖୋଲିବ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ବା ନେଚରୋପାଥି ବିଭାଗ। ଖୁବ୍‌ଶୀଘ୍ର ଏଥିପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ନୂଆ ବିଭାଗ ଖୋଲିବା ଲାଗି ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଛନ୍ତି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳକାନ୍ତ ମିଶ୍ର। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶୁକ୍ରବାର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ଯୋଗ କର୍ମଶାଳାକୁ ଉଦ୍‌ଘାଟନ କରି ପ୍ରଫେସର ମିଶ୍ର କହିଥିଲେ, ଯୋଗଦ୍ୱାରା ସାମଗ୍ରିକ ବିକାଶ ସମ୍ଭବ। ଯୋଗ ଆଧାରିତ କର୍ମ ହିଁ ପ୍ରକୃତ କର୍ମ। ଯୋଗ ଦିବସ ପାଳନ ଏବଂ ଅନ୍ତର୍ଜାତୀୟ ଯୋଗ ଦିବସ ହିଁ ବିଶ୍ୱକୁ ଭାରତର ଦାନ।

କର୍ମଶାଳାରେ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ଅନୁଗୋଳସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଯୋଗିକ୍ ସାଇନ୍ସ ରିସର୍ଚ୍ଚର ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ଯୋଗାସନ ପ୍ରଦର୍ଶନ କରିଥିଲେ। ଯୋଗଗୁରୁ ସନ୍ନ୍ୟାସୀ ଯୋଗେଶ୍ୱର ଏହି କର୍ମଶାଳାକୁ ପରିଚାଳନା କରିବା ସହ କହିଥିଲେ, ଯୋଗ ଏପରି ଏକ ବିଜ୍ଞାନ, ଯଦ୍ୱାରା ଶରୀରର ମାନସିକ, ବୌଦ୍ଧିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ଭାବନାତ୍ମକ ବିକାଶ ସମ୍ଭବ ହୋଇଥାଏ। ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ପ୍ରଫେସର ଜଗନ୍ନାଥ କୁଅଁର କର୍ମଶାଳା ସଂଯୋଜନା କରିବା ସହ ଛାତ୍ରୀଛାତ୍ରଙ୍କୁ ଯୋଗାଭ୍ୟାସ ଦ୍ୱାରା ସୁସ୍ଥ ରହିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ମନୋଜ କୁମାର ଦାସ କହିଥିଲେ, ଯୋଗ ଶରୀର ଓ ଚେତନାର ସମଷ୍ଟିକୁ ସଙ୍କେତ ଦେଇଥାଏ। ଏଥିପାଇଁ ଯୋଗକୁ ଏକ ଆତ୍ମାରୁ ଅନ୍ୟ ଏକ ଆତ୍ମା ପର୍ଯ୍ୟନ୍ତ ଆତ୍ମିକ ଯାତ୍ରା କୁହାଯାଏ। ବିତ୍ତନିୟନ୍ତ୍ରକ ରାଜେଶ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଯୋଗାଭ୍ୟାସ କାର୍ଯ୍ୟକ୍ରମ ସକାଳ ୮ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିଥିଲା।



ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆୟୋଜିତ ଯୋଗ କର୍ମଶାଳା।

## ସୂର୍ଯ୍ୟମନ୍ଦିର ସମ୍ମୁଖରେ ଯୋଗାଭ୍ୟାସ

କୋଣାର୍କ,୨୧।୬(ଡି.ଏନ୍.ଏ.)

କୋଣାର୍କସ୍ଥିତ ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ଦ୍ୱାରା ନିର୍ମିତ ବ୍ୟାଖାନ କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ଯୋଗଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଯୋଗ ମହୋତ୍ସବ ସମିତି ଓଡିଶା ଓ ନେହେରୁ ଯୁବକେନ୍ଦ୍ର ପୁରୀ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବରେ ଅବଧୁତ ମଠର ମଠାଧିଶ ଆଦିତ୍ୟ ନାରାୟଣ ଦାଶ, ଶିକ୍ଷାବିକାଶ ସମିତିର ସମ୍ପାଦକ ଉମେଶଚନ୍ଦ୍ର ଦାଶ, କୋଣାର୍କ ସୁରକ୍ଷା ସମିତିର ଉପଦେଷ୍ଟା ଦିବାକର ନାୟକ, ନେହେରୁ ଯୁବକେନ୍ଦ୍ର ପୁରୀର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଓଡିଶା ଶିକ୍ଷା ବିକାଶ ସମିତିର ବିଭାଗ ପ୍ରମୁଖ ଅକ୍ଷୟ ଯେନା, ସରସ୍ୱତୀ ଶିଶୁ ମନ୍ଦିର କୋଣାର୍କର ସମ୍ପାଦକ ରଘୁନାଥ ମହାପାତ୍ର, ପୁରୀ ବିଭାଗ ନିରୀକ୍ଷକ ପ୍ରଶନ୍ନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷାବିକାଶ ସମିତି ଓଡିଶା ଅଧୀନସ୍ଥ ନିମାପଡା ସଂକୁଳ ଓ କାକଟପୁର ସଂକୁଳର ୧୨ଗୋଟି ସରସ୍ୱତୀ ଶିଶୁମନ୍ଦିରର ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, କର୍ମକର୍ତ୍ତା ଓ ଯୁବସ୍ୱେଚ୍ଛାସେବୀମାନେ ଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିମାପଡା ଶିଶୁମନ୍ଦିରର ସମ୍ପାଦକ ଦିଲୀପ କୁମାର ଦାସ, ବିଶ୍ୱହିନ୍ଦୁ ପରିଷଦର ଅଶୋକ ପଣ୍ଡା, କୋଣାର୍କ ସୁରକ୍ଷା ସମିତିର କୋଷାଧ୍ୟକ୍ଷ ପ୍ରିୟରଞ୍ଜନ ରଥ ଓ ଯୋଗେଶ୍ୱରପୁର ଶିଶୁମନ୍ଦିରର ସମ୍ପାଦକ ପବନ କୁମାର ପାତ୍ର ପରିଚାଳନା କରିଥିଲେ। ଅନୁରୂପ ଭାବେ କୋଣାର୍କର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି।



କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଯୋଗାଭ୍ୟାସ କରାଯାଉଛି।



ଭୁବନେଶ୍ୱର ନୟାପଲ୍ଲୀରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗାଭ୍ୟାସ କରାଯାଉଛି।



## ଶିଳ୍ପୀଙ୍କ ଚିତ୍ରରେ ଯୋଗର ବାର୍ତ୍ତା

ପୁରୁଣା ଭୁବନେଶ୍ୱର, ୨୧।୬ (ଡି.ଏନ.ଏ.)

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶୁକ୍ରବାର ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକ ଚିତ୍ର ମାଧ୍ୟମରେ ସମାଜକୁ ଯୋଗର ବାର୍ତ୍ତା ଦେଇଛନ୍ତି। ଚିତ୍ରଟିରେ ଭଗବାନ ବୁଦ୍ଧଙ୍କୁ ଯୋଗ, ଶାନ୍ତି ପ୍ରଦାନର ଗୁରୁ ହିସାବରେ ଅବତାରଣା କରି ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ସବୁରୀ କାରଣର କାରଣ ରୂପେ ଦର୍ଶାଇ ଜନସମାଜକୁ ଯୋଗ ପାଇଁ ଆହ୍ୱାନ ଜଣେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଚିତ୍ରଟିର ଶୁଭାରମ୍ଭ କରି ଜଗନ୍ନାଥ ଓ ଭଗବାନ ବୁଦ୍ଧ ମାନସିକ ଶାନ୍ତିର ଏକମାତ୍ର ପଥ ବୋଲି ପ୍ରକାଶ କରିଥିଲେ। ଯୋଗ ଏଥିପାଇଁ ଏକମାତ୍ର ମାଧ୍ୟମ ବୋଲି ଶିଳ୍ପୀମାନେ ଦର୍ଶାଇଥିଲେ। ୫ ଫୁଟ୍‌ରେ ୩ ଫୁଟ୍ କ୍ୟାନ୍‌ଭାସରେ ଏକ୍ରାଏଲିକ୍ ରଙ୍ଗର ଏହି ଚିତ୍ରକୁ ତିଆରି କରିବାରେ ଜ୍ୟୋତିରଞ୍ଜନ ସାହୁ, ମାନସ ମହାରଥୀ, ରାଜାରାମ ସ୍ୱାଇଁ, ଅସିତ୍ କୁମାର ସାମଲ, ସୁଲଗ୍ନା ଦାସ, ଆଦ୍ୟାଶା ମିଶ୍ର, ସୁଧାଂଶୁ ସାହୁ ଓ ବିଶ୍ୱଦୀପ ବିଶ୍ୱାଳ ପ୍ରମୁଖଙ୍କୁ ୨ ଘଣ୍ଟା ସମୟ ଲାଗିଥିଲା। ଚିତ୍ର ଆରମ୍ଭ ପୂର୍ବରୁ ଉଭୟ ଛାତ୍ରୀଛାତ୍ର ଓ ଅଧ୍ୟାପକ ଯୋଗ ଦିବସ ଅବସରରେ ଯୋଗାସନ କରି ଅନ୍ୟମାନଙ୍କୁ ପ୍ରେରଣାର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଅଧ୍ୟାପକ ଚନ୍ଦନ କୁମାର ସାମଲ, ବିଶ୍ୱକାନ୍ତ ପଣ୍ଡା, ମାନସ ରଞ୍ଜନ ନାୟକ, ଲକ୍ଷ୍ମୀଧର ସ୍ୱାଇଁ ଓ ସତ୍ୟଜିତ୍ ଦାସ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଏହି କାର୍ଯ୍ୟକ୍ରମକକୁ ପ୍ରଶଂସା କରିଥିଲେ।



ମହାନଦୀ ଗଡ଼ଗଡ଼ିଆ ଘାଟରେ ଯୋଗ ପ୍ରଦର୍ଶନ କରୁଥିବା କଟକ ଚାନ୍ଦିନୀଚୌକ ବ୍ରାହ୍ମଣସାହିର ବରିଷ୍ଠ ନାଗରିକ ଶିବାଜୀ ସିଂ।




ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ନ୍ୟାସ ପକ୍ଷରୁ ନୟାପଲ୍ଲୀ କସ୍ତୁରବା ଶିକ୍ଷାଶ୍ରମ ପଡ଼ିଆରେ ଶୁକ୍ରବାର ଆୟୋଜିତ ଯୋଗ ଶିବିରରେ ଯୋଗ ବିଶାରଦ ସୁଧାଂଶୁ ଶେଖର ଅଧିକାରୀ, ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ସ୍ୱାମୀ ଶ୍ରୀ ଶିବ ଚିଦାନନ୍ଦ ଜୀ ମହାରାଜ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ଜୁନ୍, ୨୦୧୯



ଅନ୍ୟଠାରୁ ଯାହା ଉପକାର ପାଇଲ ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟ ପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ।

- ମହାତ୍ମା ଗାନ୍ଧୀ



## ଫନୀ: ଶତାଧିକ ସ୍କୁଲଗୃହର ପୁନରୁଦ୍ଧାର କାର୍ଯ୍ୟ ସରୁନି

# କମ୍ୟୁନିଟି ସେଣ୍ଟର, ବାତ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପକୁ ସ୍ଥାନାନ୍ତର ହେଲା ୨୮ ବିଦ୍ୟାଳୟ

- ଲଘୁଚାପ ପାଇଁ ପ୍ରଥମଦିନରେ କମିଲେ ପିଲା
- ଭଙ୍ଗା ସ୍କୁଲକୁ ବୁଲି ଦେଖିଲେ ଅଧିକାରୀ

ନିମାପଡ଼ା,୨୧।୬(ଡି.ଏନ୍.ଏ.)



ବାତ୍ୟାରେ ଭାଙ୍ଗିଯାଇଥିବା ନିମାପଡ଼ା ବ୍ଲକ୍ ଦିଘାଳୋ ନୀଳକଣ୍ଠେଶ୍ୱର ବହୁମୁଖୀ ନୋଡାଲ୍ ହାଇସ୍କୁଲ୍।

ପ୍ରଳୟଙ୍କରୀ ବାତ୍ୟା ଫନୀର ବିଭୀଷିକାରେ ନିମାପଡ଼ା ବ୍ଲକ ଓ ଏନ୍ଏସି ଅଞ୍ଚଳରେ ୨୬୦ଟି ବିଦ୍ୟାଳୟ ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହୋଇଛି। ଅଦ୍ୟାବଧି ଶତାଧିକ ବିଦ୍ୟାଳୟର ପୁନରୁଦ୍ଧାର, ମରାମତି କାର୍ଯ୍ୟ ଶେଷ ହୋଇପାରି ନ ଥିବାରୁ ନିମାପଡ଼ା ଅଞ୍ଚଳର ୧୫ହଜାର ୫ଶହ ଛାତ୍ରୀଛାତ୍ର କେଉଁଠି ବସିବେ, କିଭଳି ପଢ଼ିବେ ତାହା ଏବେ ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷାବିଭାଗର କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଛି ବୋଲି ଶିକ୍ଷାବିଭାଗ ଅଧିକାରୀ, ପ୍ରଶାସନ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ଶତକଡ଼ା ୭୦ଭାଗ ବିଦ୍ୟାଳୟର ପୁନରୁଦ୍ଧାର କାର୍ଯ୍ୟ ସରି ନ ଥିବା ଅଭିଭାବକ ପ୍ରଦୀପ୍ତ କୁମାର ସ୍ୱାଇଁ, କାର୍ତ୍ତିକ ସ୍ୱାଇଁ, ବିଦ୍ୟାଧର ଜେନା ସମେତ ଗ୍ରାମବାସୀ ତଥା ସ୍ଥାନୀୟ ବାସିନ୍ଦା ଲୋକନାଥ ସ୍ୱାଇଁ, ହଟକିଶୋର ସ୍ୱାଇଁ କହିଛନ୍ତି।

ସରକାର ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଶୁକ୍ରବାର ରାଜ୍ୟର ସମସ୍ତ ସ୍କୁଲଗୁଡିକ ଖୋଲିଛି। କିନ୍ତୁ ଅଧିକାଂଶ ବିଦ୍ୟାଳୟର ଭିତ୍ତିଭୂମି ସୁଧୁରି ନ ଥିବାରୁ ନିମାପଡ଼ା ବ୍ଲକର ୧୧ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ୧୩ଟି ବ୍ଲକଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ, ୪ଟି ବ୍ଲକଗ୍ରାଣ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ସ୍କୁଲଗୁଡିକ କମ୍ୟୁନିଟି ସେଣ୍ଟର, ନିକଟସ୍ଥ ଗାଁ କୋଠଘର, ବାତ୍ୟା ଆଶ୍ରୟସ୍ଥଳୀ, ପଞ୍ଚାୟତର କଲ୍ୟାଣମଣ୍ଡପଗୁଡିକରେ ଅସ୍ଥାୟୀ ଭାବେ ଚାଲୁରହିବ। ଏହି ବ୍ଲକର ବଡମାଛପୁର ହାଇସ୍କୁଲ, ଗଡତୋରିହିଁ ହାଇସ୍କୁଲ, ବଡଲପଦା ହାଇସ୍କୁଲ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀରେ ଓ ଉର୍ଦ୍ଧବତୀପୁର ହାଇସ୍କୁଲ ସବୁ ନିକଟସ୍ଥ କଲ୍ୟାଣମଣ୍ଡପରେ ଓ ବ୍ରାହ୍ମଣଖଣ୍ଡି ପ୍ରାଥମିକ ବିଦ୍ୟାଳୟ, ଓରପଟ ପ୍ରାଥମିକ ବିଦ୍ୟାଳୟ, କୋଲଣା ପ୍ରାଥମିକ ବିଦ୍ୟାଳୟ, କୋପିଳାପାଟଳି ଗ୍ରାମ ପ୍ରାଥମିକ ବିଦ୍ୟାଳୟଗୁଡିକ ନିକଟସ୍ଥ ଗ୍ରାମ କୋଠଘରେ ଏବଂ କମ୍ୟୁନିଟି ସେଣ୍ଟର ଆଦିରେ ଚାଲିଥିବା ଜଣାପଡ଼ିଛି। ସ୍କୁଲ ଖୋଲିବାର ପ୍ରଥମଦିନ ଲଘୁଚାପ ବର୍ଷା ଯୋଗୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ରହିଥିବା ଦେଖାଯାଇଛି। ସ୍କୁଲଗୁଡିକ ଖୋଲିବା ପରେ ବ୍ଲକ ଶିକ୍ଷାଧିକାରୀ (ବିଇଓ), ସହକାରୀ ବ୍ଲକ ଶିକ୍ଷାଧିକାରୀ, ୨୨ଜଣ (ସିଆରସିସି) କ୍ଲଷ୍ଟର ସଂଯୋଜକ ବିଭିନ୍ନ ସ୍କୁଲ ପରିଦର୍ଶନ କରି ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି, ପୁନରୁଦ୍ଧାର କାର୍ଯ୍ୟ, ସ୍ୱଚ୍ଛତା, ବାତାବରଣ ଆଦି ଅନୁଧ୍ୟାନ କରିଛନ୍ତି। ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ଓ ସୁଚାରୁରୂପେ ପାଠପଢ଼ା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଇଓ ବିଜୟ କୁମାର ବେହେରା କହିଛନ୍ତି। ଅନ୍ୟପକ୍ଷେ ସରକାରୀ ନିର୍ଦ୍ଦେଶ ମୁତାବକ ଅନୁଯାୟୀ ଆମେ ସ୍କୁଲକୁ ଅଥବା ଅସ୍ଥାୟୀ ସ୍କୁଲକୁ ଆସିବୁ, ହେଲେ ଏପର୍ଯ୍ୟନ୍ତ ସ୍କୁଲ ଗୃହ ଅସଜଡା ହୋଇପଡ଼ିଛି, ପିଲାମାନେ କେଉଁଠି ବସିବେ, ପାଠପଢ଼ା କେମିତି ହେବ ବୋଲି ବହୁ ଶିକ୍ଷକ ମତପ୍ରକାଶ କରିଛନ୍ତି।

# କ୍ଷତିପୂରଣ ପାଇଁ ଏନ୍ଏଚ୍ଆର୍ସିରେ ଅଭିଯୋଗ

### ପକ୍ଷାଘାତ ପୀଡ଼ିତାଙ୍କୁ ହାତୀ କଚାଡ଼ି ମାରିବା ଘଟଣା

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ ଅଧୀନ ଯୁଗୋଳ ପଞ୍ଚାୟତର ହଳଦୀପଦା ଗ୍ରାମରେ ବୁଧବାର ରାତିରେ ଏକ ଦନ୍ତାହାତୀ ପଶି ପକ୍ଷାଘାତ ପୀଡ଼ିତା ସାଇବାଣୀ ସିଂଙ୍କୁ କଚାଡ଼ି ମାରିଦେଇଥିଲା। ହାତୀ ଆକ୍ରମଣରେ ନାତୁଣୀ ସରସ୍ୱତୀ ସିଂ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ନେଇ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ। ମୃତ ସାଇବାଣୀଙ୍କ ପରିବାରକୁ ୨୧ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଆହତ ସରସ୍ୱତୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ସେ କମିଶନଙ୍କୁ ନିବେଦନ କରିଛନ୍ତି। ସେ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି ଯେ, ବାରମ୍ବାର ହାତୀପଲ ହଳଦୀପଦା ଗ୍ରାମକୁ ପଶୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ସଜାଗ ରହୁନି। ବନ ବିଭାଗର ଖାମଖିଆଲ ମନୋଭାବ ପାଇଁ ଗ୍ରାମର ଅନେକ ଲୋକଙ୍କ ଜୀବନ ଯାଉଛି। ତେଣୁ ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦେବାକୁ କମିଶନଙ୍କ ପକ୍ଷରୁ ବନବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ସେହିପରି ଦାୟିତ୍ୱରେ ଅବହେଳା କରିଥିବା ବେତନଟୀ ବନାଞ୍ଚଳର ଫରେଷ୍ଟରଙ୍କ ବିରୋଧରେ ୪ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହି ପିଟିଶନ୍କୁ କମିଶନଙ୍କ କାର୍ଯ୍ୟାଳୟ ଗୁରୁତ୍ୱର ସହ ନେଇ କେସ୍ ନଂ-୭୧୧୮/ଆଇଏନ୍/୨୦୧୯ ରୁଜୁ କରି ବିଚାର ଜାରି ରଖିଛି।

ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ବନାଞ୍ଚଳରୁ ୩୦ଟି ହାତୀପଲ ସପ୍ତାହକ ପୂର୍ବେ ବେତନଟୀ ଦେଇ ନୀଳଗିରି ଜଙ୍ଗଲକୁ ପଶିଆସିଥିଲେ। ମଙ୍ଗଳବାର ରାତିରେ ହାତୀପଲ ନଡପୁର ନିକଟ ଦଳକି ସଂରକ୍ଷିତ ଜଙ୍ଗଲରେ ପହଞ୍ଚିଥିଲେ। ବୁଧବାର ରାତିରେ ବନ କର୍ମଚାରୀ ହାତୀପଲକୁ ଛାତନା ସଂରକ୍ଷିତ ଜଙ୍ଗଲ ଆଡକୁ ଘଉଡ଼ାଇ ଦେଇଥିଲେ। ହେଲେ ହାତୀପଲ ହଳଦୀ ଗ୍ରାମକୁ ଘେରି ରହିଥିବାବେଳେ ଗ୍ରାମବାସୀ ଭୟଭୀତ ହୋଇ ଘର ଛାଡ଼ି ପଳାଇ ଆସିଥିଲେ। ଗୋଟିଏ ହାତୀ ଅଧିକ ହିଂସ୍ର ହୋଇ କେତେଜଣଙ୍କ ଘରକୁ ଭାଙ୍ଗି ଦେଇଥିଲା। ବନ କର୍ମଚାରୀ ହାତୀପଲକୁ ଘଉଡ଼ାଇ ମଣତାପାଲ ଜଙ୍ଗଲରେ ଛାଡ଼ିଦେଇଥିଲେ ମଧ୍ୟ ଗୋଟିଏ ହାତୀ ଗ୍ରାମ ଭିତରେ ରହିଯାଇଥିଲା। ସାଇବାଣୀ ପକ୍ଷାଘାତ ରୋଗରେ ପୀଡ଼ିତ ଥିବାରୁ ନାତୁଣୀ ସରସ୍ୱତୀ ତାଙ୍କୁ ଅନ୍ୟ ଏକ ଘରକୁ ନେବା ସମୟରେ ହାତୀଟି ଦୁହିଁଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ଏଥିରେ ଜେଜେମାଙ୍କ ମୃତ୍ୟୁ ଘଟିଥିବାବେଳେ ସରସ୍ୱତୀ ବର୍ତ୍ତି ଯାଇଥିଲେ। ସରସ୍ୱତୀ ଜୀବନ ବିକଳରେ ଦୌଡୁଥିବାବେଳେ ତାଙ୍କ ଗୋଡ଼ରେ ଲୁହାରଡ଼ ପଶିଯାଇଥିଲା। ସେ ଗୁରୁତର ଆହତ ହୋଇଥିଲେ।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

## (ଭୂ-ଅର୍ଜନ ଉପବିଭାଗ)

## ଅଧିସୂଚନା

**ବିଜ୍ଞପ୍ତି ସଂଖ୍ୟା: ୪୧୬** | **ତାରିଖ: ୧୦।୦୫।୨୦୧୯ ସୁନ୍ଦରଗଡ଼**

**No.VII-11:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ ମୌଜା-ବିଜାଡିହି, ଥାନା-ଲେଫ୍ରିପଡ଼ା, ତହସିଲ-ଲେଫ୍ରିପଡ଼ା, ଜିଲ୍ଲା-ସୁନ୍ଦରଗଡ଼ରେ ନିମ୍ନ ତଫସିଲ ମତେ ପ୍ରାୟ ୧୬.୯୫ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ପୂର୍ତ୍ତ ବିଭାଗ, ସୁନ୍ଦରଗଡ଼।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବାଙ୍କିବାହାଲଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଏଥିସହିତ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ଲେଫ୍ରିପଡ଼ା | ବିଜାଡିହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧୬.୯୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶସନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼

### ସମ୍ପୂର୍ଣ୍ଣ ଜମି ବିବରଣୀ
### ଜିଲ୍ଲା: ସୁନ୍ଦରଗଡ଼, ତହସିଲ: ଲେଫ୍ରିପଡ଼ା, ଗ୍ରାମ: ବିଜାଡିହି

| କ୍ର. ନଂ. | ଖାତା ନମ୍ବର | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨୨ | ୧୮୩ | ବେର୍ଣ୍ଣା ସାଧାରଣ | ୦.୨୦୦ | ୦.୦୯୦ | ଖେତ୍ରି କିଶାନ, ପି: ବିଟାଙ୍ଗ କିଶାନ, ଜା: କିଶାନ, ବା: ନିଜଗାଁ, |
| ୨ | ୨୮ | ୩୬୪ | ଗୋଡ଼ା-୧ | ୨.୩୮୦ | ୦.୯୫୦ | ଗୋକୁଳାନନ୍ଦ ପଟେଲ, ପି: ସଦାନନ୍ଦ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୩ | ୪୭ | ୨୨୬ | ବାହାଲ ସାଧାରଣ | ୧.୧୪୦ | ୦.୫୨୦ | ତିର୍ଥ ନାଏକ, ପି: ବିଦ୍ୟାଧର ନାଏକ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୨୨୯ | ଗୋଡ଼ା-୧ | ୧.୧୩୦ | ୦.୭୫୦ | |
| ୪ | ୫୧ | ୩୫୮ | ଗୋଡ଼ା-୧ | ୧.୬୦୦ | ୧.୦୫୦ | ଦୟା ପଟେଲ, ପି: ବନମାଳୀ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୫ | ୫୬ | ୩୯୮ | ଗୋଡ଼ା-୧ | ୨.୪୬୦ | ୧.୨୬୦ | ପଞ୍ଚାନନ ପଟେଲ, ନେତ୍ରାନନ୍ଦ ପଟେଲ, ପି: ଦିନବନ୍ଧୁ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୪୦୮ | ବେର୍ଣ୍ଣା ସାଧାରଣ | ୦.୯୫୦ | ୦.୫୮୦ | |
| | | ୪୧୨ | ବେର୍ଣ୍ଣା ସାଧାରଣ | ୦.୨୮୦ | ୦.୧୦୦ | |
| | | ୪୦୭/ ୧୨୬୧ | ବେର୍ଣ୍ଣା ସାଧାରଣ | ୦.୩୦୦ | ୦.୧୮୦ | |
| ୬ | ୫୭ | ୪୦୨ | ଗୋଡ଼ା-୧ | ୦.୨୯୦ | ୦.୨୯୦ | ଦିନବନ୍ଧୁ ପଟେଲ, ପି: ବାସୁଦେବ ପଟେଲ, ଶଙ୍କର ପଟେଲ, ପି: ବିଦ୍ୟାଧର ପଟେଲ, ନରସିଂହ ପଟେଲ, ସୁରେନ୍ଦ୍ର ପଟେଲ, ପି: ଅନିରୁଦ୍ଧ ପଟେଲ, ଜା: ଆଗ୍ରିଆ, ବା: ମୁଣ୍ଡାଗାଁ |
| ୭ | ୫୮ | ୪୦୩ | ଗୋଡ଼ା-୧ | ୩.୧୫୦ | ୨.୧୨୦ | ଦିନବନ୍ଧୁ ପଟେଲ, ପି: ଜୟଦେବ ପଟେଲ, ସୁରେନ୍ଦ୍ର ପଟେଲ, ପି: ଅନିରୁଦ୍ଧ ପଟେଲ, ଶଙ୍କର୍ଷଣ ପଟେଲ, ପି: ବିଦ୍ୟାଧର ପଟେଲ, ଟଙ୍କଧର ପଟେଲ, ପି: ଗଙ୍ଗାଧର ପଟେଲ, ଗୋକୁଳାନନ୍ଦ ପଟେଲ, ଅନ୍ତରାମ ପଟେଲ, କ୍ଷେତ୍ରବର ପଟେଲ, ହାରା ପଟେଲ, ହେମା ପଟେଲ, ପି: ସଦାନନ୍ଦ ପଟେଲ, ରମ୍ଭା ପଟେଲ, ପକନି ପଟେଲ, ବାସମତି ପଟେଲ, ପି: ଘନ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୪୦୪ | ଗୋଡ଼ା-୧ | ୩.୧୭୦ | ୦.୧୨୦ | |
| | | ୪୦୭/ ୧୨୬୨ | ବେର୍ଣ୍ଣା ସାଧାରଣ | ୦.୫୧୦ | ୦.୨୧୦ | |
| | | ୪୧୧/ ୧୨୬୩ | ବେର୍ଣ୍ଣା ସାଧାରଣ | ୧.୨୩୦ | ୦.୨୮୦ | |
| ୮ | ୬୪ | ୪୮ | ବାହାଲ ସାଧାରଣ | ୧.୮୮୦ | ୦.୩୦୦ | ଧାନୀ ପୂଜାରୀ, ପି: ତିର୍ଥ ପୂଜାରୀ, ଜା: ଚେଣ୍ଡି, ବା: ନିଜଗାଁ |
| | | ୧୯୫ | ଘରବାରି | ୦.୨୦୦ | ୦.୧୬୦ | |
| | | ୪୪/ ୧୧୨୮ | ଗୋଡ଼ା-୧ | ୦.୧୨୦ | ୦.୦୪୦ | |
| | | ୪୬/ ୧୧୩୪ | ବାହାଲ ସାଧାରଣ | ୧.୧୦୦ | ୦.୧୧୦ | |
| | | ୧୯୪/ ୧୧୫୭ | ଘରବାରୀ | ୦.୧୨୦ | ୦.୦୨୦ | |
| | | ୧୬୬/ ୧୧୪୭ | ବେର୍ଣ୍ଣା ସାଧାରଣ | ୦.୫୬୦ | ୦.୪୭୦ | |
| | | ୧୬୬/ ୧୧୪୮ | ବେର୍ଣ୍ଣା ସାଧାରଣ | ୦.୩୦୦ | ୦.୦୯୦ | |
| ୯ | ୭୯ | ୫୦ | ମାଲ ସାଧାରଣ | ୧.୭୦୦ | ୦.୨୧୦ | ମଣିଚନ୍ଦ୍ର ନାଏକ, ପି: ଗୌରାଙ୍ଗ ନାଏକ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୫୧ | ଗୋଡ଼ା-୧ | ୦.୪୨୦ | ୦.୪୨୦ | |
| | | ୫୨ | ମାଲ ସାଧାରଣ | ୦.୬୮୦ | ୦.୪୭୦ | |
| | | ୫୩ | ଗୋଡ଼ା-୧ | ୦.୪୪୦ | ୦.୩୨୦ | |
| | | ୫୪ | ମାଲ ସାଧାରଣ | ୦.୧୫୦ | ୦.୧୩୦ | |
| ୧୦ | ୯୭ | ୫୬ | ମାଲ ସାଧାରଣ | ୦.୨୧୦ | ୦.୦୨୦ | ମୋହନ ପୂଜାରୀ, ପି: ଧନେଶ୍ୱର ପୂଜାରୀ, ଜା: ଗୌଡ଼, ବା: ନିଜଗାଁ |
| | | ୧୬୫ | ମାଲ ସାଧାରଣ | ୦.୫୮୦ | ୦.୪୫୦ | |
| | | ୨୨୭ | ବାହାଲ ସାଧାରଣ | ୦.୪୨୦ | ୦.୦୮୦ | |
| | | ୨୨୮ | ଗୋଡ଼ା-୧ | ୦.୫୬୦ | ୦.୦୬୦ | |
| ୧୧ | ୯୮ | ୪୪ | ଗୋଡ଼ା-୧ | ୦.୭୪୦ | ୦.୩୫୦ | ମୋହନ ପୂଜାରୀ, ସଂସାର ପୂଜାରୀ, ବିରିଜ ପୂଜାରୀ, ପି: ଧନେଶ୍ୱର ପୂଜାରୀ, ଜା: ଗୌଡ଼, ବା: ନିଜଗାଁ |
| | | ୧୯୩ | ବେର୍ଣ୍ଣା ସାଧାରଣ | ୦.୨୪୦ | ୦.୦୯୦ | |
| | | ୪୬/ ୧୧୩୩ | ବାହାଲ ସାଧାରଣ | ୦.୪୦୦ | ୦.୩୯୦ | |
| | | ୫୫/ ୧୧୩୮ | ମାଲ ସାଧାରଣ | ୦.୧୨୦ | ୦.୧୧୦ | |
| | | ୧୬୬/ ୧୧୪୯ | ବେର୍ଣ୍ଣା ସାଧାରଣ | ୦.୪୬୦ | ୦.୧୬୦ | |
| | | ୪୮/ ୧୧୩୭ | ବାହାଲ ସାଧାରଣ | ୦.୫୦୦ | ୦.୦୪୦ | |
| ୧୨ | ୧୦୩ | ୧୮୨ | ବେର୍ଣ୍ଣା ସାଧାରଣ | ୦.୧୮୦ | ୦.୦୩୦ | ରଥ କିଶାନ, ଶ୍ରୀଧର କିଶାନ, ପି: ଶୁକ୍ରୁ କିଶାନ, ବା: ନିଜଗାଁ, ବେଆଇନ ସାପା ଦଲିଲ ଦ୍ୱାରା ଖସୁଦ କ୍ଷେତ୍ରି କିଶାନ ପି-ବିଟାଙ୍ଗ କିଶାନ, ଜା: କିଶାନ, ବା: ନିଜଗାଁ ତା.୧୪।୦୩।୧୯୬୩ ଠାରୁ ଦର ସମନ ଟ.୨୭୦/- |
| ୧୩ | ୧୦୬ | ୪୯ | ଗୋଡ଼ା-୧ | ୦.୧୯୦ | ୦.୦୩୦ | ରୂପଧର ପ୍ରଧାନ, ପି: କର୍ଣ୍ଣ ପ୍ରଧାନ, ଜା: ଭୂୟାଁ, ବା: ନିଜଗାଁ |
| ୧୪ | ୧୧୫ | ୪୦୯ | ବେର୍ଣ୍ଣା ସାଧାରଣ | ୦.୨୫୦ | ୦.୧୬୦ | ଯୁଧିଷ୍ଠିର ପଟେଲ, ପି: ଶଙ୍କର୍ଷଣ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୪୧୧ | ବେର୍ଣ୍ଣା ସାଧାରଣ | ୦.୩୨୦ | ୦.୩୦୦ | |
| ୧୫ | ୧୧୬ | ୪୬ | ବାହାଲ ସାଧାରଣ | ୦.୧୫୦ | ୦.୦୯୦ | ଶତ୍ରୁଘନ ପୂଜାରୀ, ପି: ଧନୁର୍ଜୟ ପୂଜାରୀ, ଜା: ଗୌଡ଼, ବା: ନିଜଗାଁ |
| | | ୫୫ | ମାଲ ସାଧାରଣ | ୦.୦୯୦ | ୦.୦୨୦ | |
| | | ୧୬୬ | ବେର୍ଣ୍ଣା ସାଧାରଣ | ୦.୨୬୦ | ୦.୦୩୦ | |
| | | ୧୯୪ | ଘରବାରୀ | ୦.୩୮୦ | ୦.୨୬୦ | |
| | | ୪୮/ ୧୧୩୬ | ବାହାଲ ସାଧାରଣ | ୨.୨୦୦ | ୧.୪୬୦ | |
| | | ୪୪/ ୧୧୨୬ | ଗୋଡ଼ା-୧ | ୦.୧୨୦ | ୦.୧୨୦ | |
| | | ୧୬୬/ ୧୧୪୫ | ବେର୍ଣ୍ଣା ସାଧାରଣ | ୦.୪୦୦ | ୦.୨୨୦ | |
| | | ୧୬୬/ ୧୧୪୬ | ବେର୍ଣ୍ଣା ସାଧାରଣ | ୦.୧୮୦ | ୦.୧୪୦ | |
| | | ୨୨୫/ ୧୧୫୮ | ବେର୍ଣ୍ଣା ସାଧାରଣ | ୦.୦୬୦ | ୦.୦୨୦ | |
| ୧୬ | ୧୨୯ | ୪୧୦ | ବେର୍ଣ୍ଣା ସାଧାରଣ | ୦.୨୪୦ | ୦.୨୪୦ | ସୁରେନ୍ଦ୍ର ପଟେଲ, ପି: ଅନିରୁଦ୍ଧ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୧୭ | ୧୩୪/ ୨୪ | ୪୦ | ଗୋଡ଼ା-୧ | ୧.୩୦୦ | ୦.୧୧୦ | ମୋହନ ପୂଜାରୀ, ସଂସାର ପୂଜାରୀ, ବିରିଜ ପୂଜାରୀ, ପି: ଧନେଶ୍ୱର ପୂଜାରୀ, ଜା: ଗୌଡ଼, ବା: ନିଜଗାଁ |
| | | ୧୭୮ | ଗୋଡ଼ା-୧ | ୦.୬୩୦ | ୦.୨୭୦ | |
| | | ୧୭୯ | ବେର୍ଣ୍ଣା ସାଧାରଣ | ୦.୪୫୦ | ୦.୦୫୦ | |
| ୧୮ | ୧୩୪/ ୬୭ | ୧୭୮/ ୧୧୧୩ | ବେର୍ଣ୍ଣା ସାଧାରଣ | ୦.୪୨୦ | ୦.୩୮୦ | ଚକ୍ରଧର ନାଏକ, ପି: ମନବୋଧ ନାଏକ, ଜା: ଆଗ୍ରିଆ, ବା: ନିଜଗାଁ |
| ୧୯ | ୧୩୪/ ୭୦ | ୪୧୦/ ୧୩୭୯ | ବେର୍ଣ୍ଣା ସାଧାରଣ | ୦.୦୩୦ | ୦.୦୩୦ | କାହ୍ନୁ ମୁଣ୍ଡା, ଆଶା ମୁଣ୍ଡା, ବିପାଶା ମୁଣ୍ଡା, ବର୍ଷା ମୁଣ୍ଡା, ପି: ପଚନ ମୁଣ୍ଡା, ସୁନ୍ଦରମଣୀ ମୁଣ୍ଡା, ପଦ୍ମା ମୁଣ୍ଡା, ପି: ଦୁଃଖୀରାମ ମୁଣ୍ଡା, ସାଏବନୀ ମୁଣ୍ଡା, ସ୍ୱା: ଦୁଃଖୀରାମ ମୁଣ୍ଡା, ଜା: ମୁଣ୍ଡା, ବା: ନିଜଗାଁ |
| | | | | | **୧୬.୯୫୦** | |

24160/14/0011/1920


### ବାରକୋଟ୍ରୁ କଲରାପତରିଆ ବାଘଛାଲ ଜବତ

# ଏସ୍ଟିଏଫ୍ ଜାଲରେ ର୍ୟାକେଟର ୩ ସଦସ୍ୟ

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

ବାଘଛାଲ ଚୋରା ଚାଲାଣ ର୍ୟାକେଟର ପର୍ଦ୍ଦାଫାଶ୍ କରିଛି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍ଟିଏଫ୍)। ବୁଧବାର ବିଳମ୍ବିତ ରାତିରେ ଏସ୍ଟିଏଫ ପକ୍ଷରୁ ଦେବଗଡ଼ ଜିଲା ବାରକୋଟ୍ ଅଞ୍ଚଳରେ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କା ମୂଲ୍ୟର କଲରାପତରିଆ ବାଘଛାଲ ଜବତ କରାଯିବା ସହ ଏହି ର୍ୟାକେଟର ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁନ୍ଦରଗଡ ଜିଲାର ଶଚୀକାନ୍ତ ନାୟକ, ଦେବଗଡ଼ ଜିଲାର ଜଗନସନ ବେହେରା ଏବଂ ରମଣୀସେନ ବେହେରା। ଏସ୍ଟିଏଫ୍ ଏସ୍ପି ରାହୁଲ ପି.ଆର୍.ଙ୍କ ସୂଚନା ଅନୁଯାୟୀ, ଦେବଗଡ ଜିଲା ବାରକୋଟ୍ ଅଞ୍ଚଳରେ ବାଘଛାଲ କାରବାର ନେଇ ଯୋଜନା ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହାପରେ ବୁଧବାର ଏସ୍ଟିଏଫ୍ର ଦୁଇଟି ଟିମ୍ ଦେବଗଡ ଜିଲା ଅଭିମୁଖେ ବାହାରି ଥିଲା। ବିଳମ୍ବିତ ରାତିରେ ବାରକୋଟ୍ ଅଞ୍ଚଳର ଏକ ଘରେ ଡିଲ୍ ଚାଲିଥିବାବେଳେ ଗୋଟିଏ ଟିମ୍ ଚଢାଉ କରିଥିଲା। ସେଠାରେ ୩ଜଣଙ୍କ ନିକଟରୁ କଲରାପତରିଆ ବାଘଛାଲ ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲା। ଜେରାବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ଯେ, ସ୍ଥାନୀୟ ଅଞ୍ଚଳରୁ ବାଘଛାଲ କିଣିବା ପରେ ଅନ୍ତର୍ଜାତୀୟ ମାର୍କେଟକୁ ଚୋରାରେ ବିକ୍ରି କରିବାର ଯୋଜନା ରଖିଥିଲେ। ଏହି ଘଟଣାରେ କେଉଁମାନେ ଫାଇନାନ୍ସର, ମିଡିଲମ୍ୟାନ ଏବଂ ଏଜେଣ୍ଟ ସେନେଇ ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚରା ପରେ କୋର୍ଟ ଚାଲାଣ କରାଯିବ। ସେହିପରି ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ରାହୁଲ କହିଛନ୍ତି। ରାଜ୍ୟରେ ବନାଞ୍ଚଳରେ ବନ୍ୟଜନ୍ତୁ ଶିକାରୀଙ୍କ ସଂଖ୍ୟା ବଢିବା ସହ ବାଘଛାଲ ଓ ହାତୀଦାନ୍ତ ଆଦି ଚୋରା କାରିବାର ବୃଦ୍ଧିପାଇବାରେ ଲାଗିଛି। ଗତ ୬ମାସରେ ୫ଥର ବାଘଛାଲ ଜବତ ହେବା ଘଟଣା ଏହାକୁ ସ୍ପଷ୍ଟ କରୁଛି। ଏ ନେଇ ପରିବେଶବିତ୍ ଏବଂ ବନ୍ୟପ୍ରାଣୀପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ଫଳରେ ସୃଷ୍ଟି ହେବା ସହ ରାଜ୍ୟ ଜଙ୍ଗଲ ବିଭାଗ ଉପରକୁ ଅଙ୍ଗୁଳି ଉଠିଛି।


# Government of Odisha
## Home Department
## ADVERTISEMENT

**No. 24072/** | **Bhubaneswar, dated, the 19.06.2019**

**No.46-D:** A Written Examination will be held on 01.12.2019 (Sunday) and 02.12.2019 (Monday) for admission to Class-VIII in the Rashtriya Indian Military College (RIMC), Dehradun for the term commencing from July, 2020 through the District Collector & Magistrate, Cuttack. Only boys are eligible to apply for admission to the RIMC, Dehradun. The age of the candidates should not be less than 11 ½ years in age, but should not have attained the age of 13 years as on 01.07.2020 i.e. they should not have born earlier than 02.07.2007 and not later than 01.01.2009. At the time of admission to the RIMC for the term July, 2020, the boys should either be studying in Class VII or passed Class-VII from any recognized School.

The written examination in English (1000-1200 hrs) and Mathematics (1400-1530 hrs) shall be conducted on 01.12.2019 (Sunday) and General Knowledge Paper (1000-1100 hrs) on 02.12.2019 (Monday) at Cuttack Centre. The above examination can be answered either in Hindi or in English. The candidates who will be successful in the written examination, can avail the opportunity of viva-voce test on 07.04.2020 (Tuesday). Only the candidates finally selected after the viva-voce will undergo a medical examination at selected Minitary Hospital and the candidates found Medically fit will be considered for selection and admission to the RIMC. The medical examination of the candidate forms a part of the system of selection.

The prospectus-cum application form and booklet of old question papers can be obtained from the Rashtriya Indian Military College, Garhi Cant., Dehradun, Uttarakhand, Pin-248003 through Speed Post by forwarding self-addressed slip and by sending an account payee Bank Demand Draft of Rs. 600/- for general candidates and Rs. 555/- for SC/ST candidates alongwith caste certificate. The Demand Draft will be made in favour of the Commandant, RIMC, Dehradun, Drawee Branch, SBI, Tel Bhawan, Dehradun (Bank Code-01576) Uttarakhand. The application forms issued by RIMC only shall be valid. Locally printed/photocopied and without RIMC hologram (seal) forms shall not be accepted.

Applications in duplicate, on prescribed form, accompanied by documents to be attached with the application form, two passport size photographs, state domicile certificate, Birth certificate (issued by Municipality/ Municipal Corporation/ Gram Panchayat), SC/ST certificate and certificate from Principal of the School in Original with photograph on it attested stating date of birth and in which Class the student is studying should reach before the Collector, Cuttack by 30.09.2019. The details of the scheme is available in Home Department website (http://homeodisha.gov.in).

**(Dr. Santosh Bala)**
**Special Secretary to Government**

# ଓଡ଼ିଶା ସରକାର
## ସ୍ୱରାଷ୍ଟ୍ର ବିଭାଗ
## ବିଜ୍ଞାପନ

**ସଂଖ୍ୟା: ୨୪୦୭୩ /** | **ତା.୧୯।୦୬।୨୦୧୯**

ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ, ଡେରାଡୁନଠାରେ ଜୁଲାଇ, ୨୦୨୦ ଅବଧି ନିମନ୍ତେ ଅଷ୍ଟମ ଶ୍ରେଣୀରେ ପିଲାଙ୍କ ନାମଲେଖାଇବା ପାଇଁ କଟକ ଜିଲ୍ଲାପାଳଙ୍କ ମାଧ୍ୟମରେ ଆଗାମୀ ତା୦୧।୧୨।୨୦୧୯ରିଖ (ରବିବାର ଏବଂ ତା୦୨।୧୨।୨୦୧୯ ରିଖ (ସୋମବାର) ଦିବା ୧୦ ଘଟିକା ସମୟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତ ପରୀକ୍ଷା କେବଳ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ। ନାମ ଲେଖାଇବା ସମୟରେ ପ୍ରାର୍ଥୀଙ୍କର ବୟସ ଜୁଲାଇ ୧ ତାରିଖ ୨୦୨୦ ସୁଦ୍ଧା ୧୧ ବର୍ଷ ୬ ମାସରୁ କମ୍ କିମ୍ବା ୧୩ ବର୍ଷ ବା ତଦୂର୍ଦ୍ଧ୍ୱ ହୋଇନଥିବ। ଅର୍ଥାତ୍ ପ୍ରାର୍ଥୀଙ୍କର ଜନ୍ମ ତା୦୨।୦୭।୨୦୦୭ ରିଖ ପୂର୍ବରୁ କିମ୍ବା ତା୦୧।୦୧।୨୦୦୯ ରିଖ ପରେ ହୋଇ ନଥିବା ଆବଶ୍ୟକ। ପ୍ରାର୍ଥୀ ରାଷ୍ଟ୍ରୀୟ ସାମରିକ ବିଦ୍ୟାଳୟରେ ପ୍ରବେଶ ସମୟରେ ସରକାରଙ୍କର କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବେ କିମ୍ବା ସପ୍ତମଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।

କଟକ କେନ୍ଦ୍ରରେ ଲିଖିତ ପରୀକ୍ଷା ତିନୋଟି ବିଷୟ ଯଥା- ଇଂରାଜୀ ତା୦୧।୧୨।୨୦୧୯ରିଖ ଦିନ ୧୦.୦୦ ଘଟିକାରୁ ୧୨.୦୦ ଘଟିକା ପର୍ଯ୍ୟନ୍ତ ଓ ଗଣିତ, ୧୪.୦୦ ଘଟିକାରୁ ୧୫.୩୦ ଘଟିକା ପର୍ଯ୍ୟନ୍ତ ଏବଂ ସାଧାରଣ ଜ୍ଞାନ ତା୦୨।୧୨।୨୦୧୯ ରିଖ ଦିନ ୧୦.୦୦ ଘଟିକାରୁ ୧୧.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରାର୍ଥୀ ଉକ୍ତ ପରୀକ୍ଷାରେ ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ ଉତ୍ତର ଲେଖିପାରିବେ। ଯେଉଁ ପ୍ରାର୍ଥୀମାନେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ କେବଳ ସେହି ପ୍ରାର୍ଥୀମାନଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ତା୦୭।୦୪।୨୦୨୦ରିଖ (ମଙ୍ଗଳବାର) ଦିନ ଦେବା ପାଇଁ ସୁଯୋଗ ଦିଆଯିବ। ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସୈନିକ ଡାକ୍ତରଖାନାରେ କରାଯିବ। ସମ୍ପୃକ୍ତ ସୁସ୍ଥ ବିବେଚିତ ପ୍ରାର୍ଥୀମାନଙ୍କୁ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବିଚାର କରାଯିବ। ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଏହି ଚୟନ ପ୍ରଣାଳୀର ଏକ ଅଂଶ ଅଟେ। ଆବଶ୍ୟକ ଦରଖାସ୍ତ ଫର୍ମ ତଥା ସୂଚନାପତ୍ରର ପ୍ରତ୍ୟେକ ସେଟ୍ ଏବଂ ବିଗତ ପରୀକ୍ଷାର ପ୍ରଶ୍ନାବଳୀ ପାଇବା ନିମନ୍ତେ ସିଧାସଳଖ COMMANDANT, RASHTRIYA INDIAN MILITARY COLLEGE, DEHRADUN, DRAWEE BRANCH, STATE BANK OF INDIA, TEL BHAVAN, DEHRADUN (BANK CODE-01576), UTTARAKHAND ଙ୍କ ସପକ୍ଷରେ RS.600/- ସାଧାରଣ ବର୍ଗର ପରୀକ୍ଷା ପ୍ରାର୍ଥୀଙ୍କ ପାଇଁ ଏବଂ RS.555/- ଅଣସୂଚିତ ଜାତି ଓ ଅଣସୂଚିତ ଜନଜାତି ବର୍ଗର ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟ ଏବଂ ନିଜ ଠିକଣା ଯୁକ୍ତ ଚିଠା ଜମାଦେଇ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ ଡେରାଡୁନ୍, ଉତ୍ତରାଖଣ୍ଡ ପିନ୍-୨୪୮୦୦୩ରୁ ମଗାଇ ପାରିବେ। ଉକ୍ତ website ରେ ଉପଲବ୍ଧ ଥିବା ଚାଲାଣ କେବଳ ଗ୍ରହଣଯୋଗ୍ୟ। ଏହି ଫର୍ମ ବ୍ୟତୀତ କୌଣସି ଛପା ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ପ୍ରାର୍ଥୀ ଆବେଦନ ସମୟରେ ଦୁଇକିତା ଦରଖାସ୍ତ ଫର୍ମ ସହିତ ୨ଟି ପାସ୍ପୋର୍ଟ ସାଇଜ୍ ଫଟୋ, ଡୋମିସାଇଲ୍ ସାର୍ଟିଫିକେଟ୍, ମ୍ୟୁନିସ୍ପାଲିଟି/ ଗ୍ରାମପଞ୍ଚାୟତ ଜନ୍ମ ରେଜିଷ୍ଟରର ବୟସ ପ୍ରମାଣପତ୍ର, ହରିଜନ ଓ ଆଦିବାସୀଙ୍କ କ୍ଷେତ୍ରରେ ଜାତିଗତ ପ୍ରମାଣପତ୍ର ଓ ଆଟେଷ୍ଟେଡ୍ ଫଟୋଗ୍ରାଫ ସହ ଜନ୍ମତାରିଖ ଓ ଛାତ୍ର ପଢୁଥିବା ଶ୍ରେଣୀ ସମ୍ବନ୍ଧରେ ବିଦ୍ୟାଳୟର ପ୍ରିନ୍ସପାଲଙ୍କଠାରୁ ମୂଳ ପ୍ରମାଣପତ୍ର ଇତ୍ୟାଦି କଟକ ଜିଲ୍ଲାପାଳଙ୍କ ନିକଟରେ ତା୩୦।୦୯।୨୦୧୯ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସ୍ୱରାଷ୍ଟ୍ର ବିଭାଗ ୱେବ୍ସାଇଟ୍ (http://homeodisha.gov.in) ରେ ମିଳିପାରିବ।

**(ଡ଼ଃ. ସନ୍ତୋଷ ବାଲା)**
**ସ୍ୱତନ୍ତ୍ର ଶାସନ ସଚିବ**

12001/11/0006/1920



ଯିଏ ମୋତେ ସର୍ବଦା ଚାହାନ୍ତି ଏବଂ ଶ୍ରଦ୍ଧା ପୂର୍ବକ ମୋର ପୂଜା କରନ୍ତି, ମୁଁ ତାଙ୍କୁ ସେହି ବିବେକ ବୁଦ୍ଧି ପ୍ରଦାନ କରେ, ଯଦ୍ୱାରା ସେ ମୋତେ ସମ୍ପୂର୍ଣ୍ଣ ରୂପେ ପ୍ରାପ୍ତ ହୁଅନ୍ତି।

- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ବିୟର ବାର୍‌ରେ ଗଣ୍ଡଗୋଳ: ଯୁବକ ଗିରଫ

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** ମ୍ୟାଗନେଟ ଛକ ଅଞ୍ଚଳରେ ଥିବା ଏକ ବିୟର ବାର୍‌ରେ ଗଣ୍ଡଗୋଳ କରିବା ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରାଜେଶ ଜେନା ଓରଫ ପିଣ୍ଟୁ (୨୯)। ସେ ଗତ ୮ ତାରିଖରେ ନିଶାସକ୍ତ ଅବସ୍ଥାରେ ବିୟର ବାର୍ ଭିତରକୁ ପଶିଥିଲେ। ସେଠାରେ ବଜରଙ୍ଗ କେମୁରକର ନାମକ ଯୁବକଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ବଜରଙ୍ଗ ଆହତ ହୋଇଥିଲେ। ଏ ନେଇ ବଜରଙ୍ଗ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ରାଜେଶ ଫେରାର ହୋଇଯାଇଥିଲେ। ପୋଲିସ ଶୁକ୍ରବାର ରାଜେଶଙ୍କୁ ଗିରଫ କରିଛି।

### ଓଡ଼ିଆ ଯୋଗ ଗୁରୁଙ୍କୁ ଥାଇଲାଣ୍ଡରେ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨୧।୬(ବ୍ୟୁରୋ):ବିଶ୍ୱରେ ଏବେ ଯୋଗର ପ୍ରଚାର ପ୍ରସାର ଚାଲିଛି। ଏ କ୍ଷେତ୍ରରେ ଓଡ଼ିଆ ଯୋଗ ଗୁରୁମାନେ ମଧ୍ୟ ବିଶ୍ୱସ୍ତରରେ ସୁନାମ ଅର୍ଜନ କଲେଣି। ନିକଟରେ ଥାଇଲାଣ୍ଡର ପ୍ରସିଦ୍ଧ ମହିଦୋଲ ବିଶ୍ୱବିଦ୍ୟାଳୟ ତରଫରୁ ଓଡିଆ ଯୋଗଗୁରୁ ଦମ୍ପତି ଡ. ଦୀନେଶ ପ୍ରସାଦ ସ୍ୱାଇଁ ଏବଂ ଡ. ପ୍ରତିଭା ଶ୍ରୀଙ୍କୁ ଆମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଡ. ସ୍ୱାଇଁ କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗ ବିଜ୍ଞାନରେ ପ୍ରଫେସର ରହିଛନ୍ତି। ଯୋଗ ଶିକ୍ଷା ଆନ୍ଦୋଳନକୁ ସେ ସ୍ୱାଗତ କରିବା ସହ ଏ ନେଇ ବୈଜ୍ଞାନିକ, ଦାର୍ଶନିକ ଏବଂ ଆଧାତ୍ମିକତା ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

### ବିଏମ୍‌ସି ପକ୍ଷରୁ ପିଏମ୍‌ଏୱାଇ ସଚେତନତା

**ଭୁବନେଶ୍ୱର, ୨୧।୬(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ର ପ୍ରଚାର ଅଭିଯାନକୁ ଜୋରଦାର କରିଛି। ସହରବାସୀଙ୍କୁ ଏହି ଯୋଜନା ବିଷୟରେ ଅଧିକରୁ ଅଧିକ ଜଣାଇବା ଲାଗି (ବିଏମ୍‌ସି) ସାମାଜିକ ଗଣମାଧ୍ୟମ ୟୁଟ୍ୟୁବ, ଟୁଇଟର ଓ ଫେସ୍‌ବୁକ୍‌ରେ ପ୍ରଚାର କରିବା ସହିତ ସହରର ବିଭିନ୍ନ ସ୍ଥାନରେ ହୋର୍ଡିଂ ଓ ପୋଷ୍ଟର ଲଗାଇଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ବିଏମ୍‌ସି ପକ୍ଷରୁ ୨୭୨ଟି ଘର ନିର୍ମାଣ ସରିଥିବାବେଳେ ଏ ନେଇ ୧୦୯୩ଟି ଆବେଦନ ଆସିଛି। ଯେଉଁ ହିତାଧିକାରୀ ଏହି ଯୋଜନାରେ ଘର ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହେଉଛନ୍ତି ତାଙ୍କୁ ପକ୍କାଘର (୨୫ରୁ ୩୦ସ୍କୋୟାର ଫୁଟ ପରିମିତ) ଯୋଗାଇ ଦିଆଯାଉଛି। ଯାହାଙ୍କର ଜମିବାଡ଼ି ଉପରେ ଅଧିକାର ରହୁଛି, ବାର୍ଷିକ ଯେଉଁ ପରିବାରର ଆୟ ୨.୧୬ଲକ୍ଷ ସେମାନଙ୍କୁ ଏହି ଯୋଜନାରେ ଘର ମିଳୁଛି। ପିଏମ୍‌ଏୱାଇ ଯୋଜନାର ନିୟମାବଳୀ ଅନୁସାରେ ୯୦ଦିନ ମଧ୍ୟରେ ଯିଏ ଘରର ମୂଳଦୁଆ ଛିଡ଼ା କରିପାରୁଛନ୍ତି ତାଙ୍କୁ ଘର ପାଇବା ଲାଗି ଯୋଗ୍ୟ ମନେ କରାଯାଉଛି। ଯଦି ହିତାଧିକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଘର କରିବାରେ ଅସଫଳ ହେଉଛନ୍ତି ତାହେଲେ ତାଙ୍କୁ ଯୋଜନାରୁ ବାଦ୍ ଦିଆଯାଉଛି। ପ୍ରତ୍ୟେକ ହିତାଧିକାରୀ ୱାର୍କ ଅର୍ଡ଼ର ପାଇବା ପରେ ୬ରୁ ୧୨ମାସ ଭିତରେ ଘର କରିବାକୁ ବାଧ୍ୟ। ୪ଟି ପର୍ଯ୍ୟାୟରେ ଉକ୍ତ ହିତାଧିକାରୀଙ୍କୁ ଅର୍ଥ ମିଳୁଥିବା ବେଳେ ପ୍ରଥମ ୪୦ ହଜାର, ଦ୍ୱିତୀୟ ୬୦ହଜାର, ତୃତୀୟ ୬୦ହଜାର ଓ ଶେଷରେ ଛାତ ପକାଇବାବେଳେ ୪୦ ହଜାର ଟଙ୍କା ଦିଆଯାଉଛି। ଯଦି ହିତାଧିକାରୀ ୧୨୦ ଦିନ ମଧ୍ୟରେ ଘର ନିର୍ମାଣ କରୁଛନ୍ତି ତାହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ୨୦ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର, ଯଦି ୧୮୦ ଦିନ ମଧ୍ୟରେ ଘର ସମ୍ପୂର୍ଣ୍ଣ ହେଉଛି ତାହେଲେ ୧୦ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ଆକାରରେ ମିଳୁଛି। ତେବେ ଏହି ଘର ଲାଗି ଆବେଦନ କରିବା ଲାଗି ଜମିବାଡ଼ି ପଟାକୁ ଛାଡ଼ି ହିତାଧିକାରୀ ଅନ୍ୟ ଆବଶ୍ୟକୀୟ କାଗଜପତ୍ର ମଧ୍ୟ ବିଏମ୍‌ସିକୁ ଦେବା ଆବଶ୍ୟକ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

■ ଆସିଲା ମୌସୁମୀ, ଘାରିଲା ଜଳବନ୍ଦୀ ଚିନ୍ତା

# କଣ୍ଟ ପୂରିଲା, କାମ ସରିଲାନି

**ସ୍ଥିତପ୍ରଜ୍ଞ ମିଶ୍ର**
**ଭୁବନେଶ୍ୱର, ୨୧।୬(ବ୍ୟୁରୋ)**

### ଏବେ ବି ଚାଲିଛି ଡ୍ରେନେଜ୍ ପୁନରୁଦ୍ଧାର କାର୍ଯ୍ୟ



ବର୍ଷରେ ଥରେ ଡ୍ରେନ ସଫା କରିବାକୁ ମନେପଡ଼େ। ପ୍ରତ୍ୟେକ ବର୍ଷ ମୌସୁମୀ ଆସିବା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଡ୍ରେନେଜ୍ ବିଭାଗୀୟ ଅଧିକାରୀମାନେ ମୁଖ୍ୟ ଡ୍ରେନ ଓ ସବ୍‌ଡ୍ରେନକୁ ସଫା କରିବାକୁ ମନ ବଳାନ୍ତି। ତାହା ବି ଅନ୍ୟ ବର୍ଷଗୁଡ଼ିକ ପରି ନିର୍ଦ୍ଧାରିତ ସମୟ ମଧ୍ୟରେ ସରେନାହିଁ। ଫଳରେ ପ୍ରତ୍ୟେକ ବର୍ଷ ଭୁବନେଶ୍ୱରରେ ଜଳବନ୍ଦୀ ସମସ୍ୟା ଦେଖିବାକୁ ମିଳେ। ଚଳିତବର୍ଷ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିବ ବୋଲି ଏବେଠୁ ଜଣାପଡ଼ିଲାଣି। କାରଣ ଚଳିତ ମୌସୁମୀର ପ୍ରଥମ ବର୍ଷା ହୋଇସାରିଥିବାବେଳେ ଭୁବନେଶ୍ୱରର ୫୬୦ କି.ମିର ଆଭ୍ୟନ୍ତରୀଣ ଡ୍ରେନ ଓ ୬୦ କି.ମିର ମୁଖ୍ୟ ୧୦ଟି ଡ୍ରେନ୍‌ର ସଫେଇ ଏଯାବତ୍ ସରିନାହିଁ। ଗତ ୨୦ ତାରିଖ ସୁଦ୍ଧା ସଫେଇ କାମ ସାରିବାକୁ ଠିକା ସଂସ୍ଥାକୁ ଡ୍ରେନେଜ ବିଭାଗୀୟ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେମାନେ ମନମୁଖି ଭାବେ ସଫେଇ କାର୍ଯ୍ୟ କରୁଛନ୍ତି। ଭୁବନେଶ୍ୱରର ମୋଟ ୬୭ଟି ୱାର୍ଡ ମଧ୍ୟରୁ ମାତ୍ର ୩୦ରୁ ୩୫ଟି ୱାର୍ଡରେ ଡ୍ରେନେଜ୍ ସଫେଇ ଓ ପଙ୍କ ପୁନରୁଦ୍ଧାର କାର୍ଯ୍ୟ ସରିଛି। ଅନ୍ୟ ୩୦ରୁ ୩୨ଟି ୱାର୍ଡରେ କାର୍ଯ୍ୟ ଅଧା ବି ହୋଇନାହିଁ। ୨୨ତାରିଖ ସରିବାକୁ ବସିଲାଣି, କିନ୍ତୁ ପାଣି ନିଷ୍କାସନ ପାଇଁ ଡ୍ରେନେଜଗୁଡ଼ିକୁ ସଫା କରାଯାଇପାରିନାହିଁ।

ଏ ନେଇ ଡ୍ରେନେଜ୍ ବିଭାଗୀୟ ଇଞ୍ଜିନିୟର ପ୍ରଦୀପ ଦୂରିଆ କହିଛନ୍ତି, ମୌସୁମୀ ପୂର୍ବରୁ କାମ ସାରିବାକୁ ବିଏମ୍‌ସି ପକ୍ଷରୁ ସବୁ ଚେଷ୍ଟା କରାଯାଇଛି। ଏବେ ମଧ୍ୟ କାର୍ଯ୍ୟ ଜାରି ରହିଛି। ଗଙ୍ଗନଗର, ଭୌମନଗର, ଭୀମଟାଙ୍ଗୀ ପରି ସ୍ଥାନରେ ପିଏମ୍‌ଆର ଏବଂ ରାମକୀ ପକ୍ଷରୁ ଡ୍ରେନେଜ୍ ସଫେଇ ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଆଗକୁ ବର୍ଷା ଲାଗି ରହିବ। ଏବେ ବିଏମ୍‌ସି ଏନେଇ କେତେ ତତ୍ପରତା ଦେଖାଉଛି ତାହା ଦେଖିବାକୁ ବାକି ରହିଲା।

### ମେ ୨୪ରୁ ଆରମ୍ଭ ହୋଇଥିଲା ସଫେଇ

ଭୁବନେଶ୍ୱରର ୬୭ଟି ୱାର୍ଡରେ ଗତ ୨୨ତାରିଖରୁ ଡ୍ରେନେଜ୍ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୫ଜଣ କଣ୍ଟ୍ରାକ୍ଟରଙ୍କ ସହ ୩ଟି ଘରୋଇ ସଂସ୍ଥାକୁ ସଫେଇ ଦାୟିତ୍ୱ ଦିଆଯାଇଥିଲା। ବିଏମ୍‌ସିର ବରିଷ୍ଠ ଅଧିକାରୀମାନଙ୍କ ତଦାରଖରେ ଡ୍ରେନେଜ୍ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ ହେଉଥିଲା। ଏ ନେଇ ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର କହିଥିଲେ, ଜୁନ୍ ୨୦ ସୁଦ୍ଧା ଡ୍ରେନ କାମ ସରିଯିବ। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଘରୋଇ ସଂସ୍ଥାର ମନମାନୀ ଲାଗି ଏବେ ଏହି ସଫେଇ କାର୍ଯ୍ୟରେ ଅହେତୁକ ଅବହେଳା ଓ ବିଳମ୍ବ ଦେଖାଦେଇଛି।

### କାର୍ଯ୍ୟରେ ନିୟୋଜିତ ୨୩୦ କର୍ମଚାରୀ, ୧୨ ପୋକ୍‌ଲିନ୍ ମେଶିନ

ଭୁବନେଶ୍ୱରର ୬୭ଟି ୱାର୍ଡକୁ ୧୦ଟି ମୁଖ୍ୟ ଡ୍ରେନ ସଂଯୋଗ କରୁଛି। ଉକ୍ତ ଡ୍ରେନଗୁଡ଼ିକୁ ଛୋଟ ଛୋଟ ଆଭ୍ୟନ୍ତରୀଣ ଡ୍ରେନ ସଂଯୋଗ କରୁଛି। ମୁଖ୍ୟ ଡ୍ରେନଗୁଡ଼ିକ ଶେଷରେ ଯାଇ ଗଙ୍ଗୁଆ ନାଳ ଏବଂ ସେଠାରୁ ଦୟା ନଦୀରେ ମିଶୁଛି। ମୁଖ୍ୟ ଡ୍ରେନର ଲମ୍ବ ୬୦ କିମି ହୋଇଥିବାବେଳେ ଆଭ୍ୟନ୍ତରୀଣ ଡ୍ରେନର ଲମ୍ବ ୫୬୦ କିମି। ଗତ ମାସେ ହେବ ଚାଲିଥିବା ଏହି କାର୍ଯ୍ୟରେ ମାତ୍ର ୨୩୦ଜଣ ସଫେଇ କର୍ମଚାରୀ ଏବଂ ୧୨ଟି ପୋକଲିନ୍ ମେଶିନ୍ ନିୟୋଜିତ ହୋଇଛନ୍ତି। ଆବଶ୍ୟକଠାରୁ କମ୍ ସମୟ ମିଳୁଥିବାରୁ ସଫେଇ କାର୍ଯ୍ୟ ବିଳମ୍ବ ଘଟୁଥିବା ଘରୋଇ ସଂସ୍ଥା କର୍ମଚାରୀ ପ୍ରକାଶ କରିଛନ୍ତି।

### ନିଷ୍କାସନ ହୋଇପାରୁନି ବର୍ଷାଜଳ

ତାତିରୁ ତ୍ରାହି ମିଳିଛି। ଅସହ୍ୟ ଗୁଳୁଗୁଳିପରେ ଏବେ ଓଡ଼ିଶା ଛୁଇଁଛି ମୌସୁମୀ। ସମସ୍ତଙ୍କ ମନକୁ ମୌସୁମୀ ବର୍ଷା ଆଶ୍ୱସ୍ତି କରିଥିବା ବେଳେ ରାଜଧାନୀବାସୀଙ୍କ ପାଇଁ ଦୁର୍ଦ୍ଦଶା ବଢ଼ାଇଛି। ରାଜଧାନୀର ଜନପଥ, କଟକ ରୋଡ଼, ବାଣୀବିହାର, ଆଚାର୍ଯ୍ୟବିହାର, ଜୟଦେବ ବିହାର ରୋଡରେ ପାଣି ଲହଡ଼ି ମାରିଛି। ଡ୍ରେନରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାକୁ ଉଦ୍‌ବୃତ୍ତ ହୋଇଆସିଛି। ଫଳରେ ଯାତାୟାତରେ ସମସ୍ୟା ଉପୁଜିଥିବା ଦେଖିବାକୁ ମିଳିଛି।

## ଥାନା ହାଜତରେ ଛେଳି



**ପୁରୁଣା ଭୁବନେଶ୍ୱର,୨୧।୬ (ଡି.ଏନ.ଏ.)**

ଥାନା ହାଜତରେ ଅପରାଧୀଙ୍କୁ ଅଟକ ରଖିବାକୁ କମିଶନରେଟ୍ ପୋଲିସ ପଛାଉଥିବା ବେଳେ ଧଉଳି ଥାନାରେ ଛେଳିକୁ ହାଜତ ଭିତରେ ରଖିବା ଫଟୋ ଭାଇରାଲ ହୋଇଛି। ଖବର ନେବାରେ ଜଣାପଡ଼ିଛି, ନିଆଳି ଥାନା ଅଧୀନ ନୂଆ ବାଦ୍‌ଜା ଗାଁର ସୁଲୋଚନା ବିଶ୍ୱାଳଙ୍କ ଗୁହାଳରୁ ଏକ ଛେଳି ଚୋରି ହୋଇଯିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଅନୁସନ୍ଧାନ ଚଳାଇଥିଲା। ଇତିମଧ୍ୟରେ ଚୋରି କରିଥିବା ଅଭିଯୁକ୍ତ ଛେଳିକୁ ଅଖାରେ ଧରି ଭୁବନେଶ୍ୱରରେ ବିଭିନ୍ନ ଅଞ୍ଚଳରେ ବେପାରୀଙ୍କୁ ବିକ୍ରି କରିବା ଲାଗି ବୁଲୁଥିଲେ। ଯୁବକଙ୍କ ହାବ ଭାବ ଦେଖି ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ ପଚରା ଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଧରିବା ସହ ଛେଳିକୁ ଜବତ କରି ହାଜତରେ ରଖିଥିଲା। ଗୁରୁବାର କମିଶନରେଟ୍ ପୋଲିସ ଅଭିଯୁକ୍ତଙ୍କୁ ନିଆଳି ଥାନା ଜିମା ଦେଇଥିଲା। ହେଲେ ହାଜତରେ ଥିବା ଛେଳି କେଉଁଆଡେ ଗଲା ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଆଇଆଇସି ଜୟଦ୍ୱୀପ ବିଶ୍ୱଜିତଙ୍କୁ ପଚାରିବାରେ ନିଆଳି ଥାନା ଅଞ୍ଚଳରୁ ଜଣେ ବ୍ୟକ୍ତି ଛେଳି ଆଣି ବିକ୍ରି କରିବାକୁ ଉଦ୍ୟମ କରୁଥିବା ସତ। ଆମେ ସେ ଥାନାକୁ ଛେଳି ଓ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରି ଦେଇଛୁ। ହେଲେ ଆମେ ହାଜତରେ ଛେଳି ରଖିବା ଘଟଣା ମିଥ୍ୟା।

■ ମେଡିକାଲ କଲେଜ ଅଧକ୍ଷ, ଅଧୀକ୍ଷକଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଲୋଚନା

# ରୋଗୀ ସେବା ସୁବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

- ■ 'ସେଣ୍ଟର ଅଫ୍ ଏକ୍ସିଲେନ୍ସି'ରେ ପରିଣତ ହେବ ସୁପରସ୍ପେଶିଆଲିଟି ବିଭାଗ
- ■ ଡାକ୍ତର, କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ ପାଇଁ ଲାଗିବ ବାୟୋମେଟ୍ରିକ ଯନ୍ତ୍ର
- ■ ଗବେଷଣା ଉପରେ ଅଧିକ ଧ୍ୟାନଦେବାକୁ ନିର୍ଦ୍ଦେଶ

ମେଡିକାଲ କଲେଜଗୁଡ଼ିକରେ ରୋଗୀ ସେବାକୁ ସୁବ୍ୟବସ୍ଥିତ କରିବା ଏବଂ ସରକାର ଯୋଗାଇ ଦେଇଥିବା ଯନ୍ତ୍ରପାତିଗୁଡ଼ିକର ଅଧିକରୁ ଅଧିକ ସଦୁପଯୋଗ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ରାଜ୍ୟର ୭ ମେଡିକାଲ କଲେଜ ଅଧକ୍ଷ ଓ ଅଧୀକ୍ଷକଙ୍କ ସହ ଆଲୋଚନା ସମୟରେ ମନ୍ତ୍ରୀ ଏଭଳି ନିର୍ଦ୍ଦେଶ ଦେବା ସହିତ ସୁପରସ୍ପେଶିଆଲିଟି ବିଭାଗଗୁଡ଼ିକୁ 'ସେଣ୍ଟର ଅଫ୍ ଏକ୍ସିଲେନ୍ସି'ରେ ପରିଣତ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ବିଶେଷକରି ହାର୍ଟ, କିଡ୍‌ନୀ, ଲିଭର ଭଳି ବିଭାଗଗୁଡ଼ିକୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦେବା ଲାଗି କୁହାଯାଇଛି। ସେହିଭଳି ମେଡିକାଲ କଲେଜଗୁଡ଼ିକରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ତାହାକୁ ଦୃଷ୍ଟିରେ ରଖି ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ମାଧ୍ୟମରେ ରୋଗୀମାନେ ଯେଭଳି ଠିକଣା ସେବା ପାଇପାରିବେ, ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏଥିସହ ଆବଶ୍ୟକ ସ୍ଥଳେ ଅନ୍ୟ ଚିକିତ୍ସାଳୟକୁ ରୋଗୀଙ୍କୁ ରେଫର କରିବାରେ ଯେଭଳି ଆଦୌ ବିଳମ୍ବ ନ ଘଟେ, ସେଥିପ୍ରତି ଦୃଷ୍ଟିଦେବାକୁ କୁହାଯାଇଛି। ଅଧିକାଂଶ ସମୟରେ ଡାକ୍ତରଙ୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ କର୍ମଚାରୀ ଅନୁପସ୍ଥିତ ରହୁଥିବା ନେଇ ଅଭିଯୋଗ ଆସୁଥିବାରୁ ଏହାର ସମାଧାନ ଲାଗି ବାୟୋମେଟ୍ରିକ ଯନ୍ତ୍ର ଲଗାଇବା ସହିତ ନିୟମିତ ବ୍ୟବଧାନରେ ଯାଞ୍ଚ କରି ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଗବେଷଣା ଉପରେ ଅଧିକ ଧ୍ୟାନ ଦେବାକୁ କହିଛନ୍ତି। ମେଡିକାଲ କଲେଜଗୁଡ଼ିକରେ ଆର୍ଥିକ ପରିଚାଳନା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ କାର୍ଯ୍ୟ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ବିଭାଗ ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ ଏବଂ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡା. ସୋନାମାଲି ବାଗଙ୍କ ସମେତ ୭ ମେଡିକାଲ କଲେଜ ଅଧକ୍ଷ, ଅଧୀକ୍ଷକ, ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାରଙ୍ଗରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

**ବାରଙ୍ଗ,୨୧।୬(ଡି.ଏନ୍.ଏ.)**

ପତଞ୍ଜଳି ଯୋଗସମିତି ଓ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାରଙ୍ଗର ମିଳିତ ସହଯୋଗରେ ନରଣପୁର ଖେଳପଡିଆରେ ଶୁକ୍ରବାର ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଯାଇଛି। ସଭାରେ ମାନବାଧିକାର କମିଶନର ନ୍ୟାୟମୂର୍ତ୍ତି ରଘୁବୀର ଦାସ, ଏନଡିଆରଏଫର ଉପସେନା ନାୟକ ବୀରକିଶୋର ଦାସ, ବାରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା, ବିକେ ଅରୁଣା ଅତିଥିଭାବେ ଯୋଗଦେଇଥିଲେ। ସଂଯୋଜନା କମିଟି ସଦସ୍ୟ ସୁରେଶ ମହାନ୍ତି ଅତିଥିପରିଚୟ ଓ ବିକେ ମହେନ୍ଦ୍ର ଧନ୍ୟବାଦ ଦେଇଥିଲେ। ସେହିଭଳି ଚନ୍ଦକା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଯୋଗଦିବସ ପାଳିତ ହୋଇଯାଇଛି। ରଘୁନାଥପୁର ସାଇ ଜରାଶ୍ରମରେ ଯୋଗଦିବସ ଉପଲକ୍ଷେ ବୃକ୍ଷରୋପଣ ଓ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି, ବରିଷ୍ଠ ନାଗରିକ ସଂଘର ସଭାପତି ମଧୁମାଧବ ଜେନା, ଡ.ସଞ୍ଜୟ ଶତପଥୀ, ଭାସ୍କରଚନ୍ଦ୍ର ମିଶ୍ର, ସୁଦର୍ଶନ ଦାସ, ପ୍ରଭାସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ଯୋଗ ମଣିଷକୁ ନୀରୋଗ ରଖେ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ନ୍ୟୁ ଫରେଷ୍ଟ ପାର୍କସ୍ଥିତ ବ୍ଲିସ୍‌ଫୁଲ୍ ଯୋଗ ସେଣ୍ଟରରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧକ୍ଷା ସୌମ୍ୟା ଦାଶଙ୍କ ଅଧକ୍ଷତାରେ ଡିଭାଇନ୍ ଲାଇଫ୍‌ର ସଭାପତି ସ୍ୱାମୀ ଦିବ୍ୟସ୍ୱରୂପା ନନ୍ଦ ଓ ସରସ୍ୱତୀ ମା' ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମଣିଷକୁ ଯୋଗ ନୀରୋଗ ରଖେ ବୋଲି ସ୍ୱାମୀ ଦିବ୍ୟସ୍ୱରୂପା ନନ୍ଦ କହିଥିଲେ। ପ୍ରାରମ୍ଭିକ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ ଯୋଗାଭ୍ୟାସ କରାଯାଇଥିଲା। ଏଥିରେ ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନ, ସତ୍ୟଭମା ଦେବୀ କଲେଜ ଫର୍ ହିୟରିଂ ଇମ୍ପେୟାର୍ଡ, ଆଦୃତ ଚିଲ୍‌ଡ୍ରେନ୍ ହୋମ୍ ଏବଂ ବ୍ଲିସ୍‌ଫୁଲ୍ ଯୋଗ ସେଣ୍ଟରର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

ଆନ୍ତର୍ଜାତିକ ଯୋଗ ଦିବସରେ ସଫେଇକୁ ଗୁରୁତ୍ୱ ଦେଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଏ ନେଇ ଶୁକ୍ରବାର ପୂର୍ବାହ୍ନ ୭ଟାରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଗଣ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା' ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଏମ୍‌ସି ଆଡ଼ିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ୍ ଯୋଗଦେଇ 'ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶାକୁ ସାକାର କରିବା ଦିଗରେ ସମସ୍ତଙ୍କର ସହଯୋଗ ଲୋଡ଼ା ବୋଲି କହିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓଡ଼ିଶା ଏନଭାୟର୍ନମେଣ୍ଟ ସୋସାଇଟି' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

**ପୁରୁଣା ଭୁବନେଶ୍ୱର, (ଡି.ଏନ.ଏ.):** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶାନ୍ତିସ୍ତୂପ ଧଉଳିରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଶ୍ରୀଧବଳେଶ୍ୱର ବ୍ୟବସାୟୀ ସଂଘ ସଦସ୍ୟ ଏବଂ ସ୍ୱେଚ୍ଛାକୃତ ଭାବେ ୧୮୦ରୁ ଊର୍ଦ୍ଧ୍ୱ ଯୁବକ ଅଂଶଗ୍ରହଣ କରିଥିଲେ। ଏଭଳି ଯୋଗର ଉପାଦେୟତା ଉପରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ କର୍ପୋରେଶନର ଅଧକ୍ଷ କୁନା ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ଭାରତ ପର୍ଯ୍ୟଟନ ଏବଂ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ଶିବିରରେ ଓଡ଼ିଶା ପର୍ଯ୍ୟଟନ ବିଭାଗର ଟ୍ୟୁରିଷ୍ଟ ଅଫିସର ଅଜୟ ରାଉତ, ଆର.କେ. ପଟ୍ଟନାୟକ, ଡ଼. ଶରତ ଲେଙ୍କା, ଧଉଳି ସରପଞ୍ଚ ପୂର୍ଣ୍ଣିମା ସାହୁ ଏଥିରେ ଯୋଗ ଦେଇଥିଲେ। ରଶ୍ମି ସୋନିଆ ତିର୍କୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଶଭଦ୍ରା ନଦୀ ମୁହାଣ ଖୋଲା ଆରମ୍ଭ

**ବାଲିଅନ୍ତା,୨୧।୬(ଡି.ଏନ୍.ଏ.)**



ଦୀର୍ଘବର୍ଷ ଧରି ଶୁଖିଲା ପଡ଼ିଥିବା କୁଶଭଦ୍ରା ନଦୀର ବାଲିଅନ୍ତାସ୍ଥିତ ମୁହାଣ ଖୋଲା କାମ ଆରମ୍ଭ ହୋଇଛି। ବର୍ଷାଦିନେ ବନ୍ୟାଜଳ ଯେଭଳି ତଳମୁଣ୍ଡକୁ ଯାଇପାରିବ ସେଥିପାଇଁ ଜଳସେଚନ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

ବାଲିଅନ୍ତାସ୍ଥିତ କୁଆଖାଇ ନଦୀରୁ ବାହାରିଥିବା ଏହି କୁଶଭଦ୍ରା ନଦୀରେ ୫ବର୍ଷ ଧରି ବନ୍ୟା ନ ଆସିବାରୁ କ୍ରମଶଃ ପୋତି ହୋଇ ଶୁଖିଲା ପଡିରହିଛି। ଫଳରେ ବାଲିଅନ୍ତା, ବେଣୁପୁର, ଭିଙ୍ଗାରପୁର, ପ୍ରତାପରୁଦ୍ରପୁର, ଜୟଦେବ, ବନମାଳିପୁର ପର୍ଯ୍ୟନ୍ତ କୁଶଭଦ୍ରା ନଦୀରେ ପାଣି ନାହିଁ। ନଦୀରେ ପାଣି ନ ଥିବାରୁ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ ହେବା ସହ କୂଅ, ପୋଖରୀରେ ଜଳସ୍ତର କମିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀମାନେ ନଦୀ ମୁହାଣର ଖନନ ପାଇଁ ତତ୍ପରତା ଦେଖାଇଛନ୍ତି। ତେବେ ଏଥିପାଇଁ ଜଳସେଚନ ବିଭାଗର ୨ଟି ଅଲଗା ଡିଭିଜନ ଆଗେଇ ଆସିଛନ୍ତି। ନଦୀ ମୁହାଣଟି ପ୍ରାଚୀ ଡିଭିଜନର ବାଲିଅନ୍ତା ଉପଖଣ୍ଡ ଅଧୀନରେ ରହିଛି। ମୁହାଣର ୧୨୦୦ମିଟର ଲମ୍ବ ପର୍ଯ୍ୟନ୍ତ ୧୦ମିଟର ଚଉଡାର ଏକ ଚ୍ୟାନେଲ ଖୋଳାଯିବ। ଏଥିପାଇଁ ୫ଲକ୍ଷ ଟଙ୍କା ବ୍ୟୟବରାଦ ହେବ ବୋଲି ଏହାର ଟେଣ୍ଡର ଡକାଯାଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ସାହୁ କହିଛନ୍ତି। ତେବେ ବାଲିପାଟଣା ଜଳସେଚନ ଉପଖଣ୍ଡ ଅଧୀନ ଭୁବନପୁର ସେକ୍ସନ ପକ୍ଷରୁ ବାଲିଅନ୍ତା ସାଇଫନ ସମ୍ମୁଖରେ ନଦୀରେ ଖୋଳା କାର୍ଯ୍ୟ ୨ଦିନ ହେଲା ଆରମ୍ଭ ହୋଇଛି। ତେବେ ଏହି ଖନନ କାର୍ଯ୍ୟକୁ ସାମ୍ପଲ ଆକାରରେ ନିଆଯାଇଛି ବୋଲି ସହକାରୀ ଯନ୍ତ୍ରୀ କ୍ଷୀରୋଦ ମହାପାତ୍ର କରିଛନ୍ତି।

■ ନୂଆଗାଁ ରାସ୍ତାରେ ଡ୍ରେନ୍ ନିର୍ମାଣ ପ୍ରସଙ୍ଗ

# ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟ ତଦାରଖ

**ପୁରୁଣା ଭୁବନେଶ୍ୱର,୨୧।୬ (ଡି.ଏନ.ଏ.)**



ବର୍ଷା ଆସିବା ପରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ପୋତି ହୋଇ ଯାଇଥିବା ଏବଂ ନୂତନ ନିର୍ମାଣ କରାଯାଉଥିବା ଡ୍ରେନ କଥା ବିଭାଗୀୟ ଅଧିକାରୀଙ୍କ ମନେପଡେ। ସେମାନେ ଠିକାଦାରଙ୍କୁ ଲଗାଇ ତରବରିଆ ଭାବେ ନିର୍ମାଣ କରାଉଛନ୍ତି। ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ନୂଆଗାଁର ମ୍ୟୁନିସିପାଲିଟି ରାସ୍ତାରେ ଗୁରୁବାର ବିଏମସି ପକ୍ଷରୁ ଡ୍ରେନ ନିର୍ମାଣ ପାଇଁ ଗର୍ତ୍ତ ଖୋଳା ଯାଇଥିଲା। ଯାହାକୁ ବିଭାଗର ଭୁଲ ଦର୍ଶାଇ ସ୍ଥାନୀୟ ଅଞ୍ଚଳବାସୀ ଘୋର ବିରୋଧ କରିଥିଲେ। ଯେଉଁ ଡ୍ରେନଟି ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତାରେ ସଂଲଗ୍ନ କରିବାକୁ ଚାହୁଁଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ ଯୋଜନା। କାରଣ ଏଠାରୁ ଜଳ ନିଷ୍କାସନ ପାଇଁ କୌଣସି ସୁପଥ ନାହିଁ। ପୁରୁଣା ଡ୍ରେନ୍ ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ଜବରଦଖଲକାରୀମାନେ ଗଙ୍ଗୁଆ ବ୍ରିଜ୍‌ଠାରୁ ଶିଶୁପାଳଗଡ଼ ପର୍ଯ୍ୟନ୍ତ ଜାତୀୟ ରାଜପଥର ଦକ୍ଷିଣପାର୍ଶ୍ୱ କଡ଼ରେ ଯାଇଥିବା ସରକାର ଚକନାଳୀକୁ କବ୍‌ଜା କରିଛନ୍ତି। କେଉଁଠି ଘରୋଇ ଶିକ୍ଷାନୁଷ୍ଠାନ ପାର୍କିଂ ସ୍ଥାନ, ଗେଟ, କରିଛନ୍ତି ତ ଅନ୍ୟ କେଉଁଠାରେ ବ୍ୟବସାୟୀମାନେ ଦୋକାନ କରିଛନ୍ତି। ଅନ୍ୟ କେହି ଏହି ଚକନାଳୀରେ ବିଲ୍ଡିଂ ମଧ୍ୟ କରିଛନ୍ତି। ଏହିସବୁ ସମସ୍ୟା ନେଇ ନୂଆଗାଁ ବାସିନ୍ଦା କେବଳ ନୁହନ୍ତି ଇନ୍ଦିରା କଲୋନୀ, ବିଜୟବିହାର, ଇଟିପୁର, ଲିଙ୍ଗିପୁର, ଟିକରପଡ଼ା ଆଦି ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ବର୍ଷା ଦିନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଏହାକୁ ସମାଧାନ କରିବାକୁ ଯାଇ ବିଏମ୍‌ସି କର୍ତ୍ତୃପକ୍ଷ ମୋଟର ଲଗାଇ ଜଳ ନିଷ୍କାସନ କରିଥାନ୍ତି। ଗୁରୁବାର ଏଭଳି ଡ୍ରେନ୍ ନିର୍ମାଣକୁ ଅଞ୍ଚଳବାସୀ ବିରୋଧ କରିବା ପରେ ଶୁକ୍ରବାର ପୂର୍ବାହ୍ନରେ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ତଦାରଖ କରିଥିଲେ। ଲୋକମାନଙ୍କର ବିରୋଧ ସ୍ୱାଗତଯୋଗ୍ୟ କହିବା ପରେ ଏହାର ବିକଳ୍ପ ଚିନ୍ତା କରିଥିଲେ। ଏ ନେଇ ଡ୍ରେନେଜ ବିଭାଗ କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ପ୍ରଦୀପ ସାଗର ଦୁରିଆଙ୍କୁ ପଚାରିବାରେ ଲୋକମାନଙ୍କର ବିରୋଧକୁ ତର୍ଜମା କରାଯିବା ସହ ଘଟଣାସ୍ଥଳ ତଦାରଖ କରାଯାଇଛି। ଦାବି ମୁତାବକ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ପୁରୁଣା ଡ୍ରେନ ନିଷ୍କାସନ ପଥ ସଫେଇ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଆଇ)କୁ ଚିଠି କରାଯାଇଛି। ଯଦି ଏଥିରେ ସୁଫଳ ନ ମିଳେ ତାହା ହେଲେ ଡ୍ରେନ ଦେଇ ପାଣି ଅନ୍ୟତ୍ର ଛାଡ଼ିବାକୁ ବ୍ୟବସ୍ଥା କରାଯିବ। ନଚେତ୍ ଲୋକଙ୍କ ସ୍ୱାର୍ଥକୁ ଲକ୍ଷ୍ୟ କରି ଡ୍ରେନ ନିର୍ମାଣ ବନ୍ଦ କରାଯିବ।



ଯେ ଥରେ ତୁମକୁ ବିଶ୍ୱାସରେ ବିଷ ଦେଇଛି, ସେ ଯେ ଆଉ ଥରେ ନ ଦେବ ତା'ର ପ୍ରମାଣ କ'ଣ।

-ସେକ୍ସପିୟର



## ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ବାପା ଆଣିଲେ ହତ୍ୟା ଅଭିଯୋଗ

କଣ୍ଟାପଡା, ୨୧।୬(ଡି.ଏନ୍.ଏ.)

- ରୁମ୍‌ରୁ ସୁଇସାଇଡ୍ ନୋଟ୍ ଜବତ
- ରାତିରେ ମାଆଙ୍କ ମୋବାଇଲକୁ ମେସେଜ ପଠାଇଥିଲେ

ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁର ୟୁ.ଏନ. କଲେଜ ମନ୍ଦାକିନୀ ହଷ୍ଟେଲର ଫ୍ୟାନ୍‌ରେ ଝୁଲୁଥିବା ଯୁକ୍ତ ୩ ପ୍ରଥମବର୍ଷ ବାଣିଜ୍ୟ ବିଭାଗର ଛାତ୍ରୀ ନିକିତା ମୁଦୁଲିଙ୍କ ମୃତଦେହ ଶୁକ୍ରବାର ପୋଲିସ ଉଦ୍ଧାର କରିଛି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ. ୨/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଝିଅକୁ ହତ୍ୟା କରାଯାଇ ଫ୍ୟାନ୍‌ରେ ଝୁଲାଇ ଦିଆଯାଇଥିବା ନିକିତାଙ୍କ ବାପା ସରୋଜ ମୁଦୁଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ଗୁରୁବାର ରାତି ପ୍ରାୟ ୩ଟାରେ ନିକିତା ତାଙ୍କ ମାଆଙ୍କ ମୋବାଇଲକୁ ମମ୍ ସରି ବୋଲି ଏକ ମେସେଜ ପଠାଇଥିଲେ। ମେସେଜ ଦେଖି ଶୁକ୍ରବାର ସକାଳ ପ୍ରାୟ ୭ଟାରେ ମାଆ ନିକିତାଙ୍କ ସହିତ କଥାହେବା ପାଇଁ ଫୋନ ଲଗାଇଥିଲେ। ହେଲେ ମୋବାଇଲ ସୁଇଚ୍ ଅଫ୍ ଥିବାରୁ ସେ ଛାତ୍ରୀନିବାସ ସୁପରିଟେଣ୍ଡେଣ୍ଟ ହରପ୍ରିୟା ସାହୁଙ୍କୁ ଫୋନକରି ଝିଅ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ସୁପରିଣ୍ଟେଣ୍ଡେଣ୍ଟ ନିକିତା ରହୁଥିବା ୫୯ ନଂ. ରୁମକୁ ଯାଇଥିଲେ ମଧ୍ୟ ସେଠାରେ ତାଙ୍କୁ ପାଇ ନ ଥିଲେ। ଏହା ନିକଟରେ ଥିବା ୫୮ନଂ. ରୁମ୍‌ରେ କେହି ରହୁ ନ ଥିବାବେଳେ ଭିତରପଟୁ କବାଟ ବନ୍ଦ ଥିଲା। ସନ୍ଦେହରେ ଉକ୍ତ ରୁମ୍‌ର ଝରକା, କବାଟ ଖୋଲାଯିବା ପରେ ନିକିତାଙ୍କ ମୃତଦେହ ଫ୍ୟାନରେ ଝୁଲଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ହଷ୍ଟେଲ କର୍ତ୍ତୃପକ୍ଷ ନିକିତାଙ୍କ ପରିବାର ଲୋକ ଓ ପୋଲିସକୁ ଜଣାଇଥିଲେ। ଓଲଟପୁର ଥାନା ଆଇଆଇସି ଚିନ୍ମୟୀ ସାହୁ ପହଞ୍ଚି ଉକ୍ତ କୋଠରିର କବାଟ ଖୋଲି ଝୁଲନ୍ତା ଅବସ୍ଥାରେ ଛାତ୍ରୀଙ୍କ ମୃତଦେହ ଜବତ କରିଥିଲେ। ଏଥିସହିତ ଉକ୍ତ କୋଠରିରୁ ପୋଲିସ ଏକ ସୁଇସାଇଡ ନୋଟ୍ ଜବତ କରିଥିବାବେଳେ ସେଥିରେ ଆଇ ଆମ ସରି ମାମା ଆଣ୍ଡ ପାପା ବୋଲି ଉଲ୍ଲେଖ ରହିଛି। ଛାତ୍ରୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଏବେ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏ ସମ୍ପର୍କରେ ଆଇଆଇସି ସାହୁ କୁହନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯାହାକିଛି କାର୍ଯ୍ୟାନୁଷ୍ଠାନ ନିଆଯିବ। ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ହରପ୍ରିୟା କୁହନ୍ତି, ପୁରାତନ ଛାତ୍ରୀ ଚାଲି ଯାଇଥିବାରୁ ଉକ୍ତ କୋଠରି ଖାଲିପଡିଥିଲା। ଉକ୍ତ କୋଠରିକୁ ପାଖ ରୁମ୍‌ରେ ଥିବା ଛାତ୍ରୀମାନେ ବ୍ୟବହାର କରୁଥିଲେ। ତେବେ ନିକିତା ଅତ୍ୟନ୍ତ ସରଳ ଥିଲେ। ପୋଲିସ ନିରପେକ୍ଷ ତଦନ୍ତ କଲେ ଛାତ୍ରୀ ମୃତ୍ୟୁ ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଲୁଟ୍ ଉଦ୍ୟମ, ୪ ଗିରଫ

କଟକରୋଡ,୨୧।୬(ଡି.ଏନ୍.ଏ.)

୩୧୬ନଂ ଜାତୀୟ ରାଜପଥରେ ଲୁଟ୍ ଉଦ୍ୟମ ଅଭିଯୋଗରେ ବଡ଼ଗଡ଼ ପୋଲିସ ଶୁକ୍ରବାର ୪ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଚିଲି ପୋଖରୀ ବସ୍ତିରେ ରହୁଥିବା ରୋସନ ଦାସ, ଗଣେଶ ତ୍ରିପାଠୀ, ପୁରୀ ଜିଲା ବଳଙ୍ଗା ଅଞ୍ଚଳର କେଦାର ପରିଡା ଓ ଶହୀଦ ନଗର ଥାନା ବାଙ୍କୁଆଳ ଗ୍ରାମର ଅନୀଲ ବେହେରା। ଖୋର୍ଦ୍ଧା ଜିଲା ବାଲିପାଟଣା ଅଞ୍ଚଳର ଦିଲୀପ ଦଳେଇ ଗତ ୧୭ତାରିଖ ରାତିରେ ଘରକୁ ଫେରୁଥିବା ବେଳେ ରବି ଟକିଜ୍ ଛକ ନିକଟରେ ଉକ୍ତ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ବାଇକ ଓ ପର୍ସ ଛଡାଇ ନେବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଦିଲୀପ ସେମାନଙ୍କ କବଳରୁ ଖସି ଆସି ଗଙ୍ଗୁଆ ବ୍ରିଜ ନିକଟରେ ପାଟ୍ରୋଲିଂ ଦାୟିତ୍ୱରେ ଥିବା ପିସିଆର ଭ୍ୟାନ କର୍ମଚାରୀଙ୍କୁ ଜଣାଇଥିଲେ। ପରେ ପୋଲିସ ସେମାନଙ୍କୁ ଖୋଜିଥିଲେ ମଧ୍ୟ ଠାବ କରିପାରି ନ ଥିଲା। ଏ ନେଇ ଦିଲୀପ ବଡ଼ଗଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ ୧୪୦/୧୯ରେ ରୁଜୁ କରିଥିଲା। ପରେ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର ରାତିରେ ସେମାନଙ୍କ ଘରୁ ଗିରଫ କରିଥିଲା।

# ଆଇଓଙ୍କୁ ଦିଆଯିବ ଏଆଇ ଟେକ୍ନୋଲୋଜି ଟାବ୍‌ଲେଟ୍

କଟକ ଅଫିସ, ୨୧।୬

**ତଦନ୍ତ କ୍ଷେତ୍ରରେ ହେବ ସହାୟକ**

ଏଣିକି ତଦନ୍ତକାରୀ ଅଫିସର (ଆଇଓ)ଙ୍କୁ ଆଉ କାଗଜ କଲମରେ କାର୍ଯ୍ୟ କରିବାକୁ ପଡ଼ିବନାହିଁ। ଓଡ଼ିଶା ପୋଲିସ ପକ୍ଷରୁ ଆଇଓମାନଙ୍କୁ ଉନ୍ନତମାନର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍ନୋଲୋଜି ଥିବା ଟାବ୍‌ଲେଟ୍ ଦିଆଯିବ। ଯେଉଁଥିରେ ଚାର୍ଜଶିଟ୍‌ରେ ଲେଖାଯିବାକୁ ଥିବା ସମସ୍ତ ସୂଚନା ରହିବ। ଆଇଓମାନେ ଉକ୍ତ ଟାବ୍‌ଲେଟ୍ ସାହାଯ୍ୟରେ କେଉଁ ପ୍ରକାର କ୍ରାଇମ, କ୍ରାଇମ ସ୍ଥଳରୁ ଜବତ ସାମଗ୍ରୀ, ଅଭିଯୁକ୍ତ, ଅଭିଯୋଗକାରୀ ଏବଂ ସାକ୍ଷୀଙ୍କ ନାମ ସହିତ ମାମଲା ସମ୍ପର୍କରେ ସମସ୍ତ ସୂଚନା ଲେଖିପାରିବେ। ଖୁବ୍‌ଶୀଘ୍ର ପ୍ରାଥମିକ ପର୍ଯ୍ୟାୟରେ କମିଶନରେଟ୍ ପୋଲିସରେ ଥିବା ଆଇଓମାନଙ୍କୁ ଏହି ଟାବ୍‌ଲେଟ୍ ପ୍ରଦାନ କରାଯିବ। ପରେ ଓଡ଼ିଶାର ଥିବା ମୋଟ୍ ୬୧୯ଟି ଥାନାର ଆଇଓମାନଙ୍କୁ ଏହି ଟାବଲେଟ୍ ପ୍ରଦାନ କରାଯିବ ବୋଲି ଓଡ଼ିଶା ପୋଲିସରୁ ସୂଚନା ମିଳିଛି।

ଓଡ଼ିଶା ପୋଲିସର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଆମେ ପୁରାତନ ତରିକାରେ କାଗଜପତ୍ର କାମ ଛାଡ଼ି ଡିଜିଟାଲ ମାଧ୍ୟମରେ ମାମଲାର ତଦନ୍ତ କିପରି ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେଉଛୁ। ଏହାଦ୍ୱାରା ତଦନ୍ତ କ୍ଷେତ୍ରରେ ସ୍ୱଚ୍ଛତା ଆସିପାରିବ। ଏଥିସହିତ ଆଇଓମାନଙ୍କୁ ବହୁବାର କାଗଜପତ୍ରରେ କାର୍ଯ୍ୟ କରିବା ପାଇଁ ଯେଉଁ ସମୟ ଦେବାକୁ ପଡୁଥିଲା ତାହା ମଧ୍ୟ ଦୂର ହୋଇପାରିବ।

ତେବେ ଏହି ଟାବ୍‌ଲେଟ୍‌ରେ ଏଆଇ ଭଳି ଉନ୍ନତମାନର ଟେକ୍ନୋଲୋଜି ରହିବ। ଯେଉଁଥିରେ ଅପରାଧ ତଦନ୍ତଗୁଡ଼ିକ ଉପରେ ସମସ୍ତ ସୂଚନା ରହିବ। ଏହି ଟାବ୍‌ଲେଟ୍‌ରେ ଓଡ଼ିଶା ପୋଲିସର ଥିବା କ୍ରାଇମ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟ୍‌ୱର୍କ ଆଣ୍ଡ ସିଷ୍ଟମ୍‌ସ (ସିସିଟିଏନ୍‌ଏସ୍) ପୋର୍ଟାଲ୍ ସହିତ ଲିଙ୍କ୍ କରାଯିବ।

ସୂଚନାଯୋଗ୍ୟ, ଗତବର୍ଷ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ବିନା କାଗଜପତ୍ରରେ କିପରି ଥାନା କାର୍ଯ୍ୟ ଏବଂ ତଦନ୍ତ କରାଯାଇପାରିବ ତାହା ଉପରେ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ବୈଠକରେ ଚଳିତବର୍ଷ ଜୁଲାଇ ଶେଷ ସୁଦ୍ଧା ସବୁ ଥାନାରେ ବିନା କାଗଜପତ୍ରରେ କାର୍ଯ୍ୟ କରିବା ପାଇଁ ଟାର୍ଗେଟ ରଖାଯାଇଥିଲା। ଏଥିପାଇଁ ଡିଜିପି ସମସ୍ତ ଜିଲାର ଏସ୍‌ପି ଏବଂ କମିଶନରେଟ୍ ପୋଲିସର ଡିସିପିଙ୍କୁ ଏହା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ୫ ବର୍ଷିଆ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିବାବେଳେ ୧୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଏଥିରୁ ୨୧ କୋଟି ଟଙ୍କା ଓଡ଼ିଶା ପୋଲିସକୁପ୍ରଦାନ କରାଯାଇଥିଲା।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

## (ଭୂ-ଅର୍ଜନ ଉପବିଭାଗ)

## ଅଧିସୂଚନା

No.VIII-01

ବିଜ୍ଞପ୍ତି ସଂଖ୍ୟା : ୪୨୫

ତାରିଖ : ୧୦.୦୫.୨୦୧୯, ସୁନ୍ଦରଗଡ

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ ମୌଜା - ଅଁଳାବାହାଲ, ଥାନା - ଲେଫ୍ରିପଡା, ତହସିଲ - ଲେଫ୍ରିପଡା, ଜିଲ୍ଲା - ସୁନ୍ଦରଗଡରେ ନିମ୍ନ ତଫସିଲ ମତେ ପ୍ରାୟ ୨୨.୪୩ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ପୂର୍ତ୍ତ ବିଭାଗ, ସୁନ୍ଦରଗଡ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଏଥିସହିତ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ସୁନ୍ଦରଗଡ।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ | ଲେଫ୍ରିପଡା | ଅଁଳାବାହାଲ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨୨.୪୩ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ

## ସଂପୂର୍ଣ୍ଣ ଜମି ବିବରଣୀ

ଜିଲ୍ଲା : ସୁନ୍ଦରଗଡ, ତହସିଲ : ଲେଫ୍ରିପଡା, ଗ୍ରାମ- ଅଇଁଳାବାହାଲ

| କ୍ର. ନଂ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୪ | ୫୦୭ | ମାଲ ସାଧାରଣ | ୦.୨୧୦ | ୦.୦୪୦ | ଅନନ୍ତରାମ ପଟେଲ, ପି- ରଘୁନାଥ ପଯେଲ, ଜା- ଆଗ୍ରିଆ, ବା- ନିଜଗାଁ, ପଡା - ମଝାପଡା |
| | | ୯୬୧ | ଗୋଡା-୧ | ୧.୧୨୦ | ୦.୫୦୦ | |
| | | ୯୬୮ | ଗୋଡା -୧ | ୦.୦୮୦ | ୦.୦୨୦ | |
| | | ୧୯୯୧ | ମାଲ ସାଧାରଣ | ୦.୨୧୦ | ୦.୦୫୦ | |
| ୨ | ୧୨ | ୫୧୧ | ମାଲ ସାଧାରଣ | ୦.୦୩୦ | ୦.୦୩୦ | ଉଗ୍ରେସନ ରାଉତ, ପି- ବୁଧନ ରାଉତ, ଜା- ଗୌଡ, ବା- ନିଜଗାଁ |
| ୩ | ୧୩ | ୫୦୮ | ମାଲ ସାଧାରଣ | ୦.୨୭୦ | ୦.୦୭୦ | ଉପେନ୍ଦ୍ର ପଟେଲ, ଭରତ ଚନ୍ଦ୍ର ପଟେଲ, ଭୋଲାନାଥ ପଟେଲ, ବି- ବିଶ୍ୱମ୍ବର ପଟେଲ, ଜା- ଆଗ୍ରିଆ, ବା- ନିଜଗାଁ |
| | | ୯୦୮ | ବଗାୟତ-୨ | ୦.୧୦୦ | ୦.୦୭୦ | |
| | | ୯୬୪ | ଗୋଡା-୧ | ୦.୫୧୦ | ୦.୨୮୦ | |
| | | ୯୫୯/ ୨୦୮୫ | ଗୋଡା-୧ | ୦.୨୬୦ | ୦.୨୦୦ | |
| | | ୯୦୫ | ଗୋଡା-୧ | ୦.୧୫୦ | ୦.୦୧୦ | |
| ୪ | ୩୭ | ୯୧୯ | ମାଲ ସାଧାରଣ | ୦.୧୫୦ | ୦.୦୩୦ | ଗୁରୁ ଚରଣ ମାଝୀ, ପି- ଅଙ୍କୁର ମାଝୀ, ଜା- ଗଣ୍ଡ, ବା- ନିଜଗାଁ |
| | | ୯୫୮ | ଗୋଡା -୧ | ୦.୪୭୦ | ୦.୨୫୦ | |
| | | ୯୫୮/ ୨୩୧୦ | ଘରବାରୀ | ୦.୧୫୦ | ୦.୧୫୦ | |
| ୫ | ୩୯ | ୯୦୬ | ଘରବାରୀ | ୦.୨୦୦ | ୦.୧୨୦ | ଗୋବର୍ଦ୍ଧନ ପଟେଲ, ପି- ଧନୁର୍ଜୟ ପଟେଲ, ଗୁଲାବତୀ ପଟେଲ, ସ୍ୱା- ଧନର୍ଜୟ ପଟେଲ, ଜା - ଆଗ୍ରିଆ, ଦା- ନିଜଗାଁ |
| | | ୯୬୫ | ଗୋଡା-୧ | ୦.୩୬୦ | ୦.୨୩୦ | |
| | | ୯୦୧/୨୦୫୨ | ବଗାୟତ-୨ | ୦.୧୨୦ | ୦.୧୨୦ | |
| | | ୯୫୯/୨୦୮୪ | ଗୋଡା-୧ | ୦.୩୬୦ | ୦.୨୦୦ | |
| ୬ | ୪୦ | ୯୦୮/୨୦୫୩ | ରାସ୍ତା | ୦.୦୫୦ | ୦.୦୫୦ | ଗୋବର୍ଦ୍ଧନ ପଟେଲ, ରାଏମତି ପଟେଲ, ଦଏମତି ପଟେଲ, ଫୁଲମତି ପଟେଲ, ପି- ଧନୁର୍ଜୟ ପଟେଲ, ଗୁଲାବତୀ ପଟେଲ, ସ୍ୱା : ଧନୁର୍ଜୟ ପଟେଲ, ବନ୍ଧୁଧର ପଟେଲ, ପି- ଭଗବାନ ପଟେଲ, ଉପେନ୍ଦ୍ର ପଟେଲ, ଶିଶୁପାଳ ପଟେଲ, ଭୋଲାନାଥ ପଟେଲ, ପି- ବିଶ୍ୱମ୍ବର ପଟେଲ, ଚନ୍ଦ୍ରାବତୀ ପଟେଲ, ସ୍ୱା- ବିଶ୍ୱମ୍ବର ପଟେଲ, ଜା- ଆଗ୍ରିଆ, ବା- ନିଜଗାଁ, ପିଡା- ମଝାପଡା |
| ୭ | ୪୧ | ୫୧୩ | ମାଲ ସାଧାରଣ | ୦.୧୪୦ | ୦.୦୩୦ | ସୁକାନ୍ତି ସାହୁ, ସ୍ୱା: ଅଚୁତାନନ୍ଦ ସାହୁ, ଅମ୍ବିକା ସାହୁ, ଅସ୍ମିତା ସାହୁ, ପି- ଅଚୁତାନନ୍ଦ ସାହୁ, ଜା- ତେଲି, ବା- ନିଜଗାଁ |
| ୮ | ୪୯ | ୧୫୪୧ | ମାଲ ସାଧାରଣ | ୦.୩୪୦ | ୦.୩୪୦ | ମନବୋଧ ଧୂଆ, ପି- ପରମେ, ଧୂଆ, ଗୋକୁଳାନନ୍ଦ ମାଝୀ, ଜାପାନୀ ମାଝୀ, ପି- ଚିନ୍ତାମଣି ମାଝୀ, ଜା- ଗଣ୍ଡ, ବା- ନିଜଗାଁ |
| | | ୧୫୪୨ | ମାଲ ସାଧାରଣ | ୦.୩୫୦ | ୦.୦୭୦ | |
| ୯ | ୫୨ | ୪୫୩ | ମାଲ ସାଧାରଣ | ୫.୪୦୦ | ୦.୧୨୦ | ଚୁଡାମଣି ନାଏକ, ନିତ୍ୟାନନ୍ଦ ନାଏକ, ମାୟାଧର ନାଏକ, ଦେବାର୍ଚ୍ଚନ ନାଏକ, ପି- ନାରାୟଣ ନାଏକ, ଜା- ଆଗ୍ରିଆ, ବା- ଅଁଳାବାହାଲ |
| | | ୧୦୩୭ | ବାହାଲ ସାଧାରଣ | ୧.୬୮୦ | ୦.୦୪୦ | |
| | | ୧୫୧୧ | ଗୋଡା -୧ | ୦.୯୨୦ | ୦.୩୭୦ | |
| ୧୦ | ୬୧ | ୭୯୬ | ଗୋଡା-୧ | ୦.୨୧୦ | ୦.୦୩୦ | ଯଜ୍ଞ ପଟେଲ, ଛାୟା ପଟେଲ, ହରପ୍ରିୟା ପଟେଲ, ସଚି ପଟେଲ, ପି- ରୁଶି ପଟେଲ, ରତ୍ନାକର ପଟେଲ, ପି- ଭାଗିରଥି ପଟେଲ, ଜା- ଆଗ୍ରିଆ, ବା- ନିଜଗାଁ, ପଡା - ମଝାପଡା |
| ୧୧ | ୬୭ | ୬୮୮ | ବାହାଲ ସାଧାରଣ | ୦.୧୪୦ | ୦.୧୪୦ | ସିଦ୍ଧେଶ୍ୱର ପଟେଲ, ପି- ଦୟାନିଧି ପଟେଲ, ନଳିନ ପଟେଲ, ପି- ମିନକେତନ ପଟେଲ, ସନ୍ତୋଷ ପଟେଲ, କ୍ଷମାଶିଳ ପଟେଲ, କୃଷ୍ଣଚନ୍ଦ୍ର ପଟେଲ, ପି- ବିଶ୍ୱମ୍ବର ପଟେଲ, ସୁରେଶ ପଟେଲ, ରମେଶ ପଟେଲ, ଉମେଶ ପଟେଲ, ପି- ହରିଶ୍ଚନ୍ଦ୍ର ପଟେଲ, ସନାତନ ପଟେଲ, କିଶୋର ପଟେଲ, ପି- ବସନ୍ତ ପଟେଲ, ଚନ୍ଦ୍ରଶେଖର ପଟେଲ, ପି- କୃତ୍ତିବାସ ପଟେଲ, ଜା- ଆଗ୍ରିଆ, ବା- ନିଜଗାଁ |
| | | ୬୮୯ | ବାହାଲ ସାଧାରଣ | ୦.୧୫୦ | ୦.୧୫୦ | |
| | | ୬୯୦ | ବାହାଲ ସାଧାରଣ | ୦.୧୧୦ | ୦.୦୮୦ | |
| | | ୬୯୧ | ବାହାଲ ସାଧାରଣ | ୦.୧୦୦ | ୦.୧୦୦ | |
| | | ୬୯୨ | ବାହାଲ ସାଧାରଣ | ୦.୧୧୦ | ୦.୧୧୦ | |
| | | ୬୯୩ | ବାହାଲ ସାଧାରଣ | ୦.୧୩୦ | ୦.୧୩୦ | |
| | | ୬୯୪ | ବାହାଲ ସାଧାରଣ | ୦.୧୯୦ | ୦.୧୯୦ | |
| | | ୬୯୫ | ବାହାଲ ସାଧାରଣ | ୦.୦୯୦ | ୦.୦୯୦ | |
| | | ୬୯୬ | ବାହାଲ ସାଧାରଣ | ୦.୧୧୦ | ୦.୧୧୦ | |
| | | ୬୯୭ | ବାହାଲ ସାଧାରଣ | ୦.୧୨୦ | ୦.୧୨୦ | |
| | | ୬୯୮ | ବାହାଲ ସାଧାରଣ | ୦.୧୪୦ | ୦.୧୪୦ | |
| | | ୬୯୯ | ବାହାଲ ସାଧାରଣ | ୦.୧୧୦ | ୦.୧୧୦ | |
| | | ୧୦୧୩ | ବେର୍ଣ୍ଣା ସାଧାରଣ | ୦.୦୯୦ | ୦.୦୩୦ | |
| | | ୧୦୩୪ | ବେର୍ଣ୍ଣା ସାଧାରଣ | ୦.୦୭୦ | ୦.୦୪୦ | |
| | | ୧୦୩୫ | ବେର୍ଣ୍ଣା ସାଧାରଣ | ୦.୦୫୦ | ୦.୦୨୦ | |
| | | ୧୦୩୬ | ବେର୍ଣ୍ଣା ସାଧାରଣ | ୦.୦୬୦ | ୦.୦୨୦ | |
| | | ୧୫୦୯ | ଗୋଡା-୧ | ୦.୨୩୦ | ୦.୧୧୦ | |
| | | ୧୫୧୦ | ଗୋଡା-୧ | ୦.୨୧୦ | ୦.୧୨୦ | |
| ୧୨ | ୭୨ | ୮୫୩ | ଗୋଡା-୨ | ୦.୯୭୦ | ୦.୩୫୦ | ଶଙ୍କର କିଶାନ, ଗଜରାଜ କିଶାନ, ଉଚ୍ଛବ କିଶାନ, ପି: ରାମରତନ କିଶାନ, ଜା: କିଶାନ, ବା: ନିଜଗାଁ, ପଡ଼ା: ବାଦିବାହାଲ |
| ୧୩ | ୭୩ | ୧୫୪୦ | ମାଲ ସାଧାରଣ | ୦.୨୨୦ | ୦.୨୨୦ | ପ୍ରଶାନ୍ତ ପଟେଲ, ସୁଶାନ୍ତ ପଟେଲ, ପି: ଦୁବରାଜ ପଟେଲ, ବା: ନିଜଗାଁ, ପଡ଼ା: ବାଦିବାହାଲ, ଜା: ଆଗ୍ରିଆ |
| | | ୭୯୩/୧୮୯୦ | ବଗାୟତ-୨ | ୦.୦୫୦ | ୦.୦୫୦ | |
| | | ୭୯୩/୨୨୮୯ | ଘରବାରୀ | ୦.୧୦୦ | ୦.୧୦୦ | |
| ୧୫ | ୭୭ | ୧୫୩୮ | ମାଲ ସାଧାରଣ | ୦.୧୧୦ | ୦.୧୧୦ | ମାୟାବତୀ ପଟେଲ, ସ୍ୱା: ଖଗେଶ୍ୱର ପଟେଲ, ଜା: ଆଗ୍ରିଆ, ବା: ଢେଲସରା |
| ୧୬ | ୮୨ | ୯୬୨ | ଗୋଡ଼ା-୧ | ୦.୮୨୦ | ୦.୪୧୦ | ମଥୁରା ପଟେଲ, ସ୍ୱା: ନାରାୟଣ ପଟେଲ, ପଦ୍ମାବତୀ ପଟେଲ, ରମ୍ଭାବତୀ ପଟେଲ, ଚଞ୍ଚଳା ପଟେଲ, ଗୋପାଳ ନାଏକ, ନକୁଳ ନାଏକ, ଲଳିନ୍ଦ୍ର ନାଏକ, ପି: ରାମ ନାଏକ, ବା: ନିଜଗାଁ, ଜା: ଆଗ୍ରିଆ |
| ୧୭ | ୯୪ | ୫୦୯ | ମାଲ ସାଧାରଣ | ୦.୨୯୦ | ୦.୦୮୦ | ବାସୁଦେବ ପଟେଲ, ପି: ବନ୍ଧୁଧର ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ, ମଝାପଡ଼ା, ଜୟନ୍ତୀ ପଟେଲ, ସ୍ୱା: କ୍ଷିତିପାଳ ପଟେଲ, ଜା: ଆଗ୍ରିଆ, ବା: ରେମଣ୍ଡା, ଥାନା: ଭଷ୍ମା, ସୁନୀଲ ପଟେଲ, ପି: ରମେଶ ପଟେଲ, ଜା: ଆଗ୍ରିଆ, ବା: ନିଆଲିପାଲି, ଥା: ଭଷ୍ମା |
| | | ୯୦୭ | ଗୋଡ଼ା-୧ | ୦.୪୧୦ | ୦.୪୧୦ | |
| | | ୯୫୯ | ଗୋଡ଼ା-୧ | ୦.୩୧୦ | ୦.୧୮୦ | |
| | | ୯୬୬ | ଗୋଡ଼ା-୧ | ୦.୪୬୦ | ୦.୨୭୦ | |
| ୧୮ | ୯୯ | ୮୬୨ | ଗୋଡ଼ା-୧ | ୦.୫୪୦ | ୦.୨୧୦ | ଯୋଗିନ୍ଦ୍ର ପଟେଲ, ପି: ଶୋଭାକର ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୧୯ | ୧୦୦ | ୭୯୫ | ଗୋଡ଼ା-୨ | ୦.୮୨୦ | ୦.୩୨୦ | ବାସୁ କିଶାନ, ପି: ଗଙ୍ଗାଧର କିଶାନ, ରାମସିଙ୍ଗ କିଶାନ, ହିରା କିଶାନ, ପି: ଲୁନୁ କିଶାନ, ଜା: କିଶାନ, ବା: ନିଜଗାଁ |
| | | ୮୦୫ | ଗୋଡ଼ା-୨ | ୦.୨୦୦ | ୦.୧୧୦ | |
| | | ୮୦୭ | ମାଲ ସାଧାରଣ | ୨.୭୨୦ | ୦.୧୫୦ | |
| | | ୮୦୮ | ଗୋଡ଼ା-୧ | ୧.୨୪୦ | ୦.୪୫୦ | |
| | | ୮୪୩ | ଗୋଡ଼ା-୧ | ୧.୨୦୦ | ୦.୬୭୦ | |
| | | ୮୪୫ | ଗୋଡ଼ା-୧ | ୦.୨୮୦ | ୦.୧୬୦ | |
| ୨୦ | ୧୦୩ | ୫୦୫/୧୯୫୫ | ଗୋଡ଼ା-୧ | ୦.୨୨୦ | ୦.୨୨୦ | ବୈକୁଣ୍ଠ ରାଉତ, ବଳି ରାଉତ, ପି: ନାଦ ରାଉତ, ଜା: ଗୌଡ଼, ବା: ନିଜଗାଁ |
| | | ୭୯୧/୧୯୫୭ | ଗୋଡ଼ା-୨ | ୦.୮୦୦ | ୦.୧୭୦ | |
| | | ୫୧୦ | ମାଲ ସାଧାରଣ | ୦.୪୮୦ | ୦.୧୪୦ | |
| ୨୧ | ୧୦୮ | ୮୬୫ | ଗୋଡ଼ା-୧ | ୦.୬୧୦ | ୦.୨୪୦ | ଭାନୁମତି କିଶାନ, ଖାତି କିଶାନ, ପି: ବାଦ କିଶାନ, ସୁହୁରା କିଶାନ, ପି: ରଘୁ କିଶାନ, ଜୟଦେବ କିଶାନ, ବାଲେଶ୍ୱର କିଶାନ, ଉଜଳ କିଶାନ, ପି: କାଟା କିଶାନ, କିସମତ କିଶାନ, ସରୋଜିନି କିଶାନ, ପେଚା କିଶାନ, ହେମଲତା କିଶାନ, ଜୟରାମ କିଶାନ, ମିଥିଳା କିଶାନ, ସ୍ୱା: ଜୟରାମ କିଶାନ, ସୁକୁମାରୀ କିଶାନ, ପି: କାର୍ତ୍ତିକ କିଶାନ, ସୁରମା କିଶାନ, ସ୍ୱା: କାର୍ତ୍ତିକ କିଶାନ, ମିତ୍ର କିଶାନ, ବୀର କିଶାନ, ବୃନ୍ଦାବତି କିଶାନ, ଶତ କିଶାନ, ପି: ମୋହନ କିଶାନ, ସୁଖି କିଶାନ, ସ୍ୱା: ମୋହନ କିଶାନ, କେଶରୀ କିଶାନ, ଦେବାନନ୍ଦ କିଶାନ, ସୁକାନ୍ତି କିଶାନ, ପି: ଗିରିଜା କିଶାନ, ସାବିତ୍ରୀ କିଶାନ, ସ୍ୱା: ଗିରିଜା କିଶାନ, ଚିନ୍ତାମଣି କିଶାନ, ପଦ୍ମାବତୀ କିଶାନ, ହାରାବତୀ କିଶାନ, ପି: ଲଳିତ କିଶାନ, ଜା: କିଶାନ, ବା: ନିଜଗାଁ, ମଝାପଡ଼ା |
| | | ୮୬୬ | ଗୋଡ଼ା-୧ | ୦.୬୧୦ | ୦.୧୬୦ | |
| | | ୮୭୧ | ଘରବାରୀ | ୦.୪୨୦ | ୦.୧୩୦ | |
| | | ୮୭୧/୨୦୧୬ | ଗୋଡ଼ା-୧ | ୦.୪୨୦ | ୦.୧୩୦ | |
| ୨୨ | ୧୧୫ | ୧୫୦୭ | ଗୋଡ଼ା-୧ | ୧.୮୨୦ | ୦.୬୫୦ | ମଧୁସୁଦନ ପଟେଲ, ପି: ବଂଶୀଧର ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୨୩ | ୧୧୮ | ୬୭୮ | ମାଲ ସାଧାରଣ | ୦.୪୩୦ | ୦.୧୬୦ | ମଳିଆ ସେଠ, ପି: ବଂଶୀଧର ସେଠ, ଜା: ଧୋବା, ବା: ନିଜଗାଁ |
| | | ୬୭୯ | ମାଲ ସାଧାରଣ | ୦.୯୪୦ | ୦.୫୨୦ | |
ମହିନ୍ଦ୍ରା ଗ୍ରୁପର ଇ-ଯାନ ନିର୍ମାଣକାରୀ କମ୍ପାନୀ ମହିନ୍ଦ୍ରା ଇଲେକଟ୍ରିକ ମୋବିଲିଟି ଲିମିଟେଡ୍ ପକ୍ଷରୁ ନୂଆ ୩ ଚକିଆ ଇ-ଯାନ ରେଞ୍ଜକୁ ବଜାର ପ୍ରବେଶ କରାଯାଇଛି। ଏହି ରେଞ୍ଜରେ ଟ୍ରିଓ ଏବଂ ଟ୍ରିଓ ୟାରୀ ଭଳି ମଡେଲ ରହିଛି। ଏହି ମଡେଲଗୁଡିକୁ କମ୍ପାନୀ ଓଡିଶାର ଭୁବନେଶ୍ୱର ଏବଂ ବାଲେଶ୍ୱର ଭଳି ସହରରେ ପ୍ରାଥମିକ ପର୍ଯ୍ୟାୟରେ ଉପଲବ୍ଧ କରାଇବ। ଟ୍ରିଓ(ସେମି ହାର୍ଡ ଟପ୍)ର ବଜାର ଦର ୨.୯୭ ଲକ୍ଷ ଟଙ୍କା ରହିଥିବା ବେଳେ ଟ୍ରିଓ ୟାରୀ (ସେମି ହାର୍ଡ ଟପ୍)ର ମୂଲ୍ୟ ୧.୯୧ ଲକ୍ଷ ଟଙ୍କା ରହିଛି। ଦେଶର ୩ ହ୍ୱିଲର ପ୍ଲାଟଫର୍ମରେ ପ୍ରଥମଥର ଲାଗି ଟ୍ରିଓ ମଡେଲରେ ଲିଥିୟମ୍ ଆୟନ ବ୍ୟାଟେରୀ ସଂଯୋଗ କରାଯାଇଛି। ଏହାକୁ ବ୍ୟକ୍ତିଗତ, ଫ୍ଲିଟ ଓନର, ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଗ୍ରାହକ ବ୍ୟବହାର କରିପାରିବେ। ଏଥିରେ ଗ୍ରାହକ ସର୍ବୋତ୍ତମ ମୂଲ୍ୟ ଲାଭ କରିବାକୁ ସକ୍ଷମ ହେବେ। ଏହି ମଡେଲଗୁଡିକରେ ପରିଚାଳନା ଖର୍ଚ୍ଚ ମଧ କମ୍ ରହିବ। କିମି ପିଛା ୫୦ ପଇସା ରନିଙ୍ଗ କଷ୍ଟ ଲାଗିବ। ଏହାବାଦ ସହଜ ଚାର୍ଜିଂ, ନିରାପତ୍ତା, ସ୍ମାର୍ଟ ଟଏସ୍ ଏଥିରେ ଗ୍ରାହକମାନେ ଲାଭ କରିପାରିବେ। ନ୍ୟୁନତମ ପରିଚାଳନା ଖର୍ଚ୍ଚ ଯୋଗୁ ଗ୍ରାହକ ଏହା ଦ୍ୱାରା ଅଧିକ ସଞ୍ଚୟ କରିପାରିବେ ବୋଲି ଯାନର ବଜାର ପ୍ରବେଶ ଅବସରରେ ମହିନ୍ଦ୍ରା ଇଲେକଟ୍ରିକର ସିଇଓ ମହେଶ ବାବୁ କହିଛନ୍ତି।

# କାର୍ ଜିତିଲେ ରେଡ୍ ଚିଫ୍ ଗ୍ରାହକ

ମୁମ୍ବାଇ,୨୧–୬




ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡର ଲୋକପ୍ରିୟ ଲେଦର ବ୍ରାଣ୍ଡ ରେଡ୍ ଚିଫ୍‌ର ଭାଗ୍ୟଶାଳୀ ଗ୍ରାହକ ଲବନେସ ଗୌତମ ଗାଜିଆବାଦଠାରେ କାର୍ ଜିତିବାକୁ ସକ୍ଷମ ହୋଇଛନ୍ତି। ମେଗା ଲକି ଡ୍ରରେ କମ୍ପାନୀ ଭାଗ୍ୟଶାଳୀ ବିଜେତାଙ୍କୁ ଏକ ରେନୋ କ୍ୱିଡ କାର ପ୍ରଦାନ କରିଛି। ରେଡ୍ ଚିଫ୍‌ର ଫୁଟୱେର ରେଞ୍ଜ ବର୍ତ୍ତମାନ ସାରା ଦେଶର ୫,୦୦୦ରୁ ଉର୍ଦ୍ଧ୍ୱ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ଉପଲବ୍ଧ ହେଉଛି। ଇ-କମର୍ସ ପ୍ଲାଟଫର୍ମ ବାଦ ଏହା ୧୬୦ କମ୍ପାନୀ ଓନ୍‌ଡ ଆଉଟ୍‌ଲେଟରେ ଏହାର ପ୍ରଡକ୍ଟ ଯୋଗାଣ କରୁଛି। ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ମନୋଜ ଜ୍ଞାନଚନ୍ଦାନୀ କହିଛନ୍ତି। ବ୍ରାଣ୍ଡ ସହ ଗ୍ରାହକଙ୍କୁ ଯୋଡି ରଖିବା ଲାଗି ବିଭିନ୍ନ କଣ୍ଟେଷ୍ଟ ଏବଂ କ୍ୱିଜ ଆୟୋଜନ କରାଯାଉଛି। କ୍ୱିଜକୁ ସାରା ଦେଶର ଗ୍ରାହକଙ୍କଠାରୁ ଭଲ ରେସ୍‌ପନ୍ସ ମିଳିଥିବା ରିଟେଲ ବିଭାଗ ଉପସଭାପତି ରମଣ କୁମାର କହିଛନ୍ତି।

**idco | ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
**RFP Call Notice No. IDCO/H.O/P&C/EST/E-1412/01/2019 - 10451 Date: 19.06.2019**

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work** : - Fixation of rates for Pre cast R.C.C. / SFRC structural/ building units.
2. **Other details** :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022. | Bid ID.No. PC - EST - E – 07 / 2019-20 | 10.00 Hours of dt. 22.06.2019 | 17.00 Hours of dt.02.07.2019 |

**Further details can be seen from the e-Procurement Portal. www.tendersodisha.gov.in.** Corrigendum or Addendum if any will not be published in newspapers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in.**

**Sd/-**
**Chief General Manager (P&C)**
**IDCO, Bhubaneswar**

Government of India
**Office of the Dy. Superintending Horticulturist**
**Archaeological Survey of India,**
**Horticulture Division No. IV**
Puratattva Bhawan, 3rd Floor, Samantarapur, Bhubaneswar-751002, Odisha

**E-NOTICE INVITING TENDER**

Online item rate tenders on behalf of the President of India are invited in two bids system for the following work at site from registered and eligible contractors of CPWD/PWD/ Railways/A.S.I. and other Govt./State Govt. Dept. in Horticulture Category & having experience of successfully completed similar nature of works.

| Sl. No. | Name of work | Estimated Amount (₹) | E.M.D. (₹) | Period of Maintenance | Bid submission end date | Date of opening of Technical/ Financial bid |
|---|---|---|---|---|---|---|
| 1. | Annual maintenance and upkeep of Archaeological garden in the state of Odisha for the year 2019-20. | 2,14,92,014/- | 6,44,760/- | 1 year from the date of order | 09.07.2019 up to 10.30 hrs. | 10.07.2019 at 11.00 hrs. |

For details please visit the website **https://eprocure.gov.in/eprocure/app**

Sd/-
**Dy. Superintending Horticulturist**
Horticulture Division No. IV, BBSR-2

**OFFICE OF THE**
**NOTIFIED AREA COUNCIL, KESINGA**
**Letter No.: 1013** **Date: 19.06.2019**

**QUOTATION CALL NOTICE**

Sealed quotations are invited from the Registered Firms/ Authorized Dealers/Distributors and manufacturers for supply of dustbins made of (preferably Sintex/Nilkamal) and other sanitary materials of reputed company for use under SWM grabage collection, in the tender schedule which can be obtained from Kesinga N.A.C. during office hours on deposit of Bank Draft/Bankers Cheque/ Cash receipt of NAC for Rs.6000/- drawn in favour of Executive Officer, Kesinga N.A.C towards cost of tender paper. The tender paper can be available in NAC Office, Kesinga from date 22.06.2019 to date 01.07.2019 during office hours. The quotations will be received on or before date 05.07.2019 by 5.00 P.M. through Speed Post/Regd. Post. The quotations should be accompanied with EMD of Rs.20,000/- (Twenty thousand) only in shape of Bank Draft drawn in favour of Executive Officer, Kesinga N.A.C. and copy of GST Registration, PAN Card, Dealership Certificate, DIC Registration Certificate and price list of the company. The quotations will be opened by the undersigned on dated 06.07.2019 at 11 A.M. in presence of quotationers or their authorized representatives. The other terms and conditions of the quotation will be available in the tender schedule.

The authority reserves the right to reject any or all quotations without assigning any reason thereof.

**Sd./- Executive Officer,**
**Kesinga N.A.C.**

**OFFICE OF THE MUNICIPALITY, JALESWAR**
**EXPRESSION OF INTEREST**

**No.: 1331** **Dt.20.06.2019**

Last date & time of sale of tender schedule — Dt.27.06.2019 upto 1.00 P.M.
Last date & time of receipt of tenders — Dt.29.06.2019 upto 2.00 P.M.
Date & time of opening of tenders — Dt.29.06.2019 at 3.00 P.M.
E.M.D. to be furnished — 1% of the annual quoted value

Sealed tenders in conformity with Detailed Tender Call Notice are invited from intending registered firms/NGOs/Private Companies/Contractors having eligibility criteria given below for execution of the under mentioned works so as to reach the Executive Officer, Jaleswar Municipality by 2.00 P.M. on Dt.29.06.2019. Tender paper will be opened on same day at 3.00 P.M. in presence of the tenderers or their authorise representatives who wish to remain present. If the office happens to be closed due to subsequent declaration of holiday the process of receipt & opening will be done on next working day at the specified time & venue without any further notice. The intending bidders shall have to deposit the cost of tender paper (non-refundable) either in cash or in shape of Demand Draft from any Nationalized Bank drawn in favour of Executive Officer, Jaleswar Municipality, payable at Jaleswar.

| Sl. No. | Name of the Work | Cost of Bid Document |
|---|---|---|
| 1. | Providing door to door collection of Solid Waste, Cleaning and Sanitation Service in Ward No.-1 to 17 of Jaleswar Municipality under Solid Waste Management Scheme. | Rs.6,000/- |

Tender should be submitted through Regd. Post/Speed Post only addressed to Executive Officer, Jaleswar Municipality. However Jaleswar Municipality will be no way responsible for postal delay to the receipt of tender beyond scheduled date and time. The tender must be accompanied with required E.M.D. @ 1% of the annual quoted value in shape of Demand Draft/ NSC/KVP/STDR/Bank Deposit receipts of any Nationalized Bank duly drawn/pledged in favour of Executive Officer, Jaleswar Municipality and payable at Jaleswar failing which the tender will be rejected out rightly.

**Eligibility Criteria**

The tender should be accompanied with Xerox Copy of PAN Card, GST, Labour Licence consisting of minimum 100 (One hundred) Nos. of Labour, Shop & commerical establishment certificate of registered office issued by appropriate authority, EPF & ESI registration certificate with copy of ECR/Challan & deposit receipt of minimum 100 employees for last 3 months, Service Tax Registration Certificate for Cleaning Services, IT return for 3 years, Audit (Tax Audit) report & Financial Turnover Certificate for last 3 years, proof of registered or branch office in the district, ISO Certificate, the bidder must have minimum 5 years experience on municipal solid waste management/cleaning services/sanitation work, affidavit regarding to deploy required nos of T & P material, labour & to adhere the terms and conditions of the DTCN, training certificate on solid waste management and plastic management with basic knowledge on community led approaches on total sanitation and sound track record with a financial turnover minimum of Rs.75,00,000/- (Rupees seventy five lakhs) only in each year for last 3 years on Solid Waste Management Programme (Municipal cleaning and sanitation work) and the bidder should be agreed to adhere all terms and conditions of the bid document. Credibility and exeprienced certificate issued from the concerned authority/employer not below the rank of Executive Officer or Head of the Organization under whom the work is done and should be of similar in nature i.e. sweeping of street/lifting of garbage/other solid wastes from any Government Department/PSU/Municipality/NAC etc. as detailed mentioned in bid document. Preference will be given to such organization that have completed training on Municipal Solid Waste Management & Plastic Management and should have trained resource person with basic knowledge on community led approaches on total sanitation from a reputed institution. Other terms and conditions can be seen from the DTCN, if doubt heard from office. The agency who was/is working have already received the amount towards principal employers share regarding PF & ESI are required to submit the ECR/Contribution history along with deposit receipt of their employees for last 6 months, otherwise the tender will be rejected out rightly.

The authority reserves the right to reject any or all the tenders without assigning any reason thereof.

By order of the Chairperson
**Sd./- Executive Officer, Jaleswar Municipality**

# ଶ୍ରୀଲଙ୍କାର ସେମିଫାଇନାଲ ଆଶା ଉଜ୍ଜୀବିତ

ଲିଡ୍ସ,୨୧।୬ (ପି.ଟି.)



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲସିଥ ମାଲିଙ୍ଗା।

ଚଳିତ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ସ୍ଥାନୀୟ ହେଡିଂଲି ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ବିଶ୍ୱକପ୍‌ର ୨୭ତମ ମ୍ୟାଚ୍‌ରେ ଶ୍ରୀଲଙ୍କା ୨୦ରନରେ ଇଂଲଣ୍ଡକୁ ହରାଇଛି। ଏଥିସହିତ ଇଂଲଣ୍ଡ ଟୁର୍ନାମେଣ୍ଟରେ ତା'ର ଦ୍ୱିତୀୟ ପରାଜୟ ବରଣ କରିଛି। ପୂର୍ବରୁ ଇଂଲଣ୍ଡ ପାକିସ୍ତାନଠାରୁ ହାରିଥିଲା। ଦୁଇ ଏସୀୟ ଦେଶଠାରୁ ଇଂଲଣ୍ଡ ହାରିଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୪୭ ଓଭରରେ ୨୧୨ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଏଥିସହ ଶ୍ରୀଲଙ୍କା ୬ଟି ମ୍ୟାଚ୍ ଖେଳି ଦୁଇଟି ବିଜୟ, ୨ଟି ପରାଜୟ ଓ ୨ଟି ବିନା ଫଳାଫଳ ସହ ୬ ପଏଣ୍ଟ ପାଇ ତାଲିକାର ପଞ୍ଚମ ସ୍ଥାନକୁ ଉଠିଛି। ଅନ୍ୟପଟେ ଇଂଲଣ୍ଡ ୬ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ପୂର୍ବପରି ତୃତୀୟ ସ୍ଥାନରେ ରହିଛି। ୪୩ ରନ ବ୍ୟୟ କରି ଗୋଟିଏ ମେଡେନ ନେବା ସହ ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରିଥିବା ଶ୍ରୀଲଙ୍କା ଅଭିଜ୍ଞ ଦ୍ରୁତ ବୋଲର ଲସିଥ ମାଲିଙ୍ଗା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୨୩୩ ରନ ଟାର୍ଗେଟର ପିଛା କରି ଇଂଲଣ୍ଡ ପ୍ରାରମ୍ଭିକ ଝଟ୍‌କା ଖାଇବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ବେନ୍ ଷ୍ଟୋକ୍ସ ସର୍ବାଧିକ ୮୨ ରନ କରି ଅପରାଜିତ ରହିଥିଲେ। ସେହିପରି ଜୋ ରୁଟ ୫୭ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଇଅନ ମୋର୍ଗାନ ୨୧, ମୋଇନ ଅଲି ୧୬, ଓପନର ଜେମ୍ସ ଭିନ୍ସ ୧୪, ଜୋସ ବଟଲର ୧୦ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରି ନ ଥିଲେ। ବୋଲିଂରେ ଲସିଥ ମାଲିଙ୍ଗା ସର୍ବାଧିକ ୪, ଧନଞ୍ଜୟ ଡି ସିଲଭା ୩, ଇସୁରୁ ଉଡାନା୨ ଓ ନୂଆନ ପ୍ରଦୀପ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଦୁଇ ଓପନର ଓ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ସତ୍ତ୍ୱେ ୫୦ ଓଭରରେ ୯ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଛି। ମିଡଲ ଅର୍ଡରରେ ବ୍ୟାଟ୍ସମ୍ୟାନମାନେ ଲଢେଇ କରିଥିଲେ। ମାଥ୍ୟୁସ୍ ୮୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳର ସମ୍ମାନ ରକ୍ଷା କରିଥିଲେ। ୧୪୬ ମିନିଟ କ୍ରିଜ୍‌ରେ ରହି ୧୧୫ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୧ ଛକା ସହ ୮୫ ରନ କରି ମାଥ୍ୟୁସ୍ ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଦୁଇଟି ପାର୍ଟନରଶିପ୍‌ରେ ମାଥ୍ୟୁସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଚତୁର୍ଥ ଉଇକେଟରେ କୁଶାଲ ମେଣ୍ଡିସ୍‌ଙ୍କ ସହ ମାଥ୍ୟୁସ ୭୧ ରନ ଓ ଷଷ୍ଠ ଉଇକେଟରେ ଧନଞ୍ଜୟ ଡି ସିଲଭାଙ୍କ ସହ ୫୭ ରନ ସଂଗ୍ରହ କରିଥିଲେ। ତେବେ ଏହା ପୂର୍ବରୁ କୁଶାଲ ମେଣ୍ଡିସ୍ ଓ ଅଭିଷ୍କା ଫର୍ନାଣ୍ଡୋ ତୃତୀୟ ଉଇକେଟରେ ୫୯ ରନ ସଂଗ୍ରହ କରିଥିଲେ। ଏହି ୩ଟି ପାର୍ଟନରଶିପ ବଳରେ ଶ୍ରୀଲଙ୍କା ଦୁଇଶହ ରନ ପାର କରିଥିଲା। ଅଭିଷ୍କା ୩୯ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୨ ଛକା ସହ ୪୯, କୁଶାଲ ମେଣ୍ଡିସ ୪୬ ରନ କରି ଆଉଟ ହୋଇଥିଲେ। ସେହିପରି ଧନଞ୍ଜୟ ଡି ସିଲଭା ୨୯ ରନର ଇନିଂସ ଖେଳିଥିଲେ। ବାକି ୭ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଏହି କ୍ରମରେ ଇନିଂସ ଓପନ କରିଥିବା ଅଧିନାୟକ ଦିମୁଥ କରୁଣାରତ୍ନେ ୧, କୁଶାଲ ପେରେରା ୨, ଥିସାରା ପେରେରା ୨, ଇସୁରୁ ଉଡାନା ୬, ଲସିଥ ମାଲିଙ୍ଗା ୧ ରନ କରି ଆଉଟ ହୋଇଥିବା ବେଳେ ଜୀବନ ମେଣ୍ଡିସ ଖାତା ଖୋଲିପାରି ନ ଥିଲେ। ନୂଆନ ପ୍ରଦୀପ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜୋଫ୍ରା ଆର୍ଚର ଓ ମାର୍କ ଉଡ ୩ଟି ଲେଖାଏ, ଆଦିଲ ରସିଦ ୨ ଓ କ୍ରିସ୍ ୱୋକ୍ସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା: ୫୦ ଓଭରରେ ୨୩୨/୯ (ମାଥ୍ୟୁସ- ୮୫*, ଫର୍ନାଣ୍ଡୋ- ୪୯, କୁଶାଲ ମେଣ୍ଡିସ- ୪୬, ଧନଞ୍ଜୟ ଡି ସିଲଭା- ୨୯, ଆର୍ଚର- ୩/୫୨, ଉଡ- ୩/୪୦, ରସିଦ- ୨/୪୫ )।

ଇଂଲଣ୍ଡ: ୪୭ ଓଭରରେ ୨୧୨/୧୦ (ଇଅନ ମୋର୍ଗାନ-୨୧, ଜୋଶ ବଟଲର-୧୦, ମୋଇନ ଅଲି-୧୬, ଷ୍ଟୋକ୍ସ- ୮୨*, ରୁଟ- ୫୭, ମାଲିଙ୍ଗା - ୪/୪୩, ଡି ସିଲଭା- ୩/୩୨)।

## ଆଜିର ମ୍ୟାଚ୍

**ଭାରତ ବନାମ ଆଫଗାନିସ୍ତାନ**

ସ୍ଥାନ: ସାଉଥାମ୍ପଟନ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ୱେଷ୍ଟଇଣ୍ଡିଜ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ମାଞ୍ଚେଷ୍ଟର, ସମୟ: ରାତି ୭ଟା

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୬ | ୫ | ୧ | ୦ | ୦ | ୧୦ | +୦.୮୪୯ |
| ନ୍ୟୁଜିଲାଣ୍ଡ | ୫ | ୪ | ୦ | ୦ | ୧ | ୯ | +୧.୫୯୧ |
| ଇଂଲଣ୍ଡ | ୬ | ୪ | ୨ | ୦ | ୦ | ୮ | +୧.୪୫୭ |
| ଭାରତ | ୪ | ୩ | ୦ | ୦ | ୧ | ୭ | +୧.୦୨୯ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ବାଂଲାଦେଶ | ୬ | ୨ | ୩ | ୦ | ୧ | ୫ | +୦.୧୩୮ |
| ୱେଷ୍ଟଇଣ୍ଡିଜ | ୫ | ୧ | ୩ | ୦ | ୧ | ୩ | +୦.୨୭୨ |
| ଦକ୍ଷିଣ ଆଫ୍ରିକା | ୬ | ୧ | ୪ | ୦ | ୧ | ୩ | -୦.୧୯୩ |
| ପାକିସ୍ତାନ | ୫ | ୧ | ୩ | ୦ | ୧ | ୩ | -୧.୯୩୩ |
| ଆଫଗାନିସ୍ତାନ | ୫ | ୦ | ୫ | ୦ | ୦ | ୦ | -୨.୦୮୯ |

## ୱାର୍ନର-ଖ୍ୱାଜାଙ୍କ ରେକର୍ଡ ପାର୍ଟନରଶିପ

ନଟିଂହାମ, ୨୧।୬

ଆଇସିସି ବିଶ୍ୱକପ୍‌ରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪୮ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଓପନର ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ନର ୧୪୭ ବଲରୁ ୧୬୬ ରନର ମାରାଥନ ଇନିଂସ ଖେଳି ଅଷ୍ଟ୍ରେଲିଆ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଶତକ ସହ ୱାର୍ନର ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍ ଇତିହାସରେ ଗୋଟିଏ ଇନିଂସରେ ୨ଥର ଦେଢ଼ଶହରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିପୂର୍ବରୁ ସେ ୨୦୧୫ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷରେ ୧୬୪ ବଲରୁ ୧୭୮ ରନର ଶତକୀୟ ଇନିଂସ ଖେଳିଥିଲେ। ସେହିଭଳି ଏହି ଇନିଂସ ଅବସରରେ ଉସମାନ ଖ୍ୱାଜା (୮୯ ରନ)ଙ୍କ ସହ ୱାର୍ନର ଦ୍ୱିତୀୟ ଉଇକେଟ୍ ଯୋଡ଼ିରେ ୧୪୨ ବଲରୁ ୧୯୨ ରନର ଭାଗୀଦାରି କରିଥିଲେ। ବାଂଲାଦେଶ ବିପକ୍ଷ କୌଣସି ଦିନିକିଆ ମ୍ୟାଚ୍‌ର ଯେ କୌଣସି ଉଇକେଟ୍‌ରେ ଅଷ୍ଟ୍ରେଲିଆ ପାଇଁ ଏହା ସର୍ବଶ୍ରେଷ୍ଠ ଭାଗୀଦାରି ସାବ୍ୟସ୍ତ ହୋଇଛି। ଏହି ଦୁଇଦେଶ ମଧ୍ୟରେ ମୋଟ୍ ଉପରେ ୨୨ ଦିନିକିଆ ମ୍ୟାଚ୍ ଖେଳାଯାଇଥିବାବେଳେ ଶେଷ ୮ ବର୍ଷ ମଧ୍ୟରେ ଏହା ୪ର୍ଥ ମ୍ୟାଚ୍ ଥିଲା। ପୂର୍ବରୁ ୨୦୧୭ ଚାମ୍ପିୟନ୍ସ ଟ୍ରଫି ଓ ୨୦୧୫ ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପରକୁ ଭେଟିଥିଲେ ମଧ୍ୟ ଖରାପ ପାଗ ଯୋଗୁ ମ୍ୟାଚ୍ ବାତିଲ ହୋଇଥିଲା।

## ରାହୁଲଙ୍କୁ ସମସ୍ୟା କରିବନି ନୂଆ ବଲ୍

ମୁମ୍ବାଇ, ୨୧।୬ (ପି.ଟି.)

ଚଳିତ ବିଶ୍ୱକପ୍‌ରେ ନୂଆ ବଲ୍‌କୁ ସାମ୍ନା କରିବା କେ.ଏଲ୍. ରାହୁଲଙ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ। ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରା ଏକଥା କହିଛନ୍ତି। ଜଣେ ଡାହାଣହାତୀ ବ୍ୟାଟ୍ସମ୍ୟାନ ରୂପେ ତାଙ୍କ ଟେକ୍‌ନିକ୍ ଠିକ୍ ରହିଛି। ବୃଦ୍ଧାଙ୍ଗୁଳିରେ ଆଘାତ ଯୋଗୁ ନିୟମିତ ଓପନର ଶିଖର ଧାୱନ ଦଳରୁ ବାଦ୍ ପଡ଼ିବା ପରେ ଗତ ରବିବାର ପାକିସ୍ତାନ ବିପକ୍ଷ ମ୍ୟାଚରେ ରାହୁଲ ଓପନ କରିଥିଲେ। କର୍ଣ୍ଣାଟକର ଏହି ବ୍ୟାଟ୍ସମ୍ୟାନ ମ୍ୟାଚରେ ୮୭ ବଲ୍‌ରୁ ଧୈର୍ଯ୍ୟପୂର୍ଣ୍ଣ ୫୭ ରନ କରିବା ସହିତ ରୋହିତ ଶର୍ମାଙ୍କ ସହ ୧୩୬ରନର ପାର୍ଟନରଶିପ୍ କରିଥିଲେ। ଧାୱନ ବର୍ତ୍ତମାନ ସମ୍ପୂର୍ଣ୍ଣ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଯୁବ ଖେଳାଳି ରିଷଭ ପନ୍ତଙ୍କୁ ଦଳରେ ସ୍ଥାନ ମିଳିଛି। ଫଳରେ ଭାରତର ଅବଶିଷ୍ଟ ମ୍ୟାଚଗୁଡ଼ିକରେ ରୋହିତଙ୍କ ସହିତ ରାହୁଲ ଓପନିଂ କରିବା ପକ୍କା ହୋଇଛି।

## ବିପଦରେ ସଚିନଙ୍କ ଆଉ ଏକ ରେକର୍ଡ

ନୂଆଦିଲ୍ଲୀ,୨୧।୬

କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ରେକର୍ଡକୁ ଭାରତୀୟ ଅଧିନାୟକ ବିରାଟ କୋହଲି କ୍ରମାଗତ ଭାବେ ଭାଙ୍ଗି ଚାଲିଛନ୍ତି। ଗତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ଦିନିକିଆରେ ୧୧ ହଜାର ରନ୍ ପୂରଣ କରିଥିବା କୋହଲିଙ୍କ ନିକଟରେ ସଚିନଙ୍କ ଆଉ ଏକ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି। ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ ୨୦ ହଜାର ଅନ୍ତର୍ଜାତୀୟ ରନ୍‌ଠାରୁ ଏବେ ୧୦୪ ରନ୍ ପଛରେ ଅଛନ୍ତି। ଆଫଗାନିସ୍ତାନ ବିପକ୍ଷ ମୁକାବିଲାରେ ଶତକ ଲଗାଇବାରେ ସଫଳ ହେଲେ ସେ ବିଶ୍ୱର ୧୨ତମ ଓ ଦେଶର ୩ୟ କ୍ରିକେଟର ଭାବେ ଏହି ମାଇଲଷ୍ଟୋନ ସ୍ପର୍ଶ କରିବେ। ସମ୍ମାନଜନକ ତାଲିକାରେ ସଚିନ (୩୪,୩୫୭ ରନ୍) ଓ ରାହୁଲ ଦ୍ରାବିଡ (୨୪,୨୦୮) ରହିଛନ୍ତି। କୋହଲି ଏପର୍ଯ୍ୟନ୍ତ ଦିନିକିଆ ଫର୍ମାଟରେ ୧୧୦୨୦, ଟେଷ୍ଟରେ ୬୬୧୩ ଓ ଟି୨୦ରେ ୨୨୬୩ ରନ୍ କରିସାରିଛନ୍ତି। ସେ ଦ୍ରୁତତମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିବା ନିଶ୍ଚିତ। ଏହି ରେକର୍ଡ ଏବେ ସଚିନ ଓ ୱେଷ୍ଟଇଣ୍ଡିଜ ଲିଜେଣ୍ଡ ବ୍ରାୟନ ଲାରାଙ୍କ ନାମରେ ରହିଛି। ଉଭୟ ପୂର୍ବତନ କ୍ରିକେଟର ୪୫୩ ଇନିଂସରେ ମାଇଲଷ୍ଟୋନ ସ୍ପର୍ଶ କରିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀ ବ୍ୟାଟ୍ସମ୍ୟାନ ଏପର୍ଯ୍ୟନ୍ତ ୧୩୧ ଟେଷ୍ଟ, ୨୨୨ ଦିନିକିଆ ଓ ୬୨ ଟି୨୦କୁ ମିଶାଇ ମୋଟ ୪୧୯ ଇନିଂସ ଖେଳିଛନ୍ତି। ଦ୍ରୁତତମ ୨୦ ହଜାର ରନ୍ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ରିକି ପଣ୍ଟିଂ (୨୬୮ ଇନିଂସ) ୩ୟ ସ୍ଥାନରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ରେ କୋହଲି ଜବରଦସ୍ତ ଫର୍ମରେ ଅଛନ୍ତି। ସେ ଅଷ୍ଟ୍ରେଲିଆ ବିପକ୍ଷରେ ୮୨ ଓ ପାକିସ୍ତାନ ମ୍ୟାଚ୍‌ରେ ୭୭ ରନ୍ କରିଥିଲେ। ଏଭଳି ଫର୍ମରେ ଥିବା କୋହଲି ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଶତକ ଲଗାଇବାର ବିଶେଷ ସମ୍ଭାବନା ରହିଛି।

## ଇଂଲଣ୍ଡ ଦଳକୁ ଫେରିବା ନେଇ ରୟ ଆଶାବାଦୀ

ଲିଡ୍ସ, ୨୧।୬ (ଏଏଫ୍‌ପି)

ଆଘାତପ୍ରାପ୍ତ ଖେଳାଳି ଜାସନ ରୟ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ବେଳକୁ ଇଂଲଣ୍ଡ କ୍ରିକେଟ ଦଳକୁ ଫେରିବା ନେଇ ଆଶାବାଦୀ ଅଛନ୍ତି। ଚଳିତ ଆଇସିସି ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷ ବିଜୟ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ଏହି ଡାଇନାମିକ୍ ଓପନର ହାମଷ୍ଟ୍ରିଙ୍ଗ ଇଞ୍ଜୁରୀର ଶିକାର ହୋଇଛନ୍ତି। ଫଳରେ ଶୁକ୍ରବାର ହେଡିଙ୍ଗଲେଠାରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ସମେତ ଦୁଇଟି ଗେମ୍‌ରୁ ସେ ବାଦ୍ ପଡ଼ିଛନ୍ତି। ଗୁରୁବାର ୟର୍କଶାୟାରଠାରରେ ସ୍ୱଳ୍ପକାଳୀନ ନେଟ୍ ପ୍ରାକ୍ଟିସ ସମୟରେ ତାଙ୍କୁ ବ୍ୟାଟିଂ ନ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଏହାସତ୍ତ୍ୱେ ସେ ଲର୍ଡ୍ସଠାରେ ମଙ୍ଗଳବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ଖେଳିବା ଲାଗି ଆଗ୍ରହୀ ଅଛନ୍ତି। ଆୟୋଜକ ଇଂଲଣ୍ଡ ପ୍ରଭାବୀ ପ୍ରଦର୍ଶନ ସହ ପ୍ରଥମ ଥର ବିଶ୍ୱକପ୍ ଜିତିବା ସମ୍ଭାବନା ସୃଷ୍ଟି କରିଛି। ଶୁକ୍ରବାର ଇଂଲଣ୍ଡର ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ପରିପ୍ରେକ୍ଷୀ ବିବିସି ରେଡିଓର ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପରିପ୍ରେକ୍ଷୀରେ ସେ କହିଛନ୍ତି, ଶୀଘ୍ର ଫିଟ୍ ହେବା ଲାଗି ମୁଁ କଠିନ ପରିଶ୍ରମ କରୁଛି। ଆଘାତଜନିତ ସମସ୍ୟାରେ କ୍ରମେ ଉନ୍ନତି ଘଟିବାରେ ଲାଗିଛି। ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଅଷ୍ଟ୍ରେଲିଆ ବିପକ୍ଷ ଗେମ୍ ବେଳକୁ ମୁଁ ଫିଟ୍ ହୋଇ ଯାଇଥିବି ବୋଲି ରୟ କହିଛନ୍ତି।

# ୱେଷ୍ଟଇଣ୍ଡିଜ ଲାଗି କର ବା ମର ସ୍ଥିତି

ମାଞ୍ଚେଷ୍ଟର,୨୧।୬(ପି.ଟି.)


ୱେଷ୍ଟଇଣ୍ଡିଜ ଦଳର ଖେଳାଳିମାନେ।

ବିଶ୍ୱକପରେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟର ଏହି ୨୯ତମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଫେଭରାଇଟ ବିବେଚିତ ହେଉଛି। ଅନ୍ୟପଟେ ଏହି ମ୍ୟାଚ୍ ୱେଷ୍ଟଇଣ୍ଡିଜ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ବିଶ୍ୱକପ୍‌ର ୱେଷ୍ଟଇଣ୍ଡିଜ ତା'ର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ୭ ଉଇକେଟରେ ପରାସ୍ତ କରି ଜବରଦସ୍ତ ଆରମ୍ଭ କରିଥିଲା। ତେବେ ଏହାପରଠାରୁ ୱେଷ୍ଟଇଣ୍ଡିଜର ପ୍ରଦର୍ଶନରେ କ୍ରମାଗତ ଭାବେ ଅବନତି ହୋଇଛି। ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ପରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ବାଂଲାଦେଶଠାରୁ ପରାସ୍ତ ହୋଇ ୩ଟି ପରାଜୟ ବରଣ କରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହେବା ପରେ ୱେଷ୍ଟଇଣ୍ଡିଜ ଗୋଟିଏ ପଏଣ୍ଟ ପାଇଥିଲା। ଏପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ୫ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ପଛକୁ ରହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ବାଂଲାଦେଶ ବିପକ୍ଷରେ ୱେଷ୍ଟଇଣ୍ଡିଜ ୮ ଉଇକେଟ ହରାଇ ୩୨୧ ରନ କରିଥିଲେ ମଧ୍ୟ ଦୁର୍ବଳ ବୋଲିଂ କାରଣରୁ ପରାସ୍ତ ହୋଇଥିଲା। ବାଂଲାଦେଶ ମାତ୍ର ୪୧.୩ ଓଭରରେ ୭ ଉଇକେଟ ହାତରେ ରଖି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। କ୍ରିସ୍ ଗେଲଙ୍କୁ ବାଦ୍ ଦେଲେ ୱେଷ୍ଟଇଣ୍ଡିଜର ବାକି ସବୁ ବ୍ୟାଟ୍ସମ୍ୟାନ ଭଲ ପ୍ରଦର୍ଶନ କରିଛନ୍ତି। ବୋଲିଂ ଦୁର୍ବଳତା ନେଇ ଅଧିନାୟକ ଜାସନ ହୋଲ୍ଡର ଚିନ୍ତା ପ୍ରକଟ କରିଛନ୍ତି। ଏଭିନ ଲୁଇସ୍, ଶାଇ ହୋପ, ସିମରନ ହେଟମେୟର ଓ ଜାସନ ହୋଲ୍ଡରଙ୍କୁ ନେଇ ୱେଷ୍ଟଇଣ୍ଡିଜ ବ୍ୟାଟିଂ ଲାଇନ ବେଶ୍ ଦୃଢ ମନେହେଉଛି। ତେବେ ଗେଲ ଓ ଆନ୍ଦ୍ରେ ରସେଲଙ୍କ ବ୍ୟାଟିଂ ଆଶାନୁରୂପ ହୋଇପାରିନାହିଁ। ତେବେ ୱେଷ୍ଟଇଣ୍ଡିଜ ବୋଲରମାନେ ନିହାତି ମାମୁଲି ପ୍ରଦର୍ଶନ କରିଛନ୍ତି। ଶେଲଡନ କଟ୍ରେଲ, ଶାନନ ଗାବ୍ରିଏଲ ଓ ଓଶେନ ଥୋମାସଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ହେବ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଆସିଛି। ନ୍ୟୁଜିଲାଣ୍ଡର ଆତ୍ମବିଶ୍ୱାସ ଆକାଶଛୁଆଁ ହୋଇଛି। ନ୍ୟୁଜିଲାଣ୍ଡ ଶ୍ରୀଲଙ୍କ, ବାଂଲାଦେଶ, ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ତେବେ ଭାରତ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଏବେ ଏହି ଦଳ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବ। ୱେଷ୍ଟଇଣ୍ଡିଜ ସମେତ , ପାକିସ୍ତାନ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ କଡ଼ା ସଂଘର୍ଷର ସମ୍ମୁଖୀନ ହେବ।

ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ୧୦୬ ରନର ଅପରାଜିତ ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ସ୍କୁଲ ପିଲାଙ୍କ ସହ ଖେଳିଲେ କୋହଲି


ସ୍କୁଲ ପିଲାଙ୍କ ସହ କ୍ରିକେଟ ଖେଳୁଛନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି।

ସାଉଥାମ୍ପଟନ,୨୧।୬

ସ୍ଥାନୀୟ ସ୍ପ୍ରିଙ୍ଗହିଲ ସ୍କୁଲର ୩୦ ଛାତ୍ରୀଛାତ୍ରଙ୍କ ଲାଗି ଗୁରୁବାର ଥିଲା ସ୍ୱତନ୍ତ୍ର ଦିନ। କାରଣ ଭାରତୀୟ କ୍ରିକେଟ ଦଳର ଅଧିନାୟକ ତଥା ନଂ ୧ ଦିନିକିଆ ବ୍ୟାଟ୍ସମ୍ୟାନ ବିରାଟ କୋହଲି ସେମାନଙ୍କ ସହ ଖେଳିଥିଲେ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପ୍ରୋଗ୍ରାମ ଅବସରରେ ଉକ୍ତ ସ୍କୁଲର ଛାତ୍ରୀଛାତ୍ର କୋହଲିଙ୍କୁ ଭେଟିବାକୁ ସୁଯୋଗ ପାଇଥିଲେ। ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ କୁନି ପ୍ରଶଂସକଙ୍କୁ ନିରାଶ ନ କରି ଫଟୋ ଉଠାଇବା ସହ ପ୍ରତ୍ୟେକଙ୍କୁ ଅଟୋଗ୍ରାଫ ଦେଇଥିଲେ। ୯ ବର୍ଷୀୟ ଶିଭେନ କୁମାର ନାମକ ଛାତ୍ର ନିଜ ବ୍ୟାଟ୍‌ରେ ଦୁଇ ଫେଭରାଇଟ୍ ଖେଳାଳି କୋହଲି ଓ ମହେନ୍ଦ୍ର ସିଂ ଧୋନୀଙ୍କ ଅଟୋଗ୍ରାଫ ନେଇଥିଲା। କୋହଲି ବହୁତ ଦୟାଳୁ ବୋଲି ଭାରତୀୟ ଅଧିନାୟକଙ୍କ ସମ୍ପର୍କରେ ଶିଭେନ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଦଳର ସଦସ୍ୟ ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଉପସ୍ଥିତ ଥିଲେ।

# ଦକ୍ଷିଣ ଆଫ୍ରିକାର ମଧ୍ୟ ସମୟ ଆସିବ

ଜ୍ୟାକ୍ କାଲିସ୍

ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ପରେ ଦକ୍ଷିଣ ଆଫ୍ରିକା ସମର୍ଥକ ନିରାଶ ହୋଇଥିବେ। ତେବେ ବିଜୟ ଓ ପରାଜୟ କ୍ରୀଡ଼ାର ଅଂଶବିଶେଷ ହୋଇଥାଏ। ତେଣୁ ଖେଳୁଥିବା ଓ ଖେଳ ଦେଖୁଥିବା ଲୋକେ ଏହା ଭୁଲିବା ଉଚିତ୍ ନୁହଁ। ବହୁ ବର୍ଷ ଧରି ଦକ୍ଷିଣ ଆଫ୍ରିକା ଆଶାତୀତ ସଫଳତା ହାସଲ କରିଛି ଓ କେତୋଟି ପରାଜୟ ବରଣ ମଧ୍ୟ କରିଛି। ଗତ ୨୫ ବର୍ଷ ହେବ ବିଶ୍ୱକପ୍ ଆମ ପାଇଁ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି ଓ ଭାଗ୍ୟ ଆମକୁ ସହାୟ ହୋଇନାହିଁ। ତେବେ ଆଗାମୀ ପିଢିରେ ଆମର ମଧ୍ୟ ସମୟ ଆସିବ, ଏଥିରେ ସନ୍ଦେହ ନାହିଁ।

ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ଓ ଏକ ସମ୍ଭାବ୍ୟ ରନ୍ ଆଉଟ୍‌କୁ ମଧ୍ୟ ହାତଛଡ଼ା କରିଥିଲୁ। ପୁଣି ଇମ୍ରାନ ତାହିରଙ୍କ ବଲ୍‌ରେ କେନ୍ ୱିଲିୟମସନଙ୍କ କ୍ୟାଚ୍‌କୁ ଉଇକେଟକିପର ଧରିଥିଲେ ମଧ୍ୟ ରିଭ୍ୟୁ ମିସ୍ କରିଥିଲୁ। ଏହା ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଓ ଟୁର୍ନାମେଣ୍ଟରେ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା ବୋଲି କୁହାଯାଇପାରେ।

ସ୍ୱତଃପ୍ରବୃତ୍ତ ଭାବେ ଶ୍ରେଷ୍ଠ ଦଳଗୁଡିକ ପଏଣ୍ଟ ତାଲିକାର ସର୍ବୋଚ୍ଚ ୪ଟି ସ୍ଥାନରେ ରହିଛନ୍ତି। ଏହି ଦଳଗୁଡିକ ସେମିଫାଇନାଲ ଖେଳିବା ଏକପ୍ରକାର ନିଶ୍ଚିତ ବୋଲି ଆଶା କରାଯାଉଛି। ତେବେ ସେମିଫାଇନାଲରେ ଦୁଇ ଫେଭରାଇଟ ଦଳ ଇଂଲଣ୍ଡ ଓ ଭାରତ ମୁହାଁମୁହିଁ ହେବେ କି ଫାଇନାଲରେ ପରସ୍ପରକୁ ଭେଟିବେ ତାହା ଦେଖିବାକୁ ବାକି ରହିଲା। ଭାରତ- ପାକିସ୍ତାନ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ସମ୍ଭାବନା ସୃଷ୍ଟି ହୋଇଥିଲା। ଏହା ହୋଇଥିଲେ ସାରା ବିଶ୍ୱର କ୍ରିକେଟ ପ୍ରଶଂସକ ନିରାଶ ହୋଇଥାନ୍ତେ। ତେବେ ଶେଷରେ ଏହି ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଦଳ ଦମ୍‌ଦାର ପ୍ରଦର୍ଶନ କରିଥିଲା ଓ ବିଜୟ ହାସଲ କରିଥିଲା। ରୋହିତ ଶର୍ମା ବେଶ୍ ଉଚ୍ଚକୋଟୀର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଭାରତ ଏହି ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା।

ଇଞ୍ଜୁରି କାରଣରୁ ଶିଖର ଧାୱନ ବିଶ୍ୱକପ୍‌ରୁ ବାଦ ପଡିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ତାଙ୍କ ବଦଳରେ ରିଷଭ ପନ୍ତ ଦଳରେ ସାମିଲ ହୋଇଛନ୍ତି। ତେବେ ପ୍ରଥମେ ପନ୍ତଙ୍କୁ ଚୟନକର୍ତ୍ତାମାନେ ଅବହେଳା କରିଥିଲେ। ଏଥିରେ କେବଳ ମୁଁ ନୁହେଁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ପନ୍ତଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ବିଶ୍ୱକପ୍‌ରେ ଖେଳିବା ଆବଶ୍ୟକ। ତାଙ୍କୁ ଏତେଶୀଘ୍ର ଦଳରେ ସାମିଲ କରାଯିବାର ସମ୍ଭାବନା କମ ରହିଛି। ଆଫଗାନିସ୍ତାନ ବିପକ୍ଷରେ ଖେଳିଲେ ସେ କିଭଳି ପ୍ରଦର୍ଶନ କରିବେ ତାହା ଦେଖିବାକୁ ବାକି ରହିଲା।

ଆଫଗାନିସ୍ତାନ ଲଢେଇ କରିବ ବୋଲି ଆଶା କରୁଥିଲି। ଅତିକମ୍‌ରେ ୨ଟି ମ୍ୟାଚ୍ ଜିତିବ ବୋଲି ଭାବୁଥିଲି। ତେବେ ବିଶ୍ୱକପ୍ ଭଳି ବଡ଼ ଟୁର୍ନାମେଣ୍ଟରେ ଆଫଗାନିସ୍ତାନ ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ। ରବିବାର ଲର୍ଡ୍ସରେ ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ର ଗୁରୁତ୍ୱ ଏବେ ବଢିଯାଇଛି। ଏପର୍ଯ୍ୟନ୍ତ ଦୁଇ ଦଳ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ତେବେ ଦମ୍ ଦେଖାଇବା ପାଇଁ ଦୁଇ ଦଳ ଏବେ ସୁଯୋଗ ପାଇଛନ୍ତି।

(ଗେମ୍‌ପ୍ଲାନ/ ଟିଭା କ ସ୍ପୋର୍ଟ୍ସ)





“ଚଳିତ ଆଇସିସି ବିଶ୍ୱକପ୍‌ରେ କେବଳ ଦଳ ନୁହେଁ, ମୋ ଠାରୁ ମଧ୍ୟ ଆହୁରି ଭଲ ପ୍ରଦର୍ଶନ ଆଶା କରୁଛି ।

–ତାମିମ ଇକବାଲ, ବାଂଲାଦେଶ କ୍ରିକେଟ ଓପନର



“ଅଷ୍ଟ୍ରେଲିଆ ନିକଟରୁ ପରାଜୟ ସତ୍ତ୍ୱେ ସେମିଫାଇନାଲକୁ ଉନ୍ନୀତ ହେବା ଲାଗି ଆମେ ଲକ୍ଷ୍ୟ ରଖିଛୁ ।

–ମାଶ୍ରାଫି ମୋର୍ତାଜା, ବାଂଲାଦେଶ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଆଡଭାନୀଙ୍କୁ ସମ୍ପୂର୍ଣ୍ଣ କ୍ୟାରିୟର ଗ୍ରାଣ୍ଡସ୍ଲାମ୍

ନୂଆଦିଲ୍ଲୀ, ୨୧ା୬ (ପି.ଟି.)-ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ଶୁକ୍ରବାର ୩୫ତମ ପୁରୁଷ ଏସିଆନ ସ୍ନୁକର ଚାମ୍ପିୟନଶିପ୍ ଜିତିଛନ୍ତି। ଏଥିସହିତ ସେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ଶେଷ କରିଛନ୍ତି। ଆଡଭାନୀ ଏସିବିଏସ ଏସିଆନ ସ୍ନୁକର ଇଭେଣ୍ଟ-୬-ରେଡ୍ (ଶର୍ଟ ଫର୍ମାଟ) ଏବଂ ୧୫-ରେଡ୍ (ଲଙ୍ଗ୍ ଫର୍ମାଟ) ସହିତ ଉଭୟ ଫର୍ମାଟରେ ଆଇବିଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଜିତିଛନ୍ତି। ଭାରତୀୟ ଖେଳାଳି ପୂର୍ବରୁ ବିଲିୟାର୍ଡ୍ସରେ ଏହି ସଫଳତା ହାସଲ କରିସାରିଛନ୍ତି। ତାଙ୍କର କେବଳ ଏହି ୧୫-ରେଡ୍ ଏସିଆନ ଟାଇଟଲର ଅଭାବ ରହିଥିଲା। ଆଡଭାନୀ ଫାଇନାଲରେ ଥନାୱାତ ତିରାପଙ୍ଗପେବୁନ୍‌ଙ୍କୁ ୬-୩ରେ ପରାସ୍ତ କରି ଏକମାତ୍ର ଖେଳାଳି ଭାବେ ଉଭୟ ଏସିଆନ ଏବଂ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସମସ୍ତଫର୍ମାଟ ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

### ସଞ୍ଜିବନୀ ଡୋପ୍ ଟେଷ୍ଟରେ ବିଫଳ

ନୂଆଦିଲ୍ଲୀ, ୨୧ା୬ (ପି.ଟି.)- ଭାରତର ଲଙ୍ଗ୍ ଡିଷ୍ଟାନ୍ସ ଧାବିକା ସଞ୍ଜିବନୀ ଯାଦବ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଆରୋପ କରିଛି। ଆଥଲେଟ୍‌ଙ୍କ ଡୋପ୍ ସାମ୍ପଲରେ ନିଷିଦ୍ଧ ଦ୍ରବ୍ୟ ପ୍ରୋବେନ୍‌ସିଡ୍‌ର ମାତ୍ରା ଦେଖିବାକୁ ମିଳିଥିଲା। ଏଆଇୟୁ ହେଉଛି ଇଣ୍ଟରନ୍ୟାଶନାଲ ଆଥଲେଟିକ୍ସ ଦ୍ୱାରା ଗଠିତ ଏକ ସ୍ୱାଧୀନ ସଂସ୍ଥା। ଯାଦବ ଗତବର୍ଷ ନଭେମ୍ବରରେ ଅନ୍ୟ ୪ଜଣ ଭାରତୀୟ ଆଥଲେଟଙ୍କ ସହିତ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ମାତ୍ର ଏହି ମାମଲା ନୂଆ କିମ୍ବା ପୁରୁଣା ତାହା ଜଣାପଡ଼ିନାହିଁ। ଗତବର୍ଷ ୱାଡା (ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି)ର ମଣ୍ଟ୍ରିଲ ଲାବରେଟୋରି ଦ୍ୱାରା ହୋଇଥିବା ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ ତୁରନ୍ତ ଲୋକଲୋଚନକୁ ଆସି ନ ଥିଲା। କାରଣ ତାଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଇ ନ ଥିଲା। ସେ ଚଳିତବର୍ଷ ଆରମ୍ଭରେ ଅନୁଷ୍ଠିତ ଫେଡେରେଶନ କପ୍ ୧୦,୦୦୦ ମିଟର ରେସ୍ ଜିତିଥିଲେ।

# ଭାରତ–ଆଫଗାନିସ୍ତାନ ମୁକାବିଲା ଆଜି

ସାଉଥାମ୍ପଟନ,୨୧ା୬(ପି.ଟି.)

ଚଳିତ ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଭାରତ ଟୁର୍ନାମେଣ୍ଟର ୨୮ତମ ମ୍ୟାଚ୍‌ରେ ଶନିବାର ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ଭେଟିବ। ସ୍ଥାନୀୟ ରୋଜ ବାଉଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଏକତରଫା ହେବ ବୋଲି ଆଶା କରାଯାଉଛି। ତେବେ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲ୍‌କା ଭାବେ ନେବନାହିଁ ଓ ଏଥିରେ ବିଜୟୀ ହୋଇ ସେମିଫାଇନାଲର ନିକଟତର ହେବାକୁ ଚେଷ୍ଟା କରିବ। କେବଳ ସେତିକି ନୁହେଁ ବୃହତ ବ୍ୟବଧାନରେ ବିଜୟୀ ହୋଇ ଭାରତ ନେଟ୍ ରନ ରେଟ୍‌ରେ ମଧ୍ୟ ଉନ୍ନତି ଆଣିବାକୁ ପ୍ରୟାସ କରିବ।

ବିଶ୍ୱକପ୍‌ରେ ଆଫଗାନିସ୍ତାନର ଅଭିଯାନ ବେଶ୍ ବିବାଦୀୟ ହୋଇପଡିଛି। ପଡିଆ ଭିତରେ ଓ ବାହାରେ କେତୋଟି ନିଷ୍ପତ୍ତି ଆଫଗାନିସ୍ତାନକୁ ଆହୁରି ବିବାଦୀୟ କରିଛି। ଭାରତ ଭଳି ଏକ ଶକ୍ତିଶାଳୀ ଦଳକୁ ଭେଟିବାକୁ ଯାଉଥିବାରୁ ଆଫଗାନିସ୍ତାନ ମଧ୍ୟ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବ। ଏହି ଦଳର ପ୍ରଦର୍ଶନରେ ଅବଶ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଆଫଗାନିସ୍ତାନ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ପଏଣ୍ଟ ତାଲିକାରେ ଖାତା ଖୋଲି ନ ପାରି ଅନ୍ତିମ ତଥା ଦଶମ ସ୍ଥାନରେ ରହିଛି। ଅନ୍ୟପଟେ ଭାରତ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୩ଟିରେ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ପାକିସ୍ତାନକୁ ଭାରତ ଏକପାଖିଆ ଭାବେ ପରାସ୍ତ କରିଛି। ତେବେ ବର୍ଷା ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ବାତିଲ ହେବା ଫଳରେ ପଏଣ୍ଟ ଭାଗ ହୋଇଥିଲା। ବରିଷ୍ଠ ଓପନର ଶିଖର ଧାୱନ, ସ୍ୱିଡଷ୍ଟାର ଭୁବନେଶ୍ୱର କୁମାର ଓ ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତର ପ୍ରଦର୍ଶନରେ ସେଭଳି ଫରକ ପଡିବ ନାହିଁ ବୋଲି ଆଶା କରାଯାଉଛି। ଧାୱନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡିଥିବା ବେଳେ ତାଙ୍କ ସ୍ଥାନରେ ଲୋକେଶ ରାହୁଲ ଇନିଂସ ଓପନ କରି ପାକିସ୍ତାନ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ଅଧିନାୟକ ଓ କୋଚ୍‌ଙ୍କ ବିଶ୍ୱାସଭାଜନ ହୋଇଛନ୍ତି। ଅନ୍ୟତମ ତାରକା ଓପନର ରୋହିତ ଶର୍ମା ଏବେ ଜବରଦସ୍ତ ଫର୍ମରେ ରହିଛନ୍ତି। ଆଫଗାନିସ୍ତାନର ଆଗଧାଡିର ବୋଲର ରସିଦ୍ ଖାଁ ଏବେ ଫର୍ମରେ ନାହାନ୍ତି। ଆଫଗାନିସ୍ତାନ ଦୁର୍ବଳ ବୋଲିଂର ଫାଇଦା ଉଠାଇ ରୋହିତ ଚତୁର୍ଥ ଦିନିକିଆ ଦ୍ୱିଶତକ ହାସଲ କରିବେ ବୋଲି ଆଶା କରାଯାଉଛି। ଅଧିନାୟକ ବିରାଟ କୋହଲି ଅଷ୍ଟ୍ରେଲିଆ ଓ ପାକିସ୍ତାନ ବିପକ୍ଷରେ ଦୁଇଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଦେଖିଚାହିଁ ସେ ଇନିଂସ ଆରମ୍ଭ କରି ଉପଯୋଗୀ ପାଳି ଖେଳିଛନ୍ତି। ବିଜୟ ଶଙ୍କରଙ୍କ ଆଘାତ ସମସ୍ୟା ସେତେଟା ଗୁରୁତର ହୋଇ ନ ଥିଲେ ମଧ୍ୟ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସାମାନ୍ୟ ଚିନ୍ତା ସୃଷ୍ଟି କରିଛି। ତେବେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ସାମିଲ ହେବା ପରେ ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଶଙ୍କର ଯଦି ଠିକ୍ ସମୟରେ ଫିଟ୍ ନ ହୁଅନ୍ତି ତେବେ ପନ୍ତ କିମ୍ବା ଅଭିଜ୍ଞ ଦୀନେଶ କାର୍ତ୍ତିକ ତାଙ୍କ ସ୍ଥାନରେ ଖେଳିପାରିନ୍ତି। ପ୍ରଥମ ପସନ୍ଦ ଭାବେ ଟିମ୍ ମ୍ୟାନେଜମେଣ୍ଟ କାର୍ତ୍ତିକଙ୍କୁ ୧୫ଜଣିଆ ବିଶ୍ୱକପ୍ ଦଳରେ ସାମିଲ କରିଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆଗୁଆ ବ୍ୟାଟିଂ କରିବାକୁ ସୁଯୋଗ ଦିଆଯିବା ପରେ ସେ ଏହାର ସଦ୍‌ଉପଯୋଗ କରିଛନ୍ତି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ମଧ୍ୟ ଷ୍ଟମ୍ପ ପଛରେ ଓ ବ୍ୟାଟିଂରେ ନିଜର ଦାୟିତ୍ୱ ତୁଲାଇବାରେ ସକ୍ଷମ ହୋଇଛନ୍ତି। ଏହି ମ୍ୟାଚ୍‌ରେ କୋହଲି କେଦାର ଯାଦବଙ୍କ କ୍ରମରେ ଉନ୍ନତ ବ୍ୟାଟିଂ କରିବାର ସୁଯୋଗ ଦେଇପାରନ୍ତି। କାରଣ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି କେଦାର ମାତ୍ର ୮ଟି ବଲ ଖେଳିଛନ୍ତି।

ବୋଲିଂରେ ଭାରତୀୟ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଆମେ କୌଣସି ଦଳକୁ ହେୟ ମନେ କରୁନାହୁଁ। ଅଷ୍ଟ୍ରେଲିଆ ହେଉ କି ଆଫଗାନିସ୍ତାନ ସବୁ ଦଳକୁ ଆମେ ସମାନ ଭାବେ ସମ୍ମାନ ଦେଇଥାଉ ବୋଲି ଭାରତୀୟ ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା କହିଛନ୍ତି। ଦଳର ସାମର୍ଥ୍ୟ ଉପରେ ଫୋକସ କରୁଛୁ। ପୁଣି ଆଉ ଅଧିକ କ’ଣ କରିହେବ ତାହା ଉପରେ କାର୍ଯ୍ୟ କରୁଛୁ ବୋଲି ସେ କହିଛନ୍ତି। ପାକିସ୍ତାନ ବିପକ୍ଷରେ ୧୬ଟି ବଲ ପକାଇବା ପରେ ଭୁବନେଶ୍ୱର ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇ ପଡିଆ ବାହାରକୁ ଯାଇଥିଲେ। ତେବେ ଅଲରାଉଣ୍ଡର ବିଜୟ ଶଙ୍କର ଓ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କୁ ଅନୁପସ୍ଥିତିରେ ଠିକ୍ ଭାବେ ବୋଲିଂ କରି ଦାୟିତ୍ୱ ତୁଲାଇଥିଲେ। ଆଫଗାନିସ୍ତାନ ବିପକ୍ଷରେ ଦ୍ରୁତ ବୋଲର ମହମ୍ମଦ ସାମି ଖେଳିବେ ଓ ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ ବୋଲିଂ କରିବାର ସୁଯୋଗ ହାସଲ କରିବେ। ଆଫଗାନିସ୍ତାନର ହଜରତୁଲ୍ଲା ଜାଜାଇ, ହଶମାତୁଲ୍ଲା ସାହିଦି ଓ ଅସଘର ଆଫଗାନଙ୍କୁ ସାମି ସମସ୍ୟାରେ ପକାଇବେ। ଅନଭିଜ୍ଞ ଆଫଗାନିସ୍ତାନ ବ୍ୟାଟିଂ ଲାଇନ୍‌ଅପ୍ ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ବିପକ୍ଷରେ ସଂଘର୍ଷ କରିବେ। ତେବେ ଆଫଗାନିସ୍ତାନ ଭାରତକୁ ସହଜରେ ବାଟ ଛାଡିବ ନାହିଁ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍‌ରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କେତୋଟି ଏକ୍ସପେରିମେଣ୍ଟ ବା ପ୍ରୟୋଗ କରିବ ବୋଲି ଆଶା କରାଯାଉଛି।



ଅଭ୍ୟାସ ସେସନ ଅବସରରେ ଯଶପ୍ରୀତ ବୁମରା ଓ ମହମ୍ମଦ ସାମି ଆଲୋଚନାରତ। ରିଷଭ ପନ୍ତ ଓ ରୋହିତ ଶର୍ମା।

### ଖେଳାଳି ତାଲିକା

- **ଭାରତ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ବିଜୟ ଶଙ୍କର, ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ ଓ ଭୁବନେଶ୍ୱର କୁମାର।
- **ଆଫଗାନିସ୍ତାନ:** ଗୁଲବଦିନ ନାଇବ (ଅଧିନାୟକ), ଅଫତାବ ଆଲମ, ହଜରତୁଲ୍ଲା ଜାଜାଇ, ଅସଘର ଆଫଗାନ୍, ରସିଦ ଖାଁ, ମହମ୍ମଦ ନବୀ, ମୁଜିବ ଉର ରହମାନ, ଦଲତ ଜଦ୍ରାନ, ନାଜିବୁଲ୍ଲା ଜଦ୍ରାନ, ହମିଦ ହାସନ, ହାଶମତୁଲ୍ଲା ଶାହିଦି, ସମିଉଲ୍ଲା ଶିନୱାରି, ରହମତ ଶାହ, ନୁର ଅଲି ଜଦ୍ରାନ ଓ ଇକ୍ରାମ ଅଲିଖିଲ।

### ପ୍ରଣତିଙ୍କୁ ବ୍ରୋଞ୍ଜ



ନୂଆଦିଲ୍ଲୀ,୨୧ା୬ (ପି.ଟି.)

ମଙ୍ଗୋଲିଆର ଉଲାନବାତାରଠାରେ ଚାଲିଥିବା ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଭଲ୍ଟ ଇଭେଣ୍ଟରେ ଶୁକ୍ରବାର ଭାରତୀୟ ମହିଳା ଜିମ୍ନାଷ୍ଟ ପ୍ରଣତି ନାୟକ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବେଙ୍ଗଲର ଏହି ୨୩ ବର୍ଷୀୟା ୬ଷ୍ଠ ସ୍ଥାନ ସହ ଭଲ୍ଟ ଫାଇନାଲରେ ପ୍ରବେଶ କରିଥିଲେ। ସେ ୧୩.୩୮୪ ସ୍କୋର କରିବା ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ ପ୍ରଥମ ଓ ଦ୍ୱିତୀୟ ଭଲ୍ଟରେ ଯଥାକ୍ରମେ ୧୩.୪୦୦ ଏବଂ ୧୩.୩୬୭ ସ୍କୋର କରିଥିଲେ। ଇଭେଣ୍ଟରେ ଚାଇନାର ୟୁ ଲିନ୍‌ମିନ୍ (୧୪.୩୫୦) ଏବଂ ଜାପାନର ଆୟାକା ସାକାଗୁଚ୍ଛି (୧୩.୫୮୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଲାଭ କରିଥିଲେ। କୋଚ୍ ମିନାରା ବେଗମ କହିଛନ୍ତି, ପ୍ରଣତିଙ୍କୁ ଯେତେବେଳେ ୧୬ ବର୍ଷ ହୋଇଥିଲା, ସେତେବେଳେ ମୁଁ ତାଙ୍କୁ ଟ୍ରେନିଂ ଦେଇ ଆସୁଛି। ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଦେଶ ଓ ମୋ ପାଇଁ ଗର୍ବର ବିଷୟ। ଜିମ୍ନାଷ୍ଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ) ଉପ-ସଭାପତି ରିୟାଜ ଭଟି ମଧ୍ୟ ପ୍ରଣତିଙ୍କ ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଣତି ଏସିଆନ ଚାମ୍ପିୟନଶିପ୍‌ରେ ଏକ ପଦକ ଜିତିଥିବାରୁ ମୁଁ ବହୁତ ଖୁସି। ତାଙ୍କଠାରୁ ଏକ ଅନ୍ତର୍ଜାତୀୟ ପଦକ ବହୁ ଦିନ ହେଲା ଆଶା କରାଯାଉଥିଲା।

# ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପରିସରଭୁକ୍ତ ହେବେ ଭାଷ୍ୟକାର

ନୂଆଦିଲ୍ଲୀ,୨୧ା୬

ଲୋଧା କମିଟିର ଅନ୍ୟତମ ପ୍ରମୁଖ ସଂସ୍କାରମୂଳକ ସୁପାରିସ ହେଲା ‘ଜଣେ ବ୍ୟକ୍ତିଙ୍କୁ ଗୋଟିଏ ପଦବୀ’। ତଦାନୁସାରେ ପୂର୍ବତନ ଅବା ସକ୍ରିୟ ଖେଳାଳି ଟୁର୍ନାମେଣ୍ଟରେ କମେଣ୍ଟ୍ରି କଲେ ସେମାନେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଅବା ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନିୟମ ପରିସରଭୁକ୍ତ ହେବେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିସିସିଆଇ ଏଥିକ୍ସ ଅଫିସର ଡି.କେ. ଜୈନ ଶୁକ୍ରବାର ଏକଥା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଓ ଭି.ଭି.ଏସ୍. ଲକ୍ଷ୍ମଣଙ୍କୁ ଉପଦେଷ୍ଟା କମିଟି (ସିଏସି)ର ସଦସ୍ୟ ଏବଂ ଆଇପିଏଲ ଫ୍ରାଞ୍ଚାଇଜର ମେଣ୍ଟର ପଦବୀ ମଧ୍ୟରୁ ଗୋଟିଏ ବାଛିବାକୁ ପଡ଼ିବ। ପୂର୍ବତନ ଖେଳାଳି ଦ୍ୱୟ ଦୁଇଟି ପଦବୀରେ ଥିବାରୁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ସ୍ଥିତି ଉପୁଜିଛି। ଲକ୍ଷ୍ମଣ ଆଇପିଏଲ ଦଳ ସନରାଇଜର୍ସ ହାଇଦ୍ରାବାଦ ମେଣ୍ଟର ପଦରେ ଥିବାବେଳେ ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜର ସମାନ ପଦରେ ରହିଛନ୍ତି। ଏହାବାଦ୍ ଗାଙ୍ଗୁଲି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ସଭାପତି ଦାୟିତ୍ୱରେ ମଧ୍ୟ ରହିଛନ୍ତି। ସେ ବିଶ୍ୱକପ୍‌ରେ କମେଣ୍ଟ୍ରି ମଧ୍ୟ କରୁଛନ୍ତି। ପୂର୍ବତନ ଅଧିନାୟକ ଏଭଳି ସ୍ଥିତିରୁ ବର୍ତ୍ତି ଯାଇଥିଲେ ମଧ୍ୟ ଲକ୍ଷ୍ମଣ ପ୍ରଥମ ଥର ଏଭଳି ସମସ୍ୟା ସମ୍ମୁଖୀନ ହୋଇଛନ୍ତି। ତାଙ୍କୁ ମଧ୍ୟ ବେଳେ ବେଳେ ବେଳେ କମେଣ୍ଟ୍ରି କରୁଥିବାର ଦେଖବବାକୁ ମିଳୁଛି। ଜଣଙ୍କୁ ଗୋଟିଏ ପଦବି ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଲୋଧା କମିଟି ସୁପାରିସରେ ଉଲ୍ଲେଖଥିଲା।

ସଚିନ ତେନ୍ଦୁଲକର ମୁମ୍ବାଇ ଇଣ୍ଡିଆନ୍ସ ଦଳର ମେଣ୍ଟର ପଦରେ ଥିଲେ ମଧ୍ୟ ତାଙ୍କ ବିରୋଧରେ ଅଭିଯୋଗ ଆସିନାହିଁ। କାରଣ ସିଏସି କମିଟିରୁ ଇସ୍ତଫା ଦେଇସାରିଛନ୍ତି। କିନ୍ତୁ ବର୍ତ୍ତମାନ ଗାଙ୍ଗୁଲି ଓ ଲକ୍ଷ୍ମଣଙ୍କୁ ଭାରତୀୟ କ୍ରିକେଟକୁ କେଉଁ ଭଳି ସାହାଯ୍ୟ କରିବେ, ତାହା ନିଷ୍ପତ୍ତି ନେବାକୁ ପଡ଼ିବ ବୋଲି ଜୈନ କହିଛନ୍ତି। ଗତ ଫେବୃୟାରୀରେ ସୁପ୍ରିମକୋର୍ଟଙ୍କ ଦ୍ୱାର ନିଯୁକ୍ତ ହୋଇଥିବା ଜୈନ ରବିନ ଉଥାପ୍ପା ଓ ଇର୍ଫାନ ପଠାନଙ୍କ ଭଳି ସକ୍ରିୟ କ୍ରିକେଟରଙ୍କ କମେଣ୍ଟ୍ରି କରିବା ଉପରେ ମଧ୍ୟ ସ୍ପଷ୍ଟିକରଣ ଦେଇଛନ୍ତି। ସକ୍ରିୟ ଖେଳାଳିଙ୍କ ଉପରେ ଆସିଥିବା ଅଭିଯୋଗ ସମ୍ପର୍କରେ ସେ କହିଛନ୍ତି, କ୍ରିକେଟରଙ୍କୁ କମେଣ୍ଟ୍ରି କରିବାକୁ ମୁଁ ରୋକୁନାହିଁ। ମୁଁ କେବଳ ଲୋଧା କମିଟିଙ୍କ ସୁପାରିସକୁ କାର୍ଯ୍ୟକାରୀ କରୁଛି। କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଅର୍ଥ କ’ଣ ମୁଁ ଜାଣିବା ପରେ ଏହି ନିଷ୍ପତ୍ତି ନେଇଛି। ଏହାକୁ ବୋର୍ଡ ଗ୍ରହଣ କରିବ କି ନାହିଁ ଜଣାନାହିଁ। ଜୈନ ଏକଥା ମଧ୍ୟ କହିଛନ୍ତି, ତେନ୍ଦୁଲକର ମଧ୍ୟ ବିଶ୍ୱକପ୍‌ରେ କମେଣ୍ଟ୍ରି କରୁଛନ୍ତି। କିନ୍ତୁ ତାଙ୍କ ବିରୋଧରେ ମୁମ୍ବାଇ ଇଣ୍ଡିଆନ୍ସ ଆଇକନ ଏବଂ ସିଏସି ସଦସ୍ୟ ଭାବେ ଦ୍ୱୈତ୍ୟ ଭୂମିକା ନେଇ ପ୍ରଶ୍ନ ଉଠିଥିଲା।

# ଅମିତ୍, ବ୍ରଜ ଭୂଷଣ ପାଇବେ ଓସ୍‌ଜା ପୁରସ୍କାର



ଅମିତ ରୋହିଦାସ

ଭୁବନେଶ୍ୱର, ୨୧ା୬ (ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରତିବର୍ଷ ଭଳି ୨୦୧୮ ବର୍ଷ ଲାଗି କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ରାଜ୍ୟର ଦୁଇ କ୍ରୀଡ଼ାବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଉଦୀୟମାନ ହକି ଖେଳାଳି ଅମିତ୍ ରୋହିଦାସ ଓ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ବକ୍ସିଂ କୋଚ୍ ବ୍ରଜ ଭୂଷଣ ମହାନ୍ତି ୨୦୧୮ ବର୍ଷ ଲାଗି ଓସ୍‌ଜା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଭାରତୀୟ ହକି ଦଳର ଯୁବ ତାରକା ଅମିତ୍ ୨୦୧୮ ବର୍ଷ ଲାଗି ‘ସ୍ପୋର୍ଟ୍ସପର୍ସନ୍ ଅଫ୍ ଦି ଇୟର’ ଓ ବ୍ରଜ ଭୂଷଣଙ୍କୁ ‘ଲାଇଫ୍ ଟାଇମ୍ ଆଚିଭମେଣ୍ଟ’ ପୁରସ୍କାର ପ୍ରଦାନ କରାଯିବା ନେଇ ଶୁକ୍ରବାର ଓସ୍‌ଜା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜୁନ ୨୯ରେ ଭୁବନେଶ୍ୱରର ଏକ ଷ୍ଟାର୍ ହୋଟେଲରେ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ପୁରସ୍କାର ବାବଦକୁ ଉଭୟଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିଙ୍କୁ ଓସ୍‌ଜା ପକ୍ଷରୁ ୨୦୧୭ରୁ ପ୍ରତିବର୍ଷ ଏହାର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଆସୁଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଅମିତ୍ ନିଜର ପ୍ରଭାବୀ ପ୍ରଦର୍ଶନ ବଳରେ ଗତ କିଛିବର୍ଷ ହେଲା ଭାରତୀୟ ସିନିୟର ହକି ଦଳରେ ଜଣେ ସ୍ଥାୟୀ ସଦସ୍ୟଭାବେ ସ୍ଥାନ ପାଇଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ଭାରତ ପକ୍ଷରୁ ୭୮ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ୨୦୧୭ରେ ଢାକାରେ ଅନୁଷ୍ଠିତ ଏସିଆ କପ୍ ଓ ନିକଟରେ ଭୁବନେଶ୍ୱରରେ ଶେଷ ହୋଇଥିବା ଏଫ୍‌ଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ଭାରତୀୟ ଦଳ ସହ ସେ ୨୦୧୩ରେ ଇପୋଠାରେ ଅନୁଷ୍ଠିତ ଏସିଆ କପ୍‌ରେ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ଏବଂ ୨୦୧୮ରେ ଜାକର୍ତ୍ତା ଏସିଆନ ଗେମ୍ସ ଓ ଭୁବନେଶ୍ୱରରେ ଅନୁଷ୍ଠିତ ୱାର୍ଲ୍ଡ ଲିଗ୍ ଫାଇନାଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅପରପକ୍ଷରେ ଗଞ୍ଜାମ ଜିଲାର ବ୍ରଜଭୂଷଣ ଜଣେ ଜଣାଶୁଣା ବକ୍ସିଂ ପ୍ରଶିକ୍ଷକ ଭାବେ ଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ୨୦୧୭ରେ ତାଙ୍କୁ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ତର୍ଜାତୀୟ ତାରକା ଶିବ ଥାପ୍ପା, ଡିଙ୍ଗ୍‌କୋ ସିଂ, ଗୁରୁଚରଣ ସିଂ ଓ ବିକାଶ କ୍ରିଷ୍ଣା ଯାଦବଙ୍କ ପରି ବକ୍ସରଙ୍କୁ ଗଢ଼ିତୋଳିବାରେ ବ୍ରଜଭୂଷଣଙ୍କ ଯଥେଷ୍ଟ ଅବଦାନ ରହିଛି। ସେ ୨୦୦୨ରୁ ୨୦୧୧ ପର୍ଯ୍ୟନ୍ତ ଭାରତୀୟ ବକ୍ସିଂ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ।



ବ୍ରଜ ଭୂଷଣ ମହାନ୍ତି



# ହୋଟେଲରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୧।୬(ବ୍ୟୁରୋ)

■ ଅତ୍ୟଧିକ ନିଶା ସେବନ ମୃତ୍ୟୁର କାରଣ

■ ସହପାଠୀଙ୍କୁ ଅଟକ ରଖି ପୋଲିସର ଜେରା

ଇନ୍‌ଫୋସିଟି ଥାନା ଅଧୀନ ନନ୍ଦନକାନନ ରୋଡ୍‌ସ୍ଥ ହୋଟେଲ କପୁଲ୍ସ ପ୍ଲାଜାରୁ ପୋଲିସ ଜଣେ ବିଟେକ୍ ଛାତ୍ରଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ବିହାରର ତନ୍ମୟ ନାଗ(୩୨)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ-୩୧/୧୯ ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ମୃତ ତନ୍ମୟଙ୍କ ପାଟିରୁ ବ୍ରାଉନ୍‌ସୁଗାର ପରି ଧଳା ଧଳା ବାନ୍ତି ହୋଇଥିବା ଦେଖିବାକୁ ମିଳିଛି। ତେଣୁ ଅତ୍ୟଧିକ ବ୍ରାଉନସୁଗାର ସେବନ କରିବା ଦ୍ୱାରା ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ଉକ୍ତ ହୋଟେଲରେ ତନ୍ମୟଙ୍କ ସହ ରହୁଥିବା ସହପାଠୀ ସଦାମ ହୁସେନ୍ ନାମକ ଯୁବକଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଅଟକ ରଖି ପଚରାଉଚରା କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏଥିସହ ପରିବାର ଲୋକଙ୍କୁ ଖବର ଦେଇଛି। ପରିବାର ଲୋକେ ଭୁବନେଶ୍ୱର ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ତନ୍ମୟ ଓ ସଦାମ ସ୍ଥାନୀୟ ଇଞ୍ଜିନିୟରିଂ କଲେଜରେ ବିଟେକ ପଢିବା ସହ ହଷ୍ଟେଲରେ ରହୁଥିଲେ। ତେବେ ହଷ୍ଟେଲରେ ସବୁଦିନ ନିଶା ସେବନ କରି ବୁଲୁଥିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ସେମାନଙ୍କୁ ବିଦାକରି ଦେଇଥିଲେ। ଶେଷରେ ସେମାନେ ନନ୍ଦନକାନନ ରୋଡ଼ରେ ଥିବା କପୁଲ୍ସ ପ୍ଲାଜା ହୋଟେଲକୁ ଗତ ୧୭ତାରିଖରୁ ଭଡ଼ା ନେଇ ରହୁଥିଲେ। ଦୁହେଁ ଉକ୍ତ ହୋଟେଲରେ ପ୍ରାୟ ସମୟ ନିଶା ସେବନ କରି ଶୋଉଥିଲେ। ସଦାମ କହିବା ଅନୁଯାୟୀ, ସେ ଓ ତନ୍ମୟ ଗୁରୁବାର ସକାଳେ ମଦ ପିଇବା ସହ ଗଞ୍ଜେଇ ଓ ବ୍ରାଉନ ସୁଗାର ଖାଇଥିଲେ। ତନ୍ମୟ ପ୍ରାୟ ଦିନସାରା ଶୋଇରହନ୍ତି ବୋଲି ତାଙ୍କୁ ସଦାମ ଡାକି ନ ଥିଲେ। ହେଲେ ଶୁକ୍ରବାର ସକାଳେ ପରୀକ୍ଷା ଥିବାରୁ ସଦାମ ତାଙ୍କୁ ଡାକିଥିଲେ ମଧ୍ୟ ସେ ଉଠି ନ ଥିଲେ। ପରେ ତାଙ୍କ ମୁହଁକୁ ବୁଲାଇବାରୁ ଧଳା ଧଳା ବାନ୍ତି କରିଥିବା ଦେଖିବାକୁ ପାଇ ହୋଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହୋଟେଲ ମାଲିକ ତୁରନ୍ତ ପୋଲିସକୁ ଜଣାଇବା ସହ ଆମ୍ବୁଲାନ୍ସ ଡାକି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ହୋଟେଲ ମାଲିକ କହିଛନ୍ତି, ଦୁଇଜଣ ପ୍ରାୟତଃ ଉକ୍ତ ରୁମ୍‌ର କବାଟ ବନ୍ଦ କରି ରୁହନ୍ତି। ଖାଇବା ପାଇଁ ଦେବାକୁ ଯିବାବେଳେ କବାଟ ବାଡେଇବା ପରେ ସେମାନେ ଖୋଲନ୍ତି। ହେଲେ ମୃତ ତନ୍ମୟ ପ୍ରାୟତଃ ବିଳମ୍ବରେ ଖାଇବା ସହ ଡେରିରେ ଉଠନ୍ତି। କାହିଁକି ଖାଇବାକୁ ଦେଇନାହଁ ବୋଲି କହି ପାଟିତୁଣ୍ଡ କରନ୍ତି। ଦୁଇ ମାସ ପୂର୍ବରୁ ମଧ୍ୟ ଉଭୟ ଉକ୍ତ ହୋଟେଲରେ ରହିଥିଲେ। ଗୋଟିଏ ଦିନ ହୋଟେଲ ଆଗରେ କେତେକ ଯୁବକ ତନ୍ମୟଙ୍କୁ ନିସ୍ତୁକ ମାଡ଼ ମାରୁଥିବାର ସେ ଦେଖିଥିଲେ। ତାଙ୍କ ହୋଟେଲରେ ରହୁଥିବାରୁ ସେ ତୁରନ୍ତ ପୋଲିସକୁ ଫୋନ୍ କରିଥିଲେ। ପୋଲିସ ଆସି ତାଙ୍କୁ ଉଦ୍ଧାର କରିଥିଲା।

ଏ ନେଇ ଇନ୍‌ଫୋସିଟି ଥାନା ଅଧିକାରୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ଦୁଇଜଣ ଛାତ୍ର କଲେଜ ହଷ୍ଟେଲରେ ରହୁଥିବାବେଳେ ପ୍ରଚୁର ନିଶା ସେବନ କରୁଥିଲେ। ଯାହାଫଳରେ ସେମାନଙ୍କୁ ହଷ୍ଟେଲରୁ ବାହାର କରିଦିଆଯାଇଥିଲା। ଶେଷରେ ସେମାନେ ହୋଟେଲ ବୁକ୍ କରି ରହିଥିଲେ। ବ୍ରାଉନ୍‌ସୁଗାର ନେବା ଦ୍ୱାରା ତନ୍ମୟଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଏପରି କି ଅଟକ ଥିବା ତାଙ୍କ ସହପାଠୀ ମଧ୍ୟ ନିଶା ଖାଉଥିବା ସ୍ୱୀକାର କରିଛନ୍ତି। ମୃତକଙ୍କ ପରିବାର ଲୋକେ ଯଦି କିଛି ଅଭିଯୋଗ କରନ୍ତି ତେବେ ଅଟକ ଥିବା ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି।




## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା

# ପ୍ରେମିକ ସମେତ ୪ଜଣଙ୍କ ନାଁରେ ଅଭିଯୋଗ

ନିମାପଡ଼ା,୨୧।୬(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଶୁକ୍ରବାର ପ୍ରେମିକ, ତାଙ୍କ ବାପା, ଦାଦା ଓ ଭାଇଙ୍କ ନାମରେ ନଂ ୧୬୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଜନୈକା ଯୁବତୀଙ୍କୁ ଚାରିଛକ ଫାଣ୍ଡି ଅଧୀନ ତେନ୍ତୁଳି ଗ୍ରାମର ପ୍ରେମିକ ରାକେଶ ସ୍ୱାଇଁ ଗତ ରଜ ସଂକ୍ରାନ୍ତି ଦିନ ଯୁବତୀଙ୍କ ଘରେ କେହି ନଥିବାର ସୁଯୋଗ ନେଇ ତାଙ୍କୁ ଜୋର ଜବରଦସ୍ତି ନେଇ ପଳାଇଯାଇଥିଲେ। ପରେ ରାକେଶ ପୁରୀଠାରେ ଏକ ଘରଭଡା ନେଇ ଯୁବତୀଙ୍କୁ ସେଠାରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ୪ଦିନ ହେବ ସମ୍ପର୍କ ରଖିବା ପରେ ହଠାତ ଯୁବତୀଙ୍କୁ ଏକା ଛାଡି କେଉଁଆଡେ ରାକେଶ ପଳାଇଯାଇଥିଲେ। ପରେ ଯୁବତୀ ଜଣକ ତାଙ୍କ ଭାଇଙ୍କୁ ଡକାଇ ଘରେ ପହଞ୍ଚିବା ପରେ ପ୍ରେମିକଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରିବାରେ ରାକେଶଙ୍କ ବାପା ରବୀନ୍ଦ୍ର ସ୍ୱାଇଁ, ଦାଦା ଓ ଭାଇ କ୍ରୋଧାନ୍ୱିତ ହୋଇ ଯୁବତୀ ଓ ତାଙ୍କ ପରିବାରବର୍ଗଙ୍କୁ ଗାଳିଗୁଲଜ କରିବାସହ ବିଭିନ୍ନ ଧମକଚମକ ଦେଇଥିଲେ। ଏ ନେଇ ଯୁବତୀଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରେମିକ ରାକେଶ ସମେତ ୪ଜଣଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶୁକ୍ରବାର ପୀଡ଼ିତା ଯୁବତୀଙ୍କୁ ନିମାପଡ଼ା ମେଡିକାଲରେ ଡାକ୍ତରୀମାଇନା କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ବଦଳିଲେ ବିଏମ୍‌ସି କମିଶନର


ପ୍ରେମଚନ୍ଦ୍ର ଚୌଧୁରୀ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ):** ରାଜ୍ୟ ସରକାର ଶୁକ୍ରବାର ପ୍ରଶାସନିକ ସ୍ତରରେ ବଡଧରଣର ଅଦଳବଦଳ କରିଛନ୍ତି। ୯ଜଣ ଜିଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଏବଂ ବିଧାନସଭା ସଚିବ ପଦରେ ନୂଆ ଅଫିସରଙ୍କୁ ଅବସ୍ଥାପିତ କରାଯାଇଛି। ଏହି ମର୍ମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ତଥା ୨୦୧୧ ମସିହା ବ୍ୟାଚ୍‌ର ଆଇଏଏସ୍ ଅଫିସର ସମର୍ଥ ବର୍ମାଙ୍କ ବଦଳି ହୋଇଛି। ତାଙ୍କୁ କେନ୍ଦ୍ରାପଡ଼ା ଜିଲାର ନୂତନ ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। କେନ୍ଦ୍ରାପଡ଼ା ଜିଲାରେ ଗତ ଦେଢମାସ ତଳେ ନିଯୁକ୍ତି ପାଇଥିବା ୨୦୧୦ ମସିହା ବ୍ୟାଚ୍‌ର ଆଇଏଏସ୍ ଅଫିସର ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ଭୁବନେଶ୍ୱର ମହାନଗର ନିଗମର କମିଶନର ସହିତ ଅତିରିକ୍ତ ଦାୟିତ୍ୱ ଭାବେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧକ୍ଷ ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ଅତିରିକ୍ତ ସିଇଓ ଭାବେ ଅବସ୍ଥାପିତ କରାଯାଇଛି।

## ସ୍କୁଟି ଡିକି ଭାଙ୍ଗି ୨.୫୦ଲକ୍ଷ ଲୁଟ୍ ଘଟଣା

# ୨ ଗିରଫ: ସୁନାଗହଣା, ବାଇକ୍ ଜବତ

ପୁରୀ ଅଫିସ, ୨୧।୬

୩ ମାସ ତଳେ ଗୁଣ୍ଡିଚା ମନ୍ଦିର ପଛପଟ ଏକ ଦୋକାନ ନିକଟରୁ ସ୍କୁଟି ଡିକି ଭାଙ୍ଗି ଅଢ଼େଇ ଲକ୍ଷ ଟଙ୍କା ଲୁଟ ଘଟଣାର ପର୍ଦ୍ଦାଫାଶ କରିଛି କୁମ୍ଭାରପଡା ପୋଲିସ। ଏହି ଘଟଣାରେ ସଂପୃକ୍ତି ନେଇ ୨ଜଣଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଗିରଫ ଦ୍ୱୟ ହେଲେ ଗଞ୍ଜାମ ଜିଲା କୋଦଳା ଅଞ୍ଚଳର ଚିନା ପ୍ରଧାନ(୨୫) ଓ ଆସ୍କା ପାକଲାପଲ୍ଲୀର ଜି.ଶ୍ରୀକାନ୍ତ(୨୩)। ସେମାନଙ୍କଠାରୁ ପୋଲିସ ଦେଢ଼ ଲକ୍ଷ ଟଙ୍କା, ଲୁଟ୍ ହୋଇଥିବା ସୁନା ଗହଣା, ୨ଟି ମୋବାଇଲ ଏବଂ ଏକ ବାଇକ ଜବତ କରିଛି।

ଶୁକ୍ରବାର କୁମ୍ଭାରପଡା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ସୁଧାକର ସାହୁ କହିଲେ ଯେ, ଗତ ମାର୍ଚ୍ଚ ୧୫ ତାରିଖରେ ବଳିଆପଣ୍ଡା ହାଉସିଂ ବୋର୍ଡ କଲୋନୀର ରବିନାରାୟଣ ପ୍ରତିହାରୀ ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଏକ ରାଷ୍ଟ୍ରାୟତ ବ୍ୟାଙ୍କରୁ ଅଢେଇ ଲକ୍ଷ ଟଙ୍କା, ବ୍ୟାଙ୍କରେ ବନ୍ଧକ ଥିବା ୧୫୦ଗ୍ରାମର ସୁନାଗହଣା ସ୍କୁଟି ଡିକିରେ ରଖି ଘରକୁ ଫେରୁଥିଲେ। ବ୍ୟାଙ୍କରୁ ବାହାରି ଗୁଣ୍ଡିଚା ମନ୍ଦିର ପଛପଟ ଏକ ୱାଟର ପମ୍ପ ଦୋକାନକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ଡିକି ତାଡି କୌଶଳ କ୍ରମେ ଟଙ୍କା ଓ ସୁନାଗହଣା ଲୁଟି ଫେରାର ହୋଇ ଯାଇଥିଲେ। ଏନେଇ ରବିଙ୍କ ଅଭିଯୋଗ କ୍ରମେ ଥାନାରେ ଦଫା ୩୭୯ଆଇପିସି(କେସ ନଂ. ୫୬/୧୯)ରେ ଏକ ମାମଲା ରୁଜୁ ହୋଇଥିଲା।


ଜବତ ବାଇକ, ଟଙ୍କା, ସୁନାଗହଣା, ମୋବାଇଲ ଓ ଗିରଫ ଅଭିଯୁକ୍ତ।

### ସିସିଟିଭି ଫୁଟେଜରୁ ମିଳିଥିଲା ସଫଳତା

ପୋଲିସ ସଂପୃକ୍ତ ଦୋକାନରେ ଲାଗିଥିବା ସିସିଟିଭିର ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗିରଫ ଅଭିଯୁକ୍ତ ଦ୍ୱୟ ଡିକି ତାଡି ଟଙ୍କା ଲୁଟ କରୁଥିବା ଜଣାପଡିଥିଲା। ଏମାନଙ୍କୁ ଧରିବା ଲାଗି ପୋଲିସ ଜାଲ ବିଛାଇଥିଲା। ବାରମ୍ବାର ଏଭଳି ଅଭିଯୋଗ ହେବା ପରେ କୁମ୍ଭାରପଡା ପୋଲିସ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲା। ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳରୁ ଅଭିଯୁକ୍ତ ଦ୍ୱୟଙ୍କୁ ଧରାଯାଇଥିଲା।

### ଭୁବନେଶ୍ୱରରୁ ହେଉଛି ମନିଟରିଂ

ଭୁବନେଶ୍ୱରରେ ଏହି ଗ୍ୟାଙ୍ଗର ମୁଖ୍ୟାଳୟ ରହିଛି। ସେଠାରୁ ମନିଟରିଂ ହୋଇଥାଏ। କିଏ କେଉଁ ଅଞ୍ଚଳକୁ ଯିବ ତାହାର ପ୍ଲାନ ପ୍ରସ୍ତୁତ ହୋଇଥାଏ। ପୁରୀ, କଟକ, ଭୁବନେଶ୍ୱର, ସମ୍ବଲପୁର, କେନ୍ଦ୍ରାପଡା, ଯାଜପୁର, ନୟାଗଡ, ଭଦ୍ରକ, ଖୋର୍ଦ୍ଧା ପ୍ରଭୃତି ଅଞ୍ଚଳରେ ଏମାନଙ୍କ ଚେର ଲମ୍ବିଛି। ଗୋଟିଏ ସ୍ଥାନରୁ ଚୋରି କରିବା ପରେ ସେହି ସ୍ଥାନ ତୁରନ୍ତ ଛାଡି ଚାଲିଯାଆନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ନାମରେ ୮ଟି କେସ ରହିଛି। ସେଥିରୁ ପୁରୀ ଜିଲାରେ ଗୋଟିଏ ଏବଂ କେନ୍ଦ୍ରାପଡା ଜିଲାରେ ୭ଟି ମାମଲା ରୁଜୁ ହୋଇଛି।

# ମାଆଠାରୁ ଅଲଗା ହୋଇ ଛୁଆ ମାଣ୍ଡାରିନ ମୃତ

ବାରଙ୍ଗ,୨୧।୬(ଡି.ଏନ୍.ଏ.)

ଗତ ବୁଧବାର ପ୍ରାଣୀ ଉଦ୍ୟାନ ନନ୍ଦନକାନନର ମୁକ୍ତାକାଶ ବିହଙ୍ଗ ସରଣିରେ ଜନ୍ମ ହୋଇଥିବା ଦୁଇ ମଣ୍ଡାରିନ ବତକ ମଧ୍ୟରୁ ଶୁକ୍ରବାର ଗୋଟିକର ମୃତ୍ୟୁ ଘଟିଛି। ବୁଧବାର ଅଣ୍ଡା ଫୁଟାଇ ମାଆ ମାଣ୍ଡାରିନ ଛୁଆ ଦୁଇଟିକୁ ବାହାର କରିବା ପରେ ସାଙ୍ଗରେ ଧରି ବୁଲିଥିଲା। ସରଣୀ ପରିସରରେ ଥିବା ବିଭିନ୍ନ ଗଛ ମୂଳରେ ଛୁଆଦୁଇଟିକୁ ଛାଡିବା ସହ ପାଖାପାଖି ଜଗିରହିଥିଲା। ହେଲେ ସମୟସୀମା ପୂର୍ବରୁ ଜନ୍ମ କରିଥିବାରୁ ଛୁଆଦ୍ୱୟ ଦୁର୍ବଳ ରହିଥିଲେ। ଅପରପକ୍ଷେ ସରଣୀରେ ପାହାଡିଆ ମୂଷାମାନଙ୍କର ଶିକାରରେ ଗୋଟିଏ ମାଣ୍ଡାରିନ ଛୁଆ ଗୁରୁତର ହୋଇଥିବାରୁ ବାଧ ହୋଇ ଛୁଆଦ୍ୱୟକୁ ସେହିଦିନ ରାତିରେ ମାଆଠାରୁ ଅଲଗାକରି ଡାକ୍ତରଖାନାକୁ ନିଆଯାଇଥିଲା ବୋଲି ଜନ୍ତୁ ବିଭାଗ ଏସିଏଫ୍ ଅଶୋକ କୁମାର ଦାସ କହିଛନ୍ତି। କିନ୍ତୁ ମାଆଠାରୁ ଅଲଗା କରି ଆଣିବା କାଳ ସାଜିଥିଲା। ଉପଯୁକ୍ତ ଯତ୍ନର ଅଭାବ ଯୋଗୁ ଜନ୍ମର ତିନିଦିନ ନପୂରୁଣୁ ଦୁଇଟି ମଧ୍ୟରୁ ଗୋଟିଏ ଛୁଆ କ୍ୱାରେଣ୍ଟାଇନରେ ଶୁକ୍ରବାର ସକାଳେ ମରିପଡିଥିବାର କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏବେ ଡାକ୍ତରଖାନାରେ ଅନ୍ୟ ଛୁଆଟି ରହିଛି। ତେବେ ବିହଙ୍ଗ ସରଣୀରେ ମାଣ୍ଡାରିନ ବତକ ସଂଖ୍ୟା ୪ ଥିବାବେଳେ ପରିସରରେ ଥିବା ଏନକ୍ଲୋଜରରେ ୧୦ଟି ଓ ଡାକ୍ତରଖାନାରେ ଗୋଟିଏ ରହିଛି। ସମୁଦାୟ ମାଣ୍ଡାରିନ ବତକ ସଂଖ୍ୟା ହ୍ରାସ ପାଇ ୧୫ରେ ପହଞ୍ଚିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯିଏ ମୋତେ ସର୍ବଦା ଚାହାନ୍ତି ଏବଂ ଶ୍ରଦ୍ଧା ପୂର୍ବକ ମୋର ପୂଜା କରନ୍ତି, ମୁଁ ତାଙ୍କୁ ସେହି ବିବେକ ବୁଦ୍ଧି ପ୍ରଦାନ କରେ, ଯଦ୍ୱାରା ସେ ମୋତେ ସମ୍ପୂର୍ଣ୍ଣ ରୂପେ ପ୍ରାପ୍ତ ହୁଅନ୍ତି। - ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ-ସାଂସ୍କୃତିକ କେନ୍ଦ୍ରର ବାର୍ଷିକୋତ୍ସବ

**ତିଗିରିଆ,୨୧।୬(ଡି.ଏନ.ଏ.):** ତିଗିରିଆ ବ୍ଲକ ସଦର ମହକୁମା ପାଞ୍ଚଗାଁସ୍ଥିତ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ-ସାଂସ୍କୃତିକ କେନ୍ଦ୍ରର ୯ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଡ. ଦୁର୍ଗାଚରଣ ନାୟକ ଓ ପାଞ୍ଚଗାଁ ସରପଞ୍ଚ ନିରୂପମା ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଭାଗବତ ପାଠ, ସଙ୍କୀର୍ତ୍ତନ, ଦାସକାଠିଆ, ପାଲା, ଘୁଡୁକି, ଦଣ୍ଡନୃତ୍ୟ, ଘୁମୁରା, ଢ଼ୋଲ ଆଦି ପାରମ୍ପରିକ ବାଦ୍ୟ ଓ ନୃତ୍ୟକୁ ବିଭିନ୍ନ ପଞ୍ଚାୟତରୁ ଆସିଥିବା କଳାକାର ଏବଂ କଳାକାର ଗୋଷ୍ଠୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ବରିଷ୍ଠ ନାଟ୍ୟଗୁରୁ ଜଗବନ୍ଧୁ ତୁଙ୍ଗ ସାମନ୍ତ, କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, ଆଠଗଡ଼ର ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ତିଗିରିଆ ଓକିଲ ସଂଘ ସଭାପତି ସୂର୍ଯ୍ୟନାରାୟଣ ମହାନ୍ତି, ବରିଷ୍ଠ ବଂଶୀବାଦକ ଦୁଃଶାସନ ସ୍ୱାଇଁ, କେନ୍ଦ୍ର ସଭାପତି ନରେନ୍ଦ୍ର ସାହୁ, ପାଞ୍ଚଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତୋଷ ସିଂସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ପକ୍ଷରୁ ବ୍ଲକରେ ଦଶମ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଦୁଇ ଛାତ୍ରୀଙ୍କୁ ବୈଜ୍ଞାନିକ ଇନ୍ଦ୍ରଜିତ୍ ସାହୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଶେଷରେ କେନ୍ଦ୍ର ସମ୍ପାଦକ ସରୋଜ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

### ବିଧାୟକଙ୍କୁ ସମ୍ବର୍ଦ୍ଧନା

**ନରସିଂହପୁର ୨୧।୬ (ଡି.ଏନ.ଏ):** ନରସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ବିଡିଓ ପ୍ରଶାନ୍ତ କୁମାର ତରାଇ, ଜିଲା ପରିଷଦ ସଭ୍ୟ ନିର୍ମଳ କୁମାର ଜେନା, ବ୍ଲକ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବେହେରା, ବ୍ଲକ ଉପାଧକ୍ଷା ସୁନୀତା ସ୍ୱାଇଁ ଓ ବ୍ଲକର ସମିତି ସଭ୍ୟାସଭ୍ୟ, ସରପଞ୍ଚ ଉପସ୍ଥିତ ରହି ବିଧାୟକ ଦେବୀପ୍ରସାଦଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ଗ୍ରାମାଞ୍ଚଳର ଉନ୍ନତି କରିବା ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

■ ସଫେଇ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ୭ ଦଫା ଦାବିପତ୍ର

# ସମାଧାନ ନ ହେଲେ ଆନ୍ଦୋଳନ

**ଆଠଗଡ଼,୨୧।୬(ସ୍ୱ.ପ୍ର.)**

ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଛି। ହେଲେ ଏ ପର୍ଯ୍ୟନ୍ତ ସେମାନଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ସଫେଇ କର୍ମଚାରୀ ସଂଘ ପକ୍ଷରୁ ସଭାପତି ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀମାନେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଆଠଗଡ଼ ଉପଜିଲାପାଳ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ କଟକ ଜିଲାପାଳ, ନଗର ଉନ୍ନୟନ ବିଭାଗ ସଚିବଙ୍କ ନିକଟକୁ ଏହାର ଏକକିତା ନକଲ ପଠାଯାଇଛନ୍ତି।

ଆଗାମୀ ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ କର୍ମଚାରୀ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥାଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ରରେ ସଫେଇ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ସରକାରଙ୍କ ନିୟମ ମୁତାବକ ଦରମା, ଇପିଏଫ ଟଙ୍କାର ହିସାବ, ପ୍ରତ୍ୟେକ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ୩ ମାସରେ ସ୍ୱାସ୍ଥ୍ୟ ପରୀକ୍ଷା, ଦୁର୍ଘଟଣା ସମୟରେ ସ୍ୱତନ୍ତ୍ର ଆର୍ଥିକ ସହାୟତା, କର୍ମଚାରୀଙ୍କ ଦୈନିକ ଉପସ୍ଥାନ ନିମନ୍ତେ ରେଜିଷ୍ଟରରେ ଦସ୍ତଖତ ସଂଗ୍ରହ କରାଯାଇ ତାକୁ ଆଇନଗତ ମାନ୍ୟତା ପ୍ରଦାନ ଆଦି ଉଲ୍ଲେଖ କରାଯାଇଛି।

ଏ ସମ୍ପର୍କରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା କହିଛନ୍ତି, ସଫେଇ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ନିୟମିତ ଜମା ହୋଇଛି। ୱେବ୍ ସାଇଟ୍‌ରେ ତ୍ରୁଟି ହେତୁ ତାହା ଜଣାପଡିନାହିଁ। ୨୭ତାରିଖ ପରେ ଇପିଏଫ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହୋଇଯିବ। ରାଜ୍ୟର ବହୁ ମ୍ୟୁନିସିପାଲିଟି ଓ ପୌରାଞ୍ଚଳର ସଫେଇ କାର୍ଯ୍ୟ ଘରୋଇକରଣ ହୋଇସାରିଲାଣି। ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସଫେଇ କାର୍ଯ୍ୟ ପରିଷଦ ଦ୍ୱାରା କରାଯାଉଛି। ପରବର୍ତ୍ତୀ ସରକାରୀ ଆଦେଶ ଆସିବା ପର୍ଯ୍ୟନ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଚେଷ୍ଟା ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।



ଆଠଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ସଫେଇ କର୍ମଚାରୀ ସଂଘର କର୍ମକର୍ତ୍ତା।

### ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍

# ୩ ଘଣ୍ଟା ପରେ ଉଦ୍ଧାର ହେଲେ ଚାଳକ

**ନିଶ୍ଚିନ୍ତକୋଇଲି,୨୧।୬(ସ୍ୱ.ପ୍ର.)**

କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି କଲେଜ ଛକ ନିକଟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ବିଲକୁ ଓଲଟି ପଡ଼ିଥିଲା। ଫଳରେ ଚାଳକ ଜଣଙ୍କ ଟ୍ରକ୍‌ରେ ଚାପି ହୋଇ ରହିଥିଲେ। ଦୀର୍ଘ ୩ ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏବେ ସେ ସୁସ୍ଥ ଅଛନ୍ତି। ଗୁରୁତର ଚାଳକ ଜଣଙ୍କ ନୟାଗଡ଼ ଅଞ୍ଚଳର ରବୀନ୍ଦ୍ର କୁମାର ସେଠୀ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୩ଟାରେ ଏକ ଲୁହାରଡ୍ ବୋଝାଇ ଟ୍ରକ୍ ନଂ(ଓଆର-୦୫-ଏକେ-୪୯୦୮) କଟକରୁ କେନ୍ଦ୍ରାପଡା ଅଭିମୁଖେ ଯାଉଥିବାବେଳେ ବର୍ଷା ହେବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼ ବିଲକୁ ଓଲଟି ପଡ଼ିଥିଲା। ଗାଡ଼ିର ହେଲପର ଡେଇଁ ପଡ଼ିଥିଲେ। ଚାଳକ ଷ୍ଟିଅରିଂ ତଳେ ଚାପି ହୋଇ ଚିତ୍କାର କରିଥିଲେ। ଅନ୍ଧାର ଓ ନିକାଞ୍ଚନ ରାସ୍ତା ହୋଇଥିବାରୁ ହେଲପର ସହଯୋଗ ମାଗିଥିଲେ ହେଁ କେହି ସହଯୋଗ କରି ନ ଥିଲେ। ସକାଳ ହେବାରୁ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ଥାନା ଓ ଦମକଳ କେନ୍ଦ୍ରକୁ ଯୋଗାଯୋଗ କରିଥିଲେ। ପରେ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ରକ୍ ଏପରି ଦୁର୍ଘଟଣା ହୋଇଥିଲା ଯେ ଚାଳକଙ୍କୁ ବାହାର କରିବା କଷ୍ଟସାଧ୍ୟ ହୋଇଥିଲା। ଏହାପରେ ପୋଲିସ ଏକ ଜେସିବି ମେସିନ ଡାକି ଗାଡିକୁ ଟେକିବା ପରେ ଦମକଳ ବାହିନୀ କର୍ମଚାରୀ ଚାଳକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ହେବା ପରେ ରବୀନ୍ଦ୍ର ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କୁ ଭଗବାନ ହିଁ ବଞ୍ଚାଇ ଦେଇଛନ୍ତି। ସେ ଦୁର୍ଘଟଣା ସମୟରେ ନିଶ୍ଚିତ ମୃତ୍ୟୁକୁ ଅତି ନିକଟରୁ ଦେଖିଛନ୍ତି।



ଭାରସାମ୍ୟ ହରାଇ ଓଲଟିଥିବା ଟ୍ରକରୁ ଚାଳକଙ୍କୁ ଉଦ୍ଧାର କରାଯାଉଛି।

■ କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# ମାଟି, ମଣିଷକୁ ଭଲ ପାଇବା ଥିଲା ସୁରେନ୍ଦ୍ରଙ୍କ ମହାନ ଗୁଣ

**ସାଲେପୁର,୨୧।୬(ଡି.ଏନ.ଏ.)**

ମାଟି ଓ ମଣିଷକୁ ଭଲ ପାଇବା ଥିଲା ସୁରେନ୍ଦ୍ର ମହାନ୍ତିଙ୍କ ମହାନ ଗୁଣ। ସାହିତ୍ୟ, ରାଜନୀତି ଓ ଖବରଦାତା ତ୍ରିଭୁଜ ପରିସରରେ ଥିବା ସୁରେନ୍ଦ୍ରଙ୍କ ସାହିତ୍ୟର ଠିକ୍ ମୂଲ୍ୟାୟନ ହୋଇପାରିନାହିଁ ବୋଲି କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ରାଜ୍ୟସ୍ତରୀୟ ୯୭ତମ ଜୟନ୍ତୀ ସମାରୋହରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତପ୍ରକାଶ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଏହି ଉତ୍ସବ ତାଙ୍କ ଜନ୍ମମାଟି ସାଲେପୁରସ୍ଥିତ ପୁରୁଷୋତ୍ତମପୁର ଗ୍ରାମର ଶରଧାବାଲି ପଡ଼ିଆଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ, ସୁରେନ୍ଦ୍ର ମହାନ୍ତି ସ୍ମୃତିନ୍ୟାସ ଓ ସୁରେନ୍ଦ୍ର ମେମୋରିଆଲ୍ କ୍ଲବ୍ ମିଳିତ ସହଯୋଗରେ ପାଳିତ ହୋଇଥିଲା। ବିଶିଷ୍ଟ କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ଆବାହକ ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ସୁରେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟର ବିସ୍ମୟ ପୁରୁଷ ଓ ନୂତନ ଚେତନାର ସୂତ୍ରଧର ଥିଲେ ବୋଲି ପ୍ରକାଶ କରିଥିଲେ। ମଧୁବାବୁଙ୍କୁ ଭଲପାଉଥିବା ଜଣେ କୃତୀ ସାହିତ୍ୟିକ ହିସାବରେ ସୁରେନ୍ଦ୍ରଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ଡ. ବିଜୟ ଶତପଥୀ, ସମ୍ମାନିତ ଅତିଥି ଗାନ୍ଧୀଦର୍ଶନ ତତ୍ତ୍ୱବିତ୍ ବିନୋଦ ମହାନ୍ତି ପ୍ରମୁଖ ଯୋଗଦେଇ ସୁରେନ୍ଦ୍ରଙ୍କ ସାହିତ୍ୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶ୍ୱଜିତ୍ ଦାସଙ୍କୁ ସୁରେନ୍ଦ୍ର ଶିକ୍ଷା ସମ୍ମାନ ଓ ଦୀନବନ୍ଧୁ ମଲ୍ଲିକଙ୍କୁ ସୁରେନ୍ଦ୍ର ସେବା ସମ୍ମାନରେ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଦେବେନ୍ଦ୍ର କୁମାର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଶ୍ୱରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଜୟନ୍ତୀ ଉତ୍ସବରେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଆରପି କଲେଜରେ ଖୋଲିଲା ଯୁକ୍ତ ୨ କଳା ବିଭାଗ

**ତିଗିରିଆ,୨୧।୬ (ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ ଅଧୀନ ବିଧାରପୁରଠାରେ ଥିବା ଆର.ପି ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ପୂର୍ବବତ୍ କଲେଜ)ରେ ଯୁକ୍ତ ୨ କଳା ବିଭାଗ ଖୋଲାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକଙ୍କଠାରୁ ଏନେଇ ଅନୁମତି ପ୍ରଦାନ କରାଯାଇଛି। ପତ୍ର ସଂଖ୍ୟା- ୭୭୦୩ ଅନୁଯାୟୀ, ଚଳିତ ଶିକ୍ଷାବର୍ଷଠାରୁ ଏହି ମହାବିଦ୍ୟାଳୟରେ ଯୁକ୍ତ ୨କଳାରେ ଆଶାୟୀ ଛାତ୍ରୀଛାତ୍ର ନାମ ଲେଖାଇପାରିବେ। ଏହି ଅନୁମତି ମୁତାବକ, ଇଂଲିଶ୍, ମାତୃଭାଷା, ରାଜନୀତି ବିଜ୍ଞାନ, ଶିକ୍ଷା, ଓଡ଼ିଆ ଓ ଲଜିକ ଆଦି ବିଷୟରେ ୬୪ ଓ ଆଇଟି ବିଷୟରେ ୩୨ଟି ଲେଖାଏଁ ସିଟ୍ ରହିଛି। ଯୁକ୍ତ ୨କଳା ପାଇଁ ଆଶାୟୀ ଛାତ୍ରୀଛାତ୍ର ଏବେ ହାତପାହାନ୍ତାରେ ଏ ସୁବିଧା ଉପଭୋଗ କରିପାରିବେ ବୋଲି ଶିକ୍ଷାନୁଷ୍ଠାନର ଅଧକ୍ଷ ମୃତ୍ୟୁଞ୍ଜୟ ଜେନା କହିଛନ୍ତି। ସୂଚନାଯୋଗ୍ୟ, ଆର.ପି କଲେଜରେ ୨୦୧୩ରେ ଯୁକ୍ତ ୨ ବିଜ୍ଞାନ ଓ ୨୦୧୬ରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ପାଇଁ ପାଠପଢ଼ା ଆରମ୍ଭ ହୋଇଥିଲା।

### ସାଲେପୁର କଲେଜ ଯୁକ୍ତ ୨ କଳା, ବାଣିଜ୍ୟ ପରୀକ୍ଷା ଫଳ

# ବାଣିଜ୍ୟ ବିଭାଗ ଛାତ୍ରୀ ଦେବସ୍ମିତା କଲେଜ ଟପ୍ପର

**ସାଲେପୁର,୨୧।୬(ଡି.ଏନ.ଏ.)**

ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହାକୁ ନେଇ ସାଲେପୁର କଲେଜର ପରୀକ୍ଷାର୍ଥୀ ବେଶ୍ ଖୁସି ଅଛନ୍ତି। ପରୀକ୍ଷାରେ କଲେଜ ବାଣିଜ୍ୟ ବିଭାଗ ଛାତ୍ରୀ ଦେବସ୍ମିତା ମହାନ୍ତି ୫୪୦ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଚଳିତ ପରୀକ୍ଷାରେ କଲେଜର କଳା ବିଭାଗରେ ୨୩୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୧ଜଣ ଫେଲ୍ ହୋଇଛନ୍ତି। ୬୧ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫୨ଜଣ ୨ୟ ଓ ୧୦୪ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗରେ ୯୨.୧୭% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ୧୮୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୮୨ଜଣ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ୩୦ଜଣ ଛାତ୍ରୀଛାତ୍ର ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ୫୫ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୫ଜଣ ପରୀକ୍ଷାର୍ଥୀ ଫେଲ୍ ହୋଇଥିବା କଲେଜ ସୂତ୍ରରୁ ଜଣାପଡ଼ିଛି। ବାଣିଜ୍ୟ ବିଭାଗରେ ୯ଜଣ ପରୀକ୍ଷାର୍ଥୀ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ବାଣିଜ୍ୟ ବିଭାଗରେ ୯୧.୭୫% ଛାତ୍ରୀଛାତ୍ର ପାସ୍ କରିଥିବା ଜଣାଯାଇଛି। ସେହିପରି ବହୁଗ୍ରାମ, ରେବା, ଜପକୁଦ କଲେଜର ଛାତ୍ରୀଛାତ୍ର ସନ୍ତୋଷଜନକ ଫଳାଫଳ କରିଥିବା ଜଣାଯାଇଛି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ହୋମିଓପ୍ୟାଥିକ ଔଷଧ ଯୋଗାଣ ବନ୍ଦ

**କଟକ ସଦର, ୨୧।୬(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦେଢବର୍ଷ ହେବ ହୋମିଓପ୍ୟାଥିକ ଔଷଧ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଆଉଟଡୋର ରୋଗୀସେବା ବାଧାପ୍ରାପ୍ତ ହେଉଥିବା କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ ନିକଟରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ୨/୩ଜଣ ରୋଗୀ କିଶୋରନଗରସ୍ଥିତ ରାଜକୃଷ୍ଣ ବୋଷ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଆଉଟଡୋର ହୋମିଓପ୍ୟାଥିକ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ମାତ୍ର ଆବଶ୍ୟକ ଔଷଧ ପାଇ ନ ଥିଲେ। କାରଣ ହୋମିଓପ୍ୟାଥିକ ଔଷଧ ଯୋଗାଣ ରାଜ୍ୟ ସରକାର ବନ୍ଦ କରିଦେଇଥିବା ଜଣାପଡିଥିଲା। ପରେ ବାରଦା ଗ୍ରାମର ଅରୁପ ଦତ୍ତଙ୍କ ନେତୃତ୍ୱରେ କେତେଜଣ ସ୍ୱେଚ୍ଛାସେବୀ ଶୁକ୍ରବାର କଟକ ଯାଇ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାଛଡା କନ୍ଦରପୁର, ସୁଭଦ୍ରାପୁର, ତେଲେଙ୍ଗାପେଣ୍ଠସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋମିଓପ୍ୟାଥିକ ଡାକ୍ତର ଥିଲେ ମଧ୍ୟ ଔଷଧ ଆସୁ ନ ଥିବା ଜଣାପଡିଥିଲା। ପୁରୁଣା ରୋଗର ଚିକିତ୍ସା ପାଇଁ ଅନେକ ରୋଗୀ ହୋମିଓପ୍ୟାଥିକ ଔଷଧକୁ ଅଧିକ ପସନ୍ଦ କରୁଥିଲେ ମଧ୍ୟ ଷ୍ଟକ ନ ଥିବାରୁ ମାଗଣା ଔଷଧ ମିଳିପାରୁନାହିଁ ବୋଲି ଦତ୍ତ କହିଛନ୍ତି। ତେଣୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ହୋମିଓପ୍ୟାଥିକ ଔଷଧ ଶୀଘ୍ର ଯୋଗାଣ ପାଇଁ ଦାବି କରାଯାଇଛି। ସରକାର ଦେଉ ନ ଥିବାରୁ ଚାହିଦା ମୁତାବକ ହୋମିଓପ୍ୟାଥିକ ଔଷଧ ଯୋଗାଣ ସମ୍ଭବ ହେଉନାହିଁ ବୋଲି କଟକ ସ୍ଥିତ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି।

# ଓଡ଼ିଆ ଯୋଗ ଗୁରୁଙ୍କୁ ଥାଇଲାଣ୍ଡରେ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୨୧।୬(ବ୍ୟୁରୋ)**

ବିଶ୍ୱରେ ଏବେ ଯୋଗର ପ୍ରଚାର ପ୍ରସାର ଚାଲିଛି। ଏ କ୍ଷେତ୍ରରେ ଓଡ଼ିଆ ଯୋଗ ଗୁରୁମାନେ ମଧ୍ୟ ବିଶ୍ୱସ୍ତରରେ ସୁନାମ ଅର୍ଜନ କଲେଣି। ନିକଟରେ ଥାଇଲାଣ୍ଡର ପ୍ରସିଦ୍ଧ ମହିଦୋଲ ବିଶ୍ୱବିଦ୍ୟାଳୟ ତରଫରୁ ଓଡିଆ ଯୋଗଗୁରୁ ଦମ୍ପତି ଡ. ଦୀନେଶ ପ୍ରସାଦ ସ୍ୱାଇଁ ଏବଂ ଡ. ପ୍ରତିଭା ଶ୍ରୀଙ୍କୁ ଆମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଡ. ସ୍ୱାଇଁ କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗ ବିଜ୍ଞାନରେ ପ୍ରଫେସର ରହିଛନ୍ତି। ଯୋଗ ଶିକ୍ଷା ଆନ୍ଦୋଳନକୁ ସେ ସ୍ୱାଗତ କରିବା ସହ ଏ ନେଇ ବୈଜ୍ଞାନିକ, ଦାର୍ଶନିକ ଏବଂ ଆଧାତ୍ମିକତା ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

# 'ସୁସ୍ଥ ରାଷ୍ଟ୍ର ଗଠନରେ ଯୋଗର ରହିଛି ଗୁରୁଦାୟିତ୍ୱ'



ସାଲେପୁର ସାଇ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ଯୋଗ ମୁଦ୍ରାରେ।



ତିଗିରିଆ ପବିତ୍ର ମୋହନ ନୋଡାଲ ବିଦ୍ୟାପୀଠରେ ଛାତ୍ରୀଛାତ୍ର ଯୋଗ କରୁଛନ୍ତି।

## ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ

**ବାଙ୍କୀ,୨୧।୬(ସ୍ୱ.ପ୍ର./ବି.ପ୍ର.)**

ବିଶ୍ୱ ଯୋଗ ଦିବସ ଶୁକ୍ରବାର ବାଙ୍କୀର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ବାଙ୍କୀ କଲେଜ ଇନ୍‌ଡୋର ଷ୍ଟାଡିୟମଠାରେ ବାଙ୍କୀ କଲେଜ, ବ୍ରହ୍ମପୁରା ରଘୁନାଥ ଦେବ ବିଦ୍ୟାପୀଠ, ଡମପଡ଼ା ପ୍ରିତମ୍ କୁମାରୀ ବିଦ୍ୟାମନ୍ଦିର, ବି.କେ.ବିଦ୍ୟାପୀଠ ୧୮ କ୍ୟାଡେଟ୍ ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। କଲେଜ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ଶିବିରକୁ ଉଦ୍‌ଘାଟନ କରି କହିଥିଲେ, ଯୋଗଭ୍ୟାସ କଲେ ଜଣେ ଶତାୟୁ ହୋଇପାରିବେ। ସୁସ୍ଥ ରାଷ୍ଟ୍ର ଗଠନରେ ଯୋଗ ଶିକ୍ଷାର ଗୁରୁଦାୟିତ୍ୱ ରହିଛି ବୋଲି ଅଧକ୍ଷ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ପ୍ରଧାପକ ମନୋଜ ମହାପାତ୍ର, ଯୋଗ ପ୍ରଶିକ୍ଷକ ଅଜୟ ସ୍ୱାଇଁ, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ ବିଶ୍ୱାଳ, ବାଙ୍କୀ ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡା ଯୋଗ ଦେଇଥିଲେ। ପୁରୀ ୬ଷ୍ଠ ବାଟାଲିୟନ ସୁବେଦାର ରଣଧିର ସିଂଙ୍କ ଉପସ୍ଥିତିରେ ଶିବିର ପରିଚାଳନା କରାଯାଇଥିଲା।

ସେହିପରି ବାଙ୍କୀ ଉପକାରାଗାରାରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଗଦିବସ ପାଳନ କରାଯାଇଥିଲା। ଉପକାରାଗାର ଅଧୀକ୍ଷକ ପ୍ରସନ୍ନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗୌରୀ ଭଉଣୀ, ବି.କେ.ବନୀତା, ବି.କେ ରିନା, ଲିମା, ସନାତନ, ପ୍ରସନ୍ନ ଓ ଧନେଶ୍ୱର ପ୍ରମୁଖ କାରାଗାର ଅନ୍ତେବାସୀଙ୍କୁ ଯୋଗଶିକ୍ଷା ଦେଇଥିଲେ। ବାଙ୍କୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଓଡ଼ିଶା ରାଜ୍ୟ ଯୋଗ ସମିତି ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଥିଲା। ଅନୁରୂପଭାବେ ବାଙ୍କୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଯୋଗଦିବସ ପାଳନ କରାଯାଇଥିଲା। ଶିକ୍ଷକ ଚନ୍ଦନ ସୁବୁଦ୍ଧି, ବିଜୟ ମହାନ୍ତି, ରବୀନ୍ଦ୍ର ନାୟକ, ମୃତ୍ୟୁଞ୍ଜୟ ମହାପାତ୍ର, ମାନସ ରାଉତ ଅଂଶଗ୍ରହଣ କରିଥିଲେ।

**ଆଠଗଡ଼,(ସ୍ୱ.ପ୍ର.):** ଆଠଗଡ଼ ଯୋଗସେବା କେନ୍ଦ୍ରରେ ଯୋଗ ଦିବସ ପାଳିତ ହୋଇଛି। କେନ୍ଦ୍ର ସଭାପତି ଯଦୁମଣି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠଗଡ଼ ଉପଖଣ୍ଡ ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ବିଜୟ ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ନରୋତ୍ତମ ଗାଣ, ସମ୍ମାନିତ ଅତିଥି ଅଞ୍ଜନାନନ୍ଦ ଗିରି ପ୍ରମୁଖ ଯୋଗ ଦେଇଥିଲେ। ଯୋଗସେବା କେନ୍ଦ୍ର ସମ୍ପାଦକ ପ୍ରମୋଦ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଆଠଗଡ଼ ଭାଜପା ପକ୍ଷରୁ ସ୍ଥାନୀୟ ମହୋତ୍ସବ ପଡିଆଠାରେ ଯୋଗ ଦିବସ ପାଳିତ ହୋଇଛି। ରାମନାରାୟଣ ମହାନ୍ତିଙ୍କ ପରିଚାଳନାରେ ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ଯୋଗସାଧନା କରିଥିଲେ।

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଛି। ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ ଶିବିର ହୋଇଥିଲା। ପ୍ରଧାନଆଚାର୍ଯ୍ୟ ସୁଶୀଲ ବିଶୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ପ୍ରଶିକ୍ଷଣ ଦିଆଯାଇଥିଲା। ଗୁରୁଜୀ ପିଙ୍କୁ ମହାରଣା, ବ୍ରଜକିଶୋର ସାହୁ ଓ ଗୁରୁମା ଶ୍ରଦ୍ଧାଞ୍ଜଳି ମହାପାତ୍ର ଯାଗଶିକ୍ଷା ପ୍ରାଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଏକ ସାଧାରଣ ସଭା ବଂଶୀଧର ପଣ୍ଡାଙ୍କ ପୌରୋହିତରେ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁନୀଲ ମିଶ୍ର ଯୋଗଦେଇ ଯୋଗ ଦିବସ ଉପରେ ଟିପ୍ପଣୀ ଦେଇଥିଲେ। ଅତିଥିଭାବେ ପ୍ରଦୋଶ ସାହୁ, ବ୍ରହ୍ମାନନ୍ଦ ଜେନା, ସୁବୋଧ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

**ତିଗିରିଆ,(ଡି.ଏନ.ଏ.):** ତିଗିରିଆ ବ୍ଲକ ଅଧୀନ ଶ୍ରୀସାଇଗୀତା ପୀଠ ଓ ନିଜିଗଡ଼ସ୍ଥିତ ପବିତ୍ର ମୋହନ ନୋଡାଲ ବିଦ୍ୟାପୀଠ ଏନସିସିବିଭାଗ ମିଳିତ ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଛି। ପବିତ୍ର ମୋହନ ନୋଡାଲ ବିଦ୍ୟାପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶୀଲ ନନ୍ଦ ଯୋଗଦେଇଥିଲେ। ପବିତ୍ର ମୋହନ ବିଦ୍ୟାପୀଠ ଏବଂ ପ୍ରସନ୍ନପୁରୁଷୋତ୍ତମଦେବ ମହାବିଦ୍ୟାଳୟର ବହୁ ଶିକ୍ଷାର୍ଥୀ ଅଂଶଗ୍ରହଣ କରି ପ୍ରଦର୍ଶିତ ବିଭିନ୍ନ ଯୋଗଗୁଡ଼ିକୁ ଅଭ୍ୟାସ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମକୁ ନୋଡାଲ ବିଦ୍ୟାପୀଠର ଏନସିସି ଶିକ୍ଷକ ପ୍ରମୋଦ ସାହୁ ପରିଚାଳନା କରିଥିଲେ।

**ବଡ଼ମ୍ବା,(ଡି.ଏନ.ଏ.):** ବଡ଼ମ୍ବା ଯୋଗ ସମିତି ପକ୍ଷରୁ ସ୍ଥାନୀୟ ଟେନିସ୍ ପଡ଼ିଆରେ ଯୋଗ ଦିବସ ପାଳିତ ହୋଇଛି। ସମିତି ସଂଯୋଜକ ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିନୀ ବିହାରୀ ମହାନ୍ତି, ଭରତ ନାରାୟଣ ସାହୁ ଓ ଗୋପାଳ କୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ଏବଂ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଏନସିସି କ୍ୟାଡେଟ୍‌ଙ୍କ ଦ୍ୱାରା ଯୋଗ ଦିବସ ପାଳିତ ହୋଇଛି। ଯୋଗଗୁରୁ ସନ୍ତୋଷ ପଟ୍ଟନାୟକ ଓ ଜିତେନ୍ଦ୍ର ମହାରଣା ଯୋଗ ଶିକ୍ଷା ଦେଇଥିଲେ। ମୋହନସୁବୁଦ୍ଧି ମହାବିଦ୍ୟାଳୟ ଅଧକ୍ଷ କୁମାରଶ ରଥ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ।

**ସାଲେପୁର,(ଡି.ଏନ.ଏ.):** ସାଲେପୁରର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଛି। ସ୍ଥାନୀୟ ହାଇସ୍କୁଲ୍ ପଡ଼ିଆଠାରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗଶିକ୍ଷା ଦିଆଯାଇଥିଲା। ସାଲେପୁର ଥାନା ଆଇଆଇସି ଦେବେନ୍ଦ୍ର ମଲ୍ଲିକ, ଶିଶିର ପଣ୍ଡା, ଉମାକାନ୍ତ ଦାଶ, ପ୍ରତାପ ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟାସଦସ୍ୟ ଯୋଗଦେଇ ଯୋଗଶିକ୍ଷା ଲାଭ କରିଥିଲେ। ସେହିପରି ସାଲେପୁରର ଗୋପୀନାଥପୁରସ୍ଥିତ ସାଇସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗଦିବସ ପାଳନ କରାଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଶାନ୍ତ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଆଚାର୍ଯ୍ୟ ମାଧବ ଚନ୍ଦ୍ର ସ୍ୱାଇଁ, ଯୋଗପ୍ରଶିକ୍ଷକ ମାନସ ମାଝି, ଗୋଲକ ଚନ୍ଦ୍ର ଦାସ, ପଦ୍ମନାଭ ମହାରଣା, ଗଗନ ବେହେରା, ରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ।



ଯିଏ ମୋତେ ସର୍ବଦା ଚାହାନ୍ତି ଏବଂ ଶ୍ରଦ୍ଧା ପୂର୍ବକ ମୋର ପୂଜା କରନ୍ତି, ମୁଁ ତାଙ୍କୁ ସେହି ବିବେକ ବୁଦ୍ଧି ପ୍ରଦାନ କରେ, ଯଦ୍ଵାରା ସେ ମୋତେ ସମ୍ପୂର୍ଣ୍ଣ ରୂପେ ପ୍ରାପ୍ତ ହୁଅନ୍ତି। - ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଓଡ଼ିଆ ଯୋଗ ଗୁରୁଙ୍କୁ ଥାଇଲାଣ୍ଡରେ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨୧।୬(ବ୍ୟୁରୋ): ବିଶ୍ୱରେ ଏବେ ଯୋଗର ପ୍ରଚାର ପ୍ରସାର ଚାଲିଛି। ଏ କ୍ଷେତ୍ରରେ ଓଡ଼ିଆ ଯୋଗ ଗୁରୁମାନେ ମଧ ବିଶ୍ୱସ୍ତରରେ ସୁନାମ ଅର୍ଜନ କଲେଣି। ନିକଟରେ ଥାଇଲାଣ୍ଡର ପ୍ରସିଦ୍ଧ ମହିଦୋଲ ବିଶ୍ୱବିଦ୍ୟାଳୟ ତରଫରୁ ଓଡିଆ ଯୋଗଗୁରୁ ଦମ୍ପତି ଡ. ଦୀନେଶ ପ୍ରସାଦ ସ୍ୱାଇଁ ଏବଂ ଡ. ପ୍ରତିଭା ଶ୍ରୀଙ୍କୁ ଆମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଡ. ସ୍ୱାଇଁ କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗ ବିଜ୍ଞାନରେ ପ୍ରଫେସର ରହିଛନ୍ତି। ଯୋଗ ଶିକ୍ଷା ଆନ୍ଦୋଳନକୁ ସେ ସ୍ୱାଗତ କରିବା ସହ ଏ ନେଇ ବୈଜ୍ଞାନିକ, ଦାର୍ଶନିକ ଏବଂ ଆଧାତ୍ମିକତା ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

### ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୧।୬:** ମୋବାଇଲ ଚୋରି ଅଭିଯୋଗରେ ଲାଲବାଗ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଅଞ୍ଚଳର ଚନ୍ଦ୍ରଭାନୁ ସାମଲ(୨୯)। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଏହି ଥାନା ଅନ୍ତର୍ଗତ ସିଦ୍ଧେଶ୍ୱର ସାହିରେ ରହୁଥିବା ପ୍ରତାପ ପଣ୍ଡାଙ୍କ ଘରେ ପଶି ଚନ୍ଦ୍ରଭାନୁ ମୋବାଇଲ ଚୋରି କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଏହା ଦେଖିବା ପରେ ଚନ୍ଦ୍ରଭାନୁଙ୍କୁ କାବୁ କରି ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ। ତାଙ୍କ ଠାରୁ ପୋଲିସ ଏକ ମୋବାଇଲ ଜବତ କରିବା ସହ ଏ ନେଇ ଥାନାରେ ଏକ ମାମଲା ରୁଜୁ କରିଛି।

## ■ ସଫେଇ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ୭ ଦଫା ଦାବିପତ୍ର

# ସମାଧାନ ନ ହେଲେ ଆନ୍ଦୋଳନ

ଆଠଗଡ଼,୨୧।୬(ସ୍ୱ.ପ୍ର.)

ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଛି। ହେଲେ ଏ ପର୍ଯ୍ୟନ୍ତ ସେମାନଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ସଫେଇ କର୍ମଚାରୀ ସଂଘ ପକ୍ଷରୁ ସଭାପତି ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀମାନେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଆଠଗଡ଼ ଉପଜିଲାପାଳ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ କଟକ ଜିଲାପାଳ, ନଗର ଉନ୍ନୟନ ବିଭାଗ ସଚିବଙ୍କ ନିକଟକୁ ଏହାର ଏକକିତା ନକଲ ପଠାଯାଇଛନ୍ତି।



ଆଠଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ସଫେଇ କର୍ମଚାରୀ ସଂଘର କର୍ମକର୍ତ୍ତା।

ଆଗାମୀ ୧୫ ଦିନ ମଧରେ ସମସ୍ୟା ସମାଧାନ ନ ହେଲେ କର୍ମଚାରୀ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥାଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ରରେ ସଫେଇ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ସରକାରଙ୍କ ନିୟମ ମୁତାବକ ଦରମା, ଇପିଏଫ ଟଙ୍କାର ହିସାବ, ପ୍ରତ୍ୟେକ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ୩ ମାସରେ ସ୍ୱାସ୍ଥ୍ୟ ପରୀକ୍ଷା, ଦୁର୍ଘଟଣା ସମୟରେ ସ୍ୱତନ୍ତ୍ର ଆର୍ଥିକ ସହାୟତା, କର୍ମଚାରୀଙ୍କ ଦୈନିକ ଉପସ୍ଥାନ ନିମନ୍ତେ ରେଜିଷ୍ଟରରେ ଦସ୍ତଖତ ସଂଗ୍ରହ କରାଯାଇ ତାକୁ ଆଇନଗତ ମାନ୍ୟତା ପ୍ରଦାନ ଆଦି ଉଲ୍ଲେଖ କରାଯାଇଛି।

ଏ ସମ୍ପର୍କରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା କହିଛନ୍ତି, ସଫେଇ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ନିୟମିତ ଜମା ହୋଇଛି। ୱେବ୍ ସାଇଟ୍‌ରେ ତ୍ରୁଟି ହେତୁ ତାହା ଜଣାପଡିନାହିଁ। ୨୭ତାରିଖ ପରେ ଇପିଏଫ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହୋଇଯିବ। ରାଜ୍ୟର ବହୁ ମ୍ୟୁନିସିପାଲିଟି ଓ ପୌରାଞ୍ଚଳରେ ସଫେଇ କାର୍ଯ୍ୟ ଘରୋଇକରଣ ହୋଇସାରିଲାଣି। ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସଫେଇ କାର୍ଯ୍ୟ ପରିଷଦ ଦ୍ୱାରା କରାଯାଉଛି। ପରବର୍ତ୍ତୀ ସରକାରୀ ଆଦେଶ ଆସିବା ପର୍ଯ୍ୟନ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଚେଷ୍ଟା ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ହୋମିଓପ୍ୟାଥିକ ଔଷଧ ଯୋଗାଣ ବନ୍ଦ

କଟକ ସଦର, ୨୧।୬(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦେଢବର୍ଷ ହେବ ହୋମିଓପ୍ୟାଥିକ ଔଷଧ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଆଉଟଡୋର ରୋଗୀସେବା ବାଧାପ୍ରାପ୍ତ ହେଉଥିବା କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ ନିକଟରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ୨/୩ଜଣ ରୋଗୀ କିଶୋରନଗରସ୍ଥିତ ରାଜକୃଷ୍ଣ ବୋଷ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଆଉଟଡୋର ହୋମିଓପ୍ୟାଥିକ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ମାତ୍ର ଆବଶ୍ୟକ ଔଷଧ ପାଇ ନ ଥିଲେ। କାରଣ ହୋମିଓପ୍ୟାଥିକ ଔଷଧ ଯୋଗାଣ ରାଜ୍ୟ ସରକାର ବନ୍ଦ କରିଦେଇଥିବା ଜଣାପଡିଥିଲା। ପରେ ବାରଦା ଗ୍ରାମର ଅରୂପ ଦତ୍ତଙ୍କ ନେତୃତ୍ୱରେ କେତେଜଣ ସ୍ୱେଚ୍ଛାସେବୀ ଶୁକ୍ରବାର କଟକ ଯାଇ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାଛଡା କନ୍ଦରପୁର, ସୁଭଦ୍ରାପୁର, ତେଲେଙ୍ଗାପେଣ୍ଠସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋମିଓପ୍ୟାଥିକ ଡାକ୍ତର ଥିଲେ ମଧ ଔଷଧ ଆସୁ ନ ଥିବା ଜଣାପଡିଥିଲା। ପୁରୁଣା ରୋଗର ଚିକିତ୍ସା ପାଇଁ ଅନେକ ରୋଗୀ ହୋମିଓପ୍ୟାଥିକ ଔଷଧକୁ ଅଧିକ ପସନ୍ଦ କରୁଥିଲେ ମଧ ଷ୍ଟକ ନ ଥିବାରୁ ମାଗଣା ଔଷଧ ମିଳିପାରୁନାହିଁ ବୋଲି ଦତ୍ତ କହିଛନ୍ତି। ତେଣୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ହୋମିଓପ୍ୟାଥିକ ଔଷଧ ଶୀଘ୍ର ଯୋଗାଣ ପାଇଁ ଦାବି କରାଯାଇଛି। ସରକାର ଦେଉ ନ ଥିବାରୁ ଚାହିଦା ମୁତାବକ ହୋମିଓପ୍ୟାଥିକ ଔଷଧ ଯୋଗାଣ ସମ୍ଭବ ହେଉନାହିଁ ବୋଲି କଟକ ସ୍ଥିତ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି।



କଟକ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଥିଏଟର ମାରାଥନ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ରାତି ଅଛି ଆଉ କିଛି ବାକି'ର ଏକ ଦୃଶ୍ୟ।

## ବାରବାଟୀ-କଟକ ବିଧାୟକଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ, ୨୧।୬

କଟକ ମହାନଗର ଖୁଚୁରା ଡିଲର୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ମୋକିମ ଡିଲର୍ସମାନଙ୍କୁ ଖାଉଟିମାନଙ୍କ ସହିତ ଉତ୍ତମ ସମ୍ପର୍କ ରକ୍ଷା କରିବାକୁ ପରାମର୍ଶ ଦେବା ସହିତ ଡିଲରମାନଙ୍କର ମୌଳିକ ସମସ୍ୟା ସୁଧୁରିବା ଦିଗରେ ସେ ରାଜ୍ୟ ସରକାରଙ୍କ ସହିତ ଯଥା ସମ୍ଭବ ଆଲୋଚନା କରିବେ ବୋଲି କହିଥିଲେ। ଏହି ଆଲୋଚନାରେ ଡିଲର୍ସ ଆସୋସିଏଶନର ପୂର୍ଣ୍ଣ ଚନ୍ଦ୍ର ସେଠୀ, ଶରତ କୁମାର ଜେଠି, ସୁଲତାନ ଖାନ୍, ଦେବେନ୍ଦ୍ର ସାହୁ, ଅଭିମନ୍ୟୁ ନାୟକ, ସାରଦା ପ୍ରସନ୍ନ ମହାନ୍ତି, ବିଜୟ କୁମାର ବୈଶାଖ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଥାନା ହାଜତରେ ଛେଳି

ପୁରୁଣା ଭୁବନେଶ୍ୱର,୨୧।୬ (ଡି.ଏନ.ଏ.)



ଥାନା ହାଜତରେ ଅପରାଧୀଙ୍କୁ ଅଟକ ରଖିବାକୁ କମିଶନରେଟ୍ ପୋଲିସ ପଛାଉଥିବା ବେଳେ ଧଉଳି ଥାନାରେ ଛେଳିକୁ ହାଜତ ଭିତରେ ରଖିବା ଫଟୋ ଭାଇରାଲ ହୋଇଛି। ଖବର ନେବାରେ ଜଣାପଡ଼ିଛି, ନିଆଳି ଥାନା ଅଧୀନ ନୂଆ ବାଜ୍‌ଜା ଗାଁର ସୁଲୋଚନା ବିଶ୍ୱାଳଙ୍କ ଗୁହାଳରୁ ଏକ ଛେଳି ଚୋରି ହୋଇଯିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଅନୁସନ୍ଧାନ ଚଳାଇଥିଲା। ଇତିମଧରେ ଚୋରି କରିଥିବା ଅଭିଯୁକ୍ତ ଛେଳିକୁ ଅଖାରେ ଧରି ଭୁବନେଶ୍ୱରରେ ବିଭିନ୍ନ ଅଞ୍ଚଳରେ ବେପାରୀଙ୍କୁ ବିକ୍ରି କରିବା ଲାଗି ବୁଲୁଥିଲେ। ଯୁବକଙ୍କ ହାବ ଭାବ ଦେଖି ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ ପଚରା ଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଧରିବା ସହ ଛେଳିକୁ ଜବତ କରି ହାଜତରେ ରଖିଥିଲା। ଗୁରୁବାର କମିଶନରେଟ୍ ପୋଲିସ ଅଭିଯୁକ୍ତଙ୍କୁ ନିଆଳି ଥାନା ଜିମା ଦେଇଥିଲା। ହେଲେ ହାଜତରେ ଥିବା ଛେଳି କେଉଁଆଡେ ଗଲା ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଆଇଆଇସି ଜୟଦ୍ୱୀପ ବିଶ୍ୱଜିତଙ୍କୁ ପଚାରିବାରେ ନିଆଳି ଥାନା ଅଞ୍ଚଳରୁ ଜଣେ ବ୍ୟକ୍ତି ଛେଳି ଆଣି ବିକ୍ରି କରିବାକୁ ଉଦ୍ୟମ କରୁଥିବା ସତ। ଆମେ ସେ ଥାନାକୁ ଛେଳି ଓ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରି ଦେଇଛୁ। ହେଲେ ଆମେ ହାଜତରେ ଛେଳି ରଖିବା ଘଟଣା ମିଥ୍ୟା।

# ସୁସ୍ଥ ଶରୀର, ମନ ପାଇଁ ଯୋଗ ଜରୁରୀ

କଟକ ଅଫିସ,୨୧।୬

କଟକ ସ୍ଥିତ ରେଭେନ୍‌ଶା ବାଳିକା ବିଦ୍ୟାଳୟଠାରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଟକର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦ ଜଣ ଓ ବାଳିକା ବିଦ୍ୟାଳୟରୁ ପ୍ରାୟେ ୧୦୦ ଜଣ ଛାତ୍ରୀ ଏଥିରେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ।

**ଡ୍ରିମ୍‌ସ:** ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଏକାଡେମିକ୍ ଭବନରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ତ କୁମାର ଆଚାର୍ଯ୍ୟ, କିଶୋର କୁମାର ପ୍ରଧାନ ଏବଂ ତିର୍ତ୍ତୋଲ କୁମାର ବେହେରା ଯୋଗଦେଇ ସୁସ୍ଥ ଶରୀର ଓ ମନ ପାଇଁ ନିୟମିତ ଯୋଗାଭ୍ୟାସ ଜରୁରୀ ବୋଲି କହିଥିଲେ।

**କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର:** କଲେଜ ଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନ୍ତର୍ଜାତିୟ ଯୋଗ ଦିବସ ପାଳିତ ହୋଇଛି। ଉତ୍କଳ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ସୁଘୋଷ କୁମାର ଦାସ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଶଶୀଭୂଷଣ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ଯୋଗଶିକ୍ଷା କରିଥିଲେ।

**ଧର୍ମ ଜାଗରଣ ସମନ୍ୱୟ:** କଟକ ମହାନଗର ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ଖାନ୍‌ନଗରସ୍ଥିତ ବିଶ୍ୱନାଥ ପଣ୍ଡିତ ପାର୍କଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ମହାନଗର ପ୍ରମୁଖ ମନୋହର ମହନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଗୁରୁ ଶ୍ରୀନିବାସ ପାତ୍ର ଯୋଗ ଓ ପ୍ରାଣାୟାମ ଶିକ୍ଷା ଦେଇଥିଲେ।

**କାଜିବଜାର ବାଳିକା ଉଚ୍ଚବିଦ୍ୟାଳୟ:** କଟକ କାଜିବଜାର ବାଳିକା ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ କଟକ ଜିଲା କ୍ରୀଡ଼ା ଭାରତୀ ପକ୍ଷରୁ ଅନ୍ତର୍ଜାତିୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ପୂର୍ବପ୍ରାନ୍ତଃ କ୍ରୀଡା ଭାରତୀ ଅଧକ୍ଷ ଡ. ଅଶୋକ କୁମାର ନାୟକ, ଉପାଧକ୍ଷ ପ୍ରତାପ କିଶୋର ସିଂହ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୭୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇ ସୂର୍ଯ୍ୟ ନମସ୍କାର, ପଦ୍ମାସନ, ଯୋଗମୁଦ୍ରା ଆଦି ପ୍ରଦର୍ଶନ କରିଥିଲେ।

**ସମୀଚୀନ ଅନୁଷ୍ଠାନ:** ସାମାଜିକ ଅନୁଷ୍ଠାନ 'ସମୀଚୀନ' ଆନୁକୂଲ୍ୟରେ ମର୍କତନଗରଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଜିଲା ଉତ୍କଳ ସମ୍ମିଳନୀର ସଭାପତି ଡା. ରବି ରଞ୍ଜନ ସାହୁ, ଅନ୍ୟତମ ଅତିଥି ଭାବେ ଡ. ପରିଣୀତା ଦାସ ଯୋଗଦେଇଥିଲେ। ଡ. ରେଣୁକା ପରିଜା, ସଂଯୁକ୍ତା ବେହେରା, ଡ. ପବିତ୍ର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଖ୍ରୀଷ୍ଟ କଲେଜ:** ଖ୍ରୀଷ୍ଟ କଲେଜରେ ଅନୁଷ୍ଠିତ ଯୋଗ ଶିବିରକୁ ଅଧକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଛାତ୍ରୀଛାତ୍ର, ଅଧାପିକାଅଧାପକ କର୍ମଚାରୀମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ ଅଧାପିକା ସୁଜାତା ଜେନା।

**ବିଡ଼ାନାସୀ ଗାୟତ୍ରୀ ଶକ୍ତିପୀଠ:** ଉକ୍ତ ପୀଠରେ ଅନୁଷ୍ଠିତ ଯୋଗ ଦିବସକୁ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରାୟ ୮୦ ଜଣ ପରିଜନ ଭାଗ ନେଇଥିଲେ।

**ଷ୍ଟିୱାର୍ଟ ବିଜ୍ଞାନ କଲେଜ:** ଷ୍ଟିୱାର୍ଟ ବିଜ୍ଞାନ କଲେଜ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। କଲେଜ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଫିସର ଲେଫ୍‌ଟନାଣ୍ଟ ଅକ୍ଷୟ କୁମାର ଦାଶ ଏବଂ ସମରେଶ ଦାସଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସମର ଶିକ୍ଷାର୍ଥୀ ବାହିନୀ ଏବଂ ଛାତ୍ର ଯୋଗାଭ୍ୟାସ କରିଥିଲେ।

**ଅଭୀପ୍‌ସା:** ଖାନ୍‌ନଗରସ୍ଥିତ ବିଶ୍ୱନାଥ ପଣ୍ଡିତ ପାର୍କଠାରେ ଅଭୀପ୍‌ସା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଛି। ଅଭୀପ୍‌ସାର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଗୌତମ ଚନ୍ଦ୍ର କର, ଆଶିଷ କୁମାର ସାହୁ ଯୋଗଦେଇଥିଲେ।

**ମହିଳା ପତଞ୍ଜଳି ଯୋଗପୀଠ:** ମହିଳା ପତଞ୍ଜଳି ଯୋଗପୀଠ ଆନୁକୂଲ୍ୟରେ ମହାନଦୀବିହାରଠାରେ ଶିକ୍ଷୟିତ୍ରୀ ଇତିଶ୍ରୀ ନନ୍ଦଙ୍କ ପୌରୋହିତ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହାକୁ ମତ୍ସ୍ୟ ବିଭାଗର ବରିଷ୍ଠ ପ୍ରଶାସକ ପ୍ରମୋଦ କୁମାର ଦାଶ ଉଦ୍‌ଘାଟନ କରି ଯୋଗାଭ୍ୟାସ ଦ୍ୱାରା ବ୍ୟକ୍ତିର ଶାରୀରିକ, ମାନସିକ, ବୌଦ୍ଧିକ ତଥା ଆଧାତ୍ମିକ ବିକାଶ ହୋଇଥାଏ ବୋଲି କହିଥିଲେ। ବିପନ ପ୍ରଧାନ ଓ ନିର୍ମଳ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଡାକଲେଖା କାର୍ଯ୍ୟାଳୟ:** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଡାକଲେଖା ଭବନ ମହାନଦୀ ବିହାର କାର୍ଯ୍ୟାଳୟ ପରିସରରେ ଭବନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶଙ୍କ ମାର୍ଗଦର୍ଶନରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ରାକେଶ କୁମାର ସାହୁ ପ୍ରଶିକ୍ଷଣ ଦେଇଥିଲେ।

**ରଘୁନାଥଜୀଉ କଲେଜ:** ଦେଉଳସାହିସ୍ଥିତ ରଘୁନାଥଜୀଉ କଲେଜରେ ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଓ ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଏନ୍‌ଏସ୍‌ଏସ୍ ୟୁନିଟ୍ ତରଫରୁ ଜିଲାସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖବରଦାତା ଅରୁଣ କୁମାର ପଣ୍ଡା, ମୁଖ୍ୟବକ୍ତା ସାମାଜିକ କର୍ମୀ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଯୁଧିଷ୍ଠିର ଖଟୁଆ ଓ ସାଗରିକା ଯୋଗଦେଇଥିଲେ।

**ଚୌଦ୍ୱାର,(ଡି.ଏନ୍.ଏ):** ଚୌଦ୍ୱାର ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହାକୁ ମହାବିଦ୍ୟାଳୟର ଅଧକ୍ଷା ସ୍ମୃତି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଶିବାନନ୍ଦ ଆଶ୍ରମର ଯୋଗଗୁରୁ ଅଂଶୁମାନ ମହାପାତ୍ର ଓ ଦେବାଶିଷ ନାୟକ ଯୋଗଦେଇ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ୟୁଥ୍ ରେଡକ୍ରସ ଓ ରୋଭର୍ସ ରେଞ୍ଜର୍ସର ୟୁନିଟ୍ ଅଧିକାରୀ ଅଧାପକ ବସନ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଧାପକ ସୁଶିଲ କୁମାର ପ୍ରଧାନ, ଅଧାପକ ସୁମନ୍ତ ସାହୁ, ଅଧାପିକା ମମତା ସାହୁ, ଅନୁପମା ତ୍ରିପାଠୀ, ନିବେଦିତା ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ଓ ୫୦ଜଣ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେହିପରି ଚାରବାଟିଆ ହାଉସିଂବୋର୍ଡ ସ୍ଥିତ ଗାୟତ୍ରୀ ପରିବାର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ଚୌଦ୍ୱାର ଗାନ୍ଧୀଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ ପ୍ରଦର୍ଶନ କରାଯାଇଥିଲା।



ଦେଉଳସାହିସ୍ଥିତ ରଘୁନାଥଜୀଉ କଲେଜ ପରିସରରେ ଅନୁଷ୍ଠିତ ଯୋଗ ଶିବିର।



ଡ୍ରିମସ ପରିସରରେ ଅନୁଷ୍ଠିତ ଶିବିରରେ ଯୋଗ ପ୍ରଦର୍ଶନ କରାଯାଉଛି।



ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ଯୋଗ ଶିବିର।









ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇନ୍‌ଡୋର ହଲ୍, ବାରବାଟୀ ଯୋଗ ଆସୋସିଏଶନ ପକ୍ଷରୁ ଗଡ଼ଖାଇ ପରିସରସ୍ଥ ଭିଲେଜ ଗ୍ରାଉଣ୍ଡ ଓ ଓଡ଼ିଶା ହାଇକୋର୍ଟ ବାର୍ କନଭେନ୍‌ସନ ହଲ୍‌ରେ ଅନୁଷ୍ଠିତ ଯୋଗ ଶିବିର।



ଯିଏ ମୋତେ ସର୍ବଦା ଚାହାନ୍ତି ଏବଂ ଶ୍ରଦ୍ଧା ପୂର୍ବକ ମୋର ପୂଜା କରନ୍ତି, ମୁଁ ତାଙ୍କୁ ସେହି ବିବେକ ବୁଦ୍ଧି ପ୍ରଦାନ କରେ, ଯଦ୍ୱାରା ସେ ମୋତେ ସମ୍ପୂର୍ଣ୍ଣ ରୂପେ ପ୍ରାପ୍ତ ହୁଅନ୍ତି। - ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଓଡ଼ିଆ ଯୋଗ ଗୁରୁଙ୍କୁ ଥାଇଲାଣ୍ଡରେ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୧।୬(ବ୍ୟୁରୋ)-** ବିଶ୍ୱରେ ଏବେ ଯୋଗର ପ୍ରଚାର ପ୍ରସାର ଚାଲିଛି। ଏ କ୍ଷେତ୍ରରେ ଓଡ଼ିଆ ଯୋଗ ଗୁରୁମାନେ ମଧ୍ୟ ବିଶ୍ୱସ୍ତରରେ ସୁନାମ ଅର୍ଜନ କଲେଣି। ନିକଟରେ ଥାଇଲାଣ୍ଡର ପ୍ରସିଦ୍ଧ ମହିଦୋଲ ବିଶ୍ୱବିଦ୍ୟାଳୟ ତରଫରୁ ଓଡିଆ ଯୋଗଗୁରୁ ଦମ୍ପତି ଡ. ଦୀନେଶ ପ୍ରସାଦ ସ୍ୱାଇଁ ଏବଂ ଡ. ପ୍ରତିଭା ଶ୍ରୀଙ୍କୁ ଆମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଡ. ସ୍ୱାଇଁ କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗ ବିଜ୍ଞାନରେ ପ୍ରଫେସର ରହିଛନ୍ତି। ଯୋଗ ଶିକ୍ଷା ଆନ୍ଦୋଳନକୁ ସେ ସ୍ୱାଗତ କରିବା ସହ ଏ ନେଇ ବୈଜ୍ଞାନିକ, ଦାର୍ଶନିକ ଏବଂ ଆଧାତ୍ମିକତା ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

### ଖୋର୍ଦ୍ଧାରେ ନକଲି, ଅଶ୍ଳୀଳ ସିଡୀ କାରବାର

**ଖୋର୍ଦ୍ଧା ଅଫିସ,୨୧।୬:** ଖୋର୍ଦ୍ଧା ସହରର ଅଧିକାଂଶ ସିଡୀ ଦୋକାନରେ ନକଲି ଓ ଅଶ୍ଳୀଳ ସିଡୀ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସବୁ ଜାଣି ଚୁପ ରହିଛି। ଏହି କାରବାର ଚଳାଇବା ପାଇଁ ପ୍ରତି ମାସରେ ହାତଗୁଞ୍ଜା କାରବାର ହେଉଥିବା ଅଭିଯୋଗ ହେଉଛି। ଗତ ୨୦୧୧ ଜୁନ ୯ ଚଢ଼ାଉ ପରେ ପୋଲିସ ଆଉ ଚଢ଼ାଉ କରି ନ ଥିବା ଜଣାପଡିଛି। ୨୦୧୧ରେ ସହରର ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ୨ ହଜାର ଅଶ୍ଳୀଳ ସିଡୀ ସମେତ ୧୨ହଜାର ନକଲି ସିଡୀ ଜବତ କରାଯାଇଥିଲା। ନକଲି ସିଡୀ ପ୍ରସ୍ତୁତ କରିବା ଓ ବିକ୍ରି କରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଥିଲା।

### କୃଷି ବିଭାଗ ପକ୍ଷରୁ ବିହନ ବିଶୋଧନ କାର୍ଯ୍ୟକ୍ରମ

**ନିରାକାରପୁର, ୨୧।୬ (ଡି.ଏନ୍.ଏ.)-** କୃଷି ଓ ଖାଦ୍ୟ ଉତ୍ପାଦନ କାର୍ଯ୍ୟାଳୟ ଓଡିଶା, ଭୁବନେଶ୍ୱର ନିର୍ଦ୍ଦେଶରେ ଟାଙ୍ଗୀ ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ଡିଆ ପଞ୍ଚାୟତସ୍ଥ କାଶୀପୁରଠାରେ ଗୁରୁବାର ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ବ୍ଲକ କୃଷି ଅଧିକାରୀ ବିଜୟକୁମାର ମହାନ୍ତି ଯୋଗଦେଇ ଶୁଖିଲା ବିହନ ଓ ଆର୍ଦ୍ର ବିହନ ବିଶୋଧନ ଆଦି ସମ୍ପର୍କରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସ୍ଥାନୀୟ କୃଷକ ସାଥି ନିରଞ୍ଜନ ରାଉତରାୟ ଓ ମାଧବ ପାଟଶାଣୀ । ଶେଷରେ ଗ୍ରାମସେବକ ପ୍ରତାପ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

### ମୌସୁମୀ ଆଗମନ: ଧାନଚାଷ ପାଇଁ ପ୍ରସ୍ତୁତି

#### ତୁରନ୍ତ ରାସ୍ତା ମରାମତି ଦାବି

**ବୋଲଗଡ଼,୨୧।୬(ଡି.ଏନ୍.ଏ.)-** ମୌସୁମୀ ଆଗମନର ପୂର୍ବାଭାସ ସ୍ୱରୂପ ବୋଲଗଡ଼ ବ୍ଲକ ଅଞ୍ଚଳରେ ଗୁରୁବାର ରାତିରୁ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି । ବିଳମ୍ବରେ ହେଲେ ମଧ ବର୍ଷାର ଆଗମନକୁ ଦେଖି ଚାଷୀମାନେ ଧାନଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତେବେ ପାଣିପାଗ ବିଭାଗ ତରଫରୁ ବର୍ଷା ପରିମାଣ ହ୍ରାସ ପାଇବା ସୂଚନା ଚାଷୀଙ୍କୁ ଚିନ୍ତିତ କରିଛି। ଅନ୍ୟ ପକ୍ଷରେ ନିର୍ମାଣାଧୀନ ରାସ୍ତା କାର୍ଯ୍ୟଗୁଡିକ ଶେଷ ହୋଇପାରିନାହିଁ। ତେଣୁ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟଗୁଡ଼ିକୁ ତୁରନ୍ତ ସାରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ବିଶେଷ ଭାବେ ରାଜସୁନାଖଳା-ଧଳାପଥର ପୂର୍ତ୍ତ ରାସ୍ତାଟି ବାଙ୍କୋଇ ନିକଟରେ ପ୍ରାୟ ୧ କିମି ଅଞ୍ଚଳ ପର୍ଯ୍ୟନ୍ତ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଅଧିକ ବର୍ଷା ହେବା ପୂର୍ବରୁ ଏହି ରାସ୍ତାକାମଗୁଡ଼ିକୁ ଶେଷ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବା ପାଇଁ ଲୋକେ ଅନୁରୋଧ କରିଛନ୍ତି।

## ■ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧକ ସାଜିଛି ଜଙ୍ଗଲ ଜମି

# ପଟ୍ଟା ନ ହେବାରୁ ଫେରିଗଲା ୧୦ ଲକ୍ଷ ଟଙ୍କା

**ଖୋର୍ଦ୍ଧା ଅଫିସ,୨୧।୬**

■ ଏନ୍‌ଜିଓ ଗଢ଼ିଥିବା ସ୍କୁଲ ଗୃହ ଭାଙ୍ଗି ଦେଲା ବାତ୍ୟା

■ ଗାଁ ଲୋକଙ୍କ ବାରଣ୍ଡାରେ ପାଠ ପଢୁଛନ୍ତି ପିଲା

ରାଜଧାନୀର ଉପକଣ୍ଠରେ ଥାଇ ମଧ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଜଙ୍ଗଲ ଜମି ବାଧକ ସାଜିଛି। ପ୍ରଶାସନିକ ସହଯୋଗ ମିଳୁ ନ ଥିବାରୁ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଛତାବର ପଞ୍ଚାୟତ କନ୍ଦଲେଇ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣ ପାଇଁ ଆସିଥିବା ୧୦ ଲକ୍ଷ ଟଙ୍କା ଫେରିଯାଇଛି। ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ପାଇଁ ନୂଆଦିଲ୍ଲୀର ଏକ ଏନ୍‌ଜିଓ ତିଆରି କରିଥିବା ସ୍କୁଲ ଗୃହକୁ ବାତ୍ୟା ଫନୀ ଭାଙ୍ଗି ଦେବା ପରେ ଛାତ୍ରୀଛାତ୍ର ପୁଣି ହଇରାଣ ହୋଇ ଗାଁଲୋକଙ୍କ ବାରଣ୍ଡାରେ ପାଠ ପଢ଼ିବାକୁ ବାଧ ହୋଇଛନ୍ତି। ଏଭଳିସ୍ଥଳେ ଶୁକ୍ରବାର ସ୍କୁଲ ଖୋଲିବା ପରେ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବାରଣ୍ଡାରେ ପାଠପଢ଼ା ଆରମ୍ଭ ହୋଇଛି। ଶୁକ୍ରବାର ମୌସୁମୀ ବର୍ଷା ଲାଗି ରହିଥିବାରୁ ଛାତ୍ରୀଛାତ୍ର ହଇରାଣର ସମ୍ମୁଖୀନ ହୋଇଛନ୍ତି।

କନ୍ଦଲେଇ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଅଟେ। ଏଠାକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଗାଁଟି ବ୍ଲକ କାର୍ଯ୍ୟାଳୟ ଜଟଣୀଠାରୁ ୨୦ କିମି, ଜିଲା କାର୍ଯ୍ୟାଳୟ ଖୋର୍ଦ୍ଧାରୁ ୧୮ କିମି ଦୂର ଓ ରାଜ୍ୟ ରାଜଧାନୀ ଭୁବନେଶ୍ୱରରୁ ୩୨ କିମି ଦୂରରେ ରହିଛି। ଏଠାରେ ବିଦ୍ୟାଳୟ ନ ଥିଲା। ଛାତ୍ରୀଛାତ୍ର ୩ କିମି ଦୂର ବିଞ୍ଝଗିରି ଯାଇ ପାଠ ପଢୁଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢା ଜନିତ ସମସ୍ୟାକୁ ଏଡାଇବା ପାଇଁ ଆଦିବାସୀ ଲୋକ ବାରମ୍ବାର ସରକାରଙ୍କୁ ଅବଗତ କରାଇଥିଲେ। ଶେଷରେ ଶିକ୍ଷା ବିଭାଗ କନ୍ଦଲେଇ ପାଇଁ ୨୦୧୬। ୨୦୧୩ରେ ଏକ ସ୍କୁଲ ଖୋଲିଥିଲେ ମଧ ଏହା ବିଞ୍ଝଗିରି ସ୍କୁଲରେ ଆଟାଚ୍ ହୋଇ ଚାଲିଥିଲା। ସମସ୍ୟାରେ କିଛି ପରିବର୍ତ୍ତନ ନ ଆସିବାରୁ ଗାଁଲୋକ ଚୁପ ହୋଇ ରହିଲେ। କିଛିବର୍ଷ ତଳେ ନୂଆଦିଲ୍ଲୀର ଆଶ୍ରା ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କେତେଜଣ ସଦସ୍ୟ କନ୍ଦଲେଇ ଗାଁକୁ ସମସ୍ୟା ଅନୁଧ୍ୟାନ ପାଇଁ ବୁଲି ଆସିଥିଲେ। ଗାଁଲୋକଙ୍କ ସମସ୍ୟା ବୁଝୁ ବୁଝୁ ଶିକ୍ଷା ସମସ୍ୟା ନଜରକୁ ଆସିଥିଲା। ଗାଁରେ ଏକ ସ୍କୁଲ ଗୃହ ନିର୍ମାଣ କରିବାକୁ ଗାଁଲୋକ ଏନ୍‌ଜିଓ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ଏନଜିଓ ପକ୍ଷରୁ ସହାୟତାର ହାତ ବଢ଼ାଇ ୨ ବଖରା ଶ୍ରେଣୀଗୃହ, ଶୌଚାଳୟ ଓ ରୋଷ ଘର ନିର୍ମାଣ କରାଯାଇଥିଲା। ୨୦୧୫-୧୬ ଶିକ୍ଷାବର୍ଷରେ ବିଞ୍ଝଗିରିରୁ କନ୍ଦଲେଇକୁ ସ୍କୁଲ ସ୍ଥାନାନ୍ତର ହୋଇଥିଲା। ତେବେ ସ୍କୁଲ ଜମିର କିସମ ପରିବର୍ତ୍ତନ ହୋଇ ପାରି ନ ଥିଲା। ଜଙ୍ଗଲ ଜମିରୁ କିସମ ପରିବର୍ତ୍ତନ କରିବାକୁ ଗାଁ ଲୋକ ବାରମ୍ବାର ଆବଦେନ କରିଥିଲେ ହେଁ ଏଯାବତ ସୁଫଳ ମିଳିନାହିଁ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଫାଇଲ ଅଟକି ପଡି ରହିଛି। ଇତିମଧ୍ୟରେ ବାତ୍ୟା ଫନୀ ସ୍କୁଲର ଦୁଇ ଆଜବେଷ୍ଟସ ଶ୍ରେଣୀ ଭାଙ୍ଗି ଦେଲା। ଏନ୍‌ଜିଓ ପୁଣି ଭଙ୍ଗା ଘରକୁ ଛାତ ପକାଇ ସାରିଛି। ତେବେ ଅଳ୍ପଦିନ ହେଲା ଛାତ ପଡିଥିବାବେଳେ ଘରର କାର୍ଯ୍ୟ ପୁଣି ବକେୟା ରହିଛି। ଏଭଳିସ୍ଥଳେ ସ୍କୁଲ ଗ୍ରୀଷ୍ମ ଅବକାଶ ପରେ ଖୋଲି ସାରିଛି। ତେବେ ସ୍କୁଲ ଗୃହ ନ ଥିବାରୁ ଛାତ୍ରୀଛାତ୍ର ଲୋକଙ୍କ ବାରଣ୍ଡାରେ ବସି ପଢୁଛନ୍ତି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବାବେଳେ ୨୦ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ତେବେ ସ୍କୁଲ ଜମିର କିସମ ପରିବର୍ତ୍ତନ ହୋଇଗଲେ ସ୍କୁଲ ସମସ୍ୟା ସମାଧାନ ହୋଇଯିବ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି।



ସ୍କୁଲ ଘର ଭାଙ୍ଗି ଯାଇଥିବାରୁ ଲୋକଙ୍କ ବାରଣ୍ଡାରେ ବସି ପିଲାମାନେ ପଢୁଛନ୍ତି ।

## ■ ଜଟଣୀ ପଞ୍ଚାୟତ ସମିତି ବୈଠକ ସରଗରମ

# ନିର୍ବାଚିତ ପ୍ରତିନିଧିଙ୍କୁ ଉପେକ୍ଷା ଅଭିଯୋଗ

**ଜଟଣୀ,୨୧।୬(ଡି.ଏନ.ଏ.):** ନିୟମିତ ବୈଠକ ହେଉ ନ ଥିବା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଆସୁଥିବା ସରକାରୀ ଫଣ୍ଡ ସଂକ୍ରାନ୍ତରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଉନାହିଁ। ବୈଠକରେ ଆଲୋଚନା କରା ନ ଯାଇ ଲୁଚାଛପାରେ ବିଭିନ୍ନ କାର୍ଯ୍ୟ କରାଯିବା ଆଦି ବିଷୟକୁ ନେଇ ଶୁକ୍ରବାର ଅନୁଷ୍ଠିତ ଜଟଣୀ ବ୍ଲକ ପଞ୍ଚାୟତ ସମିତି ବୈଠକ ସରଗରମ ହୋଇଥିଲା। ଏପରି କାର୍ଯ୍ୟକଳାପକୁ ନେଇ ଅସନ୍ତୁଷ୍ଟ ନିର୍ବାଚିତ ପ୍ରତିନିଧିମାନେ ପାଟିତୁଣ୍ଡ କରିଥିଲେ। ବିଡିଓ ଓ ବ୍ଲକ ପ୍ରଶାସନକୁ ଦାୟୀ କରି ସମିତି ବୈଠକରେ ପ୍ରତିବାଦ କରିଥିଲେ। ଏ ନେଇ ଛଣଘର ପଞ୍ଚାୟତ ସରପଞ୍ଚ ସୁନୀଲ ରାଉତରାୟ ଓ ବିଧାୟକଙ୍କ ବ୍ଲକ ପ୍ରତିନିଧି ବିଜୟ ଛୋଟରାୟ କୁହନ୍ତି, ପ୍ରତି ଦୁଇମାସରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବା ପରିବର୍ତ୍ତେ ୯ ମାସ ପରେ ଏହା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା କରା ନ ଯାଇ ଲୁଚାଛପାରେ କରାଯିବା ପଛର କାରଣ କ'ଣ ବୋଲି ଅନେକ ସରପଞ୍ଚ ଓ ସମିତିସଭ୍ୟ ବୈଠକରେ ପ୍ରଶ୍ନ ଉଠାଇଥିଲେ। ଏଥିରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ପାତରଅନ୍ତର ନୀତି ଅବଲମ୍ବନ ନ କରି ଦଳମତ ନିର୍ବିଶେଷରେ ସବୁ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ବ୍ଲକର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବିଡିଓ ବାସୁଦେବ ମାହାରୀ, ବ୍ଲକ ଅଧକ୍ଷା ବନଜା ଜେନା, ଏମ୍‌ପି ପ୍ରତିନିଧି ରବିନାରାୟଣ ସ୍ୱାଇଁଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାରପିଟ୍ କରି ଲୁଟ୍

**ଖୋର୍ଦ୍ଧା ଅଫିସ,୨୧।୬**

ଖୋର୍ଦ୍ଧା ସଦର ଥାନାର ଦେଉଳଟାଙ୍ଗି ପେଟ୍ରୋଲ ପମ୍ପ ନିକଟରେ ୧୫ ହଜାର ଓ ଏକ ଦାମୀ ମୋବାଇଲ ଗୁରୁବାର ସନ୍ଧ୍ୟାରେ ମାରପିଟ୍ କରି ଲୁଟ୍ ହୋଇଛି। କାଇପଦରର ପ୍ରସନ୍ନ ପାଇକରାୟଙ୍କ ପୁଅ ସରୋଜ ଓ ତାଙ୍କ ସାଙ୍ଗ ପ୍ରତାପ ପ୍ରଧାନ ବାଇକ ଯୋଗେ ଫେରୁଥିଲେ। ଏହି ସମୟରେ କାଇପଦରର ଦିବ୍ୟରଞ୍ଜନ ପାଇକରାୟ, ପିଇସି ପୁଅ ଭାଇ ଅନ୍ୟ ଜଣେ ମାରପିଟ୍ କରି ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ କୁ ଭିତ୍ତି କରି ପୋଲିସ ନଂ. ୮୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧକରି ଧାରଣା

**ବେଗୁନିଆ,୨୧।୬(ଡି.ଏନ.ଏ.):**

ବେଗୁନିଆ ବ୍ଲକ ସିକୋ ଗାଁର ଚନ୍ଦ୍ରଶେଖରପୁର ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିବା ନେଇ ଗାଁରେ ଅସନ୍ତୋଷ ଦେଖାଦେଇଛି। ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ମିଶି ଶୁକ୍ରବାର ସ୍କୁଲ ଖୋଲିବା ସମୟ ପୂର୍ବରୁ ସମ୍ମୁଖରେ ଧାରଣା ଦେଇ ଥିଲେ। ଏପରିକି ସେମାନେ ଅପରାହ୍ନ ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ। ମାତ୍ର ଧାରଣାକାରୀମାନଙ୍କ ନିକଟକୁ କେହି ଜଣେ ହେଲେ ପ୍ରଶାସନିକ ଅଧିକାରୀ ଆସି ନ ଥିଲେ। ସୂଚନାଥାଉ କି ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷରେ ମାତ୍ର ୨୨ ଜଣ ପିଲା ପଢୁଛନ୍ତି। ତେବେ ସରକାରୀ ନିୟମାନୁସାରେ ଉକ୍ତ ବିଦ୍ୟାଳୟକୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଅଶିକ୍ଷିତ ହୋଇଯିବେ ବୋଲି ଗ୍ରାମବାସୀ ଖୋର୍ଦ୍ଧା ଜିଲାପାଳ ଏବଂ ବିଇଓଙ୍କୁ ଅବଗତ କରାଇଥିଲେ। ହେଲେ କୌଣସି ସୁଫଳ ପାଇ ନ ଥିଲେ।



ଧାରଣାରତ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ।

## ଘର ଭଙ୍ଗା ତାଲିକା : ବାତ୍ୟା ବିପନ୍ନ ବଦଳରେ ଧନୀ ଲୋକ

**ଖୋର୍ଦ୍ଧା ଅଫିସ,୨୧।୬**

ଖୋର୍ଦ୍ଧା ତହସିଲ ଖୋର୍ଦ୍ଧା ଆରଆଇ ଅଫିସ ଅନ୍ତର୍ଗତ ତାପଙ୍ଗ ପଞ୍ଚାୟତ ଅଣ୍ଡା ଗାଁରେ ଘର ଭଙ୍ଗା ତାଲିକାରେ ବାତ୍ୟା ବିପନ୍ନଙ୍କୁ ବାଦ୍ ଦେଇ କ୍ଷତିଗ୍ରସ୍ତ ହୋଇ ନ ଥିବା ଛାତ ଘରେ ରହୁଥିବା ସ୍ୱଚ୍ଛଳବର୍ଗ ଲୋକଙ୍କ ନାମ ରହିଛି। ଅଭିଯୋଗ, ପ୍ରତିବାଦ ପରେ ବାତ୍ୟା ବିପନ୍ନଙ୍କ ନାଁ ସାମିଲ ହୋଇ ପାରି ନ ଥିବା ଖୋର୍ଦ୍ଧା ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ତେବେ ଅନିୟମିତତାକୁ ଲୁଚାଇବାକୁ ଯାଇ କାଁ ଭାଁ କିଛି ବାତ୍ୟା ବିପନ୍ନଙ୍କ ନାଁକୁ ରଖାଯାଇଛି। ଯେଉଁମାନଙ୍କର ଘର ଭାଙ୍ଗିଛି ଏଥିରୁ କେତେଜଣ ଲୋକ ଏଯାବତ ସ୍ଥାନୀୟ ସ୍କୁଲ ବାରଣ୍ଡା ଓ ଅନ୍ୟମାନେ ଲୋକଙ୍କ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ତେବେ ସେମାନଙ୍କର ସମସ୍ୟାକୁ ପ୍ରଶାସନ ନ ଦେଖି ସବୁକିଛି ଠିକ୍‌ଠାକ ରହିଛି ଦର୍ଶାଇ ଚୁପ ହୋଇ ବସି ରହିଛି। ଏଭଳିସ୍ଥଳେ ନିରପେକ୍ଷ ତଦନ୍ତ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସାମିଲ କରିବାକୁ ଗଣେଶ ରାଉତରା ଓ ପ୍ରତାପ ରାଉତରା ଦାବି କରିଛନ୍ତି।

## ■ ଜଟଣୀ ମୁଖ୍ୟ ସଡ଼କପଥ ପାଲଟିଛି ମରଣଯନ୍ତା

# ବିପଦସଙ୍କୁଳ ଭାବେ ଯାନବାହନ ଚଳାଚଳ

**ଜଟଣୀ,୨୧।୬(ଡି.ଏନ.ଏ.)**

ଜଟଣୀ ମୁଖ୍ୟରାସ୍ତା ମରଣଯନ୍ତା ପାଲଟିଛି। ଖୋର୍ଦ୍ଧାରୁ ପିପିଲିକୁ ସଂଯୋଗ କରୁଥିବା ଜଟଣୀର ଏହି ପ୍ରମୁଖ ସଡ଼କପଥର ଏପରି ଅବସ୍ଥା ଦେଖି ସହରର ୱାର୍ଡ ଭିତର ରାସ୍ତାଗୁଡ଼ିକ କିପରି ରହିଥିବ ଏଥିରୁ ଅନୁମାନ କରିହେବ। ମୁଖ୍ୟ ରାସ୍ତାର ବ୍ଲକ ଛକରୁ ସୀତାରାମ ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଆଗରୁ ଯାହା ଯେମିତି ଲୋକେ ଯାତାୟାତ କରୁଥିଲେ। ଏବେ ବର୍ଷା ଆରମ୍ଭ ହୋଇଗଲାଣି। ସୃଷ୍ଟି ହୋଇଥିବା ଗର୍ତ୍ତରେ ବର୍ଷାପାଣି ଜମି ରହିବା ଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ସଡ଼କପଥର ଉଭୟପାର୍ଶ୍ୱରେ ଥିବା ଡ୍ରେନ୍‌ର ଉଚ୍ଚତା ରାସ୍ତାରୁ ଅଧିକ ରହିଛି। ଫଳରେ ବର୍ଷାପାଣି ଆଣ୍ଠୁଏ ଉଚ୍ଚର ରାସ୍ତା ଉପରେ ପ୍ରବାହିତ ହେଉଛି। ଗୋଟିଏ ପକ୍ଷରେ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ରହିବା ସହ ଏହା ଉପରେ ପାଣି ପ୍ରବାହିତ ହେଉଥିବାରୁ ବିପଦସଙ୍କୁଳ ଭାବେ ଯାନବାହନ ଚଳାଚଳ କରୁଛି। କାରଣ ରାସ୍ତା ଉପରେ ପାଣି ଚାଲିବା ଦ୍ୱାରା ଉପରକୁ ଏହି ଗର୍ତ୍ତ ଜଣାପଡୁନାହିଁ। ବିଶେଷକରି ବାଇକ୍ ଚାଳକମାନେ ପାଣିରେ ବୁଡ଼ି ରହିଥିବା ଗର୍ତ୍ତରେ ପଡ଼ି ଖଣ୍ଡିଆ ଖାବର ହେବା ଦୈନିକ ଘଟଣାରେ ପରିଣତ ହେଲାଣି। ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଥିବାରୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସେହିପରି ଏହି ବିଭାଗ ଅଧୀନରେ ଥିବା ସର୍ଦ୍ଦାର ପଟେଲ ମାର୍ଗ ଭଳି ଅନ୍ୟତମ ପ୍ରମୁଖ ରାସ୍ତାର ଗୋପବନ୍ଧୁ ଛକରୁ ଆରମ୍ଭ କରି ଅନେକ ସ୍ଥାନରେ ଖାଲଢ଼ିପରେ ପରିଣତ ହୋଇଛି। ଏହାଛଡ଼ା ମ୍ୟୁନିସିପାଲିଟି ଅଧୀନରେ ଥିବା ବିଭିନ୍ନ ୱାର୍ଡର ରାସ୍ତାଗୁଡ଼ିକ ଶୋଚନୀୟ ଅବସ୍ଥାରେ ରହିଛି। ଏଣୁ ଏଥିପ୍ରତି ଉଭୟ ପୂର୍ତ୍ତ ବିଭାଗ ଓ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ରବୀନ୍ଦ୍ର ପ୍ରସାଦ ମିଶ୍ର, ସାମାଜିକ କର୍ମୀ ପ୍ରମୋଦ ହରିଚନ୍ଦନ, ବିଧାୟକଙ୍କ ପ୍ରତିନିଧି ଲକ୍ଷ୍ମୀଧର ବିଶ୍ୱାଳ ଦାବି କରିଛନ୍ତି।



ଜଟଣୀ ସହରାଞ୍ଚଳ ରାସ୍ତା କାଦୁଅରେ ପରିପୂର୍ଣ୍ଣ ।

# ଫିଟ୍ ରହିବାର ଫର୍ମୁଲା ଯୋଗ

**ଖୋର୍ଦ୍ଧା ଅଫିସ,୨୧।୬**

ରୋଗମୁକ୍ତ ଜୀବନ ଯାପନ ଓ ନିଜକୁ ଫିଟ୍ ରଖିବା ସମସ୍ତଙ୍କ ଇଚ୍ଛା। ହେଲେ ମସଲା ଯୁକ୍ତ ତୈଳ ଜାତୀୟ ଖାଦ୍ୟ ପ୍ରଦୂଷଣ, କର୍ମକ୍ଷେତ୍ରରେ ଚାପ, ପାରିବାରିକ ସମସ୍ୟା ପରି ବିଭିନ୍ନ କାରଣ ଯୋଗୁ ଲୋକଙ୍କ ଜୀବନ ଦୁର୍ବିଷହ ହୋଇପଡୁଛି। କମ୍ ବୟସରେ ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରୁଛି। ମାରାତ୍ମକ ରୋଗ ଦେଖା ଦେଉଛି। ଔଷଧ ଏସବୁ ରୋଗକୁ ମୁକ୍ତି ଦେଇପାରୁନି। ଏଭଳି ସମସ୍ୟାରେ ଘାଣ୍ଟି ହେଉଥିବା ଲୋକଙ୍କ ପାଇଁ ଯୋଗ ଆଣି ଦେଇଛି ଆଶାର କିରଣ। ଯୋଗ ଦ୍ୱାରା ମାନସିକ ଚାପ ହଟିବା ସହ ଶାରୀରିକ ଫୁର୍ତ୍ତି ହୋଇ ପାରୁଥିବାରୁ ଏଥିପ୍ରତି ଆସ୍ଥା ବଢ଼ିବାରେ ଲାଗିଛି। ଏପରିସ୍ଥଳେ ଜୁନ୍ ୨୧ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସରେ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ଯୋଗ ଦିବସ ପାଳନ କରାଯାଇ ଫିଟ୍ ରହିବାର ଫମୁଲା ହେଉଛି ଯୋଗ ବୋଲି କୁହାଯାଇଛି। ପତଞ୍ଜଳି ଯୋଗପୀଠ ଖୋର୍ଦ୍ଧାର ସମସ୍ତ ଯୋଗ ସାଧକ ସାଧିକା ଭାଇ ଭଉଣୀମାନଙ୍କ ଦ୍ୱାରା ଶୁକ୍ରବାର ଖୋର୍ଦ୍ଧା ସହରର ଗୀତା ଭବନ, ସରସ୍ୱତୀ ଶିଶୁମନ୍ଦିର, ଡ଼ିଏଫ୍‌ଓ ଅଫିସ୍, ଏଲ୍‌ଆଇସି ଅଫିସ୍, ସିଡ଼ିଏମ୍‌ଓ ଅଫିସ, ଗାନ୍ଧୀ ଇଞ୍ଜିନିୟରିଂ କଲେଜ, ରାଇଟ୍ ଇଞ୍ଜିନିୟରିଂ କଲେଜ, ଅମିତ କଲେଜ, ରାମ ମନ୍ଦିର ଓ ଜାଗୁଲାଇ ପାଟଣାଠାରେ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଯୋଗ ପ୍ରୋଟୋକଲ୍‌କୁ ଅଭ୍ୟାସ କରାଯାଇଥିଲା। ଏହାଛଡ଼ା କେରଙ୍ଗ, ବେଗୁନିଆ, ନିରାକାରପୁର, ରାମେଶ୍ୱର ଆଦି ସ୍ଥାନଗୁଡିକରେ ଯୋଗ ଶିକ୍ଷାକୁ ଅଭ୍ୟାସ କରାଯାଇଥିଲା। ପତଞ୍ଜଳି ଯୋଗ ସମିତିର ଖୋର୍ଦ୍ଧା ଜିଲା ପ୍ରଭାରୀ ସୀତାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗୌରାଙ୍ଗ ମଣ୍ଡଳ, ନୃସିଂହ ମହାପାତ୍ର, ପ୍ରମୋଦ ସାହୁ, ଫକୀର ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ, ଲଳିତ ସ୍ୱାଇଁ, ନଗେନ୍ଦ୍ର ଚମ୍ପତି, ବିଜୟ ମହାନ୍ତି, ପ୍ରହ୍ଲାଦ ସାହୁ, ଭୀମସେନ ବିହାରୀ, ବିପ୍ର ଚରଣ ବେଉରା, ଜ୍ୟୋତି ରଞ୍ଜନ ସାହୁ, ଇତିଶ୍ରୀ ସାହୁ ଏବଂ ମଧୁଲିତା ସୁନ୍ଦରାୟ ପ୍ରମୁଖ ବିଭିନ୍ନ କେନ୍ଦ୍ରମାନଙ୍କୁ ଯାଇ ଯୋଗ ଶିକ୍ଷା ଦେଇଥିଲେ। ଜାଗୁଲାଇ ପାଟଣାଠାରେ ବରିଷ୍ଠ ନାଗରିକ ବୈକୁଣ୍ଠନାଥ ମହାପାତ୍ର ଯୋଗ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ଖୋର୍ଦ୍ଧା ସହରର ଗୋଡିପୋଖରୀସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ସିଡିଏମ୍‌ଓ ବିଜୟ କୁମାର ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଯୋଗ ଦିବସକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମାକୁମାରୀ ସେବାକେନ୍ଦ୍ର ସଞ୍ଚାଳିକା ଅନୁରାଧା ଭଉଣୀ ଯୋଗଦେଇ ରାଜଯୋଗର ମେଡିଟେଶନ ଉପରେ ଟିପ୍ପଣୀ ଦେଇଥିଲେ। ବ୍ରହ୍ମାକୁମାର ଜୟକୃଷ୍ଣ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡା. ପି.କେ. ପଣ୍ଡା, ସ୍ନେହଲତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

**ଜଟଣୀ, (ଡି.ଏନ.ଏ.):** ଜଟଣୀର ବିଭିନ୍ନ ସ୍ଥାନରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଜଟଣୀସ୍ଥିତ ଆଇଆଇଟି ପରିସର, ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ର, ଜଟଣୀ ବରିଷ୍ଠ ନାଗରିବ ମଞ୍ଚ କାର୍ଯ୍ୟାଳୟ, ଖଣ୍ଡୁଆଳି ମନ୍ଦିର ଯୋଗ ଉଦ୍ୟାନ ପରିସରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଏହି ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗର ଉପକାରିତା ଉପରେ ଉପସ୍ଥିତ ଯୋଗଗୁରୁମାନେ ମତ ରଖିଥିଲେ। ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଖୋର୍ଦ୍ଧାରୋଡ଼ ରେଲୱେ ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ଏଥିରେ ଡିଭିଜନର ଡିଆର୍‌ଏମ୍ ଶଶୀକାନ୍ତ ସିଂଙ୍କ ସମେତ ଅନେକ ଅଧିକାରୀ କର୍ମଚାରୀ ଯୋଗ ଦେଇଥିଲେ। ସେହିପରି ଆଇଆଇଟିରେ ଏହାର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାରଙ୍କ ସହିତ ଅନେକ ବିଦ୍ୟାର୍ଥୀ, ଫାକ୍‌ଲିଟି, କର୍ମଚାରୀ ସାମିଲ ହୋଇ ଯୋଗ ପ୍ରଶିକ୍ଷଣରେ ଭାଗ ନେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫୁଲ୍ଲ ବିଶ୍ୱାଳ ଓ ସମ୍ପାଦକ ରବୀନ୍ଦ୍ର ପ୍ରସାଦ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ସେହିପରି ପତଞ୍ଜଳି ଯୋଗ ସମିତିର ସ୍ଥାନୀୟ ସଭାପତି କୈଳାସ ଚନ୍ଦ୍ର ଖଣ୍ଡେଲୱାଲଙ୍କ ଆବାହକତ୍ୱରେ ଏହି ଦିବସ ପାଳିତ ହୋଇଥିଲା।

**କୃଷ୍ଣପ୍ରସାଦ (ଡି.ଏନ୍.ଏ.)**-ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଡିଏଭି ପବ୍ଲିକ ସ୍କୁଲ ପରିସରସ୍ଥ ଯୋଗ ଶିବିରରେ ଶିକ୍ଷାର୍ଥୀମାନେ ଯୋଗ ଶିକ୍ଷା ଗ୍ରହଣ କରିଥିଲେ । ପ୍ରଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଯୋଗ ଶିଖାଇଥିବା ବେଳେ ବିଦ୍ୟାଳୟର ଅଧକ୍ଷ ଧର୍ମପଦ ପଲେଇ ଯୋଗର ମହତ୍ୱ ସମ୍ପର୍କରେ ବୁଝାଇ ଥିଲେ । ବିଚିତ୍ର ବୈରୀଗଞ୍ଜନ, ବିଦ୍ୟାଧର ପଲେଇ, ହଳଧର ବେହେରା, ପ୍ରବୀର ଚନ୍ଦ୍ର ଦାସ, ସଚ୍ଚିଦାନନ୍ଦ ଜେନା, ରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ନିରାକାରପୁର:** ଖୋର୍ଦ୍ଧା ଜିଲା ନିରାକାରପୁରଠାରେ ପତଞ୍ଜଳି ଯୋଗ ଶିବିର ପକ୍ଷରୁ କଲେଜ ପଡିଆ ପ୍ରାଙ୍ଗଣରେ ଯୋଗ ଦିବସ ପାଳିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ଶ୍ରୀଦେବୀ ଶୁକ୍ଳଯଜୁର୍ବେଦ କାଣୁକା ବେଦପାଠଶାଳାର ଅଧକ୍ଷ ଡ. କୃପାସିନ୍ଧୁ ପଣ୍ଡା ଉପସ୍ଥିତ ଥିଲେ। ଯୋଗଗୁରୁ କୃଷ୍ଣକେଶବ ମହାପାତ୍ର ଓ ସର୍ବେଶ୍ୱର ପଲେଇ ଶିବିର ପରିଚାଳନା କରିଥିଲେ । ମଳିପଡ଼ାର ବାଙ୍ଗୁର ଶିକ୍ଷାସଦନର ପ୍ରଧାନ ଶିକ୍ଷକ ଡ. ଗୌରହରି ମିଶ୍ର ଓ ବିବ୍ୟସିଂହପୁରସ୍ଥ ବେଦଶାଳାର ପ୍ରଧାନାଚାର୍ଯ୍ୟ ଡ. କୃପାସିନ୍ଧୁ ପଣ୍ଡାଙ୍କ ନେତୃତ୍ୱରେ ଯୋଗଦିବସ ପାଳିତ ହୋଇଯାଇଛି ।

**ବୋଲଗଡ଼(ଡି.ଏନ.ଏ.)**-ବୋଲଗଡ଼ ବ୍ଲକ ଅଞ୍ଚଳର ଗେଡ଼ିଆପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ ଯୋଗାଭ୍ୟାସ କରିଥିଲେ । ଏନ୍‌ସିସି ଅଧିକାରୀ ଶିକ୍ଷକ ଦିବାକର ସାହୁ ଯୋଗ ତାଲିମ ଦେଇଥିଲେ । ରାଜସୁନାଖଳା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରଠାରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ସେହିପରି ବାଙ୍କୋଇସ୍ଥିତ ତାରେଶ୍ୱରଦେବଙ୍କ ପୀଠରେ ମଧ ଯୋଗାଭ୍ୟାସ କରାଯାଇଥିଲା।



ଖୋର୍ଦ୍ଧାରେ ସ୍କୁଲ ପିଲାଙ୍କ ଦ୍ୱାରା ଯୋଗ କରାଯାଉଛି।



ଜଟଣୀରେ ଅନୁଷ୍ଠିତ ଯୋଗାଭ୍ୟାସ ।



ବୋଲଗଡ଼ରେ ଛାତ୍ରୀମାନେ ଯୋଗ କରୁଛନ୍ତି ।



କୃଷ୍ଣପ୍ରସାଦରେ ଯୁବକମାନେ ଯୋଗ ପ୍ରଶିକ୍ଷଣ ନେଉଛନ୍ତି ।



ଯିଏ ମୋତେ ସର୍ବଦା ଚାହାନ୍ତି ଏବଂ ଶ୍ରଦ୍ଧା ପୂର୍ବକ ମୋର ପୂଜା କରନ୍ତି, ମୁଁ ତାଙ୍କୁ ସେହି ବିବେକ ବୁଦ୍ଧି ପ୍ରଦାନ କରେ, ଯଦ୍ଦ୍ୱାରା ସେ ମୋତେ ସମ୍ପୂର୍ଣ୍ଣ ରୂପେ ପ୍ରାପ୍ତ ହୁଅନ୍ତି।

- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଗୋପ ବ୍ଲକ ପ୍ରଶାସନର ଅବହେଳା
## ବର୍ଷାରେ ଛିଡ଼ାହୋଇ ବିପନ୍ନ ନେଲେ ସହାୟତା ରାଶି

ଗୋପ,୨୧।୬(ଡି.ଏନ୍.ଏ.): ଗୋପ ବ୍ଲକ ପ୍ରଶାସନ ଓ ବ୍ୟାଙ୍କର ଅବହେଳା ନେଇ ଫନୀରେ ସର୍ବସ୍ୱ ହରାଇଥିବା ବିପନ୍ନମାନେ ଶୁକ୍ରବାର ଘଣ୍ଟା ଘଣ୍ଟା କାଳ ବର୍ଷାରେ ଓଦା ହୋଇ ସହାୟତା ରାଶି ନେଇଥିବା ଦେଖିବାକୁ ମିଳିଛି। ବିପନ୍ନମାନେ ବ୍ଲକ ପ୍ରଶାସନକୁ ଦାୟୀ କରିଥିବାବେଳେ ଏକାସଙ୍ଗେ ଏତେ ଲୋକଙ୍କୁ ଟଙ୍କା ଦେବାକୁ ହେଲେ ସମୟ ଦରକାର ବୋଲି ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି। ପ୍ରକାଶ ଯେ, ବ୍ଲକ ପକ୍ଷରୁ ରାଶନ କାର୍ଡ ଯୋଜନାରେ ଅନ୍ତର୍ଭୁକ୍ତ ବିପନ୍ନମାନଙ୍କୁ ରାଜ୍ୟ ସରକାର ଘୋଷଣା କରିଥିବା ଏକ ହଜାର ସହାୟତା ରାଶିକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ବଣ୍ଟନ ହେବାକୁ ଥିବାବେଳେ ଗତ ବୁଧବାର ବିପନ୍ନମାନେ ଟଙ୍କା ନ ପାଇ ଫେରିଥିଲେ। ଗୁରୁବାର ଏହି ଟଙ୍କା ଦିଆଯିବ ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ମିଳିବା ପରେ ବିପନ୍ନମାନେ ଲମ୍ବାଧାଡ଼ିରେ ଠିଆ ହୋଇଥିଲେ ମଧ ଅପରାହ୍ନ ୫ଟାରେ ଟଙ୍କା ପଞ୍ଚାୟତରେ ପହଞ୍ଚିଥିଲା। ବଣ୍ଟନ ଦାୟିତ୍ୱରେ ଥିବା ଶିକ୍ଷକମାନେ ଅଳ୍ପ କିଛି ଟଙ୍କା ବାଣ୍ଟି ଥିବାବେଳେ ଶୁକ୍ରବାର ଟଙ୍କା ଦିଆଯିବ ବୋଲି କହିବା ପରେ ବିପନ୍ନମାନେ ନିରାଶରେ ଫେରିଥିଲେ। ଶୁକ୍ରବାର ସକାଳ ୧୦ଟା ବେଳକୁ ଏହି ସହାୟତା ରାଶି ବଣ୍ଟନ ହେଉଥିଲେ ମଧ ଗୋପ ବ୍ଲକ୍ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ବିପନ୍ନମାନେ ବର୍ଷାରେ ଛିଡା ହୋଇ ଏକ ହଜାର ଟଙ୍କା ସହାୟତା ରାଶି ନେଇଥିଲେ। ମାତ୍ର ଏକ ହଜାର ଟଙ୍କା ପାଇଁ ବିପନ୍ନମାନେ ତିନିଦିନ ଧରି ହନ୍ତସନ୍ତ ହେବାରୁ ସେମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ବ୍ଲକର ୩୧ଟି ପଞ୍ଚାୟତର ସମସ୍ତ ୩୬ ହଜାର ୩୨୩ଜଣ ବିପନ୍ନଙ୍କୁ ଗୋଟିଏଥରେ ଟଙ୍କା ବଣ୍ଟନ କରାଯାଇଥିବାରୁ ବିଳମ୍ବ ନିଶ୍ଚିତ ହେବ ବୋଲି ସେ କହିଥିଲେ।

## ସତ୍ୟବାଦୀ ଗୌରବ ରଖିବାକୁ ଆହ୍ୱାନ



ସାକ୍ଷୀଗୋପାଳ,୨୧।୬(ଡି.ଏନ.ଏ.): ସତ୍ୟବାଦୀ ବ୍ଲକରେ ଖୋଲିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନିଜକୁ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ତଥା ଆଦର୍ଶ ବିଦ୍ୟାଳୟର କାମଚଳା ଅଧକ୍ଷ ଧ୍ରୁବଚରଣ ଦାଶ ନୂଆକରି ଖୋଲିଥିବା ବିଦ୍ୟାଳୟ ଗୃହ ନିର୍ମାଣ କାମ ଶେଷ ହୋଇ ନ ଥିବାରୁ ଅସ୍ଥାୟୀ ଭାବେ ବିଦ୍ୟାଳୟ ସତ୍ୟବାଦ ଉଚ୍ଚ ବିଦ୍ୟାଳୟରେ ପାଠପଢ଼ା ହେବ ବୋଲି କହିଥିଲେ। ନବାଗତ ପିଲାମାନଙ୍କୁ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧରେ ଏବିଓ ଅର୍ତତ୍ରାଣ ମିଶ୍ର, ତ୍ରିଲୋଚନ ପ୍ରଧାନ ଓ ପ୍ରମୋଦା କୁମାରୀ ଦାସ ଯୋଗ ଦେଇଥିଲେ। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଆଦର୍ଶ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧକ୍ଷା ଭବମ୍ ପ୍ରଧାନ ଉତ୍ସବରେ ଅଧକ୍ଷତା କରିଥିଲେ। ଉତ୍ସବକୁ ପରିଚାଳନା କରିଥିଲେ ସାଧନ କେନ୍ଦ୍ର ସଂଯୋଜକ ସେମାନାଥ ନନ୍ଦ। ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ମଧରେ ସତ୍ୟବାଦୀ, କଣାସ, ଡେଲାଙ୍ଗ, ପୁରୀ, ଗୋପ ଆଦି ବ୍ଲକର ୭୬ ଜଣ ବିଦ୍ୟାଳୟରେ ନାମ ଲେଖାଇଛନ୍ତି।

### ଛୁଇଁଲା ମୌସୁମୀ, ବଢ଼ିବ ବର୍ଷା
# ମରାମତି ହେଲାନି ରତ୍ନଭଣ୍ଡାର

**ମହାପ୍ରଭୁଙ୍କ ରତ୍ନଅଳଙ୍କାରକୁ ଅଣଦେଖା**

ପୁରୀ ଅଫିସ, ୨୧।୬

ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନଅଳଙ୍କାର ରହିଛି ରତ୍ନଭଣ୍ଡାରରେ। ଶେଷ ଥର ପାଇଁ ୧୯୮୫ ମସିହାରେ ଖୋଲାଯାଇଥିଲା ଭିତର ରତ୍ନଭଣ୍ଡାର। ଦୀର୍ଘବର୍ଷ ହେଲାଣି ରତ୍ନଭଣ୍ଡାର ଗୃହର ସ୍ଥିତି ଯାଞ୍ଚ ହୋଇନାହିଁ। ତେଣୁ ରତ୍ନଭଣ୍ଡାର ଖୋଲାଯାଇ ଗୃହର ସ୍ଥିତି ଯାଞ୍ଚ କରାଯିବ। ଏ କଥା ଅନ୍ୟ କେହି ନୁହେଁ ଶ୍ରୀମନ୍ଦିର ବୁଝାଶୁଝା ପାଇଁ ରହିଥିବା ପରିଚାଳନା କମିଟି ହିଁ କହିଥିଲା। ଏହି ଅନୁଯାୟୀ ଗତବର୍ଷ ଏପ୍ରିଲ ୪ରେ ରତ୍ନଭଣ୍ଡାର ଖୋଲିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଥିଲା। ହେଲେ ବହୁ ଆଡମ୍ବରେ ଲଘୁକ୍ରିୟା ସଦୃଶ ବାହାର ଭଣ୍ଡାରରୁ ଫେରି ଆସିଥିଲେ ଯାଞ୍ଚ ଟିମ୍। କୁହାଯାଇଥିଲା ଭିତର ଭଣ୍ଡାର ଖୋଲିବା ଆବଶ୍ୟକ ପଡିଲାନି। ବାହାର ଭଣ୍ଡାରରୁ ଭିତର ଭଣ୍ଡାର ସ୍ଥିତି ପରଖାଯାଇଥିଲା। ବାହାର ଭଣ୍ଡାରର କାନ୍ଥ ଓଦା ରହିଥିବା ବେଳେ ପ୍ଲାଷ୍ଟର ଦୁର୍ବଳ ଜଣାପଡୁଥିଲା। ହେଲେ ଇତିମଧ୍ୟରେ ବର୍ଷେରୁ ଊର୍ଦ୍ଧ୍ୱ ବିତିଗଲାଣି, ଏ ପର୍ଯ୍ୟନ୍ତ ଭିତର ଭଣ୍ଡାର ଖୋଲାଗଲାନି କି ଆବଶ୍ୟକ ମରାମତି ହେଲାନି। ଓଡ଼ିଶାକୁ ମୌସୁମୀ ପ୍ରବେଶ କଲାଣି, ପୁଣି ବର୍ଷା ବଢିବ। ହେଲେ ଭଣ୍ଡାର ଘର ମରାମତି ହୋଇ ନ ଥିବାରୁ ପୁଣି ପାଣି ଗଳିବା ଆଶଙ୍କା ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନଅଳଙ୍କାର ପ୍ରତି ସରକାରଙ୍କ ଏଭଳି ଅଣଦେଖାକୁ ନେଇ ଉଠିଛି ପ୍ରଶ୍ନ।

୨୦୧୮ ମାର୍ଚ୍ଚ ୨୦ରେ ବସିଥିଲା ପରିଚାଳନା କମିଟି ବୈଠକ। ଏଏସ୍ଆଇ କର୍ତ୍ତୃପକ୍ଷ ଏବଂ ରତ୍ନଭଣ୍ଡାରରୁ ପାଣି ଗଳୁଥିବା ନେଇ କେତେଜଣ ସେବାୟତଙ୍କ ସୂଚନାକୁ ଆଧାର କରି କମିଟିରେ ରତ୍ନଭଣ୍ଡାର ଗୃହ ସ୍ଥିତି ଯାଞ୍ଚ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଦୀର୍ଘବର୍ଷ ହେବ ଏହା ଖୋଲାଯାଇ ନ ଥିବାରୁ ଘରର ସ୍ଥିତି ଯାଞ୍ଚ କରାଯିବ। ରତ୍ନଭଣ୍ଡାର ସବ୍ କମିଟି ଉପସ୍ଥିତିରେ ଉକ୍ତ ଗୃହ ଖୋଲାଯିବ ବୋଲି ବୈଠକରେ ଚୂଡ଼ାନ୍ତ ହୋଇଥିଲା। ହେଲେ ଏହାକୁ ନେଇ ଦେଖାଦେଇଥିଲା ବିବାଦ। ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତିକୁ କିଛି ସଙ୍ଗଠନ ବିରୋଧ କରିଥିଲେ। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ ହୋଇଥିଲା। ଏହାର ଶୁଣାଣି କରି ରତ୍ନଭଣ୍ଡାର ଗୃହ ସ୍ଥିତି ଯାଞ୍ଚ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ ଶ୍ରୀମନ୍ଦିର ପ୍ରଶାସନ ରତ୍ନଭଣ୍ଡାର ଖୋଲିବାକୁ ଅନୁମତି ପ୍ରଦାନ ଲାଗି ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲା। ରାଜ୍ୟ ସରକାର ମଧ ରତ୍ନଭଣ୍ଡାର ଗୃହର ସ୍ଥିତି ଯାଞ୍ଚ କରିବା ପାଇଁ ଅନୁମତି ଦେଇଥିଲେ। ହେଲେ ଏଥିଲାଗି ଏକାଧିକ ସର୍ତ୍ତ ରଖିଥିଲେ। ଯଥାସମ୍ଭବ କମ୍ ଲୋକ ଭିତରକୁ ଯିବେ, ଭିତରକୁ ଯିବାକୁ ଥିବା ବ୍ୟକ୍ତିମାନେ କୌଣସି ଧାତବ ପଦାର୍ଥ ପିନ୍ଧିବେ ନାହିଁ। ସେମାନଙ୍କୁ ଯାଞ୍ଚ କରି ଭିତରକୁ ଛଡାଯିବ ଏବଂ ଫେରିବା ବେଳେ ମଧ ଯାଞ୍ଚ କରାଯିବା ଭଳି ସର୍ତ୍ତ ରଖିଥିଲେ। ଏହାପରେ ରତ୍ନଭଣ୍ଡାର ସବ୍ କମିଟି ବୈଠକ ବସିଥିଲା। କେବଳ ରତ୍ନଭଣ୍ଡାର କାନ୍ଥ ଓ ଛାତର ସ୍ଥିତିକୁ ଅନୁଧାନ କରାଯିବ। ଅଳଙ୍କାର ଓ ଆସବାବପତ୍ରକୁ କେହି ଛୁଇଁବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ପରେ ଛତିଶା ନିଯୋଗ ବୈଠକରେ ତାରିଖ ଏବଂ ଏଥିପାଇଁ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଡିଓର (ଏସ୍ଓପି) ପ୍ରସ୍ତୁତ ହୋଇଥିଲା। କିନ୍ତୁ ଖୋଲାଯାଇ ପାରି ନ ଥିଲା ଭିତର ରତ୍ନଭଣ୍ଡାର ।

ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନା କହିଥିଲେ, ବାହାର ଭଣ୍ଡାର ଘରର କାନ୍ଥ ଓ ଛାତ ଯାଞ୍ଚ ସମୟରେ କାନ୍ଥ ଓଦା ଥିବା ଜଣାପଡିଥିଲା। ପରେ ଜଣାପଡିଥିଲା ଭିତରଭଣ୍ଡାର ଚାବି ହଜିଯାଇଥିବାରୁ ତାହା ଖୋଲାଯାଇ ପାରି ନ ଥିଲା। ଏହାକୁ ନେଇ ବେଶ୍ ତୁମ୍ଫିତୋଫାନ ହୋଇଥିଲା। ରାଜ୍ୟ ସରକାରଙ୍କୁ ଘେରିଥିଲେ ବିରୋଧୀ। ସରକାର ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କୁ କମିଶନ ଭାବେ ନିଯୁକ୍ତ କରାଯାଇଥିଲା। ଗତବର୍ଷ ନଭେମ୍ବର ୨୮ ତାରିଖରେ କମିଶନ ୩୨୪ ପୃଷ୍ଠା ସମ୍ବଳିତ ପୂର୍ଣ୍ଣାଙ୍ଗ ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିସାରିଛନ୍ତି। ତଥାପି ସରକାର ଭଣ୍ଡାର ଘର ଖୋଲିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାଦ୍ୱାରା ଭଣ୍ଡାର ଘର ଏବଂ ଏହା ମଧରେ ଥିବା ଦୁର୍ମୂଲ୍ୟ ସମ୍ପଦ ଏବେ ଅସୁରକ୍ଷିତ ହୋଇଉଛି। କ'ଣ ପାଇଁ ରାଜ୍ୟ ସରକାର ଭଣ୍ଡାରଘର ଖୋଲିବାରେ ପଛଘୁଞ୍ଚା ଦେଉଛନ୍ତି, କାହିଁକି ମହାପ୍ରଭୁଙ୍କ ରତ୍ନଅଳଙ୍କାର ପ୍ରତି ଅଣଦେଖା କରାଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଥାଉ କି, ଶ୍ରୀମନ୍ଦିରର ବାହାର ଭଣ୍ଡାର ବର୍ଷକୁ ଏକାଧିକଥର ଖୋଲାଯାଏ।

### ଟ୍ରାକ୍ଟର ଓଲଟି ଯୁବକଙ୍କ ମୃତ୍ୟୁ ଘଟଣା
## କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ



ସୁକଳ ଗ୍ରାମବାସୀ ପୁରୀ-ଶରଣକୁଳ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରିଛନ୍ତି।

ସାକ୍ଷୀଗୋପାଳ,୨୧।୬(ଡି.ଏନ.ଏ.)

ଫନୀ ପ୍ରଭାବିତ ସତ୍ୟବାଦୀ ବ୍ଲକର ଶୁକଳ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମର ଯୁବକମାନେ ଏକ ଟ୍ରାକ୍ଟର ଯୋଗେ ବିଦ୍ୟୁତ୍ ଖୁଣ୍ଟ ଆଣୁଥିଲେ। ଏହି ଟ୍ରାକ୍ଟର ଓଲଟି ପଡିବାରୁ ଗୁରୁବାର ସୁଶାନ୍ତ ବରାଳଙ୍କ ମୃତ୍ୟୁ ଘଟିଥିଲା। ସୁଶାନ୍ତଙ୍କ ପରିବାରକୁ କ୍ଷତି ପୂରଣ ଦାବିରେ ଗ୍ରାମବାସୀ ଶୁକ୍ରବାର ସକାଳୁ ପୁରୀ-ଶରଣକୁଳ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରିଥିଲେ। ଗ୍ରାମର ଶତାଧିକ ମହିଳାଯୁବକ ଶୁକଳ ଛକ ନିକଟରେ ରାସ୍ତା ଉପରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଧାରଣା ଦେଇ ବସି ରହିବା ଫଳରେ ଯାନବାହାନ ଚଳଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବହୁ ସଂଖ୍ୟାରେ ଯାତ୍ରୀବାହୀ ବସ୍, ଟ୍ରକ ଦିନତମାମ ରାସ୍ତା ଉପରେ ଅଟକି ରହିଥିଲା। ଖବରପାଇ ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ଥାନା ଆଇଆଇସି ତପନ କୁମାର ରାଉତ ପ୍ରମୁଖ ରାସ୍ତାରୋକୋ କରିଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଅଞ୍ଚଳରେ କାମ କରୁଥିବା ଠିକାଦାର ପକ୍ଷରୁ ମୃତ ଯୁବକଙ୍କ ପରିବାରକୁ ଏକ ଲକ୍ଷ ଟଙ୍କା, ରେଡ଼କ୍ରସରୁ ପ୍ରଥମେ ଅନ୍ତେଷ୍ଟିକ୍ରିୟା ପାଇଁ ୧୦ ହଜାର ଓ ପରେ ଆଉ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ନେଇ ଆଲୋଚନାକ୍ରମେ ସିଦ୍ଧାନ୍ତ କରାଯାଇଥିଲା। ପରିବାର ମଙ୍ଗଳ ଯୋଜନା, ତାଙ୍କ ସ୍ତ୍ରୀଙ୍କୁ ଭତ୍ତା ଓ ବିଡିଓଙ୍କ ସହ ଆଲୋଚନା କରି ଗ୍ରାମୀଣଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବା ସହ ଦୁର୍ଘଟଣାଗ୍ରସ୍ତ ବୀମା କ୍ଷତିପୂରଣ ଦିଗରେ ସହାୟତା କରିବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଜବରଦଖଲକାରୀଙ୍କୁ ହଟାଇପାରିଲାନି ପୋଲିସ

ଗୋପ,୨୧।୬(ଡି.ଏନ୍.ଏ.)



ବେଣୀପୁର ବିଦ୍ୟାଳୟରେ ଥିବା ବିପନ୍ନଙ୍କୁ ପୋଲିସ ବୁଝାଶୁଝା କରୁଛି।

ସାମୁଦ୍ରିକ ଝଡ଼ ଫନୀ ପରେ ସର୍ବସ୍ୱ ହରାଇ ଗୋପ ବ୍ଲକ୍ ଅଧୀନ ବେଣୀପୁର ଗ୍ରାମର ଜନୈକ ବିପନ୍ନ ବେଣୀପୁର ପ୍ରାଥମିକ ବିଦ୍ୟାଳୟରେ ପରିବାର ସହ ଗୋରୁ ରଖି ରହିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସ୍କୁଲ ଘର ଛାଡୁ ନଥିବାରୁ ଗୋପ ପୋଲିସକୁ ହଟହଟା ହେବାକୁ ପଡୁଥିବାବେଳେ ଶୁକ୍ରବାର ସ୍କୁଲ ଆସିଥିବା ଶିକ୍ଷକ ଓ ଛାତ୍ରୀଛାତ୍ରମାନେ କେବଳ ସ୍କୁଲ ଆସିବା ସାର ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଏହି ବିପନ୍ନଙ୍କୁ ବୁଝାଇଥିଲେ ମଧ ସେ ଶୁଣି ନ ଥିଲେ। ଫଳରେ ବେଣୀପୁର ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଫନୀ ପରେ ବେଣୀପୁର ଗ୍ରାମର ଶତାଧିକ ବିପନ୍ନ ବେଣୀପୁର ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିଲେ। ପରେ ଆଶ୍ରୟକାରୀମାନେ ନିଜ ନିଜ ଘରକୁ ବାହୁଡୁଥିବାବେଳେ ସେହି ଗ୍ରାମର ଉକ୍ତ ବିପନ୍ନ ସପରିବାର ସହ ଏପର୍ଯ୍ୟନ୍ତ ଏହି ସ୍କୁଲରେ ଆଶ୍ରୟ ନେଇଛି। ସରକାର ୨୧ ତାରିଖରେ ସ୍କୁଲ ଖୋଲିବା ନେଇ ବିଜ୍ଞପ୍ତି ପ୍ରକାଶ କରିବା ପରେ ଗୋପ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ଜବରଦଖଲକାରୀଙ୍କ ବିରୋଧରେ ଗୋପ ଥାନାରେ ଏକ ଅଭିଯୋଗପତ୍ର ଦେଇଥିଲେ। ପୋଲିସ୍ ବାରମ୍ବାର ଘଟଣାସ୍ଥଳରେ ପହଞ୍ଚି ଜବରଦଖଲକାରୀଙ୍କୁ ବୁଝାଶୁଝା କରିଥିଲେ ମଧ ଏଯାବତ କୌଣସି ସୁଫଳ ମିଳିପାରି ନାହିଁ। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ରଙ୍କୁ ପଚାରିବାରୁ କେବଳ ଜବରଦଖଲକାରୀ ବିରୋଧରେ ଆମେ ଥାନାରେ ଅଭିଯୋଗ କରିଛୁ ବୋଲି କହିବା ସହ ଅଲଗା ପ୍ରଶ୍ନଗୁଡ଼ିକୁ ଏଡ଼ାଇ ଦେଇଥିଲେ।

## ଓଡ଼ିଆ ଯୋଗ ଗୁରୁଙ୍କୁ ଥାଇଲାଣ୍ଡରେ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** ବିଶ୍ୱରେ ଏବେ ଯୋଗର ପ୍ରଚାର ପ୍ରସାର ଚାଲିଛି। ଏ କ୍ଷେତ୍ରରେ ଓଡ଼ିଆ ଯୋଗ ଗୁରୁମାନେ ମଧ ବିଶ୍ୱସ୍ତରରେ ସୁନାମ ଅର୍ଜନ କଲେଣି। ନିକଟରେ ଥାଇଲାଣ୍ଡର ପ୍ରସିଦ୍ଧ ମହିଦୋଲ ବିଶ୍ୱବିଦ୍ୟାଳୟ ତରଫରୁ ଓଡିଆ ଯୋଗଗୁରୁ ଦମ୍ପତି ଡ. ଦୀନେଶ ପ୍ରସାଦ ସ୍ୱାଇଁ ଏବଂ ଡ. ପ୍ରତିଭା ଶ୍ରୀଙ୍କୁ ଆମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଡ. ସ୍ୱାଇଁ କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗ ବିଜ୍ଞାନରେ ପ୍ରଫେସର ରହିଛନ୍ତି। ଯୋଗ ଶିକ୍ଷା ଆନ୍ଦୋଳନକୁ ସେ ସ୍ୱାଗତ କରିବା ସହ ଏ ନେଇ ବୈଜ୍ଞାନିକ, ଦାର୍ଶନିକ ଏବଂ ଆଧାତ୍ମିକତା ସମ୍ପର୍କ ଉପରେ ଆଲୋକପାତ କରିଥିଲେ।



## ହିରୋ ବାଇକ୍ ଓ ସ୍କୁଟରର ବଜାର ପ୍ରବେଶ



ପୁରୀ ଅଫିସ, ୨୧।୬

ପୁରୀରେ ହିରୋ ମୋଟୋକର୍ପ ଲିମିଟେଡର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ୍ସଟ୍ରିମ୍ ୨୦୦ଏସ୍, ଏକ୍ସପଲ୍ସ ୨୦୦ଟି ନାମରେ ୨ଟି ବାଇକ୍ ସହିତ ମାଏଷ୍ଟ୍ରୋ ଏଜ୍ ୧୨୫ ସ୍କୁଟରର ବଜାର ପ୍ରବେଶ କରିଛି। ଏ ନେଇ ପୁରୀସ୍ଥିତ ସଞ୍ଜୀବ ହିରୋ ପରିସରରେ ଏକ ଭବ୍ୟ ଆୟୋଜନ କରାଯାଇଥିଲା। ଓଲିଉଡ୍ ଅଭିନେତ୍ରୀ ପୁନମ୍ ମିଶ୍ର ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ ଅମିତ ମଲ୍ଲିକ ଏବଂ ମ୍ୟାନେଜର ସୀତାଂଶୁ ଜେନାଙ୍କ ଉପସ୍ଥିତିରେ ଏହି ବାଇକ୍ ଏବଂ ସ୍କୁଟରକୁ ଉନ୍ମୋଚନ କରିଥିଲେ। ସହରର ବହୁ ଯୁବପିଢ଼ି ଏହି ଅବସରରେ ଟେଷ୍ଟ ଡ୍ରାଇଭ୍‌ର ମଜା ନେଇଥିଲେ। ହେଭି ପିକ୍‌ଅପ ଯୁବପିଢିଙ୍କୁ ବେଶ୍ ଆକୃଷ୍ଟ କରିବା ସହିତ ବାଇକ୍ ଚାଳନାର ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ ବୋଲି ପରିଚାଳନା ନିର୍ଦ୍ଦେଶକ ମଲ୍ଲିକ କହିଛନ୍ତି। ଏହି ଉନ୍ମୋଚନ ବେଳେ ବହୁ ଗ୍ରାହକ ଏବଂ ସଞ୍ଜୀବ ହିରୋ ଶୋ'ରୁମ୍‌ର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଇନ୍ଦ୍ରଦ୍ୟୁମ୍ନର ମରାମତି ପାଇଁ ସ୍ମାରକପତ୍ର

ପୁରୀ ଅଫିସ, ୨୧।୬

ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପ୍ରତି ଅଣଦେଖା କରାଯାଉଛି। ତିନି ପାର୍ଶ୍ୱରେ ପାଚେରୀ ଭୁଶୁଡ଼ି ପଡି ଏହା ଅସୁନ୍ଦର ଲାଗୁଥିବା ବେଳେ ଏଥିରେ ସ୍ୱରେଜ ମଇଳା ପାଣି ବି ପଶୁଛି। ଭାଙ୍ଗି ଯାଇଥିବା ପାଚେରୀ ତିଆରି କରାଯାଇ ନ ଥିବା ବେଳେ ଅସ୍ଥାୟୀ ଭାବେ ବାଲିବସ୍ତା ଏବଂ ସିମେଣ୍ଟ କାନ୍ଥ ବାଡା କରାଯାଇଛି। ହେଲେ ବାଲିବସ୍ତାଗୁଡ଼ିକ ଫାଟି ବାଲି ପୁଷ୍କରିଣୀ ଭିତରେ ପଡୁଥିବା ବେଳେ ଅନେକ ସମୟରେ ସ୍ୱରେଜ ନଳା ଫାଟି ମଇଳା ପାଣି ପବିତ୍ର ଇନ୍ଦ୍ରଦ୍ୟୁମ୍ନରେ ମିଶୁଛି। ଆଗକୁ ରଥଯାତ୍ରା। ତେଣୁ ଏହା ପୂର୍ବରୁ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଆବଶ୍ୟକ ମରାମତି କରିବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ସଙ୍ଗଠକ ଅଜୟ କୁଅଁରଙ୍କ ନେତୃତ୍ୱରେ ୧୨ ଜଣିଆ ପ୍ରତିନିଧି ଦଳ ମୁଖ୍ୟ ପ୍ରଶାସକଙ୍କ ବ୍ୟକ୍ତିଗତ ସଚିବ ଯୁଗଳ କିଶୋର ନନ୍ଦଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି, ଭାଙ୍ଗିଥିବା ପାଚେରୀ ଓ ପୂର୍ବ ପାର୍ଶ୍ୱ ରାସ୍ତା ମରାମତି ଜରୁରୀ। ପାଚେରୀ ଭିତର ପଟୁ ପଥର ଢିରା ଦିଆଯାଉ। ପୁଷ୍କରିଣୀର ପଶ୍ଚିମ ପାର୍ଶ୍ୱକୁ ଦଖଲମୁକ୍ତ କରାଯାଇ ରାସ୍ତା ନିର୍ମାଣ ହେଉ। ଚତୁଃପାର୍ଶ୍ୱରେ ହାଇମାଷ୍ଟ ଲାଇଟ୍ ଲଗାଯାଉ। ଇନ୍ଦ୍ରଦ୍ୟୁମ୍ନ ଚତୁଃପାର୍ଶ୍ୱ ସଫା ସୁତୁରା ରଖିବା ଲାଗି ୨ ଜଣ ଝାଡୁଦାରଙ୍କ ବ୍ୟବସ୍ଥା କରାଯାଉ। ଶ୍ରଦ୍ଧାଳୁଙ୍କ ପାଇଁ ମୁଖ୍ୟ ଘାଟ ନିକଟରେ ପାନୀୟ ଜଳ ବ୍ୟବସ୍ଥା କରିବା ଲାଗି ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ
# ବିଶ୍ୱରେ ଯୋଗର ଆଦର ବୃଦ୍ଧି ପାଇଛି

ପୁରୀ ଅଫିସ, ୨୧।୬

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶୁକ୍ରବାର ପୁରୀ ସହରରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଯୋଗ ହେଉଛି ଭାରତର ପ୍ରାଚୀନ ପରମ୍ପରା। ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଲାଗି ଯୋଗର ଆବଶ୍ୟକତା ରହିଛି। ସୁସ୍ଥ ସମାଜ ଗଠନରେ ଯୋଗର ବିଶେଷ ଭୂମିକା ରହିଛି। ଆଜି ବିଶ୍ୱବାସୀ ଏହାକୁ ଆପଣାଇ ନେଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଏହାର ଆଦର ବୃଦ୍ଧି ପାଇଛି। ସୁସ୍ଥ ଓ ନୀରୋଗ ଜୀବନଯାପନ ପାଇଁ ଯୋଗ ନିତାନ୍ତ ଆବଶ୍ୟକ ବୋଲି ଆୟୋଜିତ ଯୋଗ ଶିବିରରେ ମତ ପ୍ରକାଶ ପାଇଥିଲା। ଯୋଗ ମହୋତ୍ସବ ସମିତି ପୁରୀ ଜିଲା ଆନୁକୂଲ୍ୟରେ ସହରରେ ୭ଟି ସ୍ଥାନରେ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ଶରଧାବାଲି, ଜଗନ୍ନାଥବଲ୍ଲଭ ମଠ, ନୀଳଚକ୍ରନଗର, ହରଚଣ୍ଡୀ ସାହି, ତାଳବଣିଆ ହେଲିପ୍ୟାଡ, ସଦରର ଚାଳିଶିବାଟିଆ, ତ୍ରିନାଥ ନଗରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଲୋକନାଥ ମହାପାତ୍ର, ବାମଦେବ ନାୟକ, ବିକାଶ ଦତ୍ତ, ସର୍ବେଶ୍ୱର ବିଶୋଇ ପ୍ରମୁଖ ପରିଚାଳନା କରିଥିଲେ। ଭାରତ ସ୍ୱାଭିମାନ ଓ ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ହୋଟେଲ ରୁମାନୀଠାରେ ଯୋଗ ଶିବିର ଆୟୋଜିତ ହୋଇଥିଲା। ଭାସ୍କର ପାତ୍ର, ମହେଶ ପ୍ରସାଦ ରଥ ପ୍ରମୁଖ ସଂଚାଳନ କରିଥିଲେ। ନୀଳାଚଳ ଅର୍ବାନ ହାଟ ପରିସରରେ ମା' ଝାଡେଶ୍ୱର ବୈଦିକ ଯୋଗ ଆବାହକ ମଧୁସୁଦନ ରାୟଙ୍କ ସଂଯୋଜନାରେ ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ସଂସ୍ଥା ପକ୍ଷରୁ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ଗାନ୍ଧୀପାର୍କରେ ଆୟୋଜିତ ଶିବିରରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ଗୋପବନ୍ଧୁ ଆୟୁର୍ବେଦ କଲେଜ ପରିସରରେ ଆୟୋଜିତ ଶିବିରରେ କଲେଜ ଅଧକ୍ଷ ଡା.ସୁଦର୍ଶନ ବେହେରା ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ଅଧକ୍ଷ ଡ. ଜଗବନ୍ଧୁ ମିଶ୍ର ଯୋଗର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଏଥିସହିତ ଜିଲା ସ୍କୁଲ, ବିଶ୍ୱମ୍ଭର, ଭୋଳାନାଥ, ଗଦାଧର ବିଦ୍ୟାପୀଠ, ସରକାରୀ ବାଳିକା ହାଇସ୍କୁଲ, ବଳଗଣ୍ଡି ହାଇସ୍କୁଲ, ନୀଳାଚଳ ସାଂସ୍କୃତିକ ପରିଷଦ, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି, ଶ୍ରୀକ୍ଷେତ୍ର ଯୁବା, ସାହିଭାଇ ସମେତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା।

## ଫଟୋରେ ଖବର



ଭାରତ ସ୍ୱାଭିମାନ ଏବଂ ପତଞ୍ଜଳୀ ଯୋଗ ସମିତି ପକ୍ଷରୁ ଶୁକ୍ରବାର ପୁରୀ ରୁମାନୀ ହୋଟେଲରେ ଆୟୋଜିତ ଯୋଗ ଶିବିର।



ପୁରୀ ନାରୀ ସେବାସଦନରେ କୁନିକୁନି ପିଲାମାନେ ଯୋଗ କରୁଛନ୍ତି।



ନିମାପଡ଼ା ବାରବାଟୀ ଯୋଗ ଶିବିରରେ ଶିକ୍ଷାର୍ଥୀମାନେ ଯୋଗାଭ୍ୟାସ କରୁଛନ୍ତି।